୫୧
# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୩୧/୨୦୨୪ (୧୬ ପୃଷ୍ଠା) | Bhubaneswar, Tuesday, December 31/2024 Page 16 ₹ 7.00 | SAMBALPUR

୫୧ଶ ଭାଗ ୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 38 | ମୂଲ୍ୟ ₹୭/-

## ଶ୍ରୀମନ୍ଦିରରେ ଦଳାଚକଟା, ୧୨ ଅସୁସ୍ଥ

**ନୂଆବର୍ଷ ଉପଲକ୍ଷେ ଶ୍ରୀମନ୍ଦିରରେ ଦେଖାଦେଇଛି ଭକ୍ତଙ୍କ ପ୍ରବଳ ଭିଡ଼। ଆବଶ୍ୟକତାଠାରୁ ଢେର ଅଧିକ ଭକ୍ତଙ୍କ ଆଗମନ ହେଉଥିବାରୁ ମନ୍ଦିର ପରିସର ଏବଂ ବାହାରେ ଅସମ୍ଭାଳ ସ୍ଥିତି ଉପୁଜିଛି। ଫଳରେ ସୋମବାର ଦଳଚକଟାରେ ୧୨ରୁ ଊର୍ଦ୍ଧ୍ୱ ଭକ୍ତ ଅସୁସ୍ଥ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଭିଡ଼କୁ ଦୃଷ୍ଟିରେ ରଖି ଡିସେମ୍ବର ୩୧ ଏବଂ ଜାନୁଆରୀ ୧ରେ କେବଳ ସିଂହଦ୍ୱାର ଦେଇ ଭକ୍ତଙ୍କ ପ୍ରବେଶ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।**

**ପୁରୀ, ୩୦।୧୨**
**(ଅଜିତ୍ କୁମାର ମହାନ୍ତି)**

ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ସୋମବାର ପ୍ରବଳ ଭିଡ଼ ଯୋଗୁ ୧୨ରୁ ଅଧିକ ଭକ୍ତ ଆହତ ଓ ଅସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୪ଜଣ ସ୍କୁଲ ଛାତ୍ରୀ ରହିଛନ୍ତି। ଆହତମାନଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଶ୍ରୀମନ୍ଦିରରେ ବାହାର ଅପେକ୍ଷା ଭିତର ଭିଡ଼ ନିୟନ୍ତ୍ରଣରେ ନାକେଦମ୍ ହେଉଛି ପୋଲିସ। ନାଟମଣ୍ଡପ ପରିସରରେ କ୍ରାଉଡ୍ ମ୍ୟାନେଜମେଣ୍ଟ ପାଇଁ ଅବରୋଧ ହଟିଥିଲେ ମଧ୍ୟ ସମ୍ପ୍ରତି ନୂଆବର୍ଷ ଉପଲକ୍ଷେ ମାତ୍ରାଧିକ ଭକ୍ତଙ୍କ ଆଗମନ ଯୋଗୁ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହେଉଛି। ବାହାରେ ଚାରିଦ୍ୱାରରେ ଶେଡ୍ ଓ ବ୍ୟାରିକେଡ୍ ରହିଛି। ସିଂହଦ୍ୱାର ଯିବା ପାଇଁ ମାର୍କେଟ ଛକଠାରୁ ମରୀଚିକୋଟ ଛକ, ସେଠାରୁ ଶ୍ରୀନଅର ଏବଂ ଶ୍ରୀନଅରଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ତିନିଥାକିଆ ବ୍ୟାରିକେଡ୍‌ରେ ଭକ୍ତଙ୍କୁ ଛଡ଼ାଯାଉଛି। ତେବେ ଭିତରେ ସାତପାହାଚ ହିଁ ଏକମାତ୍ର ପ୍ରବେଶ ଦ୍ୱାର ହୋଇଥିବାରୁ ବାହାରକାଠ ଦର୍ଶନ ବେଳେ ଭିଡ଼ ଜମୁଛି। ଫଳରେ ଭକ୍ତମାନେ ସମସ୍ୟା ଭୋଗୁଛନ୍ତି। ସୋମବାର ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ମନ୍ଦିର ଭିତରେ ଅତ୍ୟଧିକ ଭିଡ଼ କାରଣରୁ ଅଣନିଃଶ୍ୱାସୀ ପରିସ୍ଥିତି ଉପୁଜିଥିଲା। ଦଳାଚକଟା ସ୍ଥିତି ଉପୁଜିବାରୁ ୧୨ରୁ ଅଧିକ ଭକ୍ତ ମନ୍ଦିର ଭିତରେ ଓ ବାହାରେ ଅଚେତ ଓ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କ ମଧ୍ୟରେ ଥିବା ୪ ଛାତ୍ରୀଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଚିକିତ୍ସା ପରେ ସେମାନେ ସୁସ୍ଥ ଥିବା ସୂଚନା ମିଳିଛି। ସମ୍ପୃକ୍ତ ୪ ଛାତ୍ରୀ ହେଉଛନ୍ତି ☞ପୃଷ୍ଠା-୪



ଶ୍ରୀମନ୍ଦିର ସିଂହଦ୍ୱାରରେ ସୋମବାର ଭକ୍ତଙ୍କ ଭିଡ଼। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ୨୦୨୫ରେ ମିଳିବ ୩ ଥର ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୩୦।୧୨ (ଅନିଲ ଦାସ)**

୨୦୨୫ରେ ମହିଳା ହିତାଧିକାରୀମାନେ ୩ ଥର ସୁଭଦ୍ରା ଟଙ୍କା ପାଇବେ। ୨୦୨୪ରେ ପ୍ରଦାନ କରାଯାଇଥିବା ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ମିଳିବ। ଏଥିସହ ମାର୍ଚ୍ଚ ୮ ଓ ରକ୍ଷା ବନ୍ଧନରେ ମଧ୍ୟ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ଆସନ୍ତା ବର୍ଷ ମହିଳାଙ୍କ ନିମନ୍ତେ ବଡ଼ ଖୁସି ଖବର ଆସିବାକୁ ଯାଉଛି। କେୱାଇସିରେ ୫ ଲକ୍ଷ ୧୧ ହଜାର ମହିଳାଙ୍କ ତ୍ରୁଟି ଥିଲା। ତାହାକୁ ସୁଧାରିବାକୁ ଡିସେମ୍ବର ଶେଷ ପର୍ଯ୍ୟନ୍ତ ସୁଯୋଗ ଦିଆଯାଇଥିଲା। ଜାନୁଆରୀ ପ୍ରଥମ ସପ୍ତାହରେ ସର୍ଭେ ସମ୍ପୂର୍ଣ୍ଣ ଶେଷ ହେବ। କେତେ ଗ୍ରାଉଣ୍ଡ ରିଅଲିଟିରେ ହେଲା ତାହା ମଧ୍ୟ ସ୍ପଷ୍ଟ ହେବ। ସମୟ ଏଥିପାଇଁ ନିଆଯାଇଥିଲା ☞ପୃଷ୍ଠା-୪

**ସୂଚନା:** ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର 'ନାରୀ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

**ଆଜିର ସମ୍ପାଦକୀୟ**
ବାଘ ଆଣନାହିଁ

## ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜିମି କାର୍ଟରଙ୍କ ୧୦୦ ବର୍ଷରେ ପରଲୋକ

**ୱାଶିଂଟନ୍,୩୦।୧୨(ପି.ଟି.)**

ଆମେରିକାର ୩୯ତମ ରାଷ୍ଟ୍ରପତି ଜିମି କାର୍ଟରଙ୍କର ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୧୦୦ ବର୍ଷ ହୋଇଥିଲା। ଜର୍ଜିଆର ପ୍ଲେନ୍ସସ୍ଥିତ ବାସଭବନରେ ପରିବାର ସଦସ୍ୟଙ୍କ ଗହଣରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ଆମେରିକା ଇତିହାସରେ ସେ ସର୍ବାଧିକ ସମୟ ବଞ୍ଚିରହିଥିବା ରାଷ୍ଟ୍ରପତି। ଭାରତ ଗସ୍ତ କରିବାରେ ଜିମି ଥିଲେ ତୃତୀୟ ଆମେରିକୀୟ ରାଷ୍ଟ୍ରପତି, ଯାହାଙ୍କ ସମ୍ମାନାର୍ଥେ ହରିୟାଣାର ଏକ ଗ୍ରାମର ନାମ କାର୍ଟରପୁରୀ ରଖାଯାଇଥିଲା।

ଜାନୁଆରୀ ୯ରେ ୱାଶିଂଟନ୍‌ରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କାର୍ଟରଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ରାଷ୍ଟ୍ରପତି ଜୋ ବାଇଡେନ୍ ଘୋଷଣା କରିଛନ୍ତି। ସେହିଦିନ ସାରା ଦେଶରେ ଜାତୀୟ ଶୋକଦିବସ ପାଳନ କରାଯିବ। ରବିବାରଠାରୁ ଆମେରିକା ଜାତୀୟ ପତାକା ୩୦ ଦିନ ଯାଏ ଅର୍ଦ୍ଧନମିତ ରହିବ ବୋଲି ବାଇଡେନ୍ କହିଛନ୍ତି।

ଡେମୋକ୍ରାଟ ନେତା କାର୍ଟର ୧୯୭୭ରୁ ୧୯୮୧ ପର୍ଯ୍ୟନ୍ତ ଆମେରିକାର ରାଷ୍ଟ୍ରପତି ରହିଥିଲେ। ଅସୁସ୍ଥତା କାରଣରୁ ସେ ଅନେକ ଥର ହସ୍ପିଟାଲରେ ଭର୍ତ୍ତି ହେବା ପରେ ୨୦୨୩ ଫେବୃଆରୀରୁ ☞ପୃଷ୍ଠା-୪








## ଚନ୍ଦ୍ରବାବୁ ସବୁଠୁ ଧନୀ, ମମତା ଗରିବ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ, ୩୦।୧୨ (ପି.ଟି.)**

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ହେଉଛନ୍ତି ଭାରତର ସବୁଠୁ ଧନୀ ମୁଖ୍ୟମନ୍ତ୍ରୀ। ତାଙ୍କର ୯୩୧ କୋଟି ଟଙ୍କାର ସମ୍ପତ୍ତି ରହିଛି। ସେହିପରି ମାତ୍ର ୧୫ ଲକ୍ଷ ଟଙ୍କାର ସମ୍ପତ୍ତି ସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦେଶର ସବୁଠାରୁ ଗରିବ ମୁଖ୍ୟମନ୍ତ୍ରୀ ହୋଇଥିବା ନେଇ ସୋମବାର ନିର୍ବାଚନରେ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ସଙ୍ଗଠନ ଆସୋସିଏଶନ ଅଫ୍ ଡେମୋକ୍ରାଟିକ ରିଫର୍ମସ୍(ଏଡିଆର୍) ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ସମ୍ପ୍ରତି ଭାରତର ୩୧ ମୁଖ୍ୟମନ୍ତ୍ରୀଙ୍କ ସମୁଦାୟ ସମ୍ପତ୍ତି ୧,୬୩୦ କୋଟି ହୋଇଥିବା ଏହି ରିପୋର୍ଟ କହିଛି। ଭାରତରେ ଜଣେ ☞ପୃଷ୍ଠା-୪



ଏନ୍. ଚନ୍ଦ୍ରବାବୁ ନାଇଡୁ



ମମତା ବାନାର୍ଜୀ

**ଏଡିଆର୍ ରିପୋର୍ଟ**

## ଫେବୃଆରୀରୁ ଆୟୁଷ୍ମାନ୍ ଭାରତ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା

**ଭୁବନେଶ୍ୱର, ୩୦।୧୨**
**(ସୁନିତ୍ ମିଶ୍ର)**

ଆସନ୍ତା ଫେବୃଆରୀରୁ ରାଜ୍ୟ ସରକାରଙ୍କ ବହୁ ପ୍ରତୀକ୍ଷିତ ଆୟୁଷ୍ମାନ୍ ଭାରତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓଡ଼ିଶାରେ ଲାଗୁହେବ। ଉଭୟ ଯୋଜନାକୁ ମିଶାଇ ପ୍ରସ୍ତୁତ ହେଉଥିବା ଗାଇଡ୍‌ଲାଇନ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ରାଜ୍ୟର ପ୍ରାୟ ୧ କୋଟି ପରିବାରର ସାଢେ ୩ କୋଟି ହିତାଧିକାରୀଙ୍କୁ ଏହି ଯୋଜନାର ସୁବିଧା ମିଳିବ। ଏହାସହ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମଧ୍ୟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। କେନ୍ଦ୍ରୀୟ ଟିମ୍ ମଧ୍ୟ ଓଡ଼ିଶା ଗସ୍ତରେ ଆସି ବିସ୍ତୃତ ସମୀକ୍ଷାକରି ସାରିଛନ୍ତି। ମୋହନ ସରକାର ଏହାକୁ ତୁରନ୍ତ ରାଜ୍ୟରେ ଲାଗୁକରିବାକୁ ପ୍ରସ୍ତୁତ ହେଉଥିବା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ପୂର୍ବରୁ ଦେଇଥିବା ସୂଚନା ଅନୁଯାୟୀ ଚଳିତ ଆର୍ଥିକ ବର୍ଷରୁ ହିଁ ରାଜ୍ୟରେ ଆୟୁଷ୍ମାନ୍ ଭାରତ ଯୋଜନା ଲାଗୁହେବ। କେନ୍ଦ୍ରୀୟ ଟିମ୍ ଆସିବା ସମୟରେ ସେମାନଙ୍କୁ ମଧ୍ୟ କୁହାଯାଇଥିଲା ଚଳିତ ଆର୍ଥିକ ବର୍ଷରୁ ହିଁ ଏହି ଯୋଜନା ଲାଗୁହେବା ଦରକାର। ନୂଆ ବର୍ଷରୁ ଏହି ଯୋଜନା ସ୍ୱାସ୍ଥ୍ୟ କ୍ଷେତ୍ରରେ ବଡ଼ ବିକଳ୍ପ ଆଣିବ। ଆୟୁଷ୍ମାନ୍ ଭାରତ ସହ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ମିଶାଇ ☞ପୃଷ୍ଠା-୪




## ସଂକ୍ଷେପରେ

### ଆପ୍ ପ୍ରଚାରରେ ଶିଶୁ: କାର୍ଯ୍ୟାନୁଷ୍ଠାନ ନେବାକୁ ଇସିଙ୍କୁ ଦାବି କଲା ଏନ୍‌ଏଚ୍‌ଆର୍‌ସି

ନୂଆଦିଲ୍ଲୀ, ୩୦।୧୨ (ପି.ଟି.)

ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଏକ୍ସ'ରେ କିଛି ଦିନ ତଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ଏବଂ ଆମ୍ ଆଦ୍‌ମୀ ପାର୍ଟି(ଆପ୍) ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ଏକ ଭିଡିଓ ଶେୟାର କରିଥିଲେ, ଯେଉଁଥିରେ ପିଲାମାନେ ଆପ୍ ପାଇଁ ପ୍ରଚାର କରୁଥିଲେ। ସୋମବାର ଜାତୀୟ ମାନବ ଅଧିକାର ଆୟୋଗ(ଏନ୍‌ଏଚ୍‌ଆର୍‌ସି) ଏହି ଭିଡିଓକୁ ନେଇ ଆପତ୍ତି ପ୍ରକାଶ କରିଛନ୍ତି। ଉକ୍ତ ଭିଡିଓ ନିର୍ବାଚନ ଆୟୋଗ(ଇସି)ଙ୍କ ଗାଇଡ୍‌ଲାଇନକୁ ଉଲ୍ଲଘଂନ କରୁଛି। ତେଣୁ ଆପ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏନ୍‌ଏଚ୍‌ଆର୍‌ସି ଇସିଙ୍କୁ ଚିଠି ଲେଖି ଦାବି କରିଛି। ସେହିପରି ୭ ଦିନ ମଧ୍ୟରେ ଉକ୍ତ ଭିଡିଓକୁ ନିଜ ପ୍ଲାଟ୍‌ଫର୍ମରୁ ହଟାଇବା ପାଇଁ ଏନ୍‌ଏଚ୍‌ଆର୍‌ସି ପକ୍ଷରୁ ଏକ୍ସ'କୁ ମଧ୍ୟ ଚିଠି ଲେଖାଯାଇଛି।

### ନଦୀରୁ ଭାରତୀୟ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

ଏଡିନବର୍ଗ, ୩୦।୧୨

ସ୍କଟଲାଣ୍ଡର ରାଜଧାନୀ ଏଡିନବର୍ଗ ଉପକଣ୍ଠ ନ୍ୟୁବ୍ରିଜ୍ ଗ୍ରାମ ନିକଟରେ ଏକ ନଦୀରୁ ସୋମବାର ଜଣେ ୨୨ ବର୍ଷୀୟ ଭାରତୀୟ ଛାତ୍ରୀ ସନ୍ତ୍ରା ସାଜୁଙ୍କର ମୃତଦେହ ଉଦ୍ଧାର ହୋଇଛି। ସ୍କଟଲାଣ୍ଡ ପୋଲିସ ଏନେଇ ସନ୍ତ୍ରାଙ୍କ ପରିବାରକୁ ସୂଚନା ଦେଇଛି। ସେ ଗତ ୬ରୁ ନିଖୋଜ ଥିଲେ। କେରଳର ମୂଳ ବାସିନ୍ଦା ସନ୍ତ୍ରା ସ୍କଟଲାଣ୍ଡର ରାଜଧାନୀ ଏଡିନବର୍ଗସ୍ଥିତ ହେରିଓଟ-ୱାଟ ବିଶ୍ୱବିଦ୍ୟାଳୟରେ ପଢୁଥିଲେ। ସନ୍ତ୍ରାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏହା ପରେ ହିଁ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### ବିତୁଲ କୁମାର ପରବର୍ତ୍ତୀ ସିଆର୍‌ପିଏଫ୍ ଡିଜି



ନୂଆଦିଲ୍ଲୀ, ୩୦।୧୨

୧୯୯୩ ବ୍ୟାଚ୍ ଉତ୍ତରପ୍ରଦେଶ କ୍ୟାଡରର ଆଇପିଏସ୍ ଅଧିକାରୀ ବିତୁଲ କୁମାରଙ୍କୁ ସୋମବାର କେନ୍ଦ୍ର ସରକାର କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ କରିଛନ୍ତି। ବର୍ତ୍ତମାନ ସିଆର୍‌ପିଏଫ୍ ଡିଜି ଥିବା ଅନିଶ ଦୟାଲ ସିଂ ମଙ୍ଗଳବାର ଅବସର ଗ୍ରହଣ କରୁଛନ୍ତି। ବିତୁଲ ଏବେ ସିଆର୍‌ପିଏଫ୍‌ର ସ୍ୱତନ୍ତ୍ର ନିର୍ଦ୍ଦେଶକ ଜେନେରାଲ ଭାବେ କାର୍ଯ୍ୟରତ ଅଛନ୍ତି।

# ଚିନାବାଦାମ ଚାଷୀରୁ ଆମେରିକା ରାଷ୍ଟ୍ରପତି



ସ୍ତ୍ରୀ ତଥା ତତ୍କାଳୀନ ଫାଷ୍ଟ୍ ଲେଡି ରୋସାଲିନ୍ କାର୍ଟରଙ୍କ ସହ ଜିମି କାର୍ଟର।



ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ସହ ଜିମି କାର୍ଟର।

ଜଣେ ସାଧାରଣ ଚିନାବାଦାମ ଚାଷୀରୁ ଜିମି କାର୍ଟର ଡେମୋକ୍ରାଟ୍ ନେତା ହେବା ସହ ଆମେରିକାର ୩୯ତମ ରାଷ୍ଟ୍ରପତି ହୋଇଥିଲେ। ୧୯୭୭ରୁ ୧୯୮୧ ରାଷ୍ଟ୍ରପତି ରହିଥିବା କାର୍ଟର ୨ ମାସ ପୂର୍ବରୁ ତାଙ୍କର ୧୦୦ତମ ଜନ୍ମଦିନ ପାଳନ କରିଥିଲେ। ମାନବୀୟ କାର୍ଯ୍ୟ ପାଇଁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିଥିଲା। ଡେମୋକ୍ରାଟିକ୍ ପାର୍ଟି ସଦସ୍ୟ ଭାବେ ସେ ୧୯୬୩ରୁ ୧୯୬୭ ଜର୍ଜିଆ ରାଜ୍ୟ ସିନେଟରେ କାର୍ଯ୍ୟ କରିବା ସହ ୧୯୭୧ରୁ ୧୯୭୫ ଜର୍ଜିଆର ୭୬ତମ ଗଭର୍ନର ଥିଲେ।

୧୯୨୪ ଅକ୍ଟୋବର ୧ରେ ଜର୍ଜିଆର ପ୍ଲେନ୍ସରେ ଜନ୍ମିତ କାର୍ଟରଙ୍କ ପୂରା ନାମ ଜେମ୍ସ ଇର୍ଅଲ କାର୍ଟର ଜୁନିୟର। ସେ ୧୯୪୬ରେ ଆମେରିକା ନାଭାଲ ଏକାଡେମୀରୁ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ନୌସେନା ବୁଡ଼ାଜାହାଜ ସେବାରେ ଯୋଗଦେଇଥିଲେ। ସାମରିକ ସେବା କାର୍ଯ୍ୟକାଳ ଶେଷ ହେବା ପରେ ସେ



ଜିମି କାର୍ଟର
୧୯୨୪ ଅକ୍ଟୋବର ୧ରୁ
୨୦୨୪ ଡିସେମ୍ବର ୨୯

ଘରକୁ ଫେରି ପରିବାରର ଚିନାବାଦାମ ଚାଷରେ ସାମିଲ ହୋଇଥିଲେ। ଜାତିଆଣ ବିଭେଦକୁ ବିରୋଧ କରି ସେ ନାଗରିକ ଅଧିକାର ଆନ୍ଦୋଳନକୁ ସମର୍ଥନ କରିବା ସହ ଡେମୋକ୍ରାଟିକ୍ ପାର୍ଟିର ସକ୍ରିୟ ସଦସ୍ୟ ହୋଇଥିଲେ। ଜର୍ଜିଆ ବାହାରେ ଜଣାଶୁଣା ନଥିବା କାର୍ଟର ଡେମୋକ୍ରାଟିକ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ମନୋନୀତ ହୋଇ ୧୯୭୬ ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ ପାର୍ଟି ପ୍ରାର୍ଥୀ ତଥା ତତ୍କାଳୀନ ରାଷ୍ଟ୍ରପତି ଗେରାଲ୍ଡ ଫୋର୍ଡଙ୍କୁ ଅଳ୍ପ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବାର ଦ୍ୱିତୀୟ ଦିନରେ ସେ ଭିଏତ୍‌ନାମ ଯୁଦ୍ଧ ବେଳେ କର୍ତ୍ତବ୍ୟରୁ ଦୂରେଇ ରହିଥିବା ସୈନ୍ୟମାନଙ୍କୁ କ୍ଷମା କରିଦେଇଥିଲେ। ସେ ଜାତୀୟ ଶକ୍ତି ନୀତି ପ୍ରତିଷ୍ଠା କରିବା ସହ ସଂରକ୍ଷଣ, ମୂଲ୍ୟ ନିୟନ୍ତ୍ରଣ ଓ ନୂଆ ପ୍ରଯୁକ୍ତିକୁ ଏଥିରେ ସାମିଲ କରିଥିଲେ। କାର୍ଟରଙ୍କ ପ୍ରଶାସନ ଶକ୍ତି ଓ ଶିକ୍ଷା ବିଭାଗ ସ୍ଥାପନ କରିଥିଲେ। ସେ ଏକମାତ୍ର ରାଷ୍ଟ୍ରପତି ଯିଏକି ତାଙ୍କ ପୂରା କାର୍ଯ୍ୟକାଳରେ ସୁପ୍ରିମକୋର୍ଟରେ ଜଣେ ବିଚାରପତି ନିଯୁକ୍ତ କରି ନ ଥିଲେ। ତାଙ୍କ କାର୍ଯ୍ୟକାଳ ଶେଷରେ ଇରାନ ପଣବନ୍ଦୀ ସଙ୍କଟ, ଶକ୍ତି ସଙ୍କଟ, ନିକାରାଗୁଆ ବିପ୍ଳବ ଏବଂ ଆଫଗାନିସ୍ତାନରେ ସୋଭିଏତ୍ ରୁଷ୍‌ର ଆକ୍ରମଣ ଆଦି ଘଟଣା ଘଟିଥିଲା। ସୋଭିଏତ୍ ସହ ଦ୍ୱିପାକ୍ଷିକ ସମ୍ପର୍କ ବନ୍ଦ କରିବା ସହ କାର୍ଟର ଶୀତଳ ଯୁଦ୍ଧକୁ ବଢ଼ାଇଥିଲେ ଏବଂ ସୋଭିଏତ୍ ବିରୋଧରେ ଶସ୍ୟ ରପ୍ତାନୀ ବନ୍ଦ କରିଦେଇଥିଲେ। ୧୯୮୦ ରାଷ୍ଟ୍ରପତି ନିର୍ବାଚନରେ କାର୍ଟର ପ୍ରାଇମେରି ଜିତି ଡେମୋକ୍ରାଟ୍ ପ୍ରାର୍ଥୀ ହୋଇଥିଲେ ମଧ୍ୟ ରିପବ୍ଲିକାନ ପ୍ରାର୍ଥୀ ରୋନାଲ୍ଡ ରେଗାନ୍‌ଙ୍କଠାରୁ ହାରିଯାଇଥିଲେ।

ରାଷ୍ଟ୍ରପତି ପଦରୁ ଯିବା ପରେ ସେ କାର୍ଟର ସେଣ୍ଟର ନାମରେ ଏକ ସଂସ୍ଥା ଗଢ଼ି ମାନବାଧିକାରର ପ୍ରଚାର ପ୍ରସାର କରିଥିଲେ, ଯେଉଁଥିପାଇଁ ତାଙ୍କୁ ୨୦୦୨ରେ ଶାନ୍ତି ପାଇଁ ନୋବେଲ ପୁରସ୍କାର ମିଳିଥିଲା। ଶାନ୍ତି ବୁଝାମଣା, ନିର୍ବାଚନ ପର୍ଯ୍ୟବେକ୍ଷଣ, ସଂକ୍ରାମକ ରୋଗ ନିରାକରଣ ଆଦି କାର୍ଯ୍ୟରେ ସେ ବିଭିନ୍ନ ଦେଶକୁ ଗସ୍ତ କରୁଥିଲେ। ସେ ଅନେକ ପୁସ୍ତକ ରଚନା କରିବା ସହ ହାବିଟାଟ୍ ଫର୍ ହ୍ୟୁମାନିଟି ନାମକ ଅଣଲାଭଦାୟକ ସଂସ୍ଥାର ମୁଖ୍ୟ ଥିଲେ।

### ୧୯୭୮ରେ ଭାରତ ଆସିଥିଲେ

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜିମି କାର୍ଟର ଭାରତର ଜଣେ ବନ୍ଧୁ ଭାବେ ପରିଚିତ ଥିଲେ। ସେ ୧୯୭୮ ଜାନୁଆରୀରେ ଭାରତ ଗସ୍ତରେ ଆସିଥିଲେ। ଭାରତ ଆସିବାରେ ସେ ତୃତୀୟ ଆମେରିକୀୟ ରାଷ୍ଟ୍ରପତି ହୋଇଥିବାବେଳେ ଏମର୍ଜେନ୍ସି ହଟିବା ପରେ ପ୍ରଥମ ରାଷ୍ଟ୍ରପତି ଭାବେ ଆସିଥିଲେ। ସେ ତତ୍କାଳୀନ ଜନତା ପାର୍ଟି ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ତଥା ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସେ ଜାନୁଆରୀ ୨ରେ ଭାରତୀୟ ସଂସଦରେ ଅଧିନାୟକବାଦୀ ଶାସନ ବିରୋଧରେ ଉଦ୍‌ବୋଧନ ଦେଇଥିଲେ। ଭାରତ ସହ କାର୍ଟରଙ୍କର ବ୍ୟକ୍ତିଗତ ସମ୍ପର୍କ ରହିଥିଲା। ତାଙ୍କ ମାଆ ଲିଲିଆନ୍ ଶାନ୍ତି ବାହିନୀର ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବୀ ଭାବେ ୬୦ ଦଶକ ଶେଷ ଭାଗରେ ଭାରତରେ କାର୍ଯ୍ୟ କରିଥିଲେ ବୋଲି ତାଙ୍କ କାର୍ଟର ସେଣ୍ଟର ତଥ୍ୟରୁ ଜଣାପଡ଼ିଛି।

### ହରିୟାଣାର ଏକ ଗ୍ରାମ ତାଙ୍କ ନାମରେ ନାମିତ

୧୯୭୮ ଜାନୁଆରୀ ୩ରେ କାର୍ଟର ଓ ତତ୍କାଳୀନ ଫାଷ୍ଟ ଲେଡି ରୋସାଲିନ୍ କାର୍ଟର ହରିୟାଣାର ଦୌଲତପୁର ନସିରାବାଦ୍‌କୁ ବୁଲିଯାଇଥିଲେ। ତାଙ୍କର ଏହି ଗସ୍ତ ଏତେ ସଫଳ ଥିଲା ଯେ, ଉକ୍ତ ଗାଁର ନାଁ କାର୍ଟରଙ୍କ ନାମ ଅନୁସାରେ କାର୍ଟରପୁରୀ ରଖାଯାଇଥିଲା। କାର୍ଟର କ୍ଷମତାରେ ଥିବା ପର୍ଯ୍ୟନ୍ତ ଉକ୍ତ ଗାଁର ହ୍ୱାଇଟ୍ ହାଉସ୍ ସହ ଯୋଗାଯୋଗ ରହିଥିଲା। ୨୦୦୨ରେ କାର୍ଟର ନୋବେଲ ଶାନ୍ତି ପୁରସ୍କାର ପାଇବାରୁ କାର୍ଟରପୁରୀରେ ଉତ୍ସବ ପାଳନ ହେବା ସହ ଜାନୁଆରୀ ୩କୁ ଛୁଟି ଘୋଷଣା କରାଯାଇଥିଲା।

### କାର୍ଟର ଯାହା କହିଥିଲେ

"ମୁଁ ଜଣେ ରାଷ୍ଟ୍ରପତି ଅପେକ୍ଷା ଜଣେ ଅଧିକ ଭଲ ପୂର୍ବତନ ରାଷ୍ଟ୍ରପତି, ଯାହାକୁ ମୁଁ ଅସ୍ୱୀକାର କରିପାରିବି ନାହିଁ।

"ସାଧାରଣ ଭାବେ ବିପଦ ପ୍ରାୟତଃ ଅଦୃଶ୍ୟ ହୋଇଥାଏ। ଏହା ଆତ୍ମବିଶ୍ୱାସର ସଙ୍କଟ। ଏହା ଏପରି ଏକ ସଙ୍କଟ, ଯାହା ଆମ ଜାତୀୟ ଇଚ୍ଛାର ହୃଦୟ ଏବଂ ଆତ୍ମାକୁ ଆଘାତ ଦେଇଥାଏ।

"ଭବିଷ୍ୟତରେ ଆମ ଆତ୍ମବିଶ୍ୱାସର ଅବକ୍ଷୟ ଆମେରିକାର ସାମାଜିକ ଏବଂ ରାଜନୈତିକ ଢାଞ୍ଚା ନଷ୍ଟ କରିବାକୁ ଧମକ ଦେଉଛି।

"ଆମେରିକା ମାନବାଧିକାରର ଉଦ୍ଭାବନ କରିନାହିଁ। ଅତ୍ୟନ୍ତ ବାସ୍ତବ ଅର୍ଥରେ ଦେଖିଲେ ମାନବାଧିକାର ହିଁ ଆମେରିକାକୁ ଉଦ୍‌ଭାବନ କରିଛି।

## ବେଙ୍ଗାଲୁରୁ କମ୍ପାନୀରୁ ୧୨.୫୧ କୋଟି ହଡ଼ପ

### ଆକ୍ସିସ୍ ବ୍ୟାଙ୍କ ମ୍ୟାନେଜରଙ୍କ ସମେତ ୪ ଗିରଫ

ବେଙ୍ଗାଲୁରୁ,୩୦।୧୨

ବେଙ୍ଗାଲୁରୁର ଫିନ୍‌ଟେକ୍ କମ୍ପାନୀ ସିଆର୍‌ଇଡିର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୋରି କରିବା ପରେ ଜାଲ୍ ଦସ୍ତାବିଜ୍ ପ୍ରସ୍ତୁତ କରି ଉକ୍ତ ସଂସ୍ଥାର ଆକାଉଣ୍ଟରୁ ୧୨.୫୧ କୋଟି ଟଙ୍କା ହଡ଼ପ କରାଯାଇଥିଲା। ଉକ୍ତ କମ୍ପାନୀର ଆକ୍ସିସ୍ ବ୍ୟାଙ୍କ ଆକାଉଣ୍ଟ ସହ ଲିଙ୍କ୍ ହୋଇଥିବା ଫୋନ୍ ନମ୍ବର ଏବଂ ଇମେଲ୍ ଆଇଡିକୁ ବ୍ୟବହାର କରି ଅଭିଯୁକ୍ତମାନେ କର୍ପୋରେଟ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଫର୍ମ ଓ ସିଲ୍‌କୁ ଜାଲ୍ କରିଥିଲେ ବୋଲି ବେଙ୍ଗାଲୁରୁ ସିଟି ପୋଲିସ କମିଶନର ବି. ଦୟାନନ୍ଦ କହିଛନ୍ତି। ଏହା ଜରିଆରେ ଅଭିଯୁକ୍ତମାନେ କମ୍ପାନୀର ଆକ୍ସିସ୍ ବ୍ୟାଙ୍କ ଆକାଉଣ୍ଟରୁ ଗୁଜରାଟ, ରାଜସ୍ଥାନରେ ଥିବା ୧୭ଟି ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଇଥିଲେ। ଏହି ଠକେଇ ଅଭିଯୋଗରେ ଆକ୍ସିସ୍ ବ୍ୟାଙ୍କ ମ୍ୟାନେଜରଙ୍କ ସମେତ ୪ ଜଣଙ୍କୁ ବେଙ୍ଗାଲୁରୁ ପୋଲିସ ଗିରଫ କରିଛି। ଡ୍ରିମ୍ ପ୍ଲଗ୍ ପେ ଟେକ୍ ସଲ୍ୟୁଶନ୍ସ ପ୍ରା.ଲିଃ (ସିଆର୍‌ଇଡି)ର ନିର୍ଦ୍ଦେଶକ ୧୨.୫୧ କୋଟି ଟଙ୍କା ହଡ଼ପ ସମ୍ପର୍କରେ ଗତ ନଭେମ୍ବରରେ ପୋଲିସକୁ ଜଣାଇବା ପରେ ଖୋଳତାଡ଼ ଆରମ୍ଭ ହୋଇଥିଲା। କମ୍ପାନୀ ନିର୍ଦ୍ଦେଶକଙ୍କ କହିବା ଅନୁଯାୟୀ, ଆକ୍ସିସ୍ ବ୍ୟାଙ୍କର ବେଙ୍ଗାଲୁରୁର ଇନ୍ଦିରାନଗର ଶାଖାରେ ଥିବା କମ୍ପାନୀର ନୋଡାଲ ଏବଂ ଚଳନ୍ତି ବ୍ୟାଙ୍କ ଆକାଉଣ୍ଟର ଇମେଲ୍ ଠିକଣା ଏବଂ ଯୋଗାଯୋଗ ନମ୍ବର କେତେଜଣ ଅଜଣା ବ୍ୟକ୍ତି ଜାଣିଯାଇଥିଲେ। ଏହା ସହାୟତାରେ ଅଭିଯୁକ୍ତମାନେ କମ୍ପାନୀ ତଥ୍ୟ, ଜାଲ୍ ସିଆଇବି ଫର୍ମ ଓ ନକଲି ଦସ୍ତଖତ ଏବଂ ସିଲ୍ ଦ୍ୱାରା ୧୨.୫୧ କୋଟି ଟଙ୍କା ୧୭ଟି ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିପାରିଥିଲେ।

## ନଦୀକୁ ଖସିଲା ଟ୍ରକ୍: ୭୧ ମୃତ

ଅଦିସ ଅବାବା, ୩୦।୧୨

ଇଥୋପିଆର ସିଦାମା ରାଜ୍ୟ ବୋନା ଜିଲାରେ ଏକ ଯାତ୍ରୀବାହୀ ଟ୍ରକ୍ ନଦୀରେ ଖସିପଡ଼ିବାରୁ ୭୧ ଜଣଙ୍କର ମୃତ୍ୟୁ ଘଟିଛି। ଏନେଇ ସିଦାମା ରାଜ୍ୟ ସରକାରଙ୍କ ମୁଖପାତ୍ର ୱସେନ ୟେଲେହ ସିମିୟନ ସୂଚନା ଦେଇଛନ୍ତି। ମୃତକଙ୍କ ମଧ୍ୟରେ ୬୮ ଜଣ ପୁରୁଷ ଏବଂ ୩ ଜଣ ମହିଳା ରହିଛନ୍ତି। ସେହିପରି ଗୁରୁତର ଭାବେ ଆହତ ହୋଇଥିବା ୫ ଜଣଙ୍କୁ ବୋନା ଜିଲା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଟ୍ରକ୍‌ରେ ଥିବା ଯାତ୍ରୀମାନେ ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଯାଉଥିଲେ ବୋଲି ଇଥୋପିଆ ସରକାରଙ୍କ ଦ୍ୱାରା ପରିଚାଳିତ ଇଥୋପିଆନ ବ୍ରଡ୍‌କାଷ୍ଟିଙ୍ଗ କର୍ପୋରେଶନ(ଇବିସି) ପକ୍ଷରୁ ସୂଚନା ଦିଆଯାଇଛି।

## କୃଷକଙ୍କ ପଞ୍ଜାବ ବନ୍ଦ ଯୋଗୁ ବସ୍ ଓ ରେଳସେବା ବ୍ୟାହତ



ବିଭିନ୍ନ ଦାବି ନେଇ ପଞ୍ଜାବର କୃଷକମାନେ ଧାରଣାରେ ବସିଛନ୍ତି।

ଚଣ୍ଡିଗଡ଼,୩୦।୧୨(ପି.ଟି.)

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଆଇନଗତ ଗ୍ୟାରେଣ୍ଟି ସମେତ ବିଭିନ୍ନ ଦାବି ନେଇ କେନ୍ଦ୍ର ବିରୋଧରେ ଆନ୍ଦୋଳନ ଚଳାଇଥିବା କୃଷକମାନେ ସୋମବାର ପଞ୍ଜାବ ବନ୍ଦ ପାଳନ କରିବାରୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ଟ୍ରେନ୍ ଓ ସଡ଼କ ପରିବହନ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବାବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ବନ୍ଦ ରହିଥିଲା। ପଟିଆଲା, ଜଳନ୍ଧର, ଅମୃତସର, ଫିରୋଜପୁର, ବଠିଣ୍ଡା ଏବଂ ପଠାନକୋଟ୍ ସମେତ ବିଭିନ୍ନ ସଡ଼କ ଓ ରାଜପଥରେ ଚାଷୀମାନେ ସକାଳ ୭ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଧାରଣାରେ ବସିରହିଥିଲେ। କେନ୍ଦ୍ର ସରକାର ଚାଷୀମାନଙ୍କ ଦାବି ପୂରଣ କରୁ ନ ଥିବାରୁ ପଞ୍ଜାବ ବନ୍ଦ ପାଇଁ ସପ୍ତାହେ ପୂର୍ବରୁ ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ) ଏବଂ କିଷାନ ମଜଦୁର ମୋର୍ଚ୍ଚା ପକ୍ଷରୁ ଡାକରା ଦିଆଯାଇଥିଲା। ଏଥିସହ ଖନୌର ସୀମା ବିକ୍ଷୋଭ ସ୍ଥଳରେ ୩୫ ଦିନ ହେଲା ଅନଶନରେ ବସିଥିବା କୃଷକ ନେତା ଜଗଜିତ୍ ସିଂ ଡାଲେୱାଲଙ୍କୁ ସମର୍ଥନ ଜଣାଇବା ବନ୍ଦର ଉଦ୍ଦେଶ୍ୟ ଥିଲା। ଧାରେରି ଜଙ୍ଗନ ଟୋଲ୍ ପ୍ଲାଜା ନିକଟରେ ଚାଷୀମାନେ ଧାରଣାରେ ବସିବାରୁ ପଟିଆଲା-ଚଣ୍ଡିଗଡ଼ ଜାତୀୟ ରଜାପଥରେ ଗାଡ଼ିମୋଟର ଚଳାଚଳ ବନ୍ଦ ହୋଇଯାଇଥିଲା।

## ଫୁର୍‌ସତ୍

### ଆଇସ୍‌କ୍ରିମ୍ ବିରିୟାନି

ମୁମ୍ବାଇ

ଭାରତରେ ସର୍ବାଧିକ ଲୋକ ଖାଉଥିବା ବ୍ୟଞ୍ଜନ ମଧ୍ୟରୁ ବିରିୟାନି ଅନ୍ୟତମ। ସୁସ୍ୱାଦୁ ବ୍ୟଞ୍ଜନ ଭାବେ ବିରିୟାନି ଖାଇବାକୁ ଅନେକ ଭାରତୀୟ ଇଚ୍ଛା ପ୍ରକାଶ କରିଥାନ୍ତି। ତେବେ ନିକଟରେ ଫୁଡ୍ ବ୍ଲଗର ହିନା କୌଶର ରାଦ୍ ଏକ ସ୍ୱତନ୍ତ୍ର ଡିସ୍ ପ୍ରସ୍ତୁତ କରି ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ସେ ବିରିୟାନି ଓ ଆଇସ୍‌କ୍ରିମ୍‌କୁ ମିଳାଇ ଏକ ସ୍ୱତନ୍ତ୍ର 'ଆଇସ୍‌କ୍ରିମ୍ ବିରିୟାନି' ବ୍ୟଞ୍ଜନ ପ୍ରସ୍ତୁତ କରିଛନ୍ତି, ଯାହାକୁ ନେଇ ସୋସିଆଲ ମିଡିଆ ୟୁଜର୍ସ ମିଶ୍ର ପ୍ରତିକ୍ରିୟା ଦେଇଛନ୍ତି।

ମୁମ୍ବାଇ ନିବାସୀ ହିନା ଏକ ନିଜସ୍ୱ ବେକିଂ ଏକାଡେମୀ ଚଳାନ୍ତି। ଶୁକ୍ରବାର ତାଙ୍କ ଏକାଡେମୀରେ କେତେଜଣ ଛାତ୍ରୀଙ୍କର ୭ ଦିନିଆ ବେକିଂ କୋର୍ସ ସମାପ୍ତ ହୋଇଥିଲା। ଏହି ଖୁସିରେ ସେ ପରୀକ୍ଷାମୂଳକ ଭାବେ ଆଇସ୍‌କ୍ରିମ୍ ବିରିୟାନି ପ୍ରସ୍ତୁତ କରିଛନ୍ତି ବୋଲି ହିନା କହିଛନ୍ତି। ଭିଡିଓରେ ହିନାଙ୍କ ସହ ତାଙ୍କର ଜଣେ ସହଯୋଗୀ ଓ କେତେଜଣ ଛାତ୍ରୀ ନଜରକୁ ଆସୁଛନ୍ତି। ଆଇସ୍‌କ୍ରିମ୍ ବିରିୟାନି କିପରି ପ୍ରସ୍ତୁତ କରାଯିବ ସେନେଇ ହିନା ତାଙ୍କ ଛାତ୍ରୀମାନଙ୍କୁ



ବୁଝାଉଥିବାର ଭିଡିଓରେ ଦେଖିବାକୁ ମିଳିଛି। ତେବେ ହିନାଙ୍କର ଏହି ଭିଡିଓକୁ ଅନେକ ୟୁଜର୍ସ ନାପସନ୍ଦ କରିଛନ୍ତି। ଉଭୟ ବିରିୟାନି ଓ ଆଇସ୍‌କ୍ରିମ ଅଲଗା ଅଲଗା ସ୍ୱାଦର ହୋଇଥିବାବେଳେ ଉଭୟକୁ ମିଶାଇ ଏକ ସ୍ୱତନ୍ତ୍ର ବ୍ୟଞ୍ଜନ ତିଆରି କରିବା ଉଚିତ୍ ନୁହେଁ ବୋଲି ସେମାନେ କହିଛନ୍ତି। ବିରିୟାନି ଅଧିକାଂଶ ଭାରତୀୟଙ୍କ ଭାବାବେଗ ସହ ଜଡ଼ିତ। ତେଣୁ ଏହା ସହ ଏକ୍ସପେରିମେଣ୍ଟ କରିବା ଉଚିତ୍ ନୁହେଁ ବୋଲି ସେମାନେ କହିଛନ୍ତି। ସେହିପରି କେତେଜଣ ୟୁଜର୍ସ ହିନାଙ୍କ ଏହି ଭିଡିଓକୁ ପସନ୍ଦ କରିବା ସହ ଆଇସ୍‌କ୍ରିମ୍ ବିରିୟାନିକୁ ଏକ ମଜାଦାର ଡିସ୍ ବୋଲି କହିଛନ୍ତି।

### ଫି' ବଢ଼ାଇଲେ କାର୍ତ୍ତିକ

ମୁମ୍ବାଇ

ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ପାଇଁ ବର୍ଷ ୨୦୨୪ ବେଶ୍ ଭଲ ରହିଥିଲା। ବକ୍ସ ଅଫିସ୍‌ରେ ହିଟ୍ ହୋଇଥିବା 'ଭୁଲ୍ ଭୁଲୈୟା ୩' ଚଳଚ୍ଚିତ୍ରରେ କାର୍ତ୍ତିକଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ଏକ ରିପୋର୍ଟ ଅନୁଯାୟୀ, 'ଭୁଲ୍ ଭୁଲୈୟା ୩'ର ସଫଳତା ପରେ କାର୍ତ୍ତିକ ନିଜର ପାରିଶ୍ରମିକକୁ ବୃଦ୍ଧି କରିଛନ୍ତି। କାର୍ତ୍ତିକଙ୍କୁ ଖୁବ୍‌ଶୀଘ୍ର କରନ୍ ଜୋହରଙ୍କ ଆଗାମୀ ଚଳଚ୍ଚିତ୍ର 'ତୁ ମେରୀ ମେ ତେରା, ମେ ତେରା ତୁ ମେରୀ'ରେ ଦେଖିବାକୁ ମିଳିବ। ଏହି ଫିଲ୍ମର ଘୋଷଣା ହୋଇସାରିଛି। ରିପୋର୍ଟ ଅନୁଯାୟୀ, ଧର୍ମା ପ୍ରଡକ୍ସନ ଏବଂ ନାମା ପିକ୍ଚର୍ସ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରରେ କାର୍ତ୍ତିକ ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି ଏବଂ ଏଥିପାଇଁ ସେ ଫିଲ୍ମ ନିର୍ମାତାଙ୍କଠାରୁ ଅଧିକ ପାରିଶ୍ରମିକ ଦାବି କରିଛନ୍ତି। 'ଭୁଲ୍ ଭୁଲୈୟା ୩'ର ସଫଳତା ପରେ କାର୍ତ୍ତିକ 'ତୁ ମେରୀ ମେ ତେରା, ମେ ତେରା ତୁ ମେରୀ' ଚଳଚ୍ଚିତ୍ର ପାଇଁ ୧୦ରୁ ୨୦ କୋଟି ଟଙ୍କା ନୁହେଁ ବରଂ ୫୦ କୋଟି ଟଙ୍କା ପାରିଶ୍ରମିକ ଆକାରରେ ନେବା ପାଇଁ ଦାବି କରିଛନ୍ତି। ତେବେ ଏନେଇ କାର୍ତ୍ତିକ କିମ୍ବା ଫିଲ୍ମ ନିର୍ମାତାଙ୍କ ପକ୍ଷରୁ କୌଣସି ଆଧିକାରିକ ବିବୃତି ଦିଆଯାଇ ନାହିଁ। 'ତୁ ମେରୀ ମେ ତେରା, ମେ ତେରା ତୁ ମେରୀ' ଏକ ରୋମାଣ୍ଟିକ ଡ୍ରାମା ଚଳଚ୍ଚିତ୍ର ହୋଇଥିବା ବେଳେ ଏହା ୨୦୨୬ରେ ରିଲିଜ୍ ହେବାକୁ ଯାଉଛି। ଏହି ଫିଲ୍ମ ଜରିଆରେ ପ୍ରଥମ ଥର ପାଇଁ କରନ୍‌ଙ୍କ ସହ କାର୍ତ୍ତିକ ଏକାଠି କାମ କରିବେ। ଫିଲ୍ମରେ ମୁଖ୍ୟ ଅଭିନେତ୍ରୀଙ୍କ ନାମ ବର୍ତ୍ତମାନ ସୁଦ୍ଧା ସାମ୍ନାକୁ ଆସିନାହିଁ।



### ମୃତଦେହ ସହ ୧୦ ମିନିଟ ବିତାଇବାକୁ ୨୫ ହଜାର ଦରମା

ବେଜିଂ

ସୋସିଆଲ ମିଡିଆରେ ଏକ ନିଯୁକ୍ତି ବିଜ୍ଞାପନ ଭାଇରାଲ ହେବାରେ ଲାଗିଛି, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଶ୍ୱର ଦ୍ୱିତୀୟ ଜନବହୁଳ ଦେଶ ଚାଇନାର ଶାଣ୍ଡୋଙ୍ଗ ପ୍ରଦେଶ ଅନ୍ତର୍ଗତ ରୁଶାନ ସହରର ଏକ ଅନ୍ତିମ ସଂସ୍କାର ଗୃହ ପାଇଁ ଏହି ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇଛି। ଉକ୍ତ ବିଜ୍ଞାପନ ଅନୁଯାୟୀ, ମୃତଦେହଗୁଡ଼ିକ ସହ ୧୦ ମିନିଟ୍ ବିତାଇବା ପାଇଁ ଦରମା ଆକାରରେ ୨୫ ହଜାର ଟଙ୍କା ମିଳିବ।

ସାଉଥ୍ ଚାଇନା ମର୍ନିଂ ପୋଷ୍ଟର ରିପୋର୍ଟ ଅନୁଯାୟୀ, ରୁଶାନସ୍ଥିତ ଜିନ୍‌ମାଇକ ହ୍ୟୁମାନ ରିସୋର୍ସ କୋପରେସନ୍ ଲିମିଟେଡ୍ କମ୍ପାନୀ ପକ୍ଷରୁ ଏହି ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇଛି। ଏହି ନିଯୁକ୍ତିରେ ନୂତନ ଭାବେ ଚୟନ ହୋଇଥିବା କର୍ମଚାରୀମାନଙ୍କୁ ଶୀତଳ ପରିବେଶ ମଧ୍ୟରେ ମୃତଦେହଗୁଡ଼ିକର ଯତ୍ନ ନେବାକୁ ପଡ଼ିବ। ସେଥିପାଇଁ ଏହି ନିଯୁକ୍ତି ଆବେଦନ କରିଥିବା ପ୍ରାର୍ଥୀଙ୍କ ମାନସିକ ଏବଂ ଶାରୀରିକ ପରୀକ୍ଷା କରାଯିବ। ୪୫ ବର୍ଷ ବୟସ ପର୍ଯ୍ୟନ୍ତ ବ୍ୟକ୍ତିମାନେ ଏହି ନିଯୁକ୍ତି ପାଇଁ ଆବେଦନ କରିପାରିବେ। ଆବେଦନକାରୀଙ୍କ ଡାକ୍ତରୀ ଚେକଅପ୍ କରାଯିବା ସହ ସେମାନଙ୍କର ସାକ୍ଷାତ୍‌କାର ମଧ୍ୟ ନିଆଯିବ। ନିଯୁକ୍ତି ପାଇବା ପରେ ସେମାନଙ୍କୁ ୬ ମାସର ଏକ ପ୍ରୋବେଶନ ଅବଧି ସମାପ୍ତ କରିବାକୁ ପଡ଼ିବ। ଏହାପରେ ଯୋଗ୍ୟତା



ଆଧାରରେ ସେମାନଙ୍କର ନିଯୁକ୍ତିକୁ ସ୍ଥାୟୀ କରାଯିବ। ଏହି ନିଯୁକ୍ତି ପାଇଁ ଫର୍ମ ପୂରଣ ଦେୟ ୮୫୩ ଟଙ୍କା ରହିଛି। ତେବେ ରୁଶାନର ଲୋକଙ୍କ ପାଇଁ ଫର୍ମ ପୂରଣ ସମ୍ପୂର୍ଣ୍ଣ ମାଗଣା ରହିଛି। ସେହିପରି ନାଇଟ୍ ସିଫ୍ଟ କରୁଥିବା କର୍ମଚାରୀଙ୍କୁ ଅତିରିକ୍ତ ଦରମା ମିଳିବ ବୋଲି ଏହି ନିଯୁକ୍ତି ବିଜ୍ଞାପନରେ ଉଲ୍ଲେଖ ରହିଛି।







# ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଝିଅ, ଜ୍ୱାଇଁ କହି ଠକେଇ

## ହାଇପ୍ରୋଫାଇଲ ଠକ ଯୋଡ଼ି ଗିରଫ

**ଭୁବନେଶ୍ୱର,୩୦।୧୨(ସତ୍ୟଜିତ୍ ରାଉତ)**

ନିଜକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଝିଅ ଓ ଜ୍ୱାଇଁ ପରିଚୟ ଦେଇ ଠକେଇ କରୁଥିଲେ। ଟାର୍ଗେଟରେ ଥିଲେ ବଡ଼ବଡ଼ିଆ ଶିଳ୍ପପତି ଓ ବ୍ୟବସାୟୀ। ବଡ଼ ଅଧିକାରୀଙ୍କ ଫଟୋ ସହ ନିଜ ଫଟୋ ଯୋଡ଼ି ସେମାନେ ଅନେକଙ୍କୁ ଫସାଉଥିଲେ। ଇନ୍‌ଫୋସିଟି ଥାନା ପୋଲିସ ଏହି ହାଇପ୍ରୋଫାଇଲ ଠକ ଯୋଡ଼ିଙ୍କୁ ଗିରଫ କରିଛି। ସେମାନେ ହେଲେ ହଂସିତା ଅଭୀଲିପ୍ସା ଓ ଅନିଲ କୁମାର ମହାନ୍ତି। ଅଭିଯୁକ୍ତଦ୍ୱୟଙ୍କୁ ରବିବାର କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ସୋମବାର ଖବରଦାତା ସମ୍ମିଳନୀରେ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍‌ର ଅତିରିକ୍ତ ଡିସିପି ସ୍ୱରାଜ ଦେବତା ସୂଚନା ଦେଇଛନ୍ତି। ଡିସେମ୍ବର ୨୬ରୁ ଅଭିଯୁକ୍ତଦ୍ୱୟଙ୍କ ବିରୋଧରେ ଇନ୍‌ଫୋସିଟି ଥାନାରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୩୨୯(୩), ୩୧୯(୨), ୩୧୮(୪), ୩(୫)ରେ ଏକ ମାମଲା (ନଂ.୬୧୧/୨୦୨୪) ରୁଜୁ କରାଯାଇ ତଦନ୍ତ ଚାଲିଛି। ଅଭିଯୁକ୍ତଦ୍ୱୟଙ୍କଠାରୁ ମୋବାଇଲ ଫୋନ ସମେତ ଅନ୍ୟାନ୍ୟ ଦସ୍ତାବିଜ୍ ଜବତ ହୋଇଥିବା ସେ କହିଛନ୍ତି।



ଅନିଲ କୁମାର ମହାନ୍ତି ଓ ହଂସିତା ଅଭିଲିପ୍ସା

ପୋଲିସ ସୂଚନା ଅନୁଯାୟୀ, ହଂସିତାଙ୍କ ଘର କଳାହାଣ୍ଡିରେ ହୋଇଥିବା ବେଳେ ସେ ଅନିଲଙ୍କ ସହ ରଘୁନାଥପୁରରେ ଏକ ଆପାର୍ଟମେଣ୍ଟରେ ସ୍ୱାମୀ ସ୍ତ୍ରୀ ଭାବେ ରହୁଥିଲେ। ଅନିଲଙ୍କ ନାଁରେ ଦୁଇଟି କମ୍ପାନୀ ଥିବାବେଳେ ପଟିଆ ଅଞ୍ଚଳରେ ଏକ ଅଫିସ୍ କରି ଠକେଇ କରୁଥିଲେ। ସେମାନେ ଶିଳ୍ପ ନାଁରେ ଜମି ଅଧିଗ୍ରହଣ, ଶିଳ୍ପକୁ କଞ୍ଚାମାଲ ଯୋଗାଇବା ପାଇଁ ଖଣିମାଲିକଙ୍କୁ ଟେଣ୍ଡର, ବିଲ୍ଡରଙ୍କୁ ଜମି, କୋଠା ଆପ୍ରୁଭାଲ କରାଇବା ଆଦି କହି ଫସାଉଥିଲେ। ଏପରିକି ସେମାନେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଓ ପୂର୍ବତନ ସିଏଜି ଗିରୀଶ ମୁର୍ମୁଙ୍କ ଫଟୋ ସହ ନିଜ ଫଟୋ ଏଡିଟ୍ କରିଥିଲେ। ଏଡିସିପି ଦେବତା କହିଛନ୍ତି, ଅଭିଯୁକ୍ତଦ୍ୱୟ ନିଜକୁ ସ୍ୱାମୀସ୍ତ୍ରୀ କହୁଥିବାବେଳେ ତାଙ୍କର ଅଧିକ ବ୍ୟକ୍ତିଗତ ତଥ୍ୟ ଓ ଠିକଣା ଜାଣିବାକୁ ପୋଲିସ ପ୍ରୟାସ କରୁଛି। ଠକେଇର ଶିକାର ହୋଇଥିବା ଲୋକମାନେ ବିନା ଭୟରେ ଥାନାରେ ଅଭିଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଅଭିଯୁକ୍ତଦ୍ୱୟଙ୍କ ବିରୋଧରେ ବହୁ ଅଭିଯୋଗ ଆସିଥିଲା। ଗୋପନୀୟ ସୂଚନା ଆଧାରରେ ମାମଲା ରୁଜୁ ହୋଇଥିବାବେଳେ ଆଗକୁ ଏନେଇ ଅଧିକ ସୂଚନା ଦିଆଯିବ ବୋଲି ଦେବତା ସୂଚନା ଦେଇଛନ୍ତି। ତେବେ ରାଜଧାନୀର ଜଣେ ପ୍ରଭାବଶାଳୀଙ୍କ ଏତଲା ଆଧାରରେ ଏହି ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

# ଓଡ଼ିଶା ଆସୁଛି ୨ ଡବଲ ଡେକୋର ବସ୍

## ପ୍ରବାସୀ ଭାରତୀୟ ଦିବସ ପୂର୍ବରୁ ଗଡ଼ିବ

**ଭୁବନେଶ୍ୱର,୩୦।୧୨(ବନ୍ଦନା ସେଠୀ)**



ପ୍ରବାସୀ ଭାରତୀୟ ଦିବସ ପୂର୍ବରୁ ଗଡ଼ିବ ଇଲେକ୍ଟ୍ରିକ୍ ଡବଲ ଡେକୋର ବସ୍। ପ୍ରଥମେ ପ୍ରବାସୀ ଭାରତୀୟମାନେ ଏହି ବସ୍‌ର ଅନୁଭୂତି ନେବେ। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ମୁମ୍ବାଇରୁ ଓଡ଼ିଶା ଅଭିମୁଖେ ୨ଟି ଇଲେକ୍ଟ୍ରିକ୍ ଡବଲ ଡେକୋର ବସ୍ ବାହାରି ସାରିଛି। ସୋମବାର ସନ୍ଧ୍ୟା ସୁଦ୍ଧା ପ୍ରାୟ ୪ଶହ କି.ମି. ଅତିକ୍ରମ କରି ସାରିଥିବାବେଳେ ଦିନେ ଦୁଇଦିନ ମଧ୍ୟରେ ଏଠାରେ ପହଞ୍ଚିବ ବୋଲି କ୍ରୁଟ୍ ପକ୍ଷରୁ ସୂଚନା ଦିଆଯାଇଛି। ବସ୍‌ଗୁଡ଼ିକୁ ବାଟରେ ଚାର୍ଜ କରିବାକୁ ପଡୁଥିବାରୁ ଟିକେ ସମୟ ଲାଗୁଛି। ବସ୍‌ଗୁଡ଼ିକରେ ଓଡ଼ିଶାର କଳା, ସଂସ୍କୃତିର ଛାପ ଦିଆଯାଇଛି। ଧଉଳି ଶାନ୍ତିସ୍ତୂପ, କୋଣାର୍କ ଚକ୍ର, ଗୋଟିପୁଅ ନୃତ୍ୟ ଆଦି ସ୍ଥାନ ପାଇଛି। ଖୁବ୍‌ଶୀଘ୍ର ଆଉ ୩ଟି ବସ୍ ଓଡ଼ିଶା ଆସିବ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷେ ଓଡ଼ିଶାରେ ଡବଲ ଡେକୋର ବସ୍ ଚଳାଚଳ ନେଇ ପୂର୍ବରୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ସୂଚନା ଦେଇଥିଲେ। ପ୍ରବାସୀ ଭାରତୀୟ ଦିବସ ପୂର୍ବରୁ ୫ଟି ଇଲେକ୍ଟ୍ରିକ୍ ଡବଲ ଡେକୋର୍ ବସ୍ ଓଡ଼ିଶା ଆସିବ ଏବଂ କଟକ, ଭୁବନେଶ୍ୱର ଓ ପୁରୀ ମଧ୍ୟରେ ଚଳାଚଳ କରିବ ବୋଲି ମନ୍ତ୍ରୀ କହିଥିଲେ।

# ଫସଲ କ୍ଷୟକ୍ଷତି ସମ୍ପର୍କରେ ସୂଚନାଦେବା ସମୟ ୩ ଦିନ ବଢ଼ିଲା

**ଭୁବନେଶ୍ୱର,୩୦।୧୨(ସୁନିତ୍ ମିଶ୍ର)**

ବୀମା କରିଥିବା ଚାଷୀମାନଙ୍କ ଲାଗି କେନ୍ଦ୍ର ସରକାର ଏକ ବଡ଼ ଘୋଷଣା କରିଛନ୍ତି। ବୀମା କରିଥିବା ଚାଷୀମାନଙ୍କୁ ପୂର୍ବରୁ ଫସଲ କ୍ଷତି ନେଇ ଗତ ୨୯ ସୁଦ୍ଧା ସୂଚନା ଦେବାକୁ ତାରିଖ ଧାର୍ଯ୍ୟ ଦିଆଯାଇଥିଲା। ହେଲେ କେନ୍ଦ୍ର ସରକାର ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଏହାକୁ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ଅଦିନିଆ ବର୍ଷା ଯୋଗୁ ଚାଷୀମାନେ ବ୍ୟାପକ ଫସଲ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସହାୟତା ଦେବା ପାଇଁ ଯୋଜନା କରିଛନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୈଠକ କରିବା ସହ ରବିବାର ନୟାଗଡ଼, ଗଜପତି ଓ ଗଞ୍ଜାମ ଜିଲା ପରିଦର୍ଶନକରି କ୍ଷୟକ୍ଷତି ଆକଳନ କରିଛନ୍ତି। ଅନ୍ୟ ମନ୍ତ୍ରୀମାନେ ମଧ୍ୟ ବିଭିନ୍ନ ଜିଲାର କ୍ଷତିଗ୍ରସ୍ତ ଅଞ୍ଚଳକୁ ଗସ୍ତକରି ଚାଷୀଙ୍କୁ ଭେଟିବା ସହ କ୍ଷୟକ୍ଷତି ବୁଲି ଦେଖିଛନ୍ତି।

ଉଭୟ ବୀମାକରି ନ ଥିବା ଓ କରିଥିବା ଚାଷୀମାନଙ୍କୁ ସହାୟତା ଦିଆଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ବୀମା କରିଥିବା ଚାଷୀମାନଙ୍କୁ ଫସଲ କ୍ଷତି ସମ୍ପର୍କରେ ସୂଚନା ଦେବା ପାଇଁ ଡିସେମ୍ବର ୨୯କୁ ଶେଷ ତାରିଖ ରଖାଯାଇଥିଲା। ହେଲେ ସବୁ ଚାଷୀ ଏହି ସମୟ ମଧ୍ୟରେ ନିଜର କ୍ଷୟକ୍ଷତି ସମ୍ପର୍କରେ ସୂଚନା ଦେଇପାରି ନ ଥିବା ସରକାର ଜାଣିବାକୁ ପାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରଣାଳୟକୁ ଏହି ଅବଧି ବଢ଼ାଇବାକୁ ଅନୁରୋଧ କରାଯାଇଥିଲା। ରବିବାର ଏହି ଅବଧି ଆଉ ଦିନେ ବଢ଼ାଯାଇଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ହେଲେ ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟର ଅନୁରୋଧକୁ ରକ୍ଷାକରି କେନ୍ଦ୍ର ସରକାର ଏହି ଅବଧିକୁ ଆଉ ୩ ଦିନ ପାଇଁ ବୃଦ୍ଧି କରିଛନ୍ତି। ତେଣୁ ଚାଷୀମାନେ ବର୍ତ୍ତମାନ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ବୀମା କମ୍ପାନୀଗୁଡ଼ିକୁ ଫସଲ କ୍ଷତି ସମ୍ପର୍କରେ ସୂଚନା ଦେଇପାରିବେ।

ଓଡ଼ିଶାର ଚାଷୀମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କର ଏହି ସହାନୁଭୂତିଶୀଳ ମନୋଭାବ ପାଇଁ ମୁଖ୍ୟମନ୍ତ୍ରୀ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଖୁବ୍‌ଶୀଘ୍ର ଓଡ଼ିଶା ଫେରିବ ଜିନ୍ନତ: ପିସିସିଏଫ୍

**ଭୁବନେଶ୍ୱର,୩୦।୧୨(ବନ୍ଦନା ସେଠୀ)**

ବହୁ ଦିନର କସରତ ପରେ ରବିବାର ବାଘୁଣୀ 'ଜିନ୍ନତ'କୁ ଟ୍ରାଙ୍କୁଲାଇଜ୍ କରାଯାଇଛି। ଜିନ୍ନତ ଏବେ ପୂରାପୂରି ସୁସ୍ଥ ଅଛି ଓ ଖୁବ୍‌ଶୀଘ୍ର ଓଡ଼ିଶା ଫେରିବ ବୋଲି ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ୍ କୁମାର ଝା ସୂଚନା ଦେଇଛନ୍ତି। ବାଘୁଣୀକୁ ଟ୍ରାଙ୍କୁଲାଇଜ କରାଯିବା ପରେ ପଶ୍ଚିମବଙ୍ଗ ଆଲିପୁର ଚିଡ଼ିଆଖାନାର ସ୍ୱତନ୍ତ୍ର ଏନ୍‌କ୍ଲୋଜରରେ ରଖାଯାଇଛି। ପଶ୍ଚିମବଙ୍ଗରୁ ଶିମିଳିପାଳ ଆଣିବା ପରେ 'ଯମୁନା' ପାଇଁ ଥିବା ସାଉଥ୍ ଏନ୍‌କ୍ଲୋଜରରେ 'ଜିନ୍ନତ'କୁ ରଖାଯିବ ବୋଲି ପିସିସିଏଫ୍ କହିଛନ୍ତି।

ନଭେମ୍ବର ୧୪ରେ ମହାରାଷ୍ଟ୍ର ତଡ଼ବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ୩ ବର୍ଷର ବାଘୁଣୀ ଜିନ୍ନତକୁ ଶିମିଳିପାଳ ଅଭୟାରଣ୍ୟକୁ ଅଣାଯାଇଥିଲା। ଶିମିଳିପାଳର ଚହଲା ଅଞ୍ଚଳରେ ନିର୍ମିତ ଏନ୍‌କ୍ଲୋଜରରେ ୧୦ଦିନ ରଖାଯିବା ପରେ ନଭେମ୍ବର ୨୪ରେ ଜଙ୍ଗଲରେ ଛଡ଼ାଯାଇଥିଲା। ତେବେ ଡିସେମ୍ବର ୯ ରାତିରେ ଶିମିଳିପାଳ ପାର ହୋଇ ଜିନ୍ନତ ଝାଡ଼ଖଣ୍ଡ ଜଙ୍ଗଲରେ ପହଞ୍ଚିଥିଲା। ଡିସେମ୍ବର ୨୦ରେ ଜିନ୍ନତ ଝାଡ଼ଖଣ୍ଡ ଛାଡ଼ି ପଶ୍ଚିମବଙ୍ଗର ଝାଡ଼ଗ୍ରାମ ଜଙ୍ଗଲରେ ପ୍ରବେଶ କରିଥିଲା। ତାକୁ ଧରିବା ଲାଗି ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ବନବିଭାଗ କର୍ମଚାରୀ, ସୁନ୍ଦରବନର ସ୍ୱତନ୍ତ୍ର ବାଘଧରାଳି ଓ ହୁଲା ପାର୍ଟି ନିୟୋଜିତ ହୋଇଥିଲେ। ବହୁ ଛକାପଞ୍ଝା ପରେ ରବିବାର ପଶ୍ଚିମବଙ୍ଗ ବାଙ୍କୁରା ଜିଲା ଗୋପାଳପୁର ଜଙ୍ଗଲରେ ବାଘୁଣୀ ଜିନ୍ନତକୁ ଟ୍ରାଙ୍କୁଲାଇଜ କରାଯାଇଥିଲା। ଓଡ଼ିଶା ଏବଂ ପଶ୍ଚିମବଙ୍ଗ ବନ ବିଭାଗ ଟିମ୍ ଗତ ୨୦ ତାରିଖରୁ ତାକୁ ଟ୍ରାଙ୍କୁଲାଇଜ କରି କାବୁ କରିବାକୁ ଚେଷ୍ଟା ଚଳାଇଥିଲେ। ଟ୍ରାଙ୍କୁଲାଇଜ ପରେ ତାକୁ ଅଚେତ ଅବସ୍ଥାରେ ଯନ୍ତାରେ ପୂରାଇ କଡ଼ା ସୁରକ୍ଷାବଳୟ ମଧ୍ୟରେ ବନ ବିଭାଗର ଏକ ସ୍ୱତନ୍ତ୍ର କାର୍‌କେଡରେ ଜିନ୍ନତକୁ ଆଲିପୁର ଚିଡ଼ିଆଖାନା ନିଆଯାଇଥିଲା।



ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନିଆରା ଢଙ୍ଗରେ ସଚେତନତାର ବାର୍ତ୍ତା ଦେଉଛନ୍ତି ଦିଲୀପ ସାହୁ।

# 'ଜଙ୍ଗଲ ବିଭାଗ ହେଉ ଜୀବନ ବିଭାଗ'

## ନିଆରା ଢଙ୍ଗରେ ବନ ସଂରକ୍ଷଣ ସଚେତନତା ବାର୍ତ୍ତା

**ଅନୁଗୋଳ,୩୦।୧୨(ମାନସ ବିଶ୍ୱାଳ)**

ଜଳବାୟୁ ପରିବର୍ତ୍ତନ ପ୍ରାକୃତିକ ବିପର୍ଯ୍ୟୟକୁ ଡାକି ଆଣୁଛି। ଅତ୍ୟଧିକ ଉତ୍ତାପ, ପ୍ରଦୂଷଣ ବୃଦ୍ଧିଚିନ୍ତା ବଢ଼ାଉଛି। ବିଭିନ୍ନ କାରଣରୁ ଜଙ୍ଗଲ ନଷ୍ଟ ହେଉଥିବାରୁ ବନ୍ୟଜନ୍ତୁ ବାସସ୍ଥାନ ହରାଇ ଜନବସତି ମୁହାଁ ହେଉଛନ୍ତି। ଏହି କାରଣରୁ ମଣିଷ ଓ ଜଙ୍ଗଲ ଜୀବଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଉଛି। ସବୁଜିମା ହ୍ରାସ ଯୋଗୁ ମଣିଷ ସମାଜକୁ ରୋଗବ୍ୟାଧି ଗ୍ରାସ କରୁଛି। ତେଣୁ ଜଙ୍ଗଲ ସୁରକ୍ଷିତ ରହିଲେ ଜୀବଜଗତ ଓ ମଣିଷ ସମାଜ ସୁରକ୍ଷିତ ରହିପାରିବ। ସେଥିପାଇଁ ଜଙ୍ଗଲ ବିଭାଗକୁ ଜୀବନ ବିଭାଗ ଭାବେ ନାମିତ କରିବା ସହ ଜଙ୍ଗଲର ସଂରକ୍ଷଣ ଦାବି କରିଛନ୍ତି ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଉଦୟପୁର ଅଞ୍ଚଳର ଦିଲୀପ କୁମାର ସାହୁ। ଏ ନେଇ ଦିଲୀପ ଅନୁଗୋଳ ଜିଲାପାଳଙ୍କ ଅଫିସ ପରିସରରେ ସୋମବାର ଏକ ନିଆରା ଢଙ୍ଗରେ ନିଜ ଦାବି ଉପସ୍ଥାପନ କରିଛନ୍ତି। ଏଥିସହ ଜଙ୍ଗଲକୁ ସୁରକ୍ଷିତ ରଖିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ସଚେତନତାର ବାର୍ତ୍ତା ଦେଇଛନ୍ତି। ଏକ ଅଟୋ ରିକ୍ସାକୁ ହାତୀ ଭଳି ସାଜସଜ୍ଜା କରିବା ସହ ନିଜେ ବାଘ ବେଶରେ ସଜ୍ଜିତ ହୋଇ ପରିବେଶ ସୁରକ୍ଷା ନିମନ୍ତେ ଲୋକଙ୍କୁ ସଚେତନ କରିଛନ୍ତି। ଗତ ୨୬ ତାରିଖରେ ପାଲଲହଡ଼ା ଉପଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଲୀପ ଦାବିପତ୍ର ପ୍ରଦାନ କରିଥିବା ସୂଚନା ଦେଇଛନ୍ତି। ୩୧ ତାରିଖ ମଧ୍ୟରେ ପ୍ରଶାସନ ଏ ନେଇ ଆଲୋଚନା ନ କଲେ ଜାନୁଆରୀ ୧ ତାରିଖ ଠାରୁ ସେ ଗଣଧାରଣା ଦେବେ ବୋଲି ଦିଲୀପ ପ୍ରକାଶ କରିଛନ୍ତି।

# ସମୁଦ୍ରରେ ଖୋଲିଲା ଭାରତର ପ୍ରଥମ କାଚ ସେତୁ

**କନ୍ୟାକୁମାରୀ, ୩୦।୧୨**



ତାମିଲନାଡୁର କନ୍ୟାକୁମାରୀରେ ବିବେକାନନ୍ଦ ରକ୍‌ମେମୋରିଆଲ ଓ ପ୍ରଖ୍ୟାତ ତାମିଲ କବି ଏବଂ ଦାର୍ଶନିକ ତିରୁବଲ୍ଲୁବରଙ୍କ ପ୍ରତିମୂର୍ତ୍ତିକୁ ସଂଯୋଗ କରୁଥିବା ବହୁପ୍ରତୀକ୍ଷିତ କାଚ ସେତୁକୁ ସୋମବାର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲାଯାଇଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ ସୋମବାର ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ସମୁଦ୍ରରେ ଭାରତର ଏହି ପ୍ରଥମ କାଚ ସେତୁକୁ ଉନ୍ମୋଚନ କରିଛନ୍ତି। ଉକ୍ତ ସେତୁ ମାଧ୍ୟମରେ ପର୍ଯ୍ୟଟକମାନେ ବିବେକାନନ୍ଦ ରକ୍ ମେମୋରିଆଲରୁ ତିରୁବଲ୍ଲୁବରଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଅତି ସହଜରେ ଚାଲି ଯାଇପାରିବା ସହ ସମୁଦ୍ରର ଅନନ୍ୟ ସୌନ୍ଦର୍ଯ୍ୟକୁ ମଧ୍ୟ ଉପଭୋଗ କରିପାରିବେ। ତାମିଲନାଡୁ ଲୋକ ନିର୍ମାଣ ବିଭାଗର ତତ୍ତ୍ୱାବଧାନରେ ଚେନ୍ନାଇର 'ଭିଏମ୍ଇ ପ୍ରିକାଷ୍ଟ ପ୍ରଡକ୍ଟସ୍' କମ୍ପାନୀ ଦ୍ୱାରା ଏହି ସେତୁ ନିର୍ମାଣ କରାଯାଇଛି। ୩୭ କୋଟି ମୂଲ୍ୟର ଏହି କାଚ ସେତୁର ଲମ୍ବ ୭୭ ମିଟର ହୋଇଥିବାବେଳେ ଏହାର ଚଉଡ଼ା ୧୦ ମିଟର। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି କାଚ ସେତୁ ଦ୍ରୁତ ଗତିରେ ବହୁଥିବା ସାମୁଦ୍ରିକ ପବନ ସହ ବିଭିନ୍ନ ବିପରୀତ ସାମୁଦ୍ରିକ ପରିସ୍ଥିତିକୁ ପ୍ରତିହତ କରିପାରିବ। ସେତୁ ନିର୍ମାଣ ସମୟରେ ଏହାର ସ୍ଥାୟିତ୍ୱ ଏବଂ ପର୍ଯ୍ୟଟକଙ୍କର ସୁରକ୍ଷାକୁ ସୁନିଶ୍ଚିତ କରାଯାଇଥିବା ନେଇ ଷ୍ଟାଲିନ କହିଛନ୍ତି। ସେହିପରି ଏହି କାଚ ସେତୁ ତାମିଲନାଡୁରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହ କନ୍ୟାକୁମାରୀକୁ ଦେଶର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ରୂପେ ବିକଶିତ କରିବ ବୋଲି ସେ କହିଛନ୍ତି। ସୋମବାରଠାରୁ କନ୍ୟାକୁମାରୀସ୍ଥିତ ତ୍ରିବେଣୀ ସଙ୍ଗମଠାରେ ତିରୁବଲ୍ଲୁବରଙ୍କ ପ୍ରତିମୂର୍ତ୍ତିର ୩ ଦିନିଆ ରୌପ୍ୟ ଜୟନ୍ତୀ ଉତ୍ସବ ଆରମ୍ଭ ହୋଇଛି। ଏହି ଉତ୍ସବକୁ ସ୍ମରଣୀୟ କରିବା ପାଇଁ କନ୍ୟାକୁମାରୀର ବିଭିନ୍ନ ସ୍ଥାନକୁ ରଙ୍ଗିନ ଆଲୋକରେ ସଜା ଯାଇଛି। ସେହିପରି ଲେଜର ଲାଇଟ ଶୋ' ମାଧ୍ୟମରେ ତିରୁବଲ୍ଲୁବରଙ୍କ ପ୍ରତିମୂର୍ତ୍ତିକୁ ଆଲୋକିତ କରାଯାଇଛି, ଯାହାଫଳରେ ପର୍ଯ୍ୟଟକମାନେ ତିରୁବଲ୍ଲୁବରଙ୍କ ପ୍ରତିମୂର୍ତ୍ତି ଓ ଆଖପାଖ ଅଞ୍ଚଳର ଚମତ୍କାର ଦୃଶ୍ୟକୁ ଉପଭୋଗ କରିପାରିବେ। ପ୍ରକାଶ ଯେ, ୨୦୦୦ ମସିହା ଜାନୁଆରୀ ୧ରେ ତିରୁବଲ୍ଲୁବରଙ୍କ ୧୩୩ ଫୁଟ ଉଚ୍ଚ ବିଶିଷ୍ଟ ପ୍ରତିମୂର୍ତ୍ତିକୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲାଯାଇଥିଲା। ତତ୍କାଳୀନ ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନଙ୍କ ବାପା ଏମ୍. କରୁଣାନିଧି ଏହି ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ତେବେ ୨୦୦୪ରେ ଆସିଥିବା ସୁନାମି ଏହି ପ୍ରତିମୂର୍ତ୍ତିକୁ ବିଶେଷ କ୍ଷତି ପହଞ୍ଚାଇପାରି ନ ଥିଲା।

# ସିମ୍ପାଞ୍ଜି ବଂଶ ବୃଦ୍ଧିର ମଙ୍ଗ ଧରିଥିବା 'ଜୁଲୁ'ର ମୃତ୍ୟୁ

**ବାରଙ୍ଗ, (ଲିଙ୍ଗରାଜ ରାଉତ)/ ତ୍ରିଶୂଳିଆ, ୩୦।୧୨ (ତୁଷାରକାନ୍ତ ବେହେରା)**

ନନ୍ଦନକାନନର ୬୦(କ) ନମ୍ବର ଖୁଆଡ଼ରେ ରହି ପର୍ଯ୍ୟଟକଙ୍କ ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ସିମ୍ପାଞ୍ଜି 'ରାକ୍ଷୀ' ରବିବାର ପ୍ରାଣୀ ଉଦ୍ୟାନର ଜନ୍ମଦିନରେ ୨ୟ ସନ୍ତାନକୁ ଜନ୍ମ ଦେଇଥିଲା। ଏହାକୁ ନେଇ ନନ୍ଦନକାନନରେ ଖୁସିର ଲହରି ଖେଳି ଯାଇଥିଲା। ହେଲେ ନିଜ ଜନ୍ମିତ ପିଲାକୁ ଆଖିପୂରା ଦେଖିବା ଆଗରୁ ବାପା 'ଜୁଲୁ'ର ସୋମବାର ସକାଳେ ମୃତ୍ୟୁ ଘଟିଛି। ଫଳରେ ପ୍ରାଣୀ ଉଦ୍ୟାନରେ ଦୁଃଖର ବାତାବରଣ ଖେଳିଯାଇଛି। ସିମ୍ପାଞ୍ଜି ବଂଶ ବୃଦ୍ଧିର ମଙ୍ଗ ଧରିଥିବା ୧୨ ସନ୍ତାନର ବାପା 'ଜୁଲୁ'ର ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ମୃତ୍ୟୁ ଘଟିଥିବା ନନ୍ଦନକାନନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

'ଜୁଲୁ' ୧୨ ଅକ୍ଟୋବର ୧୯୮୮ରେ ସିଙ୍ଗାପୁର ପ୍ରାଣୀ ଉଦ୍ୟାନରେ ଜନ୍ମ ହୋଇଥିଲା। ପରେ ୧୬ ମେ' ୧୯୯୪ରେ ନନ୍ଦନକାନନକୁ ଆସିଥିଲା। ଫଳରେ ନନ୍ଦନକାନନରେ ସିମ୍ପାଞ୍ଜି ବଂଶବୃଦ୍ଧିରେ

## ଜନ୍ମିତ ପିଲାକୁ ଦେଖି ପାରିଲାନି ବାପା



ସହାୟକ ସାଜିଥିଲା। 'ଜୁଲୁ' ଏ ପର୍ଯ୍ୟନ୍ତ ୧୨ ସନ୍ତାନର ବାପା ହୋଇସାରିଛି। ତାକୁ ୩୬ ବର୍ଷ ହୋଇଥିବାବେଳେ ଗତ ଅଗଷ୍ଟରେ ବୃଦ୍ଧାବସ୍ଥାଜନିତ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥିଲା। ପରେ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ଚିକିତ୍ସା ଆରମ୍ଭ ହୋଇଥିଲା। ଓୟୁଏଟି ସମେତ ଭାରତର ଅନ୍ୟାନ୍ୟ ପ୍ରାଣୀ ଉଦ୍ୟାନ ଏବଂ କାନାଡାର ଟରୋଣ୍ଟୋ ପ୍ରାଣୀ ଉଦ୍ୟାନର ବିଶେଷଜ୍ଞଙ୍କ ପରାମର୍ଶ ମଧ୍ୟ ନିଆଯାଇଥିଲା। 'ଜୁଲୁ'ର ମୃତ୍ୟୁ ପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୭ରେ ପହଞ୍ଚିଛି। ସେଥିମଧ୍ୟରୁ ୧ ଅଣ୍ଡିରା, ୫ ମାଈ ଏବଂ ଗୋଟିଏ ଛୁଆ ସିମ୍ପାଞ୍ଜି ରହିଛି। ତେବେ 'ଜୁଲୁ'ର ମୃତ୍ୟୁ ପରେ ସିମ୍ପାଞ୍ଜି ବଂଶବୃଦ୍ଧିରେ ବାଧକ ସାଜିବାକୁ ଯାଉଛି। କାରଣ ୭ ସିମ୍ପାଞ୍ଜିଙ୍କ ମଧ୍ୟରେ ଏକମାତ୍ର ଅଣ୍ଡିରା 'ରାଜା' ଅଛି, ଯିଏକି ମୃତ 'ଜୁଲୁ' ଓ 'ପୂର୍ଣ୍ଣିମା'ର ଶାବକ। ତାକୁ ମାତ୍ର ୨/୩ ବର୍ଷ ହୋଇଛି।

ଅନ୍ୟପକ୍ଷରେ ରବିବାର ଛୁଆ ଜନ୍ମ ଦେଇଥିବା ମା' ରାକ୍ଷୀ ସାଥୀ 'ଜିନ୍ନତ'କୁ ହରାଇବା ପରେ ଦୁଃଖରେ ଥିବା ଜଣାପଡ଼ିଛି। ନବଜାତ ଛୁଆକୁ ଟିକେ ହେଲେ ବି ନିଜଠୁ ଅଲଗା କରୁନାହିଁ। କୋଳରେ ଜାବୁଡ଼ି ଧରି ଗୋଟିଏ ଜାଗାରେ ବସି ରହିଥିବା ଦେଖିବାକୁ ମିଳିଛି। ୧୨ ଅଗଷ୍ଟ ୨୦୧୧ରେ ସିମ୍ପାଞ୍ଜି 'ପୂର୍ଣ୍ଣିମା' ଗର୍ଭରୁ 'ରାକ୍ଷୀ' ଜନ୍ମ ହୋଇଥିଲା। ଏବେ ତାକୁ ୧୩ ବର୍ଷ ହୋଇଛି। ସେ ଗତ ମେ'ରେ 'ଜୁଲୁ' ସହ ମିଳନରେ ଦ୍ୱିତୀୟଥର ମା' ହେବ ବୋଲି ଜଣାପଡ଼ିଥିଲା।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରୀ ଶ୍ରୀମତ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବ, ସ୍ଥାନ: ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ ନଂ. ୧୭୮, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ସମ୍ମିଳନୀର ରାଜ୍ୟସ୍ତରୀୟ ୧୨୨ତମ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ରେଡ୍‌କ୍ରସ୍ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅନନ୍ତ ବଳିଆ ଟ୍ରଷ୍ଟର ଖବରଦାତା ସମ୍ମିଳନୀ, ସ୍ଥାନ: ରେଡ୍‌କ୍ରସ୍ ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ୩୫ତମ ଚନ୍ଦ୍ରଭାଗା ଉତ୍ସବର ଚତୁର୍ଥ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ସକାଳ ୯ଟା।
- ବର୍ଷାନ୍ତ ସାରସ୍ୱତ ସମ୍ମେଳନ, ସ୍ଥାନ: ମାର୍କୋଣା ଡାକବଙ୍ଗଳା ପରିସର, ସିମୁଳିଆ, ସମୟ: ସକାଳ ୯ଟା ୩୦ରୁ ଦିବସବ୍ୟାପୀ।
- ମତ୍ସ୍ୟଚାଷ ପ୍ରଶିକ୍ଷଣ ଶିବିରର ଅଷ୍ଟମ ଦିବସ, ସ୍ଥାନ: ଅସ୍ତୁପୁରା କୈଳାଶ ଫିସାରୀ ଫାର୍ମ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ

- ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ୍, ସ୍ଥାନ: ହାଇସ୍କୁଲ ପଡ଼ିଆ, ଚରମ୍ପା, ସମୟ: ସକାଳ ୯ଟା।
- ଆଗରପଡ଼ା ମହୋତ୍ସବର ୭ମ ସନ୍ଧ୍ୟା, ସ୍ଥାନ: ହେମପଦ୍ମା ଗାଲାକ୍ସି, ଆଗରପଡ଼ା, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ସତ୍ୟସାଇ ସଂଗଠନ ଭଜନ ମଣ୍ଡଳୀର ବାର୍ଷିକ ଉତ୍ସବ, ସ୍ଥାନ: ମଠ କପୁଣ୍ଡି, ହାଟଡିହୀ, ସମୟ : ସକାଳ ୬ ଟା।
- ମା' ମଙ୍ଗଳାଙ୍କ ମନ୍ଦିରରେ ମାନସିକଧାରୀଙ୍କ ମେଳା ଏବଂ ପୂଜା, ସ୍ଥାନ: ଭୂଇଁପୁର, ଶାଳକଣିଆଁ, ହାଟଡ଼ିହୀ, ସମୟ : ସକାଳ ୭ ଟା।
- ଶ୍ରୀ ହନୁମାନଙ୍କ ମନ୍ଦିରରେ ରାମ ଚରିତ ପାଠ, ଭଜନ ସମାରୋହ, ସ୍ଥାନ: ହାବଳେଶ୍ୱର, ହାଟଡ଼ିହୀ, ସମୟ : ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ପରିକ୍ରମା ପକ୍ଷରୁ ଚତୁର୍ଦ୍ଦଶ ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଜିଲାସ୍ତରୀୟ ସାରସ୍ୱତ ସମାରୋହ, ସ୍ଥାନ: ଦିଗପହଣ୍ଡି ଚନ୍ଦ୍ରଚୂଡ଼େଶ୍ୱର ସଭାମଣ୍ଡପ, ସ୍ଥାନ : ଚନ୍ଦ୍ରଚୁଡେଶ୍ୱର ଶୈବପୀଠ ସଭା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ।
- ପ୍ରଦୀପ୍ତ ସ୍ମାରକୀ ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟ ଉଦଘାଟନ, ସ୍ଥାନ: ଦିଗପହଣ୍ଡି ହାଇସ୍କୁଲ ଖେଳ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା ।
- ଜାତୀୟ ସେବା ଯୋଜନା ଶିବିର ଉଦଯାପନୀ, ସ୍ଥାନ: ବୁଗୁଡା ପିପୁଲ୍ସ କଲେଜ, ସମୟ: ମଧ୍ୟାହ୍ନ ୧୨ଟା।

## ଢେଙ୍କାନାଳ

- ସାଗର ସାହିତ୍ୟ ସଂସଦ ପକ୍ଷରୁ ୯ମ ସାମ୍ବତ୍ସରିକ ଉତ୍ସବ, ସ୍ଥାନ: ଇନ୍ଦିପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ସାଢେ ୧୧ଟା।

## ଜଗତ୍‌ସିଂହପୁର

- ପାରାଦୀପ ପୋର୍ଟ କ୍ଲବ ପରିସରରେ ଜିରୋନାଇଟ ସେଲିବ୍ରେଶନ, ସ୍ଥାନ: ପୋର୍ଟ କ୍ଲବ ନୂଆବଜାର, ପାରାଦୀପ, ସମୟ: ରାତି ୯ଟା।

## କେନ୍ଦ୍ରାପଡ଼ା

- ଡେରାବିଶ ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିନି ଷ୍ଟାଡିୟମ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଧର୍ମଶାଳା ମହୋତ୍ସବରେ ବିଷ୍ଣୁ ମୋହନ କବିଙ୍କ ସଙ୍ଗୀତ,ସ୍ଥାନ: ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ:ସନ୍ଧ୍ୟା ୬ଟା ।

## ନୟାଗଡ଼

- ବିଶ୍ୱ ଛେନାପୋଡ଼ ଦିବସ , ସ୍ଥାନ: ନୟାଗଡ଼ ବ୍ଲକର ସିନ୍ଦୁରିଆ ବାଲୁଙ୍କେଶ୍ୱର ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ନୀଳମାଧବ ମହାବିଦ୍ୟାଳୟର ଭୂମିପୂଜନ ଉତ୍ସବ , ସ୍ଥାନ: କଣ୍ଟିଲୋ, ସମୟ: ଅପରାହ୍ନ ୩ଟା।
- ଖଣ୍ଡପଡ଼ା ମହୋତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡା ମିନି ଷ୍ଟାଡିୟମ, ସମୟ:ସନ୍ଧ୍ୟା ୬ଟା।
- ବିଶ୍ୱ ଛେନାପୋଡ଼ ଦିବସ , ସ୍ଥାନ: ଦଶପଲ୍ଲାର ଜରିପାଟଣା, ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର

- ବୀରତା ଦିବସ ଉପଲକ୍ଷେ ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : କଚେରୀ ଛକ ସ୍ଥିତ ସହୀଦ ସ୍ତମ୍ଭ, ସମୟ : ସକାଳ ୮ଟା ।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଫାଶକୁଦା, ସମୟ : ସକାଳ ୮ଟା ୩୦ ।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁରୀ ଠେରା ସ୍ଥିତ ସତ୍ୟନାରାୟଣ ବହିଦାର ପ୍ରତିମୂର୍ତ୍ତି ସ୍ଥଳ, ସମୟ ସକାଳ ୯ଟା ।
- ଯୋଗ ପରିବାର ପକ୍ଷରୁ ବୈଠକ, ସ୍ଥାନ : ସମ୍ବଲପୁରୀ ଠେରା ପରିସର, ସମୟ : ଅପରାହ୍ନ ୪ଟା ।
- ଓଡ଼ିଶା ସାଂସ୍କୃତିକ ସମାଜ ଆୟୋଜନରେ ବୀରତା ଦିବସ ସଭା, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା ।
- ଲୋକ ମହୋତ୍ସବର ବୈଠକ, ସ୍ଥାନ : ସମ୍ବଲପୁର କଳା ପରିଷଦ, ସମୟ : ସନ୍ଧ୍ୟା ୬ଟା ୩୦ ।

## ବଲାଙ୍ଗୀର

- ମଠଖାଇ ମହୋତ୍ସବର ସାଧାରଣ ବୈଠକ ଓ ଖବରଦାତା ସମ୍ମିଳନୀ, ସ୍ଥାନ: ସଂସ୍କୃତି ମଣ୍ଡପ, ମହାଲକ୍ଷ୍ମୀନଗର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ସୁବର୍ଣ୍ଣପୁର

- ପାରାୟଣର ସପ୍ତମ ଦିବସ, ସ୍ଥାନ: ମେଣ୍ଡିଲିପାଲି,ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୦ଟା।
- ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଦେବଗଡ଼

- ସାଇକେଲ ମ୍ୟାଜିକ ସୋ, ସ୍ଥାନ: ରିଆମାଳ ବ୍ଲକ, ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- କୋଶଲୀ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।
- ସଙ୍ଗିତମୟ ଶ୍ରୀମଦ୍ ଭାଗବତ କଥା, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଡୁମେରପାଣି ଗାଁ, ସମୟ: ସକାଳ ୯ଟା।
- ଧନୁଯାତ୍ରା ଉପଲକ୍ଷେ ଆର୍କେଷ୍ଟ୍ରା କାର୍ଯ୍ୟକ୍ରମ, ସ୍ଥାନ: ସାରାବଙ୍ଗ ଧନୁଯାତ୍ରା ପଡିଆ, ସମୟ: ରାତି ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ରବି ପୂର୍ବାଷାଢ଼ା ନକ୍ଷତ୍ରରେ ରହିଥିବାରୁ ବିଶିଷ୍ଟବ୍ୟକ୍ତିଙ୍କ ସହ ଆଲୋଚନା ଫଳପ୍ରଦ ହେବ। ପ୍ରତ୍ୟୁଷ ଯାତ୍ରା ସଙ୍ଗକୁ ମନେ ମନେ ଭାବୁଥିବା କାମରେ ସଫଳତା ପାଇବେ। ଉତ୍ତମ ବୁଝାମଣା ଏବଂ ଉତ୍ସାହଜନିତ ପାରିବାରିକ ଜୀବନ ସୁମଧୁର ହୋଇ ଉଠିବ। ଆନୁଷ୍ଠାନିକ କ୍ଷେତ୍ରରୁ ସଦିଚ୍ଛା ଲାଭ କରିବାର ଯୋଗ ରହିଛି।

**ବୃଷ** – ଶନି କ୍ଷେତ୍ରରେ ଶୁକ୍ର ହେତୁ ଅଟକିଥିବା କାମଗୁଡ଼ିକ ସମ୍ପନ୍ନ କରିବା ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ସବୁ କାମରେ ଆଗୁଆ ରହି କାମ କରିବା ହେତୁ ଶାରୀରିକ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ। ବନ୍ଧୁଙ୍କଠାରୁ ହଠାତ୍ ନିମନ୍ତ୍ରଣ ପାଇ ସଭାସମିତିକୁ ଯାଇପାରନ୍ତି। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ।

**ମିଥୁନ** – ଅନ୍ୟମାନଙ୍କ ଫୁସୁଲା ଫୁସୁଲି କଥାରେ ଭାସିଯାଇ ଯେଉଁ କାମ କରିବେ ସେଥି ସକାଶେ ଅନୁତାପ କରିବାକୁ ପଡ଼ିପାରେ। ଆନୁଷ୍ଠାନିକ କାମରେ ବେଠି ଖଟି ପାରନ୍ତି। ବାଣିଜ୍ୟ, ପରିବହନ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ପରିଶ୍ରମ ମୁତାବକ ଫଳ ନ ପାଇବା କାରଣରୁ ମଙ୍ଗଳଙ୍କ ପ୍ରଭାବରେ ରୁକ୍ଷବାକ୍ୟାଳାପ କରିବେ।

**କର୍କଟ** – ମଙ୍ଗଳଙ୍କ ଦୁର୍ବଳତା କାରଣରୁ କାର୍ଯ୍ୟହାନୀ ହେତୁ ଅଧୈର୍ଯ୍ୟ ହୋଇପାରନ୍ତି। ଆର୍ଥିକସ୍ଥିତି ମନ୍ଦ ନ ହେଲେ ମଧ୍ୟ ପରିବାରର ଖର୍ଚ୍ଚ ପରିମାଣ ଆଶାତୀତ ଭାବରେ ବୃଦ୍ଧି ପାଇବ। ଜନକଲ୍ୟାଣମୂଳକ କାମରେ ମୁଖ୍ୟଭୂମିକା ଗ୍ରହଣକରି ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ଆର୍ଥିକସ୍ଥିତି ବିଶେଷ ଭଲ ନ ଥିଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ।

**ସିଂହ** – ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟବାଧକତାରେ ଦୂରସ୍ଥାନକୁ ଯିବାକୁ ପଡ଼ିବ। ପୃଷ୍ଠପୋଷକତା ଅଭାବରୁ କାମଗୁଡ଼ିକ ସୁବିଧାରେ ହେବା କଷ୍ଟକର ହୋଇପାରେ। ଉପରିସ୍ଥ କର୍ମଚାରୀଙ୍କ ଦ୍ୱାରା ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି। ଆବଶ୍ୟକତା ବୃଦ୍ଧି ପାଉଥିବାରୁ ଅର୍ଥାଭାବ ପ୍ରତ୍ୟେକ କାମକୁ ବିଳମ୍ବିତ କରିବ।

**କନ୍ୟା** – ଆଜି ଫେରିବା ବେଳକୁ ଯିବା ସମୟର ଆନନ୍ଦ ମନରେ ଆଉ ନ ଥିବ। ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବ, ବିଶେଷତଃ ଖାଦ୍ୟପେୟରେ ସତର୍କ ରହିବା ଭଲ ହେବ। ବ୍ୟବସାୟ କ୍ଷେତ୍ରରେ ଅଥବା କିଣାବିକାର ଚୁକ୍ତି କ୍ଷେତ୍ରରେ ଠକାମିରେ ପଡ଼ିପାରନ୍ତି। କଚେରି ମାମଲାର ସମାଧାନର ଆଶା ମନକୁ ସାମୟିକ ଲାଘବ କରିବ।

**ତୁଳା** – ସମ୍ପର୍କୀୟଙ୍କଠାରୁ ବାଧିଲାଭଳି କଥା ଶୁଣି ସବୁ ଆନନ୍ଦ କୁଆଡ଼େ ମିଳାଇ ଯିବ। କିନ୍ତୁ ଏହିଭଳି ପରିସ୍ଥିତିରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆଜି ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁ ସାୟାହ୍ନରେ କ୍ଲାନ୍ତି ଅନୁଭବ କରିବେ।

**ବିଛା** – ଭଲ ସମ୍ପର୍କ ଥିବା ବନ୍ଧୁମାନେ କ୍ରମଶଃ ଦୂରେଇ ରହୁଥିବାର ଅନୁଭବ କରିବେ, ଫଳରେ ମନ ଭଲ ରହିବ ନାହିଁ। କଳା, ସାହିତ୍ୟ ଓ ବନ୍ଧୁ ମିଳନ କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। କିଛି କାମ ହାସଲ କରିବା ସକାଶେ ବହୁତଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ଧନୁ** – ପରିବାରରେ ବିରକ୍ତିଜନିତ ଅପ୍ରିୟସତ୍ୟ ଭାଷଣ ମତାନ୍ତରର ଆଶଙ୍କା ରହିଛି। ଭାଙ୍ଗି ପଡ଼ିଥିବା ସମ୍ପର୍କକୁ ଯୋଡ଼ିବା ସକାଶେ ଚେଷ୍ଟା କରି ମଧ୍ୟ କିଛି ଲାଭ ପାଇବେ ନାହିଁ। ଦୀର୍ଘ ଦିନରୁ ଲୁହ୍ଲୁଥିବା ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ହିତୈଷୀଙ୍କ ପରାମର୍ଶରେ ନୂତନ କାମଟିଏ ଆରମ୍ଭ କରିବା ପାଇଁ ମନ ବଳାଇବେ।

**ମକର** – କାର୍ଯ୍ୟଦକ୍ଷତାଜନିତ ଅଭିଳାଷ ପୂରଣ କରି ପ୍ରଶଂସା ଓ ପ୍ରୋତ୍ସାହନ ପାଇବେ। ପରିବାର ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, କିନ୍ତୁ ମନଟା କେଜାଣି କାହିଁକି ଏକ ଅଜଣା ଆଶଙ୍କାରେ ଉଦ୍‌ବେଳିତ ହୋଇପାରେ। କଳା, ସାହିତ୍ୟଓ ସଙ୍ଗୀତ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**କୁମ୍ଭ** – ପ୍ରତ୍ୟେକ କାମକୁ ଆନ୍ତରିକତାବିହୀନ ଓ ନିରୁତ୍ସାହିତ ଭାବେ କରିବେ। ଶାରୀରିକ ଅସୁସ୍ଥତା ମଧ୍ୟ ଏହାର ଏକ କାରଣ ହେଇପାରେ। କର୍ମକ୍ଷେତ୍ରରେ, ମାଙ୍ଗଳିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବାର ସୂଚନା ରହିଛି। ପାରିବାରିକ ଜୀବନରେ ଉଚିତ ବୁଝାମଣାଜନିତ ଶାନ୍ତି ଫେରି ଆସିବ।

**ମୀନ** – କାମଟିର ଶେଷ ସମୟ ପର୍ଯ୍ୟନ୍ତ ଚେଷ୍ଟା ଜାରି ରଖିଲେ ଉଦ୍ଦେଶ୍ୟ ପୂରଣ ହୋଇପାରିବ। ଯେତେ ପ୍ରକାର ଭାବିଚିନ୍ତି କାମ କଲେ ମଧ୍ୟ ପାରିବାରିକ ପ୍ରତିରୋଧ କେତେକ କାମକୁ ବିଶୃଙ୍ଖଳିତ କରିପାରେ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ମଧ୍ୟାହ୍ନରେ ଉଚ୍ଚବାଚ ଘଟିବାର ଆଶଙ୍କା ରହିଛି। ଉତ୍ତରଭାଦ୍ରପଦ୍ ନକ୍ଷତ୍ର ପରିସ୍ଥିତି ପ୍ରତି ସତର୍କ ରହି କାମ କଲେ ଉପକୃତ ହୋଇପାରିବେ।

ଆଜି ଡିସେମ୍ବର ୩୧ ତାରିଖ, ଖ୍ରୀଷ୍ଟୀୟ ବର୍ଷ ଶେଷ, ପୌଷ ଶୁକ୍ଳ ପ୍ରତିପଦା ମଙ୍ଗଳବାର, ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୨୪ମି. ଗତେ ଘ.୦୭.୦୮ମି. ମଧ୍ୟେ, ଘ.୦୯.୦୭ମି. ଗତେ ଘ.୧୧.୨୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୨.୩୨ମି. ଗତେ ଘ.୦୩.୫୩ମି. ମଧ୍ୟେ ରାହୁକାଳ।

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏସ୍‌ସିବିରେ ପ୍ରତ୍ୟୁଷାଙ୍କ ଚିକିତ୍ସା ଆରମ୍ଭ

**କଟକ,୩୦।୧୨ (ଶିଳ୍ପା ପ୍ରିୟଦର୍ଶିନୀ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଏସ୍‌ସିବି ମେଡିକାଲରେ ବୌଦ୍ଧ ଅଞ୍ଚଳର ୭ବର୍ଷୀୟା ପ୍ରତ୍ୟୁଷା ଗିରିଙ୍କ ଚିକିତ୍ସା ଆରମ୍ଭ ହୋଇଛି। ତାଙ୍କୁ ଚର୍ମରୋଗ ବିଭାଗରେ ଭର୍ତ୍ତି କରାଯାଇଛି। ଏଥିସହ ଏସ୍‌ସିବି ମେଡିକାଲ ପକ୍ଷରୁ ଶିଶୁରୋଗ, ଚକ୍ଷୁରୋଗ ଓ ଚର୍ମରୋଗ ବିଭାଗର ମୁଖ୍ୟମାନଙ୍କୁ ନେଇ ଏକ ତିନିଜଣିଆ ଡାକ୍ତରୀ କମିଟି ଗଠନ କରାଯାଇଛି। ଏହି କମିଟି ପ୍ରତ୍ୟୁଷାଙ୍କ ଚିକିତ୍ସା କରିବ। ତାଙ୍କ ସମ୍ପୂର୍ଣ୍ଣ ଶରୀର ସଂକ୍ରମଣ ଯୋଗୁ ଫଳିଯାଇଥିବା ସହ ଗୋଟିଏ ଆଖି ସଂକ୍ରମିତ ହୋଇଥିବା ନେଇ ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଏନେଇ ମେଡିକାଲର କୁଳସଚିବ ଡ. ଅବିନାଶ ରାଉତ କହିଛନ୍ତି, ଏକ କମିଟି ସ୍ୱତନ୍ତ୍ର ଭାବେ ପ୍ରତ୍ୟୁଷାଙ୍କ ଚିକିତ୍ସାରେ ନିୟୋଜିତ ଅଛନ୍ତି। ଏଥିସହ ସମସ୍ତ ପରୀକ୍ଷାନିରୀକ୍ଷା କରାଯାଉଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରଠାରେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ବୌଦ୍ଧ ଅଞ୍ଚଳର ହେରମ୍ବ ଗିରି ତାଙ୍କ ଝିଅ ପ୍ରତ୍ୟୁଷାଙ୍କ ଚିକିତ୍ସା ନିମନ୍ତେ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀ ମାଝୀ ତୁରନ୍ତ ପ୍ରତ୍ୟୁଷାଙ୍କ ଚିକିତ୍ସା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଏସ୍‌ସିବି ପଠାଇଥିଲେ।

# କ୍ଷତିଗ୍ରସ୍ତ ଅଣଧାନ ଚାଷୀଙ୍କୁ ସହାୟତା ମିଳିବ: ରାଜସ୍ୱ ମନ୍ତ୍ରୀ

- ବୀମା କରି ନ ଥିବା ଚାଷୀ ମଧ ପାଇବେ ସହାୟତା
- ବୀମା କମ୍ପାନୀଙ୍କ ବ୍ୟତିକ୍ରମକୁ ବରଦାସ୍ତ କରାଯିବନି: କୃଷି ସଚିବ

**ଭୁବନେଶ୍ୱର, ୩୦।୧୨(ସୁନିତ୍ ମିଶ୍ର)**

ରାଜ୍ୟରେ କିଛିଦିନ ତଳେ ଦେଖାଦେଇଥିବା ଅଦିନିକିଆ ବର୍ଷା ଯୋଗୁ ବିଭିନ୍ନ ପ୍ରକାର ଫସଲ କ୍ଷୟକ୍ଷତି ବ୍ୟାପକ ଭାବେ ହୋଇଛି। ତେଣୁ ଅଦିନିଆ ବର୍ଷାରେ କ୍ଷତି ସହିଥିବା ଚାଷୀମାନଙ୍କୁ ଅନୁକମ୍ପା ରାଶି ଯୋଗାଇଦିଆଯିବ। ଯେଉଁମାନେ ଧାନ ବ୍ୟତୀତ ଅନ୍ୟ ଫସଲ କରିଥିଲେ ଏବଂ କ୍ଷତି ସହିଛନ୍ତି ସେମାନଙ୍କୁ ମଧ୍ୟ ସହାୟତା ମିଳିବ ବୋଲି ସୋମବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ପୂଜାରୀ କହିଛନ୍ତି, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପଜନିତ ଅଦିନିଆ ବର୍ଷା କାରଣରୁ ଚାଷୀମାନେ ବ୍ୟାପକ କ୍ଷତି ସହିଛନ୍ତି। ଏହି ବର୍ଷା ଯୋଗୁ ପନିପରିବା, କପା ଏବଂ ବାଦାମ ସହ ଧାନଚାଷ ବ୍ୟାପକ କ୍ଷତି ହୋଇଛି। ପ୍ରାୟ ୨ ଲକ୍ଷ ଚାଷୀ ବୀମା କମ୍ପାନୀ ପାଖରେ କ୍ଷୟକ୍ଷତିର ସୂଚନା ଦେଇଛନ୍ତି। ଅନ୍ୟପଟେ ଜିଲାପାଳମାନଙ୍କୁ କୌଣସି କ୍ଷତିଗ୍ରସ୍ତ ଚାଷୀ ଯେପରି ବାଦ୍ ନ ପଡନ୍ତି ତୁରନ୍ତ ତାଲିକା ଦେବାକୁ କୁହାଯାଇଛି। ଯେଉଁ ଚାଷୀମାନେ ବୀମା କରିନାହାନ୍ତି ସେମାନେ କିପରି କ୍ଷତିପୂରଣ ପାଇବେ ତା'ର ମଧ୍ୟ ବିଚାର କରାଯାଉଛି। ସମସ୍ତ ଚାଷୀ ଯେପରି କ୍ଷତିପୂରଣ ପାଇବେ ସେନେଇ ସରକାର ବିଚାର କରୁଥିବା ପୂଜାରୀ କହିଛନ୍ତି।



ସୁରେଶ ପୂଜାରୀ

ଅନ୍ୟପଟେ ଅଦିନିଆ ବର୍ଷାଜନିତ ଫସଲ କ୍ଷୟକ୍ଷତି ସମ୍ପର୍କିତ କ୍ଷତିପୂରଣ ଯଥାଶୀଘ୍ର ପ୍ରଦାନ ପାଇଁ ସୋମବାର ବୀମା କମ୍ପାନୀଗୁଡିକ ସହ ଏକ ଜରୁରିକାଳୀନ ବୈଠକ କୃଷି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଓ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ବୀମା କମ୍ପାନୀଗୁଡିକର ସହଯୋଗ କାମନା କରିଛନ୍ତି। ଯୋଗ୍ୟ ଚାଷୀମାନଙ୍କ ହିତରେ ସମସ୍ତ ପ୍ରକ୍ରିୟାକୁ ଅତିଶୀଘ୍ର ସାରିବା ପାଇଁ କମ୍ପାନୀଗୁଡିକୁ କହିବା ସହ କୌଣସି ବ୍ୟତିକ୍ରମକୁ ବରଦାସ୍ତ କରାଯିବ ନାହିଁ ବୋଲି ପାଢ଼ୀ କହିଛନ୍ତି। ଏହାସହ ଅଦିନିଆ ବର୍ଷା ଯୋଗୁ କଟାହୋଇ ଜମିରେ ଥିବା ଧାନ ଫସଲର କ୍ଷତି ହୋଇଥିଲେ କ୍ଷତିପୂରଣ ବାବଦରେ ସୂଚନାଦେବା ନିମନ୍ତେ କୃଷି ରକ୍ଷକ ହେଲ୍ପଲାଇନ ନମ୍ବର ୧୪୪୪୭ କିମ୍ବା କୃଷି ରକ୍ଷକ ଆପ୍ କିମ୍ବା କ୍ରପ୍ ଇନ୍‌ସ୍ୟୁରାନ୍ସ ଆପ୍ ଅଥବା ପିଏମ୍‌ଏଫ୍‌ବିୱାଇ ହ୍ୱାଟ୍ସଆପ୍ ନମ୍ବର ୭୦୬୫୫୧୪୪୪୭ରେ ତୁରନ୍ତ ଯୋଗାଯୋଗ କରିବା ପାଇଁ ଚାଷୀଙ୍କୁ ଅନୁରୋଧ କରିଛନ୍ତି।

# ଜାନୁଆରୀ ୧ରୁ ଝାରସୁଗୁଡ଼ାରୁ ୪ ସହର, ୩ରୁ ଭୁବନେଶ୍ୱରରୁ ୫ ସହରକୁ ସିଧାସଳଖ ଉଡ଼ିବ ବିମାନ

**ଭୁବନେଶ୍ୱର,୩୦।୧୨(ଅନିଲ ଦାସ)**

ଆସନ୍ତା ଜାନୁୟାରୀ ପହିଲାରୁ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ଦେଶର ୪ଟି ସହରକୁ ଏବଂ ଜାନୁଆରୀ ୩ ତାରିଖରୁ ବିଜୁପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରୁ ୫ ସହରକୁ ବିମାନ ଉଡ଼ିବ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଜାନୁଆରୀ ୧ ତାରିଖରୁ ଝାରସୁଗୁଡା ବିମାନବନ୍ଦରରୁ ହାଇଦ୍ରାବାଦ, ରାୟପୁର, ଲକ୍ଷ୍ନୌ ଓ ମୁମ୍ବାଇ ସହରକୁ ସିଧାସଳଖ ବିମାନ ଚଳାଚଳ କରିବ। ସେହିପରି ଭୁବନେଶ୍ୱର ବିମାନବନ୍ଦରରୁ ଇନ୍ଦୋର, ଡେରାଡୁନ, କୋଚି, ଜୟପୁର ଏବଂ ଲକ୍ଷ୍ନୌକୁ ସିଧାସଳଖ ବିମାନ ଚଳାଚଳ କରିବ। ଏହା ଓଡ଼ିଶାର ଯୋଗାଯୋଗ ବ୍ୟବସ୍ଥାରେ ନୂଆ ଅଧ୍ୟାୟ ଯୋଡ଼ିବା ସହ ରାଜ୍ୟର ଅର୍ଥନୈତିକ ବିକାଶ କ୍ଷେତ୍ରରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସ ମାଧ୍ୟମରେ ସୂଚନା ଦିଆଯାଇଛି।

# ଆକାଶରେ ଦିଶିବନି 'କଳା ଜହ୍ନ' | ୩୧ ରାତିରେ ଧଳା ବଙ୍କୁଲି ଭଳି ଦେଖାଯିବ ଜହ୍ନ

**ଭୁବନେଶ୍ୱର, ୩୦।୧୨ (ବନ୍ଦନା ସେଠୀ)**

ଡିସେମ୍ବର ୩୧ ଆକାଶରେ ତଥାକଥିତ 'କଳା ଜହ୍ନ' ଦେଖାଯିବ ନାହିଁ। ତେଣୁ ବିଭିନ୍ନ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ପ୍ରଚାରିତ ହେଉଥିବା 'କଳା ଜହ୍ନ' କଥା ଠିକ୍ ନୁହେଁ। ସବୁ ଅମାବାସ୍ୟା ଭଳି ଡିସେମ୍ବର ୩୦ ରାତି ଆକାଶରେ ବିଲ୍‌କୁଲ୍ ଜହ୍ନ ଦେଖାଯିବ ନାହିଁ। ସେହିପରି ୩୧ ରାତିରେ ଧଳା ବଙ୍କୁଲି ଭଳି ଜହ୍ନ ଦେଖାଯିବ ବୋଲି ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ପୂର୍ବତନ ଉପନିର୍ଦ୍ଦେଶକ ତଥା ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ଇଂଲିଶ କ୍ୟାଲେଣ୍ଡର ମାସରେ ଦୁଇଟି ପୂର୍ଣ୍ଣିମା ପଡିଲେ ଦ୍ୱିତୀୟ ପୂର୍ଣ୍ଣିମାକୁ 'ନୀଳ ଜହ୍ନ' ଭାବେ ନାମିତ କରାଯାଏ। ସେହିପରି ଏକ ଇଂଲିଶ କ୍ୟାଲେଣ୍ଡର ମାସରେ ଦୁଇଟି ଅମାବାସ୍ୟା ପଡିଲେ ଦ୍ୱିତୀୟ ଅମାବାସ୍ୟାକୁ 'କଳା ଜହ୍ନ' ଭାବେ ନାମିତ କରାଯାଏ। ତେବେ ଚନ୍ଦ୍ରର ରଙ୍ଗ ସହିତ ଏହାର କୌଣସି ସମ୍ପର୍କ ନାହିଁ। ଏହି ନାମ କେବଳ ଦ୍ୱିତୀୟ ଅମାବାସ୍ୟାକୁ ବ୍ୟାଖ୍ୟା କରିବା ପାଇଁ ବ୍ୟବହୃତ ହୁଏ। ସେହିପରି କଳା ଜହ୍ନ ଶବ୍ଦକୁ ଜ୍ୟୋତିର୍ବିଜ୍ଞାନରେ ଏତେ ବ୍ୟବହାର କରାଯାଏ ନାହିଁ। ଦୁଇଟି କ୍ରମାଗତ ପୂର୍ଣ୍ଣିମା ବା ଅମାବାସ୍ୟା ମଧ୍ୟରେ ସମୟ ପ୍ରାୟ ୨୯.୫ ଦିନ ରହିଥାଏ। ୩୦ ଦିନିଆ ମାସ ଅପେକ୍ଷା ୩୧ଦିନିଆ ମାସରେ କଳାଜହ୍ନ ହେବାର ସମ୍ଭାବନା ଅଧିକ। ବାୟୁମଣ୍ଡଳରେ ଆଗ୍ନେୟଗିରି ପାଉଁଶ ଓ ଧୂଆଁ, ବାୟୁରେ ଜଳ ବୁନ୍ଦା କିମ୍ବା କିଛି ପ୍ରକାରର ମେଘ ଆଦିର ସ୍ଥିତି ଯୋଗୁ କେବେକେବେ ଏକ ପୂର୍ଣ୍ଣିମା ଜହ୍ନ କିଛି ସମୟ ପାଇଁ କଳା ଦେଖାଯାଇପାରେ। ମାତ୍ର ଏହା ଅତି ବିରଳ ବୋଲି ଡ. ପଟ୍ଟନାୟକ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଆମେରିକାର ପୂର୍ବତନ ...

ଘରେ ରହି ଚିକିତ୍ସିତ ହେଉଥିଲେ। ତାଙ୍କ ପରଲୋକରେ ଆମେରିକା ସମେତ ଅନେକ ବିଶ୍ୱନେତା ଶୋକବ୍ୟକ୍ତ କରିଛନ୍ତି। ଆମେରିକା ତଥା ବିଶ୍ୱ ଜଣେ ଅସାଧାରଣ ନେତା, ରାଷ୍ଟ୍ରନେତା ଏବଂ ମାନବତାବାଦୀ ନେତାଙ୍କୁ ହରାଇଲା ବୋଲି ରାଷ୍ଟ୍ରପତି ଜୋ ବାଇଡେନ୍ ଏକ ବିବୃତିରେ କହିଛନ୍ତି। ୬ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଟର ରୋଗ ଦୂରୀକରଣ ଦିଗରେ କାର୍ଯ୍ୟ କରିବା ସହ ଶାନ୍ତି ବଜାୟ ରଖିବା ପାଇଁ ପ୍ରୟାସ ଜାରି ରଖିଥିଲେ। ଏଥିସହିତ ନାଗରିକ ଅଧିକାର ଏବଂ ମାନବାଧିକାର, ମୁକ୍ତ ଓ ଅବାଧ ନିର୍ବାଚନ କରାଇବା ସହ ବାସହୀନଙ୍କୁ ଗୃହ ଯୋଗାଇବା ପାଇଁ କାର୍ଯ୍ୟ କରିଥିଲେ। ସାରା ବିଶ୍ୱର ଅନେକ ଲୋକଙ୍କ ଜୀବନ ବଞ୍ଚାଇବା, ଜୀବନ ଧାରଣ ମାନରେ ଉନ୍ନତି ଆଣିବା ତଥା ପରିବର୍ତ୍ତନ କରିବା ଦିଗରେ ସେ କାର୍ଯ୍ୟ କରିଥିବା ବାଇଡେନ୍ କହିଛନ୍ତି। କାର୍ଟରଙ୍କ ଦାର୍ଶନିକ ଏବଂ ରାଜନୈତିକ ମତ ସହ ସହମତ ନ ଥିଲେ ମଧ୍ୟ ସେ ଯେ ଆମ ଦେଶକୁ ବାସ୍ତବରେ ଭଲ ପାଉଥିଲେ ଓ ସମ୍ମାନ କରୁଥିଲେ, ଏହା ହୃଦୟଙ୍ଗମ କରିଥିବା ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। କାର୍ଟର ଆମେରିକାକୁ ଏକ ଉନ୍ନତ ସ୍ଥାନରେ ପହଞ୍ଚାଇବା ପାଇଁ କଠିନ ପରିଶ୍ରମ କରିଥିଲେ, ଯେଉଁଥିପାଇଁ ତାଙ୍କୁ ସର୍ବୋଚ୍ଚ ସମ୍ମାନ ଦିଏ ବୋଲି ଟ୍ରମ୍ପ କହିଛନ୍ତି।

କାର୍ଟର ଭାରତର ଜଣେ ବନ୍ଧୁ ଥିଲେ। ଜରୁରୀ ପରିସ୍ଥିତି ଉଠିବା ପରେ ପ୍ରଥମ ଆମେରିକୀୟ ରାଷ୍ଟ୍ରପତି ଭାବେ ୧୯୭୮ ଜାନୁଆରୀରେ ଜନତା ପାର୍ଟି ସରକାର ବେଳେ ଭାରତ ଆସିଥିଲେ। ଭାରତୀୟ ସଂସଦରେ ସେ ଉଦ୍‌ବୋଧନ ଦେଇ ଅଧିନାୟକବାଦୀ ଶାସନ ବିରୋଧରେ କହିଥିଲେ। ଭାରତ ସହ କାର୍ଟରଙ୍କର ବ୍ୟକ୍ତିଗତ ସମ୍ପର୍କ ରହିଥିଲା। ତାଙ୍କ ମାଆ ଲିଲିଆନ୍ ଶାନ୍ତି ବାହିନୀର ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବୀ ଭାବେ ୬୦ ଦଶକ ଶେଷ ଭାଗରେ ଭାରତରେ କାର୍ଯ୍ୟ କରିଥିଲେ। କାର୍ଟର ୨୦୦୨ରେ ଶାନ୍ତି ପାଇଁ ନୋବେଲ ପୁରସ୍କାର ପାଇଥିଲେ। ଏହି ସମୟରେ ତାଙ୍କ ନାଁରେ ନାମିତ ହରିୟାଣାର କାର୍ଟରପୁରୀରେ ଉତ୍ସବ ପାଳନ କରାଯିବା ସହ ଜାନୁଆରୀ ୩କୁ ଛୁଟି ଘୋଷଣା କରାଯାଇଥିଲା ବୋଲି କାର୍ଟର ସେଣ୍ଟର ସୂତ୍ରରୁ ଜଣାଯାଇଛି।

### ଚନ୍ଦ୍ରବାବୁ ସବୁଠୁ ଧନୀ, ...

ମୁଖ୍ୟମନ୍ତ୍ରୀଙ୍କ ହାରାହାରି ଆୟ ଦେଶର ମୁଣ୍ଡପିଛା ଆୟର ୭.୩ ଗୁଣା ରହିଛି। ୩୩୨ କୋଟିର ସମ୍ପତ୍ତି ସହ ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ହେଉଛନ୍ତି ଦେଶର ଦ୍ୱିତୀୟ ସବୁଠୁ ଧନୀ ମୁଖ୍ୟମନ୍ତ୍ରୀ। ସେହିପରି ୫୧ କୋଟିର ସମ୍ପତ୍ତି ସହ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଦରାମୈୟା ଧନୀ ମୁଖ୍ୟମନ୍ତ୍ରୀଙ୍କ ତାଲିକାରେ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ, ୫୫ ଲକ୍ଷର ସମ୍ପତ୍ତି ସହ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଦେଶର ଦ୍ୱିତୀୟ ସବୁଠୁ ଗରିବ ମୁଖ୍ୟମନ୍ତ୍ରୀ ହୋଇଥିବାବେଳେ ୧.୧୮ କୋଟିର ସମ୍ପତ୍ତି ସହ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଗରିବ ମୁଖ୍ୟମନ୍ତ୍ରୀଙ୍କ ତାଲିକାରେ ତୃତୀୟ ସ୍ଥାନରେ ରହିଛନ୍ତି। ଦେଶର ୧୩(୪୨%) ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ସେଥିମଧ୍ୟରୁ ୧୦ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ହତ୍ୟା ଉଦ୍ୟମ, ଅପହରଣ, ଆପରାଧିକ ଧମକ ଏବଂ ଲାଞ୍ଚ ଆଦି ଗମ୍ଭୀର ଆପରାଧିକ ମାମଲା ରହିଥିବା ଏଡିଆର୍ କହିଛି।

### ୨୦୨୫ରେ ମିଳିବ ୩ ...

କି ସମସ୍ତଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯାଇପାରିବ। ଯେମିତି କେହି ବଞ୍ଚିତ ନ ହୁଅନ୍ତି, ତାକୁ ଗୁରୁତ୍ୱ ଦିଆଯାଉଛି। ରିପୋର୍ଟ ଅନୁସାରେ ପଦକ୍ଷେପ ନିଆଯିବ ବୋଲି ପ୍ରଭାତୀ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, ହିତାଧିକାରୀଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ମିଳିସାରିଛି। ଚଳିତ ଡିସେମ୍ବର ୨୫ ତାରିଖରେ 'ସୁଭଦ୍ରା' ଟଙ୍କା ମିଳିବାର ଥିଲା। ଏନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମଧ୍ୟ ସୂଚନା ଦିଆଯାଇଥିଲା। ଯାଞ୍ଚ ପ୍ରକ୍ରିୟା ଚାଲିଥିବାରୁ ଚତୁର୍ଥ ପର୍ଯ୍ୟାୟ ସ୍ଥଗିତ ରହିଥିଲା। ତୃତୀୟ ପର୍ଯ୍ୟାୟ ସୁଦ୍ଧା ରାଜ୍ୟର ୮୦ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରାଯାଇ ସାରିଛି। ଡିସେମ୍ବର ୧ ତାରିଖ ସୁଦ୍ଧା ସୁଭଦ୍ରା ପାଇଁ ମୋଟ ୧ କୋଟି ୫ ଲକ୍ଷ ୩୬ ହଜାର ୬୧୨ ଜଣ ମହିଳା ଆବେଦନ କରିସାରିଛନ୍ତି।

### ଫେବୃଆରୀରୁ ଆୟୁଷ୍ମାନ୍...

ଦିଆଯିବ। ଏଥିଲାଗି ଯେଉଁ ନିୟମାବଳୀ ପ୍ରସ୍ତୁତ ହେଉଛି ତାହା ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ପ୍ରତ୍ୟେକ ହିତାଧିକାରୀଙ୍କୁ ଗୋଟିଏ କାର୍ଡ ଦିଆଯିବ। ଆୟୁଷ୍ମାନ୍ ଭାରତ ଯୋଜନାରୁ ଯେପରି କେହି ବଞ୍ଚିତ ନ ହେବେ ତା' ଉପରେ ଗୁରୁତ୍ୱ ଦିଆଯାଉଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଆୟୁଷ୍ମାନ୍ ଯୋଜନାରେ ଜଣେ ହିତାଧିକାରୀ ସାରା ଦେଶରେ ୨୯,୬୪୮ ମେଡିକାଲରୁ ମାଗଣା ଚିକିତ୍ସା ସେବା ପାଇପାରିବେ। ପୂର୍ବ ସରକାର ସମୟରେ ଚାଲିଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ହିତାଧିକାରୀଙ୍କୁ ୯୫୭ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ମିଳୁଥିଲା। ଆୟୁଷ୍ମାନ୍ ଭାରତ ଯୋଜନାରେ ୧୯୪୯ ପ୍ରକାର ମେଡିକାଲ ସେବା ସହ ହସ୍ପିଟାଲରୁ ଡିସ୍‌ଚାର୍ଜ ହେବାର ୧୫ ଦିନ ପର୍ଯ୍ୟନ୍ତ ମେଡିସିନ ସୁବିଧା ରହିଛି। ଓଡ଼ିଶାରେ ଉଭୟ ଯୋଜନା ଲାଗୁହେଲେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୬୭ ଲକ୍ଷ ଏବଂ ଆୟୁଷ୍ମାନ୍ ଭାରତ ଯୋଜନାରେ ୩୩ ଲକ୍ଷ ପରିବାର ରହିବେ।

### ଶ୍ରୀମନ୍ଦିରରେ ଦଳାଚକଟା...

ଭଦ୍ରକ ଜିଲାର ମାମୁନି ଜେନା, ଚିନ୍ମୟୀ ରାଉତ, ମଧୁସ୍ମିତା ପାଣି ଏବଂ ଏଲିନା ବିଶ୍ୱାଳ। ସମସ୍ତଙ୍କ ବୟସ ପ୍ରାୟ ୧୫ ବର୍ଷ। ଏମାନେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଆସିଥିବାବେଳେ ଶ୍ରୀମନ୍ଦିର ଭିତର ଘଣ୍ଟିଦ୍ୱାରଠାରେ ଅଚେତ ହୋଇଯାଇଥିଲେ। ପ୍ରବଳ ଗହଳି କାରଣରୁ ଏପରି ଅଭାବନୀୟ ଘଟଣା ଘଟିଥିବା କୁହାଯାଉଛି। କିନ୍ତୁ ଏଭଳି ଅଭିଯୋଗକୁ ପୁରୀ ପୋଲିସ ପକ୍ଷରୁ ଖଣ୍ଡନ କରାଯାଇଛି। ପୋଲିସ କହିଛି ଯେ, ଅତ୍ୟଧିକ ଗହଳି ସମୟରେ ଛାତ୍ରୀଛାତ୍ରମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ସେ ନେଇ ବ୍ୟବସ୍ଥା କରାଯାଇଛି। ଭଦ୍ରକର ଏକ ସ୍କୁଲର କେତେଜଣ ଛାତ୍ରୀଛାତ୍ର ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପୁରୀ ଆସିଥିଲେ। ସେମାନଙ୍କୁ ପୋଲିସ କର୍ମଚାରୀମାନେ ସାଥିରେ ଦର୍ଶନ କରାଇବାକୁ ନେଇଥିଲେ। ତେବେ ଘଣ୍ଟିଦ୍ୱାର ନିକଟରେ ହଠାତ୍ କୌଣସି କାରଣରୁ କେତେଜଣ ଛାତ୍ରୀଙ୍କୁ ବାନ୍ତି ଲାଗିଥିଲା। ପରେ ସେମାନେ ଅଚେତ ହୋଇପଡ଼ିଥିଲେ। ମୁଖ୍ୟତଃ ସକାଳୁ ଖାଇ ନ ଥିବାରୁ ଗ୍ୟାସ୍ ଯୋଗୁ ଏପରି ହୋଇଥିଲା। ପୋଲିସ ପକ୍ଷରୁ ସେମାନଙ୍କୁ ପ୍ରଥମେ ଓଆର୍‌ଏସ୍ ଦିଆଯାଇଥିଲା। ପରେ ଆମ୍ବୁଲାନ୍ସ ଯୋଗେ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସମସ୍ତଙ୍କ ଅବସ୍ଥା ଭଲ ରହିଛି। ଶ୍ରୀମନ୍ଦିର ଭିତରେ ଦର୍ଶନ ଶୃଙ୍ଖଳିତ ଭାବେ ହେଉଛି। ମନ୍ଦିର ମଧ୍ୟରେ କୌଣସି ଠେଲାପେଲା କିମ୍ବା ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇନାହିଁ ବୋଲି ପୁରୀ ପୋଲିସ ପକ୍ଷରୁ କୁହାଯାଇଛି।

# ଚିକିତ୍ସା ସେବାରୁ ରାଜନୈତିକ ସଫଳତା ପାଇଛି: ଫକିର

କେନ୍ଦୁଝର ଜିଲା ତେଲକୋଇ ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରଥମ ଥର ପାଇଁ ଡା. ଫକିର ମୋହନ ନାଏକ (୫୦) ବିଧାୟକ ହୋଇଛନ୍ତି। ଭାଜପା ଟିକେଟରୁ ଲଢ଼ି ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ମାଧବ ସର୍ଦ୍ଦାରଙ୍କୁ ୯, ୪୩୯ ଭୋଟରେ ପରାସ୍ତ କରିଥିଲେ। ସେ ୮୩, ୮୧୮ ଭୋଟ ପାଇଥିବା ବେଳେ ମାଧବ ୭୪, ୩୭୯ ଭୋଟ ପାଇଥିଲେ। ଏହି ଆସନରେ ବିଜେଡିରୁ ଯାଇ ଭାଜପାରେ ମିଶି ଥିବା ୨ ପୂର୍ବତନ ବିଧାୟକ ପ୍ରେମାନନ୍ଦ ନାୟକ ଓ ବେଦବ୍ୟାସ ନାୟକ ଟିକେଟ ପାଇବା ସମ୍ଭାବନା ଥିଲା। ହେଲେ ଶେଷ ମୁହୂର୍ତ୍ତରେ ଫକିର ଟିକେଟ ପାଇ ବିଜୟୀ ହୋଇଥିଲେ।

କେନ୍ଦୁଝର ଜିଲାର କୋଳିମାଟି ଭଳି ଛୋଟ ଆଦିବାସୀ ଅଧ୍ୟୁଷିତ ଗ୍ରାମରେ ଜନ୍ମ ହୋଇଥିବା ଫକିର ଲୋକସେବାକୁ ନିଜର ବ୍ରତ ଭାବରେ ଗ୍ରହଣ କରିନେଇଥିଲେ। ପିତା ନିରାକର ନାଏକ (୬୭) ଅଧ୍ୟାପକ ଓ ମାତା ସାବିତ୍ରୀ ନାଏକ (୬୧) ଥିଲେ ଜଣେ ଗୃହିଣୀ। ଫକିର ଘରର ଦ୍ୱିତୀୟ ସନ୍ତାନ ହୋଇଥିବା ବେଳେ ନିଜ ଗ୍ରାମରେ ପ୍ରାଥମିକ ଶିକ୍ଷା ଲାଭ କରିଥିଲେ। ପରେ ମେଧା ବଳରେ ଭୁବନେଶ୍ୱରସ୍ଥିତ ସୈନିକ ସ୍କୁଲରେ ନାମ ଲେଖାଇବାକୁ ସୁଯୋଗ ପାଇଥିଲେ। ୧୯୯୨ରେ ବିଜ୍ଞାନରେ ଦ୍ୱାଦଶ ଶେଷ କରିବା ପରେ ଆଞ୍ଚଳିକ ଇଞ୍ଜିନିୟରିଂ କଲେଜ, ଆଲ୍ଲାହାବାଦରେ ନାମ ଲେଖାଇଥିଲେ। ହେଲେ ଲୋକଙ୍କ ପ୍ରତି ସେବା ମନୋଭାବ ରଖିଥିବାରୁ ବୈଷୟିକ ଶିକ୍ଷାରେ ସନ୍ତୁଷ୍ଟ ନ ଥିଲେ। ତେଣୁ ସେ ପ୍ରବେଶିକା ପରୀକ୍ଷା ଦେଇ ମେଡିକାଲ ପାଠ ପଢ଼ିଲେ। ୧୯୯୪ରେ ବ୍ରହ୍ମପୁରସ୍ଥିତ ମହାରାଜ କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜରେ ନାମ ଲେଖାଇଥିଲେ। ୨୦୦୧ରେ ଡାକ୍ତରୀ ପାଠ ସରିବା ପରେ ୨୦୦୩ରେ ପ୍ରଥମ ନିଯୁକ୍ତି ଯୋଡ଼ା ବ୍ଲକ୍ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଇଥିଲେ। ଭଲ କାମ କରି ଲୋକଙ୍କ ଆସ୍ଥାଭାଜନ ହୋଇ ପାରିଥିଲେ। ଫକିରଙ୍କ ଆଗରେ ମ୍ୟାଲେରିଆ ନିରାକରଣ ଏକ ବଡ଼ ଆହ୍ୱାନ ଥିଲା। ସେ ପରିଶ୍ରମ କରି ଓ ଲୋକଙ୍କ ସହଯୋଗରେ ଏହାର ସଫଳ ମୁକାବିଲା କରିପାରିଥିଲେ। ୨୦୧୭ରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍)ରେ ସାମିଲ ହୋଇଥିଲେ।

ଚାକିରି ସାଙ୍ଗକୁ ଲୋକଙ୍କ ସେବା କରିବାର ମନୋବୃତ୍ତି ଓ ଦେଶ ପାଇଁ କିଛି କରିବାର ଦକ୍ଷତାକୁ ଦେଖି ଆର୍‌ଏସ୍‌ଏସ୍ ପକ୍ଷରୁ ତାଙ୍କୁ ଜିଲା ସହ ସଂଘଚାଳକ ଭଳି ଗୁରୁଦାୟିତ୍ୱ ଦିଆଯାଇଥିଲା। ଦୀର୍ଘ ୧୭ ବର୍ଷ ଧରି ଆଦିବାସୀ ଓ ଖଣି ପ୍ରଭାବିତ ଯୋଡ଼ା ଅଞ୍ଚଳରେ କାମ କରିବାକୁ ସୁଯୋଗ ପାଇଥିଲେ। ୨୦୨୦ରେ ତାଙ୍କର ବଦଳି ସେଠାରୁ ୧୧୦ କି.ମି. ଦୂର ତେଲକୋଇକୁ ହୋଇଥିଲା। କରୋନା ମହାମାରୀ ଆତଙ୍କ ଖେଳାଇଥିବା ବେଳେ ସେ ଗାଁ ଗାଁ ବୁଲି ଲୋକଙ୍କ ସେବା କରି ତେଲକୋଇବାସୀଙ୍କ ପ୍ରିୟଭାଜନ ହୋଇଥିଲେ। ପରବର୍ତ୍ତୀ ସମୟରେ ରାଜନୈତିକ ଆକ୍ରୋଶର ଶିକାର ହେବାକୁ ପଡ଼ିଥିଲା। ତାଙ୍କର ବଦଳି କଳାହାଣ୍ଡି ଜିଲା ଭବାନୀପାଟଣାକୁ ହୋଇଥିଲା।

**ଆପଣଙ୍କ ବିଧାୟକଙ୍କୁ ଜାଣନ୍ତୁ**



ଡା. ଫକିର ମୋହନ ନାଏକ
ତେଲକୋଇ (କେନ୍ଦୁଝର)

**ବିଧାୟକ କହନ୍ତି:**
ଦୂର ସ୍ଥାନକୁ ବଦଳି ହେବା ପରେ ପରିବାରର ସ୍ଥିତି, ମାତାପିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଓ ତେଲକୋଇ ଲୋକଙ୍କ ଭଲପାଇବାକୁ ଦେଖି ୨୦୨୩ରେ ସେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିବା କହିଛନ୍ତି। ସରକାରୀ ଚାକିରିରୁ ମୁକ୍ତ ହେବା ପରେ ୨୦୨୩ ନଭେମ୍ବର ୮ରେ ଭାଜପାରେ ବିଧିବଦ୍ଧ ଭାବରେ ଯୋଗଦେଇଥିଲେ। ଅବସର ପରେ ମଧ୍ୟ ସେ ଗାଁ ଗାଁ ବୁଲି ରୋଗୀ ସେବା କରି ଆସୁଥିଲେ। ପରେ ତାଙ୍କ କାମ ଓ ଦଳ ପ୍ରତି ଆନୁଗତ୍ୟକୁ ଦେଖି ଭାଜପା ତାଙ୍କ ଉପରେ ଆସ୍ଥା ରଖି ନିର୍ବାଚନ ଲଢ଼ିବାର ସୁଯୋଗ ଦେଇଥିଲା। ତାଙ୍କ ସ୍ତ୍ରୀ ଷ୍ଟାଫ୍ ନର୍ସ ଥିବା ବେଳେ ଏକମାତ୍ର ପୁଅ ଯୁକ୍ତ ୨ ବିଜ୍ଞାନରେ ପଢୁଛନ୍ତି। ଲୋକଙ୍କ ଚିକିତ୍ସା ସେବାରୁ ରାଜନୈତିକ ସଫଳତା ପାଇଥିବା କହିଛନ୍ତି।

– ରିପୋର୍ଟ: ନରେଶ ଚନ୍ଦ୍ର ପଟ୍ଟନାୟକ, କେନ୍ଦୁଝର

# ପୁନର୍ବାର ପ୍ରତିମୂର୍ତ୍ତି ଉନ୍ମୋଚନ ଯୋଜନା ବାତିଲ

## ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିକୁ ନେଇ ରାଜନୀତି

ପାରାଦୀପ,୩୦।୧୨(ଶରତ ରାଉତ)

ପାରାଦୀପ ନୂଆବଜାର ଖଣ୍ଡିଆ ପାର୍କଠାରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଘଟଣାକୁ ନେଇ ସୋମବାର ପାରାଦୀପ ରାଜନୀତି ଉଷ୍ମ ହୋଇଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରତିମୂର୍ତ୍ତିକୁ ପୁନର୍ବାର ଉଦ୍‌ଘାଟନ କରାଯିବ ବୋଲି ପ୍ରସ୍ତୁତି ହୋଇଥିଲା। ଏପରିକି ନୂତନ ଫଳକ ମଧ୍ୟ ଆସି ଯାଇଥିଲା। ମାତ୍ର ଏହି ଉଦ୍‌ଘାଟନକୁ ବିରୋଧ କରାଯିବ ବୋଲି ଜଣାପଡ଼ିବା ପରେ ସନ୍ଧ୍ୟାରେ କାର୍ଯ୍ୟକ୍ରମ ବାତିଲ କରାଯାଇଛି। ରାଷ୍ଟ୍ରୀୟ ଶୋକ ଚାଲିଥିବାରୁ ଏପରି କରାଯାଇଛି ବୋଲି ପ୍ରଶାସନ ପକ୍ଷରୁ ସଫେଇ ଦିଆଯାଇଛି।

ଖଣ୍ଡିଆପାର୍କଠାରେ ୨୦୨୧ରେ ବାଜପେୟୀଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯିବ ବୋଲି ସେତେବେଳେ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପକ୍ଷରୁ ପାରାଦୀପ ବନ୍ଦର ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ବନ୍ଦର ପ୍ରଶାସନ ଏହା କରିବ ବୋଲି ସେତେବେଳେ ସ୍ୱୀକୃତି ଦେବା ସହ ତତ୍କାଳୀନ ଅଧ୍ୟକ୍ଷ ରିଙ୍କେଶ ରାୟ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୦୨୧ ଡିସେମ୍ବର ୨୫ରେ ବାଜପେୟୀଙ୍କ ଜୟନ୍ତୀ ଉପଲକ୍ଷେ ଏହା କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ ଘୋଷଣା କରାଯାଇଥିଲା। ଏହି ପ୍ରତିମୂର୍ତ୍ତି ସେତେବେଳେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉନ୍ମୋଚନ କରିବେ ବୋଲି ସ୍ଥିର କରାଯାଇଥିଲା। ମାତ୍ର ପାରାଦୀପ ବନ୍ଦର ପ୍ରଶାସନ




ପୂର୍ବରୁ ଉନ୍ମୋଚିତ ବାଜପେୟୀଙ୍କ ପ୍ରତିମୂର୍ତ୍ତି।




ପୁନର୍ବାର ଉନ୍ମୋଚନ ପାଇଁ ଆସିଥିବା ଫଳକ।

ସେହି ପ୍ରତିମୂର୍ତ୍ତିକୁ ଧାର୍ଯ୍ୟ ସମୟରେ ଦେଇପାରିଲେ ନାହିଁ। ସେତେବେଳେ ଅପରାଜିତାଙ୍କ ସମର୍ଥକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମର୍ଥକଙ୍କ ମଧ୍ୟରେ ସମ୍ପର୍କ ସେତେ ଭଲ ନ ଥିଲା ବୋଲି ଚର୍ଚ୍ଚା ହୋଇଥିଲା। ଏପରି ବିବାଦୀୟ ସ୍ଥିତିରେ ଟ୍ରଷ୍ଟ ପକ୍ଷରୁ ନୂଆ ପ୍ରତିମୂର୍ତ୍ତି ଆଣି ସେଦିନ (୨୫।୧୨।୨୦୨୧) ଲୋକାର୍ପଣ କରାଯାଇଥିଲା। ସେବେଠାରୁ ପାରାଦୀପ ଭାଜପା ମଧ୍ୟରେ ବିବାଦ ଲାଗି ରହିଥିଲା। କେତେଜଣ କର୍ମୀଙ୍କୁ ଦଳରୁ ନିଲମ୍ବନ ମଧ୍ୟ କରାଯାଇଥିଲା। ଉକ୍ତ ପ୍ରତିମୂର୍ତ୍ତି ସ୍ଥଳକୁ ପ୍ରାୟତଃ ରାଜ୍ୟ ଓ କେନ୍ଦ୍ର ଭାଜପା ନେତା ଯାଉ ନ ଥିଲେ। ୨୦୨୨ରେ ତତ୍କାଳୀନ ଭାଜପା ରାଜ୍ୟ ଅଧ୍ୟକ୍ଷ ସମୀର ମହାନ୍ତି ପାରାଦୀପ ଗସ୍ତ ବେଳେ ପ୍ରଥମଥର ଯାଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଚଳିତ ବର୍ଷ ନଭେମ୍ବରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପାରାଦୀପ କଳିଙ୍ଗ ବାଲିଯାତ୍ରା ଉଦ୍‌ଘାଟନ କରିବାକୁ ଯିବାବେଳେ ଉକ୍ତ ପ୍ରତିମୂର୍ତ୍ତି ପାଖରେ ଅଟକି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ରକ୍ଷଣାବେକ୍ଷଣ ଅଭାବରୁ ଏହି ପ୍ରତିମୂର୍ତ୍ତି ପରିସରରେ ଅନାବନା ଗଛ ଉଠିଯାଇଥିଲା। ଅପରପକ୍ଷେ ବିବାଦ ଭିତରେ ବାଜପେୟୀଙ୍କ ନାମରେ ପାରାଦୀପରେ ଦୁଇଟି ଟ୍ରଷ୍ଟ ହୋଇଛି। ଗୋଟିଏ ପକ୍ଷ ଜୟନ୍ତୀ ପାଳନ କରୁଥିବା ବେଳେ ଅନ୍ୟଟି ପାରାଦୀପ ମହୋତ୍ସବ କରୁଛନ୍ତି। ଚଳିତବର୍ଷ ପାରାଦୀପ ପୌରପରିଷଦ ପକ୍ଷରୁ ବାଜପେୟୀଙ୍କ ପ୍ରତିମୂର୍ତ୍ତି ପରିସରରେ ମରାମତି କାର୍ଯ୍ୟ କରାଯିବା ସହ ରଙ୍ଗ ଦିଆଯାଇଛି। ଏହି କାମ ଆଳରେ ପ୍ରତିମୂର୍ତ୍ତି ଉଦ୍‌ଘାଟନ ହେବ ବୋଲି ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। ଉଦ୍‌ଘାଟନ କରିବା ପାଇଁ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସ୍ଥାନୀୟ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ ଉପସ୍ଥିତ ରହିବେ ବୋଲି ଫଳକରେ ଦର୍ଶାଯାଇଥିଲା। ଘଟଣା ସମ୍ପର୍କରେ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ଅଧ୍ୟକ୍ଷ ଅଜିତ କୁମାର ଦାସ କୁହନ୍ତି, ଆମେ ଏହାକୁ ଥରେ ଉଦ୍‌ଘାଟନ କରିସାରିଛୁ। ମଙ୍ଗଳବାର ପୌରପରିଷଦ ପକ୍ଷରୁ ଆୟୋଜିତ ଉଦ୍‌ଘାଟନକୁ ବିରୋଧ କରିଥା'ନ୍ତୁ। ତେବେ ଯାହା ହେଉ ପ୍ରଶାସନ ଶେଷ ସମୟରେ ପ୍ରତ୍ୟାହାର କରିନେଇଛନ୍ତି। ଘଟଣା ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କୁ ପଚାରିଲେ କୁହନ୍ତି, ଆମେ ପ୍ରତିମୂର୍ତ୍ତି ଉଦ୍‌ଘାଟନ କରି ନ ଥା'ନ୍ତୁ। ଆମର ଯେଉଁ ନୂଆ କାମ ହୋଇଛି ତାହା ଉଦ୍‌ଘାଟନ ହୋଇଥା'ନ୍ତା। କିନ୍ତୁ ଦିବଂଗତ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ପାଇଁ ରାଷ୍ଟ୍ରୀୟ ଶୋକ ଥିବାରୁ ତାହା ବାତିଲ କରାଯାଇଛି।

# ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦିଆଯାଉ: ନବୀନ



ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଗଞ୍ଜାମ ଜିଲା ଶେରଗଡ଼ରେ ଧାନ ଫସଲ କ୍ଷତି ଅନୁଧ୍ୟାନ କରୁଛନ୍ତି।

ଶେରଗଡ଼/ହିଞ୍ଜିଳିକାଟୁ/ଆସିକା/କବିସୂର୍ଯ୍ୟନଗର/ଖଲ୍ଲିକୋଟ,୩୦।୧୨(ସୂର୍ଯ୍ୟ ନାରାୟଣ ଦାଶ/ଦ୍ୱିତୀକୃଷ୍ଣ ପଣ୍ଡା/ସୁରେନ୍ଦ୍ର ନାଥ ସାହୁ/କୃପାସିନ୍ଧୁ ସ୍ୱାଇଁ/ପ୍ରଶାନ୍ତ କୁମାର ମିଶ୍ର)

ବିରୋଧୀ ଦଳ ନେତା ତଥା ହିଞ୍ଜିଳିକାଟୁ ବିଧାୟକ ନବୀନ ପଟ୍ଟନାୟକ ସୋମବାର ଗଞ୍ଜାମ ଜିଲା ଗସ୍ତରେ ଆସିଥିଲେ। ସେ ନିଜ ନିର୍ବାଚନ ସହ ଆସିକା, କବିସୂର୍ଯ୍ୟନଗର ଓ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳକୁ ଯାଇ ଅନିଦିଆ ବର୍ଷାରେ ନଷ୍ଟ ହୋଇଥିବା ଫସଲ ଦେଖିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ଚାଷୀମାନେ ନଷ୍ଟ ହୋଇଥିବା ଧାନ ଦେଖାଇଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାର ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ଜରୁରୀ ବୋଲି ନବୀନ କହିଛନ୍ତି।

ନବୀନ କର୍ମୀମାନଙ୍କ ଗହଣରେ ଶେରଗଡ଼ ଚାରିଛକକୁ ଯାଇ ପ୍ରଥମେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଡାକରଡା ଓ ଗୋବିନ୍ଦପୁର ଗ୍ରାମକୁ ଯାଇ ନଷ୍ଟ ହୋଇଥିବା ଧାନ ଫସଲ ଦେଖିଥିଲେ। ଗୋବିନ୍ଦପୁରରୁ ମାରୁଡି ଗ୍ରାମ ପର୍ଯ୍ୟନ୍ତ ଶହ ଶହ ଚାଷୀ ଛିଡା ହୋଇ ନଷ୍ଟ ହୋଇଥିବା ଧାନଗଛ ଦେଖାଇଥିଲେ। ଏହାପରେ ନବୀନ ହିଞ୍ଜିଳିକାଟୁ ବ୍ଲକକୁ ଯାଇ ବୁରୁପୋଡା ଓ ପୋଡିଙ୍ଗି ଗାଁ ନିକଟ ରାସ୍ତାକଡ଼ ଜମିର ଫସଲ କ୍ଷତି ଦେଖିଥିଲେ। ସେଠାରୁ ଆସିକା ବ୍ଲକ ଗସ୍ତରେ ଯାଇଥିଲେ। ଆସିକା–କବିସୂର୍ଯ୍ୟନଗର ରାସ୍ତାର କଇଁଫୁଲିଆ ସେତୁ ଉପରେ ଅପେକ୍ଷାରତ ଚାଷୀମାନେ ନବୀନଙ୍କୁ ସେମାନଙ୍କ ଉଜୁଡା ଧାନଫସଲ ଦେଖାଇଥିଲେ। କେତେଜଣ ଚାଷୀଙ୍କ ସହ ଆଲୋଚନା ପରେ ସେଠାରେ ଉପସ୍ଥିତ ଥିବା ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀ ଓ ଆସିକା ତହସିଲଦାର ସଙ୍ଗୀତା ସେନଙ୍କୁ ଚାଷୀଙ୍କ କ୍ଷତିର ବିଧିବଦ୍ଧ ଆକଳନ କରି ସେମାନେ ଯେପରି ସରକାରୀ ସହାୟତା ହାସଲ କରିପାରିବେ ସେଥିଲାଗି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ଆତ୍ମଶେଖର ପଡିଆ ନୂଆଗାଁ, କବିସୂର୍ଯ୍ୟନଗରରେ ମଧ୍ୟ ଚାଷୀଙ୍କୁ ଭେଟିଥିଲେ ନବୀନ । ଚାଷୀମାନେ ନଷ୍ଟ ହୋଇଥିବା ଧାନ ଧରି ସେମାନଙ୍କ ଦୁଃଖ କହିଥିଲେ। ନବୀନ କ୍ଷୟକ୍ଷତି ବିଷୟରେ ତୁରନ୍ତ ରିପୋର୍ଟ ଦେଇ ସମସ୍ତ ଚାଷୀଙ୍କ ନିକଟକୁ ଯିବା ପାଇଁ ଦଳୀୟ ନେତାମାନଙ୍କୁ କହିଥିଲେ। ଫେରିବା ବେଳେ ନବୀନ ଖଲ୍ଲିକୋଟ ବ୍ଲକ ମଥୁରା ଗ୍ରାମକୁ ଯାଇ ବିଲରେ ନଷ୍ଟ ହୋଇଥିବା ଧାନ ଫସଲ ଦେଖିବା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି ସେମାନଙ୍କ ଅସୁବିଧା ବୁଝିଥିଲେ। ଚାଷୀମାନେ ଧରିଥିବା ଉଜୁଡ଼ା ଧାନଗଛ ଦେଖିବା ପରେ ବିରୋଧୀ ନେତା ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ସରକାର କ୍ଷତିପୂରଣ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ନବୀନଙ୍କ ଗସ୍ତ ସମୟରେ ବିଜେଡି ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପ୍ରଦୀପ ଅମାତ, ବିକ୍ରମ କେଶରୀ ଆରୁଖ, ପୂର୍ବତନ ଏମ୍‌ପି ପ୍ରମିଳା ବିଷୋୟୀ, ବିଜେଡି ଗଞ୍ଜାମ ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ଲତିକା ପ୍ରଧାନ, ସୂର୍ଯ୍ୟମଣି ବୈଦ୍ୟ, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ସୁବାସ ଚନ୍ଦ୍ର ବେହେରା, ଶ୍ରୀକାନ୍ତ ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଯୁବନେତା ନଚିକେତା ସ୍ୱାଇଁଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଆଗରୁ ବୁଲିଥିଲେ ଏବେ ଯିବାକୁ ପଡୁ ନ ଥାନ୍ତା: ପୂଜାରୀ

ଭୁବନେଶ୍ୱର, ୩୦।୧୨(ସୁନିତ୍ ମିଶ୍ର)

ଅଦିନିଆ ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଚାଷ ନଷ୍ଟ ହୋଇଯାଇଛି। ଚାଷୀମାନେ ବହୁ କ୍ଷତି ସହିବା ଦେଖି ଉଭୟ ଶାସକ ଏବଂ ବିରୋଧୀ ଏବେ ଗ୍ରାଉଣ୍ଡ ଜିରୋକୁ ଧାଇଁଛନ୍ତି। ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଗ୍ରାଉଣ୍ଡକୁ ଯାଇ ଚାଷୀଙ୍କୁ ଭେଟୁଥିବା ବେଳେ ସୋମବାର ଗଞ୍ଜାମର ବିଭିନ୍ନ ଅଞ୍ଚଳ ବୁଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଫସଲ କ୍ଷୟକ୍ଷତି ଦେଖିଛନ୍ତି। ତୁରନ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ସେ ସରକାରଙ୍କୁ ଦାବି କରିଛନ୍ତି। ତେବେ ନବୀନ ଗ୍ରାଉଣ୍ଡକୁ ଯାଇ ଚାଷୀଙ୍କୁ ଭେଟିବା ପ୍ରସଙ୍ଗ ନେଇ ଜୋର୍ ଧରିଛି ରାଜନୀତି। ଅନ୍ୟପଟେ ମଙ୍ଗଳବାର ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଏବଂ କଟକ ଜିଲାର କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିବାକୁ ସେ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି।

ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ନବୀନ ମୁଖ୍ୟମନ୍ତ୍ରୀ ଥିବାବେଳେ ଯଦି ଗ୍ରାଉଣ୍ଡକୁ ଯାଇଥାଆନ୍ତେ ବର୍ତ୍ତମାନ ବିରୋଧୀ ଦଳକୁ ଆସିବା ପରେ ମଧ୍ୟ ଯିବାକୁ ପଡ଼ି ନ ଥାଆନ୍ତା। ଯଦି ସେହି ସମୟରେ ବିଭିନ୍ନ ଆଇନରେ ଚାଷୀ କିପରି ଉପକୃତ ହେବେ ସେନେଇ ଅଧ୍ୟୟନ କରିଥାଆନ୍ତେ ଏବଂ ଆଇନର ପରିବର୍ତ୍ତନ କରିବା ସହ ନୂଆ ନୂଆ ପ୍ରାକୃତିକ ବିପର୍ଯ୍ୟୟକୁ ତାଲିକାଭୁକ୍ତ କରିଥାଆନ୍ତେ ତେବେ ବର୍ତ୍ତମାନ ତାଙ୍କୁ ଯିବାକୁ ପଡ଼ି ନ ଥାଆନ୍ତା ବୋଲି ପୂଜାରୀ କହିଛନ୍ତି।

## ଯାହାର ଚାଷ ଉଜୁଡ଼ିଯାଇଛି ସେମାନଙ୍କୁ କେବେ ୩୧୦୦ ଟଙ୍କା ଦେବେ: ରଣେନ୍ଦ୍ର

ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ନବୀନ ପଟ୍ଟନାୟକ ୨୪ ବର୍ଷ ଧରି ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲେ ଏବଂ ବିରୋଧୀ ଦଳ ନେତା ଅଛନ୍ତି, ସେ ଲୋକଙ୍କ ପାଖକୁ ଯିବେ। ଯଦି ବିରୋଧୀ ଦଳ ଏହି ପ୍ରସଙ୍ଗ ଉଠାଇ ନ ଥାଆନ୍ତେ ତେବେ ଏମାନେ ଏହି କଥାରେ ବୈଠକ ମଧ୍ୟ କରି ନ ଥାଆନ୍ତେ। ଯେଉଁ ଚାଷୀମାନଙ୍କ ଚାଷ ଉଜୁଡ଼ିଯାଇଛି ସେମାନଙ୍କୁ ୩୧୦୦ ଟଙ୍କା ଲେଖା ହିସାବରେ କେବେ ସୁଦ୍ଧା ଦେବାକୁ ବ୍ୟବସ୍ଥା କରିବେ ବୋଲି ରଣେନ୍ଦ୍ର ପ୍ରଶ୍ନ ଉଠାଇଛନ୍ତି।




**ଅନ୍ୟାନ୍ୟ ଖବର**

# ଦୁର୍ଘଟଣା ସହ ମୃତ୍ୟୁସଂଖ୍ୟା ବଢୁଥିବାରୁ ଉଦ୍‌ବେଗ

## ଜିଲା ସଡ଼କ ସୁରକ୍ଷା କମିଟି ବୈଠକ

- ୫୫ନଂ. ଜାତୀୟ ରାଜପଥର ପ୍ରମୁଖ ଛକରେ ଲାଗିବ ହାଇମାଷ୍ଟ ଲାଇଟ୍
- ପାର୍କିଂ ଲାଇନ ମଧ୍ୟରେ ଗାଡ଼ି ନ ରଖିଲେ ଜରିମାନା
- ସରାଙ୍ଗ ଇଞ୍ଜିନିୟରିଂ କଲେଜ ଆପ୍ରୋଚ୍ ରୋଡ ନିର୍ମାଣ ନିର୍ଦ୍ଦେଶ

ଢେଙ୍କାନାଳ,୩୦।୧୨(ରତନ ନାୟାର)

ଗତବର୍ଷ ଅପେକ୍ଷା ଚଳିତବର୍ଷ ନଭେମ୍ବର ଶେଷ ସୁଦ୍ଧା ଢେଙ୍କାନାଳ ଜିଲାରେ ଦୁର୍ଘଟଣା ସହ ମୃତ୍ୟୁ ସଂଖ୍ୟା ବଢ଼ିଛି। ଏହାକୁ ନେଇ ସୋମବାର ଜିଲା କାର୍ଯ୍ୟାଳୟର ସଦ୍‌ଭାବନା ଗୃହରେ ଅନୁଷ୍ଠିତ ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ।




ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ଗୁଡ଼ ସାମରିଟାନଙ୍କୁ ସମ୍ମାନିତ କରାଯାଉଛି।

ବୈଠକରୁ ପ୍ରକାଶ, ୨୦୨୩ ଜାନୁଆରୀରୁ ଡିସେମ୍ବର ମଧ୍ୟରେ ଢେଙ୍କାନାଳ ଜିଲାରେ ୪୦୫ ଦୁର୍ଘଟଣା ଘଟିଥିଲା। ଏଥିରେ ୧୮୫ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ୪୦୩ ଜଣ ଆହତ ହୋଇଥିଲେ। ହେଲେ ଚଳିତବର୍ଷ ନଭେମ୍ବର ସୁଦ୍ଧା ୩୮୭ ଦୁର୍ଘଟଣା ଘଟିଥିବା ବେଳେ ୧୮୨ଜଣ ପ୍ରାଣ ହରାଇଛନ୍ତି। ୩୧୩ ଜଣ ଆହତ ହୋଇଛନ୍ତି। ଏ ନେଇ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର ତଥ୍ୟ ରଖିଛନ୍ତି। ସେହିପରି ୫୫ନଂ ଜାତୀୟ ରାଜପଥରୁ ଗୋବିନ୍ଦପୁରଠାରୁ କୋରିଆଁ ବାଇବାସ ପର୍ଯ୍ୟନ୍ତ ପ୍ରମୁଖ ଛକଗୁଡ଼ିକରେ ହାଇମାଷ୍ଟ ଲାଇଟ୍ ଜାନୁଆରୀ ଦ୍ୱିତୀୟ ସପ୍ତାହ ସୁଦ୍ଧା ଲାଗିବ ବୋଲି ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସହର ମଧ୍ୟରେ ପାର୍କିଂ ଲାଇନ ମଧ୍ୟରେ ଗାଡ଼ି ନ ରଖିଲେ ଜରିମାନା ଆଦାୟ ହେବ। ଦକ୍ଷିଣକାଳୀ ରୋଡ୍ ପ୍ରବେଶ ପଥକୁ ୱାନ–ୱେ କରାଯିବ। ଜାତୀୟ ରାଜପଥ, ଅନ୍ୟ ରାସ୍ତାଗୁଡିକ ନିକଟରେ ଥିବା ବିଦ୍ୟାଳୟଗୁଡ଼ିକ ସମ୍ମୁଖରେ ସାଇନେଜ୍ ଓ ସ୍ପିଡ୍ ବ୍ରେକର କରାଯିବ। ରାଜପଥରେ ହାତୀ ଚଲାପଥକୁ ତୁରନ୍ତ ଶେଷ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ୫୩ନଂ ଜାତୀୟ ରାଜପଥର ସରାଙ୍ଗ ଛକଠାରୁ ସରାଙ୍ଗ ଇଞ୍ଜିନିୟରିଂ କଲେଜକୁ ଯାଇଥିବା ଆପ୍ରୋଚ୍ ରୋଡକୁ ତୁରନ୍ତ ନିର୍ମାଣ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ରାଜପଥରେ ବେଆଇନ କଟିଂ ବନ୍ଦ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଅବସରରେ ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କୁ ଚିକିତ୍ସାଳୟରେ ପହଞ୍ଚାଇ ସେମାନଙ୍କ ଜୀବନ ବଞ୍ଚାଇଥିବା ହେତୁ ୮ଜଣ ଗୁଡ୍ ସମରିଟାନଙ୍କୁ ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ୨ ହଜାର ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଥିଲା। ବୈଠକରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ କୁମାର ନାୟକ, ଅତିରିକ୍ତ ଏସ୍‌ପି ପ୍ରଭାତ କୁମାର ବିଶ୍ୱାଳ, ଜାତୀୟ ରାଜପଥ ପ୍ରାଧିକରଣ ସାଇଟ୍ ଇଞ୍ଜିନିୟର ଉତ୍ପଳ ମଣ୍ଡଳ, କମିଟି ସଦସ୍ୟ ପ୍ରଦ୍ୟୁମ୍ନ ରଥ, ସତ୍ୟସ୍ୱରୂପ ଦାସ, ବିରଞ୍ଚି ନାରାୟଣ ପାଣି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀଙ୍କୁ ୭ଦଫା ଦାବିପତ୍ର ଦେଲେ ଅନ୍ୱେଷା ହଷ୍ଟେଲ୍ କର୍ମଚାରୀ

ଭୁବନେଶ୍ୱର,୩୦।୧୨
(ସୁଚିସ୍ମିତା ସାହୁ)

ବେତନ ବୃଦ୍ଧି ସହିତ ପ୍ରତି ମାସରେ ନିୟମିତ ଦରମା ପ୍ରଦାନ, ଇପିଏଫ୍ ରାଶି ଜମା ଆଦି ୭ ଦଫା ଦାବି ନେଇ ଅନ୍ୱେଷା ହଷ୍ଟେଲ କର୍ମଚାରୀମାନେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି। ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ଅନ୍ୱେଷା ଛାତ୍ରୀନିବାସ କର୍ମଚାରୀ ମହାସଂଘ ପକ୍ଷରୁ ରାଜ୍ୟର ୧୭ ଜିଲାର ୱାର୍ଡେନ୍, ମାଟ୍ରନ୍, ରୋଷେୟାଙ୍କୁ ନେଇ ଭୁବନେଶ୍ୱର ଆଇଜି ପାର୍କଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ମହାସଂଘର ଆବାହକ ଦିଗମ୍ବର ଜେନାଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଅନ୍ୱେଷା ଛାତ୍ରୀନିବାସୀ କର୍ମଚାରୀଙ୍କ ଦୟନୀୟ ଅବସ୍ଥା ନେଇ ଆଲୋଚନା କରାଯାଇଥିଲା। ସଭାନେତ୍ରୀ ତିଳୋତ୍ତମା ମାଝୀ ଯୋଗଦେଇ କହିଲେ, ସରକାର ୮ ବର୍ଷରୁ ୧୦ ବର୍ଷ ହେବ ନିଯୁକ୍ତି ଦେଇଥିଲେ ମଧ୍ୟ ସିଧାସଳଖ ଭାବରେ ଦରମା ଦିଆଯାଉନାହିଁ। ଆଉଟ୍‌ସୋର୍ସିଂ ଜରିଆରେ ରୋଷେୟା ଓ ମାଟ୍ରନଙ୍କୁ ୮ହଜାର ଏବଂ ୱାର୍ଡେନଙ୍କୁ ୯,୫୦୦ ଦିଆଯାଉଛି। ସେବାଶ୍ରମଗୁଡିକର କର୍ମଚାରୀଙ୍କଠାରୁ କମ୍ ଦରମା ପାଉଛନ୍ତି। ନିୟମିତ ଭାବେ ଦରମା ଦିଆଯାଉ ନ ଥିବା ବେଳେ ୪/୬ ମାସ ବକେୟା ରହୁଛି। ଫଳରେ ସେମାନଙ୍କ ପରିବାର ଚଳିବା କଷ୍ଟକର ହୋଇପଡୁଛି। ରାଜ୍ୟ ସରକାର ସେବାଶ୍ରମ ହଷ୍ଟେଲ କର୍ମଚାରୀଙ୍କ ଭଳି ଅନ୍ୱେଷା ହଷ୍ଟେଲ କର୍ମଚାରୀଙ୍କୁ ଆବଶ୍ୟକ ସୁବିଧା ଦେବା ସହ ଆଉଟସୋର୍ସିଂ ବ୍ୟବସ୍ଥା ବନ୍ଦ କରି ସିଧାସଳଖ ବେତନ ଦେବା, ଜିଲା ମଙ୍ଗଳ ଅଧିକାରୀଙ୍କ ଅଧୀନକୁ ଆଣିବା, ଆକସ୍ମିକ ଦୁର୍ଘଟଣା ପାଇଁ କ୍ଷତିପୂରଣ ଦେବା, ବୀମା ସୁବିଧା କରାଯିବା ସହ ଚାକିରି ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରାଯାଉ ବୋଲି ସେ କହିଥିଲେ। ଏହି ପ୍ରତିବାଦ ସଭାରେ ମହାସଂଘର ସାଧାରଣ ସମ୍ପାଦିକା ରଶ୍ମିତା ଶତପଥୀ, ଶ୍ରୀୟାସ୍ମିତା ରାମ, ଭାରତୀ ନାୟକ, ଉମା ବିଶ୍ୱାଳ, ପଦ୍ମିନୀ ଭୁଏ, ମଧୁସୂଦନ ମହାପାତ୍ର, ରାକ୍ଷୀ ପ୍ରଧାନ, ବିର୍ଜିତା ପ୍ରଧାନ, ପ୍ରବୀଣା ଜେନା, ସବିତା ପାତ୍ର, ବିଜୟାଲକ୍ଷ୍ମୀ ପ୍ରଧାନ, ଅନିରୁଦ୍ଧ ଧରୁଆ, ବିଜୟ ରଂଜନ ବରିଡ଼ା, ସରିତା ବାରିକ, ରୁକ୍ମିଣୀ ଭୋଇ, ସୁଲୋଚନା ନାଏକ, ଯମୁନା ଶବର, ବିଜୟ ମୁଣ୍ଡା ପ୍ରମୁଖ ଯୋଗଦେଇ ଦାବି ନେଇ ଆଲୋଚନା କରିଥିଲେ।

ପ୍ରତ୍ୟେକ ଭାଷା ହେଉଛି–ତାକୁ କହୁଥିବା ଲୋକମାନଙ୍କର ଆତ୍ମାର ଶକ୍ତି ଓ ଚିହ୍ନ। ତେଣୁ ପ୍ରତ୍ୟେକ ଭାଷା ନିଜର ବିଶିଷ୍ଟ ଚିତ୍ତବୃତ୍ତି, ଚିନ୍ତାବୃତ୍ତି ଓ ଜୀବନ ସହିତ ବ୍ୟବହାର କରିବାର ଭଙ୍ଗୀ, ଜ୍ଞାନ ଓ ଅଭିଜ୍ଞତାକୁ ବିକଶିତ କରନ୍ତି। ... ଗୋଟିଏ ଜାତି, ବଂଶ ବା ଜନସାଧାରଣ ଯଦି ତା'ର ମାତୃଭାଷାକୁ ହରାଏ– ତେବେ ସେ ତା'ର ସମ୍ପୂର୍ଣ୍ଣ ଜୀବନ ବା ପ୍ରକୃତ ଜୀବନକୁ ବଞ୍ଚି ପାରିବ ନାହିଁ। **–ଶ୍ରୀଅରବିନ୍ଦ**



# ବାଘ ଆଣନାହିଁ

ମହାରାଷ୍ଟ୍ରର ତଡ଼ବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷିତ ଜଙ୍ଗଲରୁ ଶିମିଳିପାଳ ଜଙ୍ଗଲକୁ ଅଣାଯାଇଥିବା ବାଘୁଣୀ ଜିନ୍ନତକୁ ନେଇ ଓଡ଼ିଶା ବନ ବିଭାଗ ଖୁବ୍ ନୟାନ୍ତ ହେଲାଣି। ୬୨୫ ବର୍ଗ କିଲୋମିଟର ପରିବ୍ୟାପ୍ତ ମହାରାଷ୍ଟ୍ରର ସର୍ବପୁରାତନ ଓ ସବୁଠୁ ବଡ଼ ତଡ଼ବା ବ୍ୟାଘ୍ର ସଂରକ୍ଷଣ ଅଭୟାରଣ୍ୟରେ ୧୧୫ରୁ ଅଧିକ ମହାବଳ ବାଘ ସମେତ ୧୯୫ ପ୍ରଜାତିର ପକ୍ଷୀ ଅଛନ୍ତି। ଏଥିସହ ଏହି ଜଙ୍ଗଲରେ ହରିଣ, ବାର୍‌ହା ଏବଂ ବାଘର ଖାଦ୍ୟ ହେବା ଭଳି ପଶୁ ଭର୍ତ୍ତି ହୋଇଛନ୍ତି। ଜୈବବିବିଧତାରେ ପରିପୂର୍ଣ୍ଣ ଏହି ଜଙ୍ଗଲରୁ ଜିନ୍ନତକୁ ଓଡ଼ିଶାର ମୟୂରଭଞ୍ଜ ଜିଲାରେ ଥିବା ଶିମିଳିପାଳକୁ ଅଣାଯାଇ ଏନ୍‌କ୍ଲୋଜରରେ ରଖାଯିବା ପରେ ଧରିତ୍ରୀର ୫୧ତମ ବାର୍ଷିକୋତ୍ସବ ଦିନ ଅର୍ଥାତ୍ ନଭେମ୍ବର ୨୪ରେ ଜଙ୍ଗଲରେ ଛାଡ଼ିଦିଆଯାଇଥିଲା। ଜିନ୍ନତ ପ୍ରଥମେ ବାର୍‌ହା ଶିକାର କରିବା ପରେ ଆଶା କରାଯାଉଥିଲା, ସେ ଶିମିଳିପାଳ ଜଙ୍ଗଲରେ ଖାପଖୁଆଇ ରହିଯିବ। କିନ୍ତୁ ଡିସେମ୍ବର ପ୍ରଥମ ସପ୍ତାହରେ ଶିମିଳିପାଳ ଜଙ୍ଗଲ ଛାଡ଼ି ପ୍ରଥମେ ଝାଡ଼ଖଣ୍ଡର ଚକୁଲିଆ ରେଞ୍ଜରେ ପହଞ୍ଚିଥିଲା। ସେଠାରୁ ସେ ପଶ୍ଚିମବଙ୍ଗ ଝାଡ଼ଗ୍ରାମ ଜଙ୍ଗଲ ଦେଇ ବାଙ୍କୁଡ଼ା ଜିଲା କନ୍‌ସାଇ ଜଙ୍ଗଲକୁ ଚାଲିଯାଇଥିଲା। ଶେଷରେ ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ବନ ବିଭାଗ କର୍ମଚାରୀମାନେ ତଥା ସୁନ୍ଦରବନର ସ୍ୱତନ୍ତ୍ର ବାଘ ଧରାଳିମାନେ ଜିନ୍ନତକୁ ଡିସେମ୍ବର ୨୯ରେ ଧରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଏବେ ଜିନ୍ନତକୁ ଶିମିଳିପାଳ ଅଣାଯିବା କାର୍ଯ୍ୟକ୍ରମ ରହିଛି। ଉଲ୍ଲେଖନୀୟ ଯେ, ଜିନ୍ନତ ପୂର୍ବରୁ ତଡ଼ବା ଜଙ୍ଗଲରୁ ବାଘୁଣୀ ଯମୁନାକୁ ଶିମିଳିପାଳ ଅଣାଯାଇ ସାଉଥ୍ ଡିଭିଜନ୍‌ରେ ଛଡ଼ାଯାଇଥିଲା। କିନ୍ତୁ ଯମୁନା ଏବେ ଏହି ଡିଭିଜନ୍‌ର ବାହାରକୁ ଯାଇ ବାଲେଶ୍ୱରର କୁଲଡିହା ଅଞ୍ଚଳରେ ବୁଲୁଛି। ଏହାର ଭବିଷ୍ୟତ ମଧ୍ୟ ଆଶଙ୍କାରେ।

ଓଡ଼ିଶାକୁ ଅଣାଯାଉଥିବା ବାଘ କେଉଁ ସ୍ଥାନରୁ ଆସୁଛି ତାହାର କେହି ଅନୁଧ୍ୟାନ କରୁନାହାନ୍ତି। ଉଦାହରଣ ସ୍ୱରୂପ ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରର ଅନେକ ଜଙ୍ଗଲରେ ପ୍ରବଳମାତ୍ରାରେ ହରିଣ ଏବଂ ଅନ୍ୟ ପଶୁ ଅଛନ୍ତି ଯେଉଁମାନେ ବାଘ ପାଇଁ ଖାଦ୍ୟ ହୋଇପାରିବେ। ସେଠାରେ ବିସ୍ତୀର୍ଣ୍ଣ ସମତଳ ତୃଣଭୂମି (ଫ୍ଲାଟ୍ ଗ୍ରାସ୍‌ଲ୍ୟାଣ୍ଡ) ଥିବା ହେତୁ ସେଠାରେ ବାଘ ଦୌଡ଼ିକରି ଶିକାର କରିପାରୁଛି। ସେହି ବାଘକୁ ଶିମିଳିପାଳ ଜଙ୍ଗଲକୁ ନେଇଆସିଲେ ସେଠାରେ ପାହାଡ଼ିଆ ଅଞ୍ଚଳରେ ଶିକାର କରିବାର ଶକ୍ତି ଏବଂ କୌଶଳ ହଜିଯାଉଛି। ତେଣୁ ସେସବୁ ଅଞ୍ଚଳରୁ ବାଘ ପଳାଇଯିବା ସ୍ୱାଭାବିକ। କାରଣ ସହଜରେ ଖାଦ୍ୟ ମିଳୁନାହିଁ। ଅନ୍ୟପଟେ ସେହିଭଳି ବିସ୍ତୀର୍ଣ୍ଣ ସମତଳ ତୃଣଭୂମି ଖୋଜୁଥିବା ବାଘ ଶିମିଳିପାଳ ପାହାଡ଼ ଉପରେ ରହିବା ପରିବର୍ତ୍ତେ ତଳକୁ ଓହ୍ଲାଇ ଆସିବ। ତଳେ ଗ୍ରାମ ଥିବା ହେତୁ ସେଠାରେ ମଣିଷର ସମ୍ମୁଖୀନ ହେବା ସହ ଗୃହପାଳିତ ପଶୁଙ୍କୁ ଶିକାର କରିବା ପାଇଁ ସେହି ବାଘ ବାଧ୍ୟ ହୋଇପାରେ। ମନେରଖିବାକୁ ହେବ ଯେ ପଶୁଙ୍କ ପାଇଁ ଖାଦ୍ୟ ହେଉଛି, ସର୍ବୋଚ୍ଚରେ ଯାହାକି ସେମାନେ ନିଜେ ଖୋଜି ବାହାରକରିବା ଦରକାର। ମଣିଷ ସେଭଳି ସମସ୍ୟାର ସମ୍ମୁଖୀନ ହୁଏନାହିଁ। କାରଣ ମଣିଷ ପାଇଁ ଚାଷୀଠାରୁ ଆରମ୍ଭକରି କଂସେଇ ପର୍ଯ୍ୟନ୍ତ ସମସ୍ତେ ଖାଦ୍ୟ ଆଣି ଦିଅନ୍ତି। ଓଡ଼ିଶାକୁ ଅଣାଯାଉଥିବା ବାଘ ଏବଂ ଭାରତକୁ ଅଣାଯାଉଥିବା ଚିତାଙ୍କର ସମସ୍ୟା ପ୍ରାୟତଃ ଏକଭଳି ଦେଖାଯାଉଛି। ବିଶେଷଜ୍ଞମାନଙ୍କ ମତରେ ଏହିଭଳି ଜନ୍ତୁଙ୍କୁ ସ୍ଥାନାନ୍ତର କରିବା ପୂର୍ବରୁ ତାଙ୍କର ବୁଲିବା ଏବଂ ଶିକାର କରିବା ଅଞ୍ଚଳ ସମ୍ପର୍କରେ ଅନୁଧ୍ୟାନ କରିବା ଅତ୍ୟନ୍ତ ଆବଶ୍ୟକ। ଜଙ୍ଗଲ ବିଭାଗର ସବୁ ଜ୍ଞାନ ଥିବା ସତ୍ତ୍ୱେ ଆଜିର ବାତାବରଣରେ ଏଭଳି ଗବେଷଣା କରିବାକୁ କାହାରି ମନ ଥିଲା ଭଳି ଜଣାପଡୁନାହିଁ। ଜିନ୍ନତକୁ ନିଶାଗୁଳି ବା ଟ୍ରାଙ୍କୁଲାଇଜର ଦେଇ ଏବଂ ଜୋର୍‌ଜବରଦସ୍ତ ଶିମିଳିପାଳକୁ ପୁନର୍ବାର ଫେରାଇ ଆଣିଲେ ବାଘୁଣୀର ଜୀବନହାନି ହେବା ସମ୍ଭାବନା ରହିଛି। ଉଦାହରଣ ସ୍ୱରୂପ, ୨୦୧୮ମସିହାରେ ମଧ୍ୟପ୍ରଦେଶର କାହ୍ନା ବ୍ୟାଘ୍ର ଅଭୟାରଣ୍ୟରୁ ପ୍ରଥମେ ମହାବୀର ନାମକ ବାଘ ଅଣାଯାଇ ସାତକୋଶିଆ ଅଭୟାରଣ୍ୟରେ ଛଡ଼ାଯାଇଥିଲା। ପରେ ମଧ୍ୟପ୍ରଦେଶ ବାନ୍ଧବଗଡ଼ ବ୍ୟାଘ୍ର ସଂରକ୍ଷିତ ଜଙ୍ଗଲରୁ ବାଘୁଣୀ ସୁନ୍ଦରୀକୁ ସାତକୋଶିଆ ଅଣାଯାଇଥିଲା। ଏନ୍‌କ୍ଲେଜରରୁ ଜଙ୍ଗଲକୁ ଛଡ଼ାଯିବାର ୧ ମାସ ପରେ ମହାବୀରର ମୃତ୍ୟୁ ଘଟିଥିଲା ବୋଲି ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି ତଥ୍ୟରୁ ଜଣାପଡ଼ିଥିଲା। ସୁନ୍ଦରୀ ଗ୍ରାମବାସୀଙ୍କୁ ଆକ୍ରମଣ କରିବା ଅଭିଯୋଗ ଆସିବା ପରେ ତାକୁ ଭୋପାଳ ଚିଡ଼ିଆଖାନାକୁ ପଠାଇଦିଆଯାଇଥିଲା। ଗୋଟିଏ ରାଜ୍ୟରୁ ବାଘଙ୍କୁ ସ୍ଥାନାନ୍ତରକରି ଅନ୍ୟ ରାଜ୍ୟର ଜଙ୍ଗଲକୁ ଆଣିବା ସହଜ ହୋଇପାରେ। କିନ୍ତୁ ଦେଖାଯାଉଛି ଆନ୍ତଃ ରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପ ବିଫଳ ହେଉଛି। ମହାବୀର ଓ ସୁନ୍ଦରୀର ବିଫଳତା ପରେ ଜିନ୍ନତ ଉଦାହରଣ ଦର୍ଶାଉଛି ଯେ, ବାଘ ଭଳି ଜନ୍ତୁଙ୍କୁ ସ୍ଥାନାନ୍ତର କରିବା ଉଚିତ ନୁହେଁ। ସେମାନେ ଯେଉଁଠି ଜନ୍ମ ସେହିଠାରେ ରହିଲେ ତାଙ୍କର ସଂଖ୍ୟା ବୃଦ୍ଧିହେବ। ପରିବେଶର ସମନ୍ୱୟ ଆଣିବା ପାଇଁ ଜଙ୍ଗଲୀ ଜନ୍ତୁଙ୍କୁ ତାଙ୍କର ଜନ୍ମସ୍ଥାନରେ ସୁରକ୍ଷିତ ରଖିବା ସରକାର ଏବଂ ଲୋକଙ୍କର ମୂଳ ଦାୟିତ୍ୱ । ଓଡ଼ିଶାରେ ଥିବା କଲରାପତରିଆ ବାଘଙ୍କୁ ସବୁଦିନ ଶିକାରୀ ମାରିଦେଉଥିବା ଖବର ଶୁଣିବାକୁ ମିଳେ। ରାଜ୍ୟର ବନ ବିଭାଗ ସେହି କଲରାପତରିଆଙ୍କର ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେଲେ ଭଲ ହୁଅନ୍ତା।

# କାର୍ଯ୍ୟପାଳିକା ଓ ବ୍ୟବସ୍ଥାପକ



ରଞ୍ଜନ କୁମାର ଦାସ

ଆମ ଶାସନ ଅନୁସାରେ କାର୍ଯ୍ୟପାଳିକା, ବ୍ୟବସ୍ଥାପକ ଓ ନ୍ୟାୟପାଳିକା ଗୋଟିଏ ଗୋଟିଏ ସୁଦୃଢ଼ ସ୍ତମ୍ଭ। ବ୍ୟବସ୍ଥାପକ ବା ବିଧାୟକ ଓ ସାଂସଦମାନେ ଲୋକଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ଓ ନିର୍ବାଚନ ସମୟରେ ଲୋକଙ୍କ ଇଚ୍ଛା ପୂରଣକରିବା ପାଇଁ ଦେଇଥିବା ଇସ୍ତାହାରକୁ ନେଇ ନୀତି ପ୍ରଣୟନ କରିଥାନ୍ତି। କାର୍ଯ୍ୟନିର୍ବାହୀ ଅର୍ଥାତ୍ ସରକାର ଓ ପ୍ରଶାସନ ମିଳିତଭାବେ ତାକୁ କାର୍ଯ୍ୟକାରୀ କରିବାକୁ କ୍ଷମତାପ୍ରାପ୍ତ ହୋଇଥାନ୍ତି। ଏହି କାମ କେତେ ଆଇନସିଦ୍ଧ ଏବଂ ସାମ୍ବିଧାନିକଭାବେ ହେଲା ତାହା ନ୍ୟାୟପାଳିକା ଦେଖିଥାନ୍ତି। ଏମାନଙ୍କ ଭିତରୁ କେହି ଯେମିତି ଅନ୍ୟର ବାଡ଼ ଟପି ନ ଯାଏ ସେଥିପାଇଁ କ୍ଷମତାବଣ୍ଟନ କରାଯାଇଛି ଏବଂ ପରସ୍ପର ପରସ୍ପରକୁ ଯେମିତି ନିୟନ୍ତ୍ରିତ କରିପାରିବେ ସେଥିପାଇଁ ବ୍ୟବସ୍ଥା ମଧ୍ୟ ଅଛି।

ମାତ୍ର ଏବେ ସେ କ୍ଷମତାବଣ୍ଟନ ପତ୍ରର ସନନ୍ଦ ଅନୁଯାୟୀ ସବୁକିଛି ଚାଲିପାରୁନାହିଁ ଭଳି ଅନୁଭୂତ ହୁଏ। ମଝିରେ ମଝିରେ ବ୍ୟବସ୍ଥାପକ ସାର୍ବଭୌମତ୍ୱ ଓ ନ୍ୟାୟିକ ଆଧିପତ୍ୟ ମଧ୍ୟରେ ସଂଘାତ ସୃଷ୍ଟିହେଉଛି। ବ୍ୟବସ୍ଥାପକ ଓ କାର୍ଯ୍ୟପାଳିକା ମଧ୍ୟରେ ବିଟଣାଓଟରା ହେଉଛି। କାର୍ଯ୍ୟପାଳିକାରେ ଥିବା ଲୋକମାନେ ଅନେକ ସୁବିଧା ହାସଲ କରିଯାଉଛନ୍ତି ଭାବି ବ୍ୟବସ୍ଥାପକ ଓ ନ୍ୟାୟପାଳିକା ଯେଯାହାବାଟରେ ତା'ର ଗୋଡ଼ଟାଣୁଛନ୍ତି। ନ୍ୟାୟପାଳିକା ଛୋଟ ଛୋଟ କଥାରେ କାର୍ଯ୍ୟପାଳିକାକୁ ଆଣି କାଠଗଡାରେ ବ୍ୟକ୍ତିଗତ ହାଜିରା ପାଇଁ ଠିଆକରନ୍ତି। କୋର୍ଟ ଅବମାନନା ପାଇଁ ଦଣ୍ଡାଦେଶ କରନ୍ତି! ବ୍ୟବସ୍ଥାପକମାନେ ସେଇଭଳି ସେମାନଙ୍କର କାର୍ଯ୍ୟହାସଲ ପାଇଁ କାର୍ଯ୍ୟପାଳିକାକୁ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟାକରିଥାନ୍ତି। ବ୍ରିଟିଶ ଶାସନରେ ବ୍ୟବସ୍ଥାପକସଭା ନ ଥିଲା କି ଲୋକପ୍ରତିନିଧି ନ ଥିଲେ। ସରକାର କହିଲେ ପ୍ରଶାସନକୁ ହିଁ ବୁଝାଉଥିଲା। ସେଇମାନେ ନିୟମ ପ୍ରଣୟନ କରୁଥିଲେ , ସେଇମାନେ ହିଁ ତାକୁ କାର୍ଯ୍ୟକାରୀ କରୁଥିଲେ। ମାତ୍ର ଭାରତ ସ୍ୱାଧୀନ ହେଲା ପରେ ସରକାର ଓ ପ୍ରଶାସନ ଅଲଗା ଅଲଗା ସତ୍ତା ପାଲଟିଗଲେ। ସରକାର କହିଲେ ଲୋକପ୍ରତିନିଧିମାନଙ୍କ ଦ୍ୱାରା ଶାସନ ପରିଚାଳନା ବ୍ୟବସ୍ଥାକୁ ବୁଝାଏ। ପ୍ରଶାସନ କହିଲେ ବେତନଭୋଗୀ ସରକାରୀ କର୍ମଚାରୀଙ୍କୁ ବୁଝାଏ। ଏ ଉଭୟ ସତ୍ତାଙ୍କର ଆଭିମୁଖ୍ୟ ଅଲଗା ଅଲଗା ହୋଇଗଲା। ସ୍ୱାଧୀନ ଭାରତରେ ନୂଆକରି ହୋଇଥିବା ମନ୍ତ୍ରୀ ଓ ବିଧାୟକମାନେ ନିଜ କ୍ଷମତାର ପୂର୍ଣ୍ଣ ବିନିଯୋଗ କରିବାକୁ ଚାହିଁଲେ। ସେଇଠୁ ଆରମ୍ଭ ହେଲା କ୍ଷମତାହାସଲ ପାଇଁ ଟଣାଓଟରା। ଆଇଏଏସ୍ ଅଧିକାରୀମାନଙ୍କର ଏକଚାଟିଆ ଅଧିକାରକୁ ବରଦାସ୍ତକରିବାକୁ କିନ୍ତୁ ମନ୍ତ୍ରୀ ବିଧାୟକ ଓ ସାଂସଦ ଚାହିଁଲେ ନାହିଁ। ତେଣୁ ସେମାନେ ଅଧିକାରୀଙ୍କ ସ୍ୱାଧୀନ ମତ ଓ ପରାମର୍ଶକୁ ଅନେକ ସମୟରେ ପ୍ରତ୍ୟାଖ୍ୟାନ କରିବାକୁ ଲାଗିଲେ। ପରିସ୍ଥିତି ଏମିତି ହେବାକୁ ଲାଗିଲା ଯେ ଗାନ୍ଧିଜୀଙ୍କୁ ହସ୍ତକ୍ଷେପକରିବାକୁ ପଡ଼ିଥିଲା। ନେହେରୁ ବାଧ୍ୟହୋଇ



ମୁଖ୍ୟମନ୍ତ୍ରୀମାନଙ୍କ ପାଖକୁ ୧୯୪୯ ଅଗଷ୍ଟ୧ରେ ଚିଠି ଲେଖିଲେ ଯାହାର ମର୍ମ ଥିଲା– ଯଦି ବିଧାୟକମାନେ ନିଯୁକ୍ତି,ବଦଳି ଓ ବିଭିନ୍ନ ଲାଇସେନ୍ସ ଓ ପରମିଟ୍ ଦେବାରେ ହସ୍ତକ୍ଷେପ କରିବେ ତେବେ ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣ ଆରମ୍ଭ ହୋଇଯିବ। ତେଣୁ ତୁରନ୍ତ ଏହାର ଅବସାନ ପାଇଁ ପଦକ୍ଷେପ ନେବାକୁ ସେ ମୁଖ୍ୟମନ୍ତ୍ରୀମାନଙ୍କୁ ଅନୁରୋଧକଲେ।

ମାତ୍ର ଅନେକ ମୁଖ୍ୟମନ୍ତ୍ରୀ ଚାହୁଁଥିଲେ ପ୍ରଶାସନିକ ଅଧିକାରୀମାନେ ତାଙ୍କ ନିୟନ୍ତ୍ରଣରେ ରୁହନ୍ତୁ। ହୁଏତ କେହି କେହି ଉଦାର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ସଚିବମାନଙ୍କଠାରୁ ସ୍ପଷ୍ଟ, ନିର୍ଭୀକ ନ୍ୟାୟୋଚିତ ମତାମତକୁ ସ୍ୱାଗତ କରୁଥିଲେ। ମାତ୍ର ଅନେକେ ଚାହୁଁଥିଲେ ଶାସନ ବ୍ୟବସ୍ଥା ଯେହେତୁ ତାଙ୍କ ଉପରେ ନ୍ୟସ୍ତ ସେମାନେ ଯାହା କହିବେ ବା ଚାହିଁବେ ତାହା ହିଁ ହେଉ। ଏଭଳି ସ୍ଥିତିରେ ଯଦି ସଚିବମାନେ ପ୍ରତିକୂଳ ମନ୍ତବ୍ୟ ଦେଉଥିଲେ ତେବେ ଅନେକ କାର୍ଯ୍ୟ ହୋଇପାରୁ ନ ଥିଲା। ମନ୍ତ୍ରୀମାନଙ୍କୁ ଗଣମାଧ୍ୟମର କାଠଗଡ଼ାରେ ଠିଆହେବାକୁ ବା ନ୍ୟାୟିକ ତଦନ୍ତର ସମ୍ମୁଖୀନ ହେବାକୁ ପଡୁଥିଲା। ତେଣୁ ମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀମାନେ ଚାହିଁଲେ, ହଁ ମରା ସଚିବମାନେ ରହିଲେ ସେମାନେ ଯାହା ନିର୍ଦ୍ଦେଶଦେବେ ସେହି ଅନୁଯାୟୀ ଫାଇଲ ଆସିବ, ଆଉ ବିଭ୍ରାଟହେବ ନାହିଁ। ଇଚ୍ଛା ମୁତାବକ ଆସିବାକୁ ଥିବା ଫାଇଲର ଗତିରୋଧ କରୁଥିବା ସଚିବମାନଙ୍କୁ ପସନ୍ଦ କରାଗଲା ନାହିଁ। ଜିଲାରେ ସେମିତି ଯେଉଁ ଅଧିକାରୀମାନେ ହଁରେ ହଁ ମାରିବେ ସେମାନଙ୍କୁ ଚୟନ କରାଗଲା।

ହଁ ମାରିବାରେ ଅଭ୍ୟସ୍ତ ଅଧିକାରୀଙ୍କ ସଂଖ୍ୟା ଯେତେ ବଢ଼ିଲା ନେତା, ମନ୍ତ୍ରୀ, ବିଧାୟକମାନଙ୍କୁ ସେତେ ସୁବିଧା ହେଲା। ସେମାନେ ନିଜ ପାଇଁ, ଦଳ ପାଇଁ, ନିଜ କର୍ମୀମାନଙ୍କ ପାଇଁ ବିଭିନ୍ନ ସୁବିଧାସୁଯୋଗ ହାସଲ କରାଇପାରିଲେ। ଜନବଳ ଓ ଧନବଳ ତାଙ୍କ ପାଖରେ ବଢ଼ିବାରେ ଲାଗିଲା। ପ୍ରଶାସନିକ ଅଧିକାରୀମାନେ ଅସହାୟ ଓ ଦୁର୍ବଳହେବାରେ ଲାଗିଲେ। ସରକାର, ମନ୍ତ୍ରିମଣ୍ଡଳ, ବିଧାନସଭା ଓ ସଂସଦର ସଦସ୍ୟମାନେ ସଂସଦୀୟ ସାର୍ବଭୌମତ୍ୱ ନାଁରେ ଧୀରେ ଧୀରେ କ୍ଷମତା ଦଖଲକଲେ। ଯେଉଁ କଥା କାର୍ଯ୍ୟପାଳିକା କରିବା କଥା ତାହା ବ୍ୟବସ୍ଥାପକମାନେ କଲେ। ନୀତି ପ୍ରଣୟନଠାରୁ ଆରମ୍ଭକରି ତା'ର କାର୍ଯ୍ୟକାରିତା ପର୍ଯ୍ୟନ୍ତ ସବୁ ସେମାନେ ଦେଖିବା ଆରମ୍ଭକଲେ। ସେବା ନାଁରେ ସେମାନେ ଶାସନକରିବା ଆରମ୍ଭକଲେ । କ୍ଷମତା ତ ସହଜରେ କଳୁଷିତ କରେ ଏବଂ ନିରଙ୍କୁଶ କ୍ଷମତା ଆହୁରି କଳୁଷିତ କରେ। ତେଣୁ ନିରଙ୍କୁଶ କ୍ଷମତା ଉପଭୋଗ କରିବା ଇଚ୍ଛାରେ ସେମାନେ ଯେଉଁମାନେ ପ୍ରତିବନ୍ଧକ ସୃଷ୍ଟିକରୁଥିଲେ ତାଙ୍କୁ ହଟାଇବାକୁ ବା ନିୟନ୍ତ୍ରଣ କରିବାକୁ ଯୋଜନା କଲେ। ମୁଲାୟମ ସିଂହ ଯାଦବ ୧୯୮୦ରେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ହେଲା ପରେ ଘୋଷଣାକଲେ ଯେ ସରକାରଙ୍କ ଇଚ୍ଛା, ଆଭିମୁଖ୍ୟ ଓ ଲୋକମତକୁ କାର୍ଯ୍ୟକାରୀ କରିବାକୁ ହେଲେ ବ୍ୟାପକ ବଦଳି ଆବଶ୍ୟକ। ମୁଲାୟମ ତାଙ୍କ ପ୍ରଥମ ପାଳିର ୧୮ମାସ ଶାସନରେ ୪୧୯ ଅଧିକାରୀଙ୍କ ବଦଳିକଲେ। ତା'ପରେ କଲ୍ୟାଣ ସିଂହ ଆସିଲେ ୧୮ମାସ ପାଇଁ। ସେ ୪୬୦ ଅଧିକାରୀଙ୍କ ବଦଳିକଲେ। ମୁଲାୟମ ତାଙ୍କ ଦ୍ୱିତୀୟପାଳିରେ ୩୨୧ ଅଧିକାରୀଙ୍କୁ ବଦଳିକଲେ। ମାୟାବତୀ ଆସିଲା ପରେ୧୯୦ ଅଧିକାରୀଙ୍କର ବଦଳିକଲେ। ଉମା ଭାରତୀ ଯେବେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ହେଲେ, ୨୯୬ ଅଧିକାରୀଙ୍କ ଭିତରୁ୨୪୦ଜଣଙ୍କର ବଦଳିହେଲା। ଏପରିକି କେତେଜଣ ବର୍ଷକ ଭିତରେ ୩/୪ ଥର ବଦଳି ହେଲେ। କେହି କେହି ନୂଆ ପଦବୀରେ ଯୋଗଦେବା ପୂର୍ବରୁ ବଦଳି ଅର୍ଡର ପୁଣି ବଦଳିଗଲା। ବ୍ୟାପକ ବଦଳି ମାଧ୍ୟମରେ ସଂକେତ ଦିଆଗଲା ଯେ ଅନୁଗାମୀ ହୁଅ ନ ହେଲେ ଦୂରଗାମୀହେବାକୁ ପଡିବ। ଶାସନର ଏ ଗତି ଦେଖି ଅନେକ ଅଧିକାରୀ ନିଜ ନୀତିରେ ପରିବର୍ତ୍ତନ ଆଣିଲେ। ଆପେ ବଞ୍ଚିଲେ ବାପର ନାଁ ହିଁ ହେଲା ନୂଆ ରଣନୀତି। ଅଧିକାରୀ କୋର୍ଟ କଚେରିକୁ ଗଲେ ମାତ୍ର ତାହା ବିଫଳପ୍ରଦ ହେଲାନାହିଁ। କେବଳ ଉତ୍ତରପ୍ରଦେଶର ନୁହେଁ ପ୍ରତି ରାଜ୍ୟରେ ଊଣା ଅଧିକେ ଏଇ ଭଳି ଲୀଳା ଲାଗିଲା।

ବଦଳିର ମାଧ୍ୟମରେ ଯେଉଁମାନଙ୍କୁ ନିୟନ୍ତ୍ରଣ କରାଯାଇପାରିଲା ନାହିଁ ସେମାନଙ୍କ ପାଇଁ ଅନ୍ୟ ରଣନୀତି ପ୍ରସ୍ତୁତ ହେଲା। କିନ୍ତୁ ଅଧିକାରୀଙ୍କୁ ଗୁରୁତ୍ୱହୀନ ପଦବୀକୁ ପେଲି ଦିଆଯାଉଥିଲା। ଓଡ଼ିଶାରେ ଯେମିତି ଯେଉଁ ବରିଷ୍ଠ ଅଧିକାରୀମାନେ ପସନ୍ଦଯୋଗ୍ୟ ହୁଅନ୍ତି ନାହିଁ ତାଙ୍କୁ ଗୋପବନ୍ଧୁ ଏକାଡେମୀର ମହାନିର୍ଦ୍ଦେଶକ ବା କେବିକେର ମୁଖ୍ୟ ପ୍ରଶାସକ ଅଥବା ମେମ୍ବର ବୋର୍ଡ ଅଫ୍ ରେଭିନ୍ୟୁ କରି ବଦଳି କରିଦିଆଯାଏ। ଏବେ କିଛି ବର୍ଷହେଲା ବନ ନିଗମର ଅଧକ୍ଷ ଭଳି ପଦବୀରେ ମଧ୍ୟ ମୁଖ୍ୟ ଶାସନ ସଚିବ ପାହ୍ୟାର ଅଫିସରମାନଙ୍କୁ ବସେଇଦିଆଯିବାର ନଜିର ଅଛି। ପୋଲିସ ବିଭାଗରେ ସେମିତି କାହାକୁ ଦଣ୍ଡିତ କରିବାରଥିଲେ ସରକାରୀ ମୁଦ୍ରଣାଳୟ, ଓଏସ୍‌ଆର୍‌ଟିସିର ଅଧକ୍ଷ,ହୋମ୍‌ଗାର୍ଡ, ଫାୟାର ବ୍ରିଗେଡ୍‌ର ଡିଜି କିମ୍ବା ଗୃହ ବିଭାଗରେ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ କରି ବସାଇ ଦିଆଯାଏ। ଯେଉଁମାନଙ୍କୁଏତିକି ଦଣ୍ଡ ଯଥେଷ୍ଟ ବୋଲି ମନେକରାଯାଉ ନ ଥିଲା ତାଙ୍କ ସିସିଆର୍ ଖରାପ କରିବା ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭକରିବା ବା ଭିଜିଲାନ୍ସ, ଇଡି, ସିବିଆଇ ଆଦି ଲଗାଇବାର ପରମ୍ପରା ମଧ୍ୟ ଧୀରେ ଧୀରେ ଆରମ୍ଭହେଲା। ଉତ୍ତରପ୍ରଦେଶରେ ଦୁର୍ଗାଶକ୍ତି ନାଗପାଲ ନାମକ ତରୁଣ ଏଇଏଏସ୍ ଅଧିକାରୀଙ୍କ ବିରୋଧରେ ଏଇଭଳି ଗ୍ରେଟରନୋଇଡାର ଏକ ମସ୍‌ଜିଦ୍‌ର କାନ୍ଥ ଭାଙ୍ଗିଥିବାର ପିଟିଶନ ଯୋଗାଡ଼କରି ତାଙ୍କୁ ସସ୍‌ପେଣ୍ଡ କରାଯାଇଥିଲା। ଓଡ଼ିଶାରେ ଅତୀତରେ ଗୁଡ଼ିଶ୍ରୀନିବାସଙ୍କ ଉପରେ ମଧ୍ୟ ସେଇଭଳି ସାମାନ୍ୟ ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା।

**ମୋ: ୯୪୩୭୨୮୬୫୧୨**

# ମତିଭ୍ରମ



ରାଜୀବ କର୍ମୀ

ହାଲ୍ୟୁସିନେସନ୍ ବା ମାୟା ବା ମତିଭ୍ରମ ହେଉଛି ଏକ ସ୍ନାୟୁଗତ ଅନୁଭବ। କିଛି ମାୟା ସାଧାରଣ ଯାହା କି ଅର୍ଦ୍ଧଚେତନ ଅବସ୍ଥାରେ ଅନୁଭବ କରାଯାଇଥାଏ। କିନ୍ତୁ କିଛି ଅନୁଭବ ଗୁରୁତର ଯାହା କି ମାନସିକ ରୋଗ, ଯେପରି କି ସ୍କିଜୋଫ୍ରେନିଆ ଏବଂ ଡିମେନସିଆ ଇତ୍ୟାଦିରେ ଅନୁଭୂତ ହୋଇଥାଏ। ମାୟାର ଅନୁଭବ କୌଣସି ବସ୍ତୁ କିମ୍ବା ଘଟଣା ଆଧାରିତ ଯେପରି କି ଦୃଶ୍ୟ, ଶ୍ରାବ୍ୟ, ଆଘ୍ରାଣ, ସ୍ପର୍ଶ ଏବଂ ସ୍ୱାଦ ସମ୍ପର୍କିତ ହୋଇପାରେ। ମାୟା ସତ୍ୟବୋଧ ହୋଇଥାଏ କିନ୍ତୁ ଏହା ସତ ନୁହେଁ। ମନୋସ୍ତତ୍ତ୍ୱବିତ୍‌ଙ୍କ ମତରେ ମସ୍ତିଷ୍କରେ ରାସାୟନିକ ପ୍ରତିକ୍ରିୟା କିମ୍ବା ପରିବର୍ତ୍ତନ ଏହାର କାରଣ। ମାୟା ବା ମତିଭ୍ରମ, ମନ ସମ୍ପର୍କିତ ଅସୁବିଧାର ଲକ୍ଷଣ ଯେରିକି ସ୍କିଜୋଫ୍ରେନିଆ, ଅତ୍ୟଧିକ ମାଦକ ଦ୍ରବ୍ୟସେବନ, ସ୍ନାୟୁଗତ ଅବସ୍ଥାରେ ଦେଖାଯିବା ସହିତ ଏହା କ୍ଷଣସ୍ଥାୟୀ ହୋଇଥାଏ। କିଛି ଲୋକ ନିଜର ମତିଭ୍ରମର ସତ୍ୟତା ବିଷୟରେ ଜାଣନ୍ତି ଏବଂ କିଛି ଜାଣିପାରନ୍ତି ନାହିଁ । ଯେଉଁ ବ୍ୟକ୍ତିମାନେ ଏହି ଭ୍ରମକୁ ସତ୍ୟ ବୋଲି ଭାବନ୍ତି ତାଙ୍କଠାରେ ଏହା ମାନସିକ ରୋଗର ଲକ୍ଷଣ ହୋଇପାରେ।

ଶ୍ରାବ୍ୟଭ୍ରମ ହେଉଛି ସାଧାରଣ। ଶବ୍ଦ ଶୁଭିବା ଯାହା କି ସତ୍ୟ ନୁହେଁ। ଯେପରି କି ସଙ୍ଗୀତ ଶୁଣାଯିବା, କାହାର ପାଦଶବ୍ଦ ଶୁଣାଯିବା, କବାଟ ଘଣ୍ଟି ଶୁଣିବା ଇତ୍ୟାଦି। କେହି କିଛି କହୁ ନ ଥିଲେ ବି କିଏ କହୁଥିବାର କେତେକ ବ୍ୟକ୍ତିଙ୍କୁ ଶୁଣାଯାଏ। ତାହା ନକାରାତ୍ମକ କିମ୍ବା ସକାରାତ୍ମକ ହୋଇପାରେ। କିଛି ଲୋକଙ୍କୁ ଲାଗେ କେହି ତାଙ୍କୁ ଖରାପ କାମ କରିବାକୁ ନିର୍ଦ୍ଦେଶ ଦେଉଛି। ଦୃଶ୍ୟଭ୍ରମରେ ଯାହା ନାହିଁ କିମ୍ବା ସତ୍ୟ ନୁହେଁ ତାହା ଦେଖାଯିବାର ଭ୍ରମ ଯେପରି କି କୌଣସି ବସ୍ତୁ, ଆକାର, ଲୋକ, ଜନ୍ତୁ କିମ୍ବା ଆଲୋକ ହୋଇପାରେ। ସ୍ପର୍ଶ ଭ୍ରମରେ ବ୍ୟକ୍ତି ଅନୁଭବ କରେ କିଏ ତାକୁ ସ୍ପର୍ଶ କରୁଛି, କିଛି ଗୋଟେ ତା' ଦେହର ଚର୍ମରେ ଚାଲୁଛି ଯେପରି କି ପିମ୍ପୁଡି ଚାଲିବା ଇତ୍ୟାଦି। କିନ୍ତୁ ପ୍ରକୃତରେ ଏହା ସତ୍ୟ ନୁହେଁ। ଘ୍ରାଣଭ୍ରମରେ ବ୍ୟକ୍ତିକୁ କୌଣସି ବାସ୍ନା ଅନୁଭୂତ ହେବା। ଯାହା କି ଅନ୍ୟମାନେ ଜାଣି ପାରନ୍ତି ନାହିଁ। ସ୍ୱାଦ ଭ୍ରମରେ ବ୍ୟକ୍ତିକୁ ଅଜବ ସ୍ୱାଦ ଅନୁଭୂତ ହୁଏ କିନ୍ତୁ ସାଧାରଣ ଲୋକଙ୍କ ପାଇଁ ଏହା ସତ୍ୟ ନୁହେଁ।

ଉପସ୍ଥିତି ଭ୍ରମରେ ବ୍ୟକ୍ତିକୁ ଲାଗେ ଯେପରି ଘର ଭିତରେ କେହି ଜଣେ ଅଛି କିମ୍ବା ତା' ପଛରେ ଠିଆ ହୋଇଛି। ଔଚେତ୍ୟ ଭ୍ରମ ଦ୍ୱାରା ବ୍ୟକ୍ତିକୁ ଲାଗେ ଯେପରି ତା' ଶରୀର ପବନରେ ଉଡୁଛି କିମ୍ବା ଭାସୁଛି କିନ୍ତୁ ତାହା ସତ୍ୟ ହୋଇ ନ ଥାଏ। ଆଉ କିଛି ଭ୍ରମ ହେଉଛି ନିଦରେ କଥାହେବା, ନିଦରେ ଚାଲିବା ଇତ୍ୟାଦି ଯାହା କି ନିଦ୍ରାଜନିତ ଅସୁବିଧା ଥିବା ଲୋକଙ୍କଠାରେ ବେଶି ଦେଖାଯାଏ। ଆଉ ଗୋଟିଏ ଭ୍ରମରେ ନିଦରେ ବିଭିନ୍ନ ବସ୍ତୁ, ଆକାର, ଚିତ୍ର, ପଶୁ ଇତ୍ୟାଦି ଚାଲିବାର



ଦେଖାଯାଏ କିନ୍ତୁ ଏହା ସ୍ୱପ୍ନଠାରୁ ଭିନ୍ନ। ଆଉ ଗୋଟିଏ ଭ୍ରମ ହେଉଛି ଡିଲ୍ୟୁସନ୍, ଯାହା ସତ୍ୟ ନୁହେଁ ତାକୁ ସତ୍ୟ ବୋଲି ଭାବି ସନ୍ଦେହ କରିବା। ଯେପରି କି କେହି ତାଙ୍କୁ ମାରିଦେବା ପାଇଁ ଯୋଜନା କରୁଛି। ଏହା ସତ୍ୟ ନୁହେଁ ବୋଲି ତାକୁ ଯେତେ ପ୍ରମାଣ ଦେଲେ ବି ସେମାନେ ବିଶ୍ୱାସ କରନ୍ତି ନାହିଁ। ଆଉ ଗୋଟିଏ ଭ୍ରମ ହେଉଛି ଇଲ୍ୟୁସନ୍। କୌଣସି ଜିନିଷକୁ ନ ପରଖି ଭୁଲ୍ ବ୍ୟାଖ୍ୟା କରିବା। ଯେପରି କି ହଠାତ୍ କୌଣସି ବସ୍ତୁକୁ ଦେଖି ଏବଂ ନ ପରଖି ପ୍ରତିକ୍ରିୟା କରିବା ଇତ୍ୟାଦି। ଆମେ ଭ୍ରମର ଶିକାର ହେଉଛେ କି ନାହିଁ ବେଳେବେଳେ ଜାଣିପାରୁ। ଯେପରିକି ନିଜର ଆତ୍ମୀୟଙ୍କ ମୃତ୍ୟୁରେ ପ୍ରଥମେ ପ୍ରଥମେ ତାଙ୍କୁ ଡାକିଲା ଭଳି ଶୁଭିବା। ସେ ଆଉ ଦୁନିଆରେ ନାହାନ୍ତି ଜାଣିସୁଦ୍ଧା ଏଭଳି ଲାଗେ। ଏହା କିନ୍ତୁ ସାଧାରଣ।

ଭ୍ରମ ସ୍ଥାୟୀ କିମ୍ବା ଅସ୍ଥାୟୀ ହୋଇପାରେ। ଅସ୍ଥାୟୀ ଭ୍ରମର କାରଣ ହେଉଛି ଅତ୍ୟଧିକ ନିଦ୍ରା, ନିଶା ଓ ମାଦକ ଦ୍ରବ୍ୟ ସେବନ, ଗୁରୁତର ଜ୍ୱର, ସଂକ୍ରମଣ, ଶରୀରରୁ ଜଳୀୟ ଅଂଶ କମିଯିବା, ଆଘାତ, ମୁଣ୍ଡବ୍ୟଥା, ଅତ୍ୟଧିକ କଷ୍ଟ, ଶୋକ, ନିଶ୍ଚେତକ ପରବର୍ତ୍ତୀ ସମୟ ଇତ୍ୟାଦି। ଏଭଳି ଭ୍ରମ ଅସ୍ଥାୟୀ, କିନ୍ତୁ ଏହା ବେଶି ଦିନ ରହିଲେ ଚିକିତ୍ସାସେବା ନେବା ଆବଶ୍ୟକ। ଏହାସହିତ ମାନସିକ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଭ୍ରମ ସୃଷ୍ଟି କରିପାରେ। ଗୁରୁତର ମାନସିକ ରୋଗ ସ୍କିଜୋଫ୍ରେନିଆ ବି ସ୍ଥାୟୀଭ୍ରମର ଏକ ମୁଖ୍ୟ କାରଣ। ବିଭିନ୍ନ ଶବ୍ଦ ଶୁଭିବା, ନ ଥିବାଲୋକ ଦେଖାଯିବା ଇତ୍ୟାଦି ପଞ୍ଚ ଇନ୍ଦ୍ରିୟରେ ପ୍ରଭାବ ସ୍କିଜୋଫ୍ରେନିଆ ରୋଗର ଲକ୍ଷଣ। ବାଇପୋଲାର ମାନସିକ ରୋଗର ଅତ୍ୟଧିକ ଖୁସି ଏବଂ ଅବସାଦ ସମୟରେ ଭ୍ରମର ଲକ୍ଷଣ ଦେଖାଯାଇଥାଏ। ଅତ୍ୟଧିକ ଅବସାଦ ଗ୍ରସ୍ତ ଥିବା ସମୟରେ ମଧ୍ୟ ଭ୍ରମ ଏବଂ ଡିଲ୍ୟୁସନ୍‌ର ଲକ୍ଷଣ ଦେଖାଯାଏ। ସ୍ନାୟୁଗତ ଅସୁବିଧା ଥିଲେ ମଧ୍ୟ ଭ୍ରମ ଦେଖାଯାଏ। ଯେପରି କି ପାରକିନସନ୍, ଆଲଝିମର, ଡିମେନସିଆ, ମିର୍ଗି ଏବଂ ନାରକୋଲେପସିରେ ଭ୍ରମର ଲକ୍ଷଣ ଦେଖାଯାଏ।

ଭ୍ରମର ଉପଚାର ଏହାର ଲକ୍ଷଣ ଅନୁସାରେ ହୋଇଥାଏ। ଅସ୍ଥାୟୀ ଭ୍ରମ ଯେପରି କି ଅତ୍ୟଧିକ ଜ୍ୱର, ସଂକ୍ରମଣ ଇତ୍ୟାଦିରେ ଏହି ଅସୁବିଧା ସମାଧାନ ହେଲା ପରେ ଭ୍ରମର ଲକ୍ଷଣ କମିଯାଇଥାଏ। ଗୁରୁତର ଅବସ୍ଥାରେ ଦେଖାଯାଉଥିବା ଭ୍ରମରେ କିଛି ଥେରାପି ଏବଂ ଔଷଧ ମାଧ୍ୟମରେ କମ୍ କରାଯାଇପାରେ। ମତିଭ୍ରମକୁ ପ୍ରତିଷେଧ କରାଯାଇପାରେ। ଯେପରି କି ଘରେ ଭଲ ଆଲୋକ ବ୍ୟବସ୍ଥା, ଠିକ୍ ଶବ୍ଦ ଆସୁଥିବା ଯନ୍ତ୍ରପାତିର ବ୍ୟବହାର, ଆଲୋକର ଛାୟା ଯେପରି ରୁମ୍ ଭିତରେ ନ ପଡ଼ିବ ତା'ର ବ୍ୟବସ୍ଥା କରିବା। ଯଦି ଘର ଭିତରେ କାହାକୁ ଦେଖିଲା ଭଳି ଲାଗୁଛି ତେବେ ପ୍ରତିବିମ୍ବ ସୃଷ୍ଟିକାରୀ ପଦାର୍ଥ ଯେପରି କି ଦର୍ପଣ ଆଦିକୁ କାଢ଼ି କିମ୍ବା କପଡ଼ାରେ ଢାଙ୍କି ଦେବା ଆବଶ୍ୟକ। ଯଦି ବ୍ୟକ୍ତି ମତିଭ୍ରମ ପାଇଁ ଔଷଧ ଖାଉଛନ୍ତି ତେବେ ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ବନ୍ଦ କରିବା ଉଚିତ ନୁହେଁ।

**ଶଗଡ଼ା, ବୌଦ୍ଧ**
**ମୋ:୮୩୨୮୮୪୮୧୪୫**

## ଏଇ ଭାରତରେ

ପ୍ରାଣୀସେବା ମହତ୍ କାର୍ଯ୍ୟ, ଏହା ମର୍ମେମର୍ମେ ଉପଲବ୍ଧି କରିଛନ୍ତି ବେଙ୍ଗାଲୁରୁର ହରିଶ୍ ଅଲି। ସେ ଜଣେ ବ୍ୟବସାୟୀ । ହରିଶ୍ ବେଙ୍ଗାଲୁରୁ ସହରରୁ ଆହତ, ରୋଗଗ୍ରସ୍ତ ଏବଂ ପଙ୍ଗୁ କୁକୁରମାନଙ୍କୁ ଉଦ୍ଧାର କରୁଛନ୍ତି। ଏହି କାର୍ଯ୍ୟ ପାଇଁ ସେ 'ସର୍ବୋହମ ଆନିମଲ୍ ଫାଉଣ୍ଡେଶନ' ଗଠନ କରିଛନ୍ତି। ଅଲିଙ୍କୁ ୧୨ ବର୍ଷ ବୟସ ହୋଇ ଥିବାବେଳେ ଗୋଟିଏ ମା' କୁକୁର ଓ ତା' ତିନି ଛୁଆଙ୍କୁ ଆଣି ସେମାନଙ୍କ ଯତ୍ନ ନେଇଥିଲେ। ସେତେବେଳେ ସ୍କୁଲକୁ ଯିବା ସମୟରେ ସେ ଘରୁ ୨ ଟଙ୍କା ଖର୍ଚ୍ଚ ପାଇଁ ନେଉଥିଲେ ଓ ସେହି ଟଙ୍କାରେ ସେମାନଙ୍କ ଲାଗି ବିସ୍କୁଟ କିଣୁଥିଲେ। ଏହି ଘଟଣା ତାଙ୍କୁ କୁକୁରମାନଙ୍କୁ ଉଦ୍ଧାର କରିବା ସକାଶେ ପ୍ରେରିତ କରିଥିଲା। ହରିଶ୍ ଶିକ୍ଷା ଶେଷ କରି ଜଣେ ବ୍ୟବସାୟୀ ହେବା ପରେ ଉଦ୍ଧାର କାର୍ଯ୍ୟକୁ ଗତିଶୀଳ କରିଥିଲେ। ଏବେ ପ୍ରାୟ ୩୦୦୦ କୁକୁରଙ୍କୁ ଉଦ୍ଧାର କରି ସେମାନଙ୍କ ସେବା କରୁଛନ୍ତି। ଚିକିତ୍ସା, ଖାଦ୍ୟ ବାବଦରେ ସବୁ ଖର୍ଚ୍ଚ ସେ ନିଜ ପକେଟରୁ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ହରିଶ୍ ଦେଢ଼ କୋଟି ଟଙ୍କା ଖର୍ଚ୍ଚ କରିସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

**୩୧ ଡିସେମ୍ବର ୧୯୭୫**

- ଅବସରପ୍ରାପ୍ତ ଆଇଏଏସ୍ ଅଫିସର ବିପିନ ବିହାରୀ ରଥଙ୍କୁ ରାଜ୍ୟ ରେଡକ୍ରସ ସଂସ୍ଥାର ନୂତନ ସମ୍ପାଦକ ଭାବେ ନିଯୁକ୍ତି ପ୍ରଦାନ।
- ଶିକ୍ଷା କ୍ଷେତ୍ରରେ ବ୍ୟବହାର ଲାଗି ରିହାତି ହାରରେ ଧଳା ଛାପା କାଗଜ ଯୋଗାଇଦେବା ପାଇଁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମର ପରିସର ବୃଦ୍ଧି କରାଯାଇଛି।

## ସୁଡୋକୁ

su|do|ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 3 | 4 | | 2 | | | | | 8 |
| | 7 | | | 9 | | 4 | | |
| | | | | | | | | |
| | | | | 1 | 3 | | 4 | |
| | 1 | 8 | | | | 9 | | |
| | | 3 | 7 | | | | 5 | |
| | | | | 3 | | 6 | | 2 |
| | | 7 | 1 | | | | | |
| 6 | | | | 5 | | 1 | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 5 | 6 | 9 | 8 | 1 | 3 | 2 |
| 8 | 2 | 9 | 1 | 7 | 3 | 4 | 5 | 6 |
| 1 | 6 | 3 | 5 | 4 | 2 | 8 | 9 | 7 |
| 6 | 5 | 8 | 3 | 2 | 7 | 9 | 4 | 1 |
| 2 | 9 | 4 | 8 | 1 | 6 | 3 | 7 | 5 |
| 7 | 3 | 1 | 4 | 5 | 9 | 6 | 2 | 8 |
| 5 | 8 | 6 | 2 | 3 | 4 | 7 | 1 | 9 |
| 9 | 4 | 2 | 7 | 8 | 1 | 5 | 6 | 3 |
| 3 | 1 | 7 | 9 | 6 | 5 | 2 | 8 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଦୁର୍ଘଟଣାଜନିତ ମୃତ୍ୟୁ ଚିନ୍ତାଜନକ

ମହାଶୟ,

ତଥ୍ୟ ଅନୁଯାୟୀ ଆମ ରାଜ୍ୟରେ ଦୈନିକ ହାରାହାରି ୩୨ଟି ସଡ଼କ ଦୁର୍ଘଟଣା ଘଟି ୧୫ ଜଣଙ୍କର ମୃତ୍ୟୁ ହୋଇଥାଏ, ଯାହାକି ଚିନ୍ତାର ବିଷୟ। ଦୁର୍ଘଟଣାର ବିଭିନ୍ନ କାରଣ ହେଲା– ଖରାପ ରାସ୍ତା, ନିର୍ମାଣଜନିତ ତ୍ରୁଟି, ଅନଭିଜ୍ଞ ଚାଳକ, ବେପରୁଆ ଡ୍ରାଇଭିଂ, ଓଭରଟେକିଂ, ବୁଲା ପ୍ରାଣୀ, ନିଶା ସେବନକାରୀ ଚାଳକ, ଟ୍ରାଫିକ ନିୟମ ଉଲ୍ଲଂଘନ, ବେଆଇନ ପାର୍କିଂ, ପଥ ସମ୍ମୋହନ, ସାଂକେତିକ ଫଳକ ଇତ୍ୟାଦି ସ୍ପଷ୍ଟ ଭାବରେ ଦୃଶ୍ୟମାନ ନ ହେବା, ସଠିକ୍ ସ୍ଥାନରେ ହମ୍ପସ ନ ଦେବା ଅଥବା ହମ୍ପସ ଡିଜାଇନରେ ତ୍ରୁଟି ପରିଲକ୍ଷିତ ହେବା ଇତ୍ୟାଦି। ଏହି ପରିପ୍ରେକ୍ଷୀରେ କର୍ତ୍ତୃପକ୍ଷ ଉପରୋକ୍ତ ବିଷୟରେ ସର୍ବେକ୍ଷଣ ଓ ସମୀକ୍ଷା କରି ପ୍ରତିକାରମୂଳକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଭବିଷ୍ୟତରେ ସଡ଼କପଥ ଯେପରି ମରଣ–ପଥ ନ ହେବ, ସେଥିପ୍ରତି ସଜାଗ ରହିବା ଆବଶ୍ୟକ। ଏତଦ୍‌ବ୍ୟତୀତ, ସଡ଼କ ସଂସ୍କୃତି ଏବଂ ଏଥିରେ ସମ୍ପୃକ୍ତ ଆଇନକୁ ସ୍କୁଲ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ। ଫଳସ୍ୱରୂପ, 'ସଡ଼କ ସୁରକ୍ଷା ଜୀବନ ରକ୍ଷା' ବିଷୟରେ ସ୍କୁଲବେଳରୁ ହିଁ ବିଦ୍ୟାର୍ଥୀମାନଙ୍କର ସଚେତନତା ବୃଦ୍ଧି ପାଇବ।

**– ନବନୀତ ପାଣିଗ୍ରାହୀ, ରାୟଗଡ଼ା**

## ଚିରନ୍ତନୀ

ସେ ବାରତା ପୂରେ ତା'ର
ରଚଇ କି ହାହାକାର
କାତର ନିଃଶ୍ୱାସ ସମ
ଲାଗେ କି ନୟନେ
ଯେ ବାରତା ପଠାଏଁ ପବନେ ?
–(ବ୍ୟବଧାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପାୱାର ଲିଷ୍ଟ ୨୦୨୪

## ରାଜ୍ୟ




ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

କନକବର୍ଦ୍ଧନ ସିଂଦେଓ
ଉପମୁଖ୍ୟମନ୍ତ୍ରୀ

ପ୍ରଭାତୀ ପରିଡ଼ା
ଉପମୁଖ୍ୟମନ୍ତ୍ରୀ

ଅଶ୍ୱିନୀ ବୈଷ୍ଣବ
ରେଳ ମନ୍ତ୍ରୀ

ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ପୃଥ୍ୱୀରାଜ ହରିଚନ୍ଦନ
ଆଇନ ମନ୍ତ୍ରୀ

ମୁକେଶ ମହାଲିଙ୍ଗ
ସ୍ୱାସ୍ଥ୍ୟ ମନ୍ତ୍ରୀ

ସୁରେଶ ପୂଜାରୀ
ରାଜସ୍ୱ ମନ୍ତ୍ରୀ

ମନମୋହନ ସାମଲ
ଭାଜପା ସଭାପତି

ସପ୍ତଗିରି ଉଲାକା
କୋରାପୁଟ ଏମ୍‌ପି

ରାମଚନ୍ଦ୍ର କାଡାମ୍
ବିଧାନସଭାରେ କଂଗ୍ରେସ ଦଳର ନେତା

ଲକ୍ଷ୍ମଣ ମୁଣ୍ଡା
ସିପିଏମ୍ ନେତା, ବଣାଇ ବିଧାୟକ

ମନୋଜ ଆହୁଜା
ମୁଖ୍ୟ ଶାସନ ସଚିବ

## ଜାତୀୟ

ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ

ମୋହନ ଭାଗବତ
ଆର୍‌ଏସ୍‌ଏସ୍ ସରସଂଘ ଚାଳକ

ମମତା ବାନାର୍ଜୀ
ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

ଏନ୍.ଚନ୍ଦ୍ରବାବୁ ନାଇଡୁ
ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ

ନୀତୀଶ କୁମାର
ବିହାର ମୁଖ୍ୟମନ୍ତ୍ରୀ

ଦତ୍ତାତ୍ରୟ ହୋସବାଲେ
ଆର୍‌ଏସ୍‌ଏସ୍ ସରକାର୍ଯ୍ୟବାହ

ଅଖିଳେଶ ଯାଦବ
ସମାଜବାଦୀ ପାର୍ଟି ମୁଖ୍ୟ

ହେମନ୍ତ ସୋରେନ
ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ

ଗୌତମ ଆଦାନୀ
ଆଦାନୀ ଗ୍ରୁପ୍ ଚେୟାରମ୍ୟାନ

ରାହୁଲ ଗାନ୍ଧୀ
ଲୋକ ସଭାରେ ବିରୋଧୀ ଦଳ ନେତା

ଅମିତ ଶାହା
ସ୍ୱରାଷ୍ଟ୍ର ମନ୍ତ୍ରୀ

ଜଗ୍‌ଜିତ୍ ସିଂ ଡାଲେୱାଲ
ଚାଷୀ ନେତା

ରାହୁଲ ନବୀନ
ଇଡି ନିର୍ଦ୍ଦେଶକ

ଲାଲ୍‌ଡୁହୋମା
ମିଜୋରାମ ମୁଖ୍ୟମନ୍ତ୍ରୀ

ଅଲ୍ଲୁ ଅର୍ଜୁନ
ଅଭିନେତା

ଦିଲ୍‌ଜିତ୍ ଦୋସାଞ୍ଜ
କଣ୍ଠଶିଳ୍ପୀ ଓ ଅଭିନେତା

ପି.କେ.ମିଶ୍ର
ପ୍ରମୁଖ ସଚିବ, ପିଏମ୍‌ଓ

ସଞ୍ଜୀବ ଖାନ୍ନା
ପ୍ରଧାନ ବିଚାରପତି, ସୁପ୍ରିମକୋର୍ଟ

ଅଜିତ୍ ଡୋଭାଲ
ଜାତୀୟ ସୁରକ୍ଷା ପରାମର୍ଶଦାତା

ସଞ୍ଜୟ ମାଲହୋତ୍ରା
ଆର୍‌ବିଆଇ ଗଭର୍ନର

ଜେ.ପି. ନଡ୍ଡା
ଭାଜପା ଅଧ୍ୟକ୍ଷ

ଓମାର ଅବ୍‌ଦୁଲ୍ଲା
ଜମ୍ମୁ କଶ୍ମୀର ମୁଖ୍ୟମନ୍ତ୍ରୀ

ମଲ୍ଲିକାର୍ଜୁନ ଖାର୍ଗେ
କଂଗ୍ରେସ ଅଧ୍ୟକ୍ଷ

ମୁକେଶ ଅମ୍ବାନୀ
ଆର୍‌ଆଇଏଲ୍ ଚେୟାରମ୍ୟାନ

ଅରବିନ୍ଦ କେଜ୍‌ରିୱାଲ
ଆପ୍ ଆବାହକ

ଏମ୍.କେ. ଷ୍ଟାଲିନ୍
ତାମିଲନାଡୁ ମୁଖ୍ୟମନ୍ତ୍ରୀ

ଦେବେନ୍ଦ୍ର ଫଡ଼ନବିସ୍
ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ

ହିମନ୍ତ ବିଶ୍ୱଶର୍ମା
ଆସାମ ମୁଖ୍ୟମନ୍ତ୍ରୀ

ଯୋଗୀ ଆଦିତ୍ୟନାଥ
ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ

ଡି.କେ. ଶିବକୁମାର
କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ

ଆତିଶୀ ମାର୍ଲେନା
ଦିଲ୍ଲୀ ମୁଖ୍ୟମନ୍ତ୍ରୀ

ଏ. ରେଭନ୍ତ ରେଡ୍ଡୀ
ତେଲଙ୍ଗାନା ମୁଖ୍ୟମନ୍ତ୍ରୀ

ଭିନେଶ ଫୋଗଟ୍
କୁସ୍ତି ଯୋଦ୍ଧା, କଂଗ୍ରେସ ବିଧାୟିକା

ପ୍ରିୟଙ୍କା ଗାନ୍ଧୀ ଭଦ୍ରା
କଂଗ୍ରେସ ଏମ୍‌ପି

ଉଦୟନିଧି ଷ୍ଟାଲିନ୍
ତାମିଲନାଡୁ ଉପମୁଖ୍ୟମନ୍ତ୍ରୀ

କଳ୍ପନା ସୋରେନ
ଜେଏମ୍‌ଏମ୍ ନେତ୍ରୀ

୨୦୨୪ରେ ବିଶ୍ୱର ଅନେକ ଭୂଭାଗ ଯୁଦ୍ଧ ଓ ସଂଘର୍ଷର ପ୍ରକୋପରେ ଥରିଛି। ଏହାର ପ୍ରଭାବ ସାରା ଦୁନିଆକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଗ୍ରାସିଛି। ଦରଦାମ ବୃଦ୍ଧି ବିଶ୍ୱବାସୀଙ୍କ ବଜେଟକୁ ସଙ୍କୁଚିତ କରିଦେଇଥିବାବେଳେ ମହଙ୍ଗାମାଡ଼ରେ ସେମାନେ ଛଟପଟ ହୋଇଛନ୍ତି। ପ୍ରକୃତି ମଧ୍ୟ କୋପ ଦେଖାଇ ବିପୁଳ ଧନଜୀବନ ହାନି ଘଟାଇଛି। ଏଭଳିସ୍ଥଳେ ଆଞ୍ଚଳିକ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରର ଆଗଧାଡ଼ିର ବ୍ୟକ୍ତିଙ୍କ ପାଇଁ ସ୍ଥିତି ସମ୍ଭାଳିବା ଆହ୍ୱାନପୂର୍ଣ୍ଣ ହୋଇଛି। ଏହାରି ଭିତରେ ଅନେକ ରାଜନୈତିକ ଉତ୍‌ଥାନ ଓ ପତନ ଘଟିଛି। ଏଭଳି ପ୍ରଚ୍ଛଦପଟରେ ଓଡ଼ିଶା, ଭାରତ ଏବଂ ବିଶ୍ୱର ବିଭିନ୍ନ କ୍ଷେତ୍ରର ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ନେଇ 'ଧରିତ୍ରୀ' ପକ୍ଷରୁ ଏହି ତାଲିକା ବିନା କୌଣସି କ୍ରମ ପ୍ରାଧାନ୍ୟରେ ପ୍ରସ୍ତୁତ କରାଯାଇଛି।

## ଅନ୍ତର୍ଜାତୀୟ

ଡୋନାଲ୍ଡ ଟ୍ରମ୍ପ
ଆମେରିକାର ନିର୍ବାଚିତ ରାଷ୍ଟ୍ରପତି

ଭୋଲୋଡିମିର ଜେଲେନ୍‌ସ୍କି
ୟୁକ୍ରେନ୍ ରାଷ୍ଟ୍ରପତି

ବେଞ୍ଜାମିନ୍ ନେତାନ୍ୟାହୁ
ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ

ଭ୍ଲାଡିମିର ପୁଟିନ୍
ରୁଷିଆ ରାଷ୍ଟ୍ରପତି

ଶି ଜିନ୍‌ପିଙ୍ଗ୍
ଚାଇନା ରାଷ୍ଟ୍ରପତି

ଏଲନ୍ ମସ୍କ
ଟେସ୍‌ଲା ମୋଟର୍ସ ସିଇଓ

ସାମ୍ ଅଲ୍‌ଟମ୍ୟାନ
ଓପନ୍‌ଏଆଇ ସିଇଓ

ତୁଲସୀ ଗବାର୍ଡ
ଆମେରିକାର ଗୋଇନ୍ଦା ନିର୍ଦ୍ଦେଶିକା (ମନୋନୀତ)

କାଶ୍ ପଟେଲ
ଏଫ୍‌ବିଆଇ ମୁଖ୍ୟ (ମନୋନୀତ)

କେର୍ ଷ୍ଟାର୍ମର
ବ୍ରିଟେନ ପ୍ରଧାନମନ୍ତ୍ରୀ

ମହମ୍ମଦ ବିନ୍ ସଲମାନ ଅଲ୍ ସୌଦୀ
ସାଉଦି ଆରବ ପ୍ରଧାନମନ୍ତ୍ରୀ

ଜିଓର୍ଜିଆ ମେଲୋନି
ଇଟାଲୀ ପ୍ରଧାନମନ୍ତ୍ରୀ

ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନହ୍ୟାନ
ୟୁଏଇ ରାଷ୍ଟ୍ରପତି

ମହମ୍ମଦ ମୁଇଜ୍ଜୁ
ମାଳଦ୍ୱୀପ ରାଷ୍ଟ୍ରପତି

ନାଥନ୍ ଆଣ୍ଡରସନ୍
ହିଡେନ୍‌ବର୍ଗ ରିସର୍ଚ୍ଚ ପ୍ରତିଷ୍ଠାତା

ଜୋ ରୋଗାନ୍
ଆମେରିକୀୟ ପୋଡ୍‌କାଷ୍ଟର

ମହମ୍ମଦ ୟୁନୁସ୍
ବାଂଲାଦେଶ ସରକାରଙ୍କ ମୁଖ୍ୟ ପରାମର୍ଶଦାତା

ଅବୁ ମହମ୍ମଦ ଅଲ୍-ଜୁଲାନି
ସିରିଆର ବିଦ୍ରୋହୀ ନେତା

ବିଲ୍ ଗେଟ୍‌ସ
ମାଇକ୍ରୋ ସଫ୍ଟ କୋ ଫାଉଣ୍ଡର

ଜେଫ୍ ବେଜୋସ୍
ଆମାଜନ୍, ବ୍ଲୁ ଅରିଜିନ୍ ସିଇଓ

ଆନ୍ଥୋନୀ ଆଲବାନିସ୍
ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ

ରେସେପ୍ ତୟିପ୍ ଏର୍ଡୋଗାନ୍
ତୁର୍କୀ ରାଷ୍ଟ୍ରପତି

ପ୍ରାଣୀଉଦ୍ୟାନ 'ନନ୍ଦନକାନନ' ୨୦୨୪ ବର୍ଷରେ ବେଶ୍ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ବାଘ 'ନନ୍ଦନ' ଓ 'ସାରା'ଙ୍କ ପ୍ରେମ କାହାଣୀର ଜବନିକା ପଡିଥିବାବେଳେ କଳାବାଘ ଜନ୍ମଦେଇ ଆକର୍ଷଣ ସାଜିଥିବା ବାଘୁଣୀ 'ସ୍ନେହା', ସିଂହ କ୍ରିସ୍ ଭଳି ବହୁ ଜୀବଜନ୍ତୁଙ୍କ ମୃତ୍ୟୁ ଓ ଏକାଧିକ ପ୍ରାଣୀଙ୍କ ବଂଶଲୋପ ପରିଦର୍ଶନକାରୀଙ୍କୁ ବ୍ୟଥିତ କରିଥିଲା। ଅନ୍ୟପକ୍ଷରେ ନୂଆ ସରକାରଙ୍କ ବିଶ୍ୱସ୍ତରୀୟ ପରିକଳ୍ପନା ପରେ ପୁନରୁଦ୍ଧାର, ନୂଆ ଖୁଆଡ ନିର୍ମାଣ, ରୋପ୍‌ୱେ ପୁନଃ କାର୍ଯ୍ୟକ୍ଷମ, ପଶୁପକ୍ଷୀ ଅଦବଦଳ ପ୍ରକ୍ରିୟାରେ ଆସିଥିବା ବହୁ ଜୀବଜନ୍ତୁ ନନ୍ଦନକାନନର ଶୋଭା ବର୍ଦ୍ଧନ କରିବା ସହ ପର୍ଯ୍ୟଟକଙ୍କ ମନରେ ଉତ୍ସାହ ଭରିଦେଇଥିଲା। ବାଘ, ଜିରାଫ, ବନ୍ୟକାପ୍ତା ସମେତ ବିରଳ ପ୍ରାଣୀଙ୍କ ବଂଶବୃଦ୍ଧି ପାଇଁ ପଦକ୍ଷେପ ସ୍ୱାଗତଯୋଗ୍ୟ ଥିଲା।

## ରୋଗରେ ଗଲା ପ୍ରେମିକ 'ନନ୍ଦନ'ର ଜୀବନ

୪ ମାସ କାଳ ମୃତ୍ୟୁ ସହ ସଂଗ୍ରାମ କରି ନନ୍ଦନକାନନର ୩୩(ଘ) ଏନ୍‌କ୍ଲୋଜରରେ ଚିକିତ୍ସାଧୀନ ଅବସ୍ଥାରେ ଥିବା ଜଙ୍ଗଲୀ ବାଘ ନନ୍ଦନର ମେ' ୧୧ରେ ମୃତ୍ୟୁ ହୋଇଥିଲା। ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ସେ ସ୍ନାୟୁଜନିତ ରୋଗରେ ଆକ୍ରାନ୍ତ ଥିଲା। ୨୦୧୩ ଫେବୃଆରୀରେ ଚନ୍ଦକା ଡମପଡା ଓ ନନ୍ଦନକାନନ ଜଙ୍ଗଲରେ ଆତଙ୍କ ସୃଷ୍ଟି କରିଥିଲା ନନ୍ଦନ। ପରେ ନନ୍ଦନକାନନରେ ରହୁଥିବା ଜଙ୍ଗଲୀ ବାଘୁଣୀ ସାରା ପ୍ରେମରେ ପଡ଼ି ଏଠାକୁ ଆସିଥିବାବେଳେ ଧରାପଡି ପୁଣି ଖସି ପଳାଇଥିଲା। ସେହିବର୍ଷ ଜୁନ୍ ୬ରେ ନନ୍ଦନ ଧରାପଡି ନନ୍ଦନକାନନରେ ବନ୍ଦୀ ଜୀବନ ବିତାଉଥିଲା। ବାଘୁଣୀ ମେଘା ଓ ସାରା ସହ ମିଶି ନନ୍ଦନ ଜଙ୍ଗଲୀ ବାଘ ବଂଶ ବୃଦ୍ଧି କରି ନନ୍ଦନକାନନର ସମ୍ମାନକୁ ଆଗକୁ ବଢାଇବାରେ ସହାୟକ ସାଜିଥିଲା।






ନନ୍ଦନ



ସାରା

# ବାଘବାଘୁଣୀଙ୍କ ପ୍ରେମ

## ନନ୍ଦନକୁ ଝୁରି ଚାଲିଗଲା 'ସାରା'

ଜଙ୍ଗଲୀ ବାଘ ନନ୍ଦନ ମୃତ୍ୟୁର ମାସକ ପରେ ଅର୍ଥାତ୍ ଜୁନ୍ ୨୭ରେ ପ୍ରେମିକା 'ସାରା'ର ମୃତ୍ୟୁ ଘଟିଥିଲା। ମୃତ୍ୟୁବେଳକୁ ତାକୁ ୧୮ବର୍ଷ ୧ ମାସ ହୋଇଥିଲା। ପ୍ରେମିକ ନନ୍ଦନକୁ ଝୁରି ଝୁରି ସାରା ଆଖି ବୁଜିଥିବା ସେତେବେଳେ ଚର୍ଚ୍ଚା ହୋଇଥିଲା। ତେବେ ବୟସାଧିକ କାରଣରୁ ମୃତ୍ୟୁ ଘଟିଥିବା ନେଇ ନନ୍ଦନକାନନ କର୍ତ୍ତୃପକ୍ଷ ସ୍ପଷ୍ଟ କରିଥିଲେ। ସାରାକୁ ମାତ୍ର ୫ ମାସ ହୋଇଥିବାବେଳେ ୨୦୦୬ ଅକ୍ଟୋବର ୧୮ରେ ଟାଇଗର ରିଜର୍ଭରୁ ଉଦ୍ଧାର କରାଯାଇ ଭୋପାଳର ବନବିହାର ପ୍ରାଣୀଉଦ୍ୟାନରେ ରଖାଯାଇଥିଲା। ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ୨୦୦୯ ଏପ୍ରିଲ ୧୮ରେ ନନ୍ଦନକାନନ ଅଣାଯାଇ ନୂଆ ବାଘବଂଶ ସୃଷ୍ଟି ଲାଗି ପ୍ରୟାସ ହୋଇଥିଲା। ୨୦୧୨ ଜାନୁଆରୀ ୧୩ରେ ଧଳାବାଘ ଋଷି ସହ ମିଳନ ହୋଇ ସାରା ତିନି ବାଘୁଣୀ ଆଶା, ଅଙ୍କିତା ଓ ଶୁଭଶ୍ରୀଙ୍କୁ ଜନ୍ମ ଦେଇଥିଲା। ତେବେ ପ୍ରେମିକ ନନ୍ଦନ ଔରଷରୁ ସେ ମା' ହେବାର ସୌଭାଗ୍ୟ ପାଇପାରି ନ ଥିଲେ ମଧ୍ୟ ପ୍ରେମ କାହାଣୀକୁ ନେଇ ସବୁବେଳେ ଚର୍ଚ୍ଚା ଓ ଆକର୍ଷଣର କେନ୍ଦ୍ର ପାଲଟିଥିଲା।

## କାଞ୍ଜିଆ ହ୍ରଦରେ ଖସିପଡ଼ିଲା ରୋପ୍‌ୱେ ବଗି



ଦୀର୍ଘବର୍ଷର ବନ୍ଦ ପରେ ପୁଣି ପର୍ଯ୍ୟଟକଙ୍କ ପାଇଁ ରୋପ୍‌ୱେ ସେବା ଆରମ୍ଭ ହୋଇଥିଲା। ହେଲେ ରୋପ୍‌ୱେ ଚାଲିବା ପୂର୍ବରୁ ଟ୍ରାଏଲ ବେଳେ ଅଘଟଣ ଘଟିଥିଲା। ଗୋଟିଏ ବଗି ତାର ସହ କାଞ୍ଜିଆ ହ୍ରଦକୁ ଖସିପଡିଥିଲା। ତେବେ ଉକ୍ତ ବଗିରେ ପର୍ଯ୍ୟଟକ ନ ଥିବାରୁ ବଡଅଘଟଣ ବର୍ତିଯାଇଥିଲା।

## ଚିନ୍ତା ବଢ଼ାଇଥିଲା ଅଂଶୁଘାତ

ନନ୍ଦନକାନନରେ ପ୍ରଥମ କରି ପ୍ରାଣୀଙ୍କୁ ଅଂଶୁଘାତ ହୋଇଥିଲା। ୧୯ ନମ୍ବର ଏନ୍‌କ୍ଲୋଜରରେ ଥିବା ଗୋଟିଏ ମାଈ ଜଙ୍ଗଲି କୁକୁରର ମୃତ୍ୟୁ ଘଟିବା ପରେ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଥିଲା। କୁକୁରଟି ବିଚରଣ କରୁଥିଲା ବେଳେ ପ୍ରଚଣ୍ଡ ରୌଦ୍ରତାପ ସହ୍ୟ କରି ନ ପାରି ହଠାତ୍ ଟଳି ପଡିଥିଲା।

## ଖୋଲିଲା ବିଦେଶୀ ବାନର ଖୁଆଡ଼



ପ୍ରାଣୀ ଉଦ୍ୟାନରେ ପ୍ରଥମଥର ବିଦେଶୀ ବାନର ଖୁଆଡ଼ ଖୋଲିଥିଲା। ଏଥିପାଇଁ ୧.୭୫କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ଖୁଆଡ଼ରେ ୭ଟି ପାକୃତିକ ପରିବେଶରେ ତୁଳାମୁଣ୍ଡିଆ ତାମାରିନ, ସୁନେଲି ହାତ ତାମାରିନ, ସିଆମଙ୍ଗ, କଳାକାନ ମାର୍ମୋସେଟ, ଧଳାକାନ ମାର୍ମୋସେଟ, ଜିଓଫ୍ରେ ମାର୍ମୋସେଟ, ଗୁଣ୍ଡୁଚି ମାଙ୍କଡ ରହି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛନ୍ତି।



## ୫ ଛୁଆ ଜନ୍ମ ଦେଲା ସିଂହୀ 'ବିଜ୍‌ଲୀ'

ନନ୍ଦନକାନନର ଅନ୍ୟତମ ଆକର୍ଷଣ ସିଂହୀ 'ବିଜ୍‌ଲୀ' ଅକ୍ଟୋବର ୨୯ରେ ୫ ଛୁଆ ଜନ୍ମ ଦେଇଥିଲା। ୨୦୨୦ରେ ବିଜ୍‌ଲୀକୁ ଇନ୍ଦୋର ପ୍ରାଣୀ ଉଦ୍ୟାନରୁ ଅଣାଯାଇଥିଲା। ସିଂହ 'ସମ୍ରାଟ' ସହ ମିଶି ୪ର୍ଥଥର ପାଇଁ ୯ ବର୍ଷିୟା ବିଜ୍‌ଲୀ ମା' ହେବାର ସୌଭାଗ୍ୟ ଅର୍ଜନ କରିଥିଲା।




## ଇତିହାସ ରଚିଥିବା 'ସ୍ନେହା' ଆଖି ବୁଜିଲା

ପ୍ରାଣୀଉଦ୍ୟାନ ନନ୍ଦନକାନନରେ ପ୍ରଥମଥର କଳାବାଘ ଶାବକ ଜନ୍ମ ଦେଇ ବିଶ୍ୱରେ ଇତିହାସ ରଚିଥିବା ମହାବଳ ବାଘୁଣୀ ସ୍ନେହାର ଏପ୍ରିଲ ୧୯ରେ ମୃତ୍ୟୁ ଘଟିଥିଲା। ମା' କୁସୁମ ଓ ବାପା ନିଶାନ ଔରଷରୁ ୨୦୧୨ ଏପ୍ରିଲ ୧୪ରେ ଜନ୍ମଗ୍ରହଣ କରିଥିବା ସ୍ନେହା ବାଘ ସଫାରୀରେ ରହି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା।

## ୨୦ବର୍ଷୀୟ ସିଂହ 'କ୍ରିସ୍'ର ମୃତ୍ୟୁ

ଚିକିତ୍ସାଧୀନ ଅବସ୍ଥାରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୨୦ ବର୍ଷୀୟ ସିଂହ କ୍ରିସ୍‌ର ଅକ୍ଟୋବର ୮ରେ ମୃତ୍ୟୁ ଘଟିଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥାଇ ଖିଆପିଆ କରୁ ନ ଥିଲା। ଦିନକୁ ଦିନ ଦୁର୍ବଳ ହୋଇ ଗୋଟିଏ ସ୍ଥାନରେ ପଡି ରହୁଥିଲା। ଫଳରେ କ୍ରିସ୍‌କୁ ସଫାରୀର ଫିଡିଂ ଚାମ୍ବରରେ ରଖାଯାଇ ଚିକିତ୍ସା ଚାଲିଥିଲା।

## ମାମାର ଠିକଣା ବଦଳିଲା



ନନ୍ଦନକାନର ଅନ୍ୟତମ ଆକର୍ଷଣ ସାଜିଥିବା ମାମା ହାତୀର ଠିକଣା ବଦଳିଥିଲା। ମାର୍ଚ୍ଚରେ ମାମାକୁ ନନ୍ଦନକାନନରୁ ଚନ୍ଦକା ନିଆଯାଇଥିଲା। ନୂଆ ଠିକଣା ହୋଇଥିଲା ଚନ୍ଦକାର କୁମାରଖୁଣ୍ଟି। ସେଠାରେ ଆରମ୍ଭ ହେବାକୁ ଥିବା କୁମ୍‌କି ପ୍ରଶିକ୍ଷଣରେ ମାମା ପ୍ରଶିକ୍ଷଣ ନେବା ପରେ ଜଙ୍ଗଲ ଜଗିବା କାର୍ଯ୍ୟରେ ନିୟୋଜିତ ହୋଇଥିଲା। ତେବେ ମାମାକୁ ୬ ମାସ ହୋଇଥିବାବେଳେ ୨୦୧୭ ନଭେମ୍ବର ୩ରେ ଖୋର୍ଦ୍ଧା ରାମେଶ୍ୱରରୁ ଉଦ୍ଧାର ହୋଇଥିବା ମା' ଛେଉଣ୍ଡ ମାମାକୁ ନନ୍ଦନକାନନ ଅଣାଯାଇଥିଲା।

## ମନ୍ତ୍ରୀଙ୍କ ବିଶ୍ୱସ୍ତରୀୟ ପରିକଳ୍ପନା

ରାଜ୍ୟ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ଗଣେଶ ରାମ ସିଂ ଖୁଣ୍ଟିଆ ନନ୍ଦନକାନନକୁ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରାଣୀ ଚିକିତ୍ସାଳୟ, ବିଭିନ୍ନ ଏନ୍‌କ୍ଲୋଜର, ପ୍ରାଣୀଙ୍କ ଖାଦ୍ୟପେୟ ଓ ଯତ୍ନ ବିଷୟରେ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ନନ୍ଦନକାନନରେ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦେଖିବା ସହ ବିକାଶ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମନ୍ତ୍ରୀ ନନ୍ଦନକାନନର ବିଶ୍ୱସ୍ତରୀୟ ପରିକଳ୍ପନା କରିଥିଲେ।

## 'ଖୁସି'କୁ ମିଳିଲା ଖୁସି



ନନ୍ଦନକାନନରେ ଜିରାଫ ବଂଶବୃଦ୍ଧି ଲାଗି ଉଦ୍ୟମ ହେଉଥିଲେ ମଧ୍ୟ ସଫଳତା ମିଳିପାରୁନି। ଏକମାତ୍ର ଜିରାଫ 'ଖୁସି' ନିଃସଙ୍ଗ ଜୀବନ ବିତାଉଥିଲା। ତେଣୁ ତା'ର ଖୁସି ସହ ବଂଶବୃଦ୍ଧି ଲାଗି ପ୍ରାଣୀ ଅଦଳବଦଳ ପ୍ରକ୍ରିୟାରେ ନଭେମ୍ବର ୧ରେ କୋଲକାତା ଚିଡ଼ିଆଖାନାରୁ ୨ ଜିରାଫକୁ ନନ୍ଦନକାନନ ଅଣାଯାଇଥିଲା।



## ବଂଶ ନିପାତ, ଅଦବଦଳ ତ୍ୱରାନ୍ୱିତ

ଚଳିତ ବର୍ଷ ନନ୍ଦନକାନନରେ ବହୁ ପଶୁପକ୍ଷୀଙ୍କ ମୃତ୍ୟୁ ଘଟିଥିଲା। ଏପରିକି ଚିଙ୍କାରା ହରିଣଙ୍କ ଭଳି ଏକାଧିକ ପ୍ରାଣୀଙ୍କ ବଂଶ ଲୋପ ପାଇଯିବାରୁ କର୍ତ୍ତୃପକ୍ଷ ପ୍ରାଣୀ ଅଦଳବଦଳ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ। କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷଙ୍କ ଅନୁମୋଦନକ୍ରମେ ରାଜ୍ୟ ତଥା ଦେଶର ବିଭିନ୍ନ ଚିଡିଆଖାନାରୁ ନନ୍ଦନକାନନକୁ ବହୁ ପ୍ରାଣୀ ଆସିଥିଲା। ରାଜ୍ୟର ବିଭିନ୍ନ ବନାଞ୍ଚଳ ଓ ଚିଡିଆଖାନାରୁ କଲରାପତରିଆ ବାଘ, ସମ୍ବର, ହାତୀ, ହରିଣ ଭଳି ପ୍ରାଣୀକୁ ଅଣାଯାଇଥିଲା। ସେହିଭଳି ଆସାମ ଚିଡିଆଖାନାରୁ ୩ ପ୍ରଜାତିର ୧୨ ପଶୁପକ୍ଷୀ, ରାଞ୍ଚିରୁ ମାଈ କଳାଲୋମଯୁକ୍ତ ବାଘୁଣୀ, ସାଧାରଣ ବାଘୁଣୀ, ୪ହେଟା ବାଘ, ୧୦ ଝିଙ୍କ, ୨ ମାଈ ନୀଳଗାଈକୁ ମିଶାଇ ୧୮ ପଶୁପକ୍ଷୀ ନନ୍ଦନକାନନ ଆସିଥିଲା। ଏଥିସହ କୋଲକାତା, ହାଇଦ୍ରାବାଦ, ମାଙ୍ଗାଲୋର ଚିଡିଆଖାନା ସହ ନନ୍ଦନକାନନର ପଶୁପକ୍ଷୀ ଅଦଳବଦଳ ହୋଇଥିଲା। ହାଇଦ୍ରାବାଦର ଘରୋଇ ଫାର୍ମରୁ ମଧ୍ୟ ଜୀବଜନ୍ତୁ କିଣା ଯାଇଥିଲା।



## ମା' ହୋଇ ନିଃସନ୍ତାନ ରହିଲା ଧଳାବାଘୁଣୀ ମୌସୁମୀ

ମହାବଳବାଘ ରାଜେଶ ସହ ମିଳନରେ ପ୍ରଥମଥର ମା' ହୋଇଥିଲା ୮ବର୍ଷର ଧଳାବାଘୁଣୀ ମୌସୁମୀ। ଆର୍ନ୍ତଜାତିକ ବ୍ୟାଘ୍ର ଦିବସରେ ସେ ୩ଛୁଆକୁ ଜନ୍ମଦେଇଥିଲା। ଏଥିମଧ୍ୟରୁ ୨ ମଲା ଛୁଆ ଓ ଅନ୍ୟଟି ଜୀବିତ ଥିଲା। ମା' ଗ୍ରହଣ ନ କରିବାରୁ ଜୀବନ୍ତ ଛୁଆଟିକୁ ପ୍ରାଣୀଉଦ୍ୟାନ ଲାଳନପାଳନ କେନ୍ଦ୍ରରେ ରଖାଯାଇ ଯତ୍ନ ନିଆଯାଉଥିଲା। ମାତ୍ର ତିନିଦିନ ନ ପୁରୁନୁ ତା'ର ମୃତ୍ୟୁ ଘଟିଥିଲା।

## ଛୁଆକୁ ଦେଖିପାରିଲାନି ସିମ୍ପାଜୀ 'ଜୁଲୁ'

ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ସିମ୍ପାଜୀ 'ରାକ୍ଷୀ' ଡିସେମ୍ବର ୨୯ ନନ୍ଦନକାନନର ପ୍ରତିଷ୍ଠା ଦିବସରେ ୨ୟ ସନ୍ତାନକୁ ଜନ୍ମ ଦେଇଥିଲା। ଏହାକୁ ନେଇ ଖୁସିର ଲହରି ଖେଳି ଯାଇଥିବାବେଳେ ନିଜ ପିଲାକୁ ଆଖିପୂରା ଦେଖିବା ଆଗରୁ ବାପା 'ଜୁଲୁ'ର ପରଦିନ ସକାଳେ ଦୁଃଖଦ ମୃତ୍ୟୁ ଘଟିଥିଲା। ୧୨ ସନ୍ତାନର ବାପା ୩୬ ବର୍ଷିୟା ଜୁଲୁ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ଆଖିବୁଜିଥିବା କୁହାଯାଉଥିଲେ ମଧ୍ୟ ଏହି ଘଟଣା ସିମ୍ପାଜୀ ବଂଶବୃଦ୍ଧିରେ ବାଧକ ସାଜିପାରେ ବୋଲି ଆଶଙ୍କା କରାଯାଉଛି ।

## ସଂକ୍ଷେପରେ

### ଏଟିଏମ୍‌ରେ ଟଙ୍କା ନ ଥିବାରୁ ଲୋକେ ହନ୍ତସନ୍ତ

ଖଡ଼ିଆଳ,୩୦।୧୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲାର ଏକ ପ୍ରମୁଖ ସହର ହେଉଛି ଖଡ଼ିଆଳ। ଏହି ସହର ଉପରେ ଅଞ୍ଚଳ ତଥା ରାଜ୍ୟ ବାହାରୁ ଦୈନିକ ୫୦ ହଜାରରୁ ଅଧିକ ଲୋକ ନିର୍ଭର କରୁଥିବା ବେଳେ ଏଟିଏମ୍‌ରେ ଟଙ୍କା ନ ଥିବା ନେଇ ହଇରାଣ ହୋଇଥିବା ଦେଖିବାକୁ ମିଳିଥିଲା। ସହରରେ ବିଭନ୍ନ ବ୍ୟାଙ୍କର ୧୩ଗୋଟି ଏଟିଏମ୍ ଥିବାବେଳେ ସୋମବାର କୌଣସିଟିରେ ଟଙ୍କା ନ ଥିବାରୁ ଏସ୍‌ବିଆଇ ମୁଖ୍ୟ ଶାଖାରେ ଥିବା ଏଟିଏମ୍‌ରେ ଟଙ୍କା ପାଇଁ ଲୋକଙ୍କ ଧାଡି ଲାଗିଥିଲା। ଅଧିକାଂଶ ଦିନ ଏହି ସମସ୍ୟା ଦେଖାଯାଉଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ତ ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଏଟିଏମ୍ କିପରି ଲୋକଙ୍କୁ ଠିକ୍ ସେବା ଯୋଗାଇବ ସେ ଦିଗରେ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ନେଇ ଖଡ଼ିଆଳ ଏସ୍‌ବିଆଇ ଶାଖା ମ୍ୟାନେଜର ଦିନେଶ କୁମାର ମିଶ୍ରଙ୍କୁ ପଚାରିବାରୁ ଗ୍ରାହକଙ୍କ ସୁବିଧା ପାଇଁ ଆମେ ବ୍ୟାଙ୍କ ସମୟରେ ଏଟିଏମ୍‌ରେ ଟଙ୍କା ଭରୁଛୁ ବୋଲି କରିଥିଲେ।

### ମାସେ ନ ପୂରୁଣୁ ରାସ୍ତାରୁ ଉଠିଲା ପିଚୁ

ଖଡ଼ିଆଳ,୩୦।୧୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସହରର ୱାର୍ଡ ନଂ.୬ ଗୁରୁନାନକ ଛକରୁ ଜୟ ପାଢ଼ୀ ଘର ପର୍ଯ୍ୟନ୍ତ ଏନ୍ଏସି ପକ୍ଷରୁ ପିଚୁ ରାସ୍ତା ନିର୍ମାଣ କରାଯାଇଛି। ୫।୧୨।୨୦୨୪ ନିର୍ମାଣ ଅବଧି ବୋଲି ସୂଚନା ଫଳକରେ ଦର୍ଶାଯାଇଛି। ତେବେ ନିମ୍ନମାନର ପିଚୁ କାମ ଯୋଗୁ ନିର୍ମାଣର ମାସେ ନ ପୁରୁଣୁ ରାସ୍ତାରୁ ପିଚୁ ଓ ଚିପ୍ସ ଉଠି ମେଟାଲ ବାହାରିବା ସହିତ ରାସ୍ତାର କେତେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ଏହି ରାସ୍ତା ଖଡ଼ିଆଳ ସହରର ଏକ ବାଇପାସ୍ ଭାବରେ ବ୍ୟବହାର କରାଯାଏ। ନିମ୍ନମାନର କାର୍ଯ୍ୟ ଯୋଗୁ ଏହି ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ତଦନ୍ତ କରି ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଖଡ଼ିଆଳ ଏନ୍ଏସି ଯନ୍ତ୍ରୀ ଅରୁଣ ପାତ୍ରଙ୍କୁ ପଚାରିବାରୁ ଯେଉଁଠି ରାସ୍ତା ଖରାପ ହୋଇଛି ତାହାକୁ ପୁଣି ତିଆରି କରାଯିବ ବୋଲି ପ୍ରକାଶ କରିଥିଲେ।

### ୧୯୯୬ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ଖଡ଼ିଆଳ,୩୦।୧୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଶରଧାପୁର ଗ୍ରାମ ପଞ୍ଚାୟତର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଡଙ୍ଗସରର ୧୯୯୬ ମାଟ୍ରିକ ବ୍ୟାଚ୍ ସହପାଠୀ ଓ ସେମାନଙ୍କ ପରିବାରର ବନ୍ଧୁମିଳନ କାର୍ଯ୍ୟକ୍ରମ ଢୁଆଝର ବ୍ରିଜ ଶିବ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀବତ୍ସ ଦାସ, ବର୍ତ୍ତମାନର ପ୍ରଧାନ ଶିକ୍ଷକ ଗରୁ ଗହୀର, ପୂର୍ବତନ ଶିକ୍ଷକ ଲୋକନାଥ ସରାଫ, ବର୍ତ୍ତମାନର ସହାୟକ ଶିକ୍ଷକ ରାଜାରାମ ଗହୀର ପ୍ରମୁଖ ଉପସ୍ଥିତ ଥିଲେ। ପୁରାତନ ଛାତ୍ରୀଛାତ୍ର ପାଠପଢା ସମୟର ଅନୁଭୂତି ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଗୁରୁ ପୂଜନ କରାଯାଇଥିଲା। ପଢିଲା ସମୟର ସ୍ମୃତିକୁ ନେଇ ବିଭୂତି ଭୂଷଣ ବିଶି ସ୍ୱରଚିତ କବିତା ଗାନ କରିଥିଲେ। ସମସ୍ତ ସହପାଠୀ ନିଜ ପରିବାରର ପରିଚୟ କରାଇଥିଲେ। ହରେ ଜଗତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସନ୍ତୋଷିନୀ ଭୋଇ, ଘନକେଶୀ ଭୋଇ, ସଞ୍ଜୁ ଜଗତ, ଗୀତା କୁମାର, ଚିନ୍ତାମଣି ବାଗ, ବେଶରାଜ ଦାସ ସହଯୋଗ କରିଥିଲେ।

# ବଦଳିବ ମନ୍ଦିର, ପର୍ଯ୍ୟଟନସ୍ଥଳୀର ରୂପରେଖ

**କଳାହାଣ୍ଡି ଜିଲ୍ଲା**

■୪୬ ପ୍ରକଳ୍ପ ଉନ୍ନତୀକରଣ ପାଇଁ ୪୪ କୋଟିର ପ୍ରସ୍ତାବ

ଭବାନୀପାଟଣା,୩୦।୧୨ (ଉତ୍ତମ କୁମାର ଦାଶ)



ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ।

କଳାହାଣ୍ଡି ଜିଲାର ବିଭିନ୍ନ ବ୍ଲକରେ ଥିବା ମନ୍ଦିର, ପର୍ଯ୍ୟଟନୀ ସ୍ଥଳୀର ରୂପରେଖ ଖୁବ୍‌ଶୀଘ୍ର ବଦଳିବାକୁ ଯାଉଛି। ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ଜିଲାରେ ଥିବା ୪୪ଟି ବିଭିନ୍ନ ଐତିହାସିକ ମନ୍ଦିର ଓ ପର୍ଯ୍ୟଟନୀ ସ୍ଥଳୀକୁ ଚୟନ କରାଯାଇ ଏହାର ଉନ୍ନତୀକରଣ ପାଇଁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ପ୍ରାୟ ୪୪ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଏହାକୁ ଅନୁମୋଦନ କରିବା ଲାଗି ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କୁ ପ୍ରସ୍ତାବ ଦିଆଯାଇଛି।

ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ କେସିଙ୍ଗା ବ୍ଲକର ଅମାଠଗଡ ପାଇଁ ୨୬.୪୦ ଲକ୍ଷ, ଧବଳେଶ୍ୱର ପୀଠ ୧ କୋଟି ୮୩ ଲକ୍ଷ, ଗୋକୁଳେଶ୍ୱର ଶିବ ମନ୍ଦିର ୧ କୋଟି ୩୪ଲକ୍ଷ, ଗିରି ଗୋବର୍ଦ୍ଧନ ପୀଠ ୧କୋଟି ୨୨ ଲକ୍ଷ, ବାଲସି ଗୋବର୍ଦ୍ଧନ ପୀଠ ୧କୋଟି ୨୦ଲକ୍ଷ, ଯୋଗମାୟା ପୀଠ ୬୭.୨୦ଲକ୍ଷ, ପାତାଳେଶ୍ୱର ମନ୍ଦିର ୬୨.୪୦ଲକ୍ଷ, ଭବାନୀପାଟଣା ଜଳେଶ୍ୱର ମନ୍ଦିର ୭୪.୪୦ ଲକ୍ଷ, ଫୁର୍ଲିଝରଣ ଜଳ ପ୍ରପାତ ୬୦ଲକ୍ଷ, ରାବଣଧର ୪୯.୨୦ ଲକ୍ଷ, ବରଗାଁ ଶିବ ମନ୍ଦିର ୪୪.୪୦ଲକ୍ଷ, ଲଛିପୁର ଅଷ୍ଟ ଶମ୍ଭୁ ମନ୍ଦିର ୯୧.୨୦ ଲକ୍ଷ, ବୋଡାପଡା ଶିବ ମନ୍ଦିର ୧କୋଟି ୨୦ଲକ୍ଷ, ଦେପୁର ଶିବ ମନ୍ଦିର ୧କୋଟି ୨୦ଲକ୍ଷ, ବୋର୍ଡା ଗମ୍ଭାରୀମଠ ୧କୋଟି ୨୦ଲକ୍ଷ, ବାନ୍ଦୋପଲା ଶିବ ମନ୍ଦିର ୧କୋଟି ୭୨ଲକ୍ଷ, କର୍ଲାଗୁଡା ଶିବ ମନ୍ଦିର ୮୦.୪୦ଲକ୍ଷ, ମକ୍ରିପଡା ୧କୋଟି ୨୨ଲକ୍ଷ, ସାପସିଲେଟ ମନ୍ଦିର ୨ କୋଟି ୧୦ଲକ୍ଷ, ଧର୍ମଗଡ ପାରାଦେଶ୍ୱର ମନ୍ଦିର ୬୨.୪୦ଲକ୍ଷ, ମା' ଭଣ୍ଡାରଘରଣୀ ମନ୍ଦିର ୬୩.୬୦ ଲକ୍ଷ, ରାଧାକୃଷ୍ଣ ମନ୍ଦିର ୬୭.୨୦ଲକ୍ଷ, ଭୀମଖୋଜ ପାତାଳେଶ୍ୱର ୪୪ଲକ୍ଷ, ବେହେରା ଦନ୍ତେଶ୍ୱରୀ ମନ୍ଦିର ୪୮ଲକ୍ଷ, କୋକସରା ଡୋକ୍ରିଚଞ୍ଚରା ୫୫.୨୦ ଲକ୍ଷ, ଆମପାଣି ବୁଢାରଜା ମନ୍ଦିର ୩୭.୨୦ ଲକ୍ଷ, ଜୁନାଗଡ ଲଙ୍କେଶ୍ୱରୀ ମନ୍ଦିର ୫୫.୨୦, ସାପଗଣ୍ଡା ୧କୋଟି ୬୯ଲକ୍ଷ, ଚିଚେଇଗୁଡା ନୀଳକଣ୍ଠେଶ୍ୱର ମନ୍ଦିର ୯୦ଲକ୍ଷ, ନାନ୍ଦୋଲ ଶିବମନ୍ଦିର ୭୮ଲକ୍ଷ, ତଳଜାରିଙ୍ଗ ମା' ବନଜାରୀ ମନ୍ଦିର ୭୮ଲକ୍ଷ, ଦେଉଣ୍ଡି ଅଷ୍ଟଶମ୍ଭୁ ମନ୍ଦିର ୬୭.୨୦ଲକ୍ଷ, ଥୁଆମୂଳ ରାମପୁର ମରଡିଗୁଡା ୪୩.୨୦ ଲକ୍ଷ, ହେଲୋ ପଏଣ୍ଟ ୩୧.୨୦ଲକ୍ଷ, କର୍ଲାମୁଣ୍ଡା କୁର୍ଶଲା ମନ୍ଦିର ୬୧.୨୦ ଲକ୍ଷ, ଜୟପାଟଣା ତାଳଗୁଡ ୨୬.୪୦ଲକ୍ଷ, ଗୋଲାମୁଣ୍ଡା ଚୁରାପାହାଡ ୨କୋଟି ୩୮ଲକ୍ଷ, ଫୁଣ୍ଡା ବାଗବାହାଲି ଶିବ ମନ୍ଦିର ୭୮ଲକ୍ଷ, ଏମ୍ ରାମପୁର ମୋହନଗିରି ଶୈବ ପୀଠ ୬୮.୪୦ଲକ୍ଷ, ସାକୁସ ଶିବ ମନ୍ଦିର ୪୮ଲକ୍ଷ, ଲାଞ୍ଜିଗଡ ବ୍ଲକ ସୋସପଦର ୭୮ଲକ୍ଷ ଓ କନକଦୁର୍ଗା ମନ୍ଦିର ପାଇଁ ୧କୋଟି ୪୭ଲକ୍ଷ ରହିଛି। ମନ୍ଦିର ଓ ପର୍ଯ୍ୟଟନୀ ସ୍ଥଳୀର ଉନ୍ନତୀକରଣ ହେଲେ କଳାହାଣ୍ଡିକୁ ଆହୁରି ଅଧିକ ପର୍ଯ୍ୟଟକ ଆସିବେ ବୋଲି ଜିଲା ପର୍ଯ୍ୟଟନ ଅଧିକାରୀ ସୁବୋଧ ଛତ୍ରିଆ ପ୍ରକାଶ କରିଛନ୍ତି।

# ଦିବ୍ୟାଙ୍ଗ ସଶକ୍ତୀକରଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର



ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

ନୂଆପଡ଼ା,୩୦।୧୨ (ମକାରୁ ବେମାଲ)

ନୂଆପଡ଼ା ଜିଲାରେ ଦିବ୍ୟାଙ୍ଗମାନଙ୍କୁ ସଶକ୍ତ କରିବା ପାଇଁ ରାଷ୍ଟ୍ରୀୟ ଦିବ୍ୟାଙ୍ଗ ସଶକ୍ତୀକରଣ ଦିବସରେ ଜିଲାପାଳଙ୍କୁ ସୋମବାର ଜିଲା ସକ୍ଷମ ସଶକ୍ତ ସଙ୍ଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନର ନୂଆପଡ଼ା ସଂଯୋଜକ ଭକ୍ତବନ୍ଧୁ ଧରୁଆଙ୍କ ନେତୃତ୍ୱରେ ସମସ୍ତ ଦିବ୍ୟାଙ୍ଗ ଏକତ୍ରିତ ହୋଇ ୬ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ଆଲୋକ କୁମାର ଅନଗୁଳିଆଙ୍କୁ ପ୍ରଦାନ କରାଯାଇଥିଲା। ପ୍ରମୁଖ ଦାବି ମଧ୍ୟରେ ଦିବ୍ୟାଙ୍ଗଙ୍କୁ କୌଣସି ଯୋଜନା ବିଷୟରେ ଜଣାଇବା ପାଇଁ ବିଭାଗ ତରଫରୁ ପଞ୍ଚାୟତ ସ୍ତରରେ ବୈଠକ କରିବା, ଜିଲା,ବ୍ଲକ୍, ଏନ୍ଏସିରେ ବାସ କରୁଥିବା ଦିବ୍ୟାଙ୍ଗଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବ୍ୟାଙ୍କ ଋଣ, ଡିଆର୍ଆଇ ଋଣ, ଉଚ୍ଚଶିକ୍ଷା ଋଣ, ବ୍ୟବସାୟ ପାଇଁ ତାଲିମ ସହ ଚାକିରି କ୍ଷେତ୍ରରେ ଅଗ୍ରାଧିକାର ଦେବା, ଜିଲାରେ ଦିବ୍ୟାଙ୍ଗଙ୍କୁ କଳା ଓ କ୍ରୀଡ଼ା କ୍ଷେତ୍ରରେ ପ୍ରୋତ୍ସାହନ ଦେବା ପାଇଁ ଜଣେ ଅଧିକାରୀ ନିୟୋଜିତ କରିବା ଆଦି ଅନ୍ୟତମ। ଦାବିପତ୍ର ପ୍ରଦାନ ସମୟରେ ଜିଲା କିଷାନ ମଜଦୁର ସଂଗ୍ରାମ ପରିଷଦ ଆବାହକ ଯଦୁମଣି ପାଣିଗ୍ରାହୀ, ଦିଲୀପ କୁମାର ରାଉତ, ସୁମନ୍ତ କୁମାର ବରିହା, ଭାଗୀରଥି ନିଆଲ, ପଦମନ ମାଝି , ସନ୍ତୋଷ ମାଝି, ଜୟଲାଲ ରାଉତ, ଶ୍ୟାମଲାଲ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

# ସେଁପୁରରେ ଜମୁଛି ଧନୁଯାତ୍ରା ମହୋତ୍ସବ


ଧନୁଯାତ୍ରା ମହୋତ୍ସବରେ ଅଭିନେତା କଂସଙ୍କ ସହ ଅତିଥିମାନେ।

ଭବାନୀପାଟଣା,୩୦।୧୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ସେଁପୁର ଦୁର୍ଗାମଣ୍ଡପ ପଡିଆରେ ଗୁରୁବାରଠାରୁ ଚାଲିଥିବା ଧନୁଯାତ୍ରା ମହୋତ୍ସବ ଜମିବାରେ ଲାଗିଛି। ଗ୍ରାମବାସୀଙ୍କ ସହଯୋଗରେ ଦୀର୍ଘ ୯ବର୍ଷ ହେଲା ମହୋତ୍ସବ ଆୟୋଜନ ହୋଇଆସୁଛି। କଂସ ଭୂମିକାରେ ବରଗଡ ଚିଚିଣ୍ଡାର ଝସକେତନ ପ୍ରଧାନଙ୍କ ଅଭିନୟ ଚିତ୍ତାକର୍ଷକ ହେଉଥିବାବେଳେ ମିନାବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଉତ୍ସବମୁଖର ହୋଇଉଠିଛି ଅଞ୍ଚଳ। ଏହି ଅବସରରେ ଚତୁର୍ଥ ଦିବସରେ ମୁଖ୍ୟ ଅତିଥି ଭାବେ ସଞ୍ଜୀବ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ନରେଶ ସାହୁ, ବିବେକ ରଞ୍ଜନ ନାଗ, ରୋଶନ ଲାଲ ଛତର, ଡୋଳେଶ୍ୱର ସାହୁ, କମିଟି ସଭାପତି ମାନଗୋବିନ୍ଦ ମାଝୀ, ଉପସଭାପତି ସୁଶାନ୍ତ ମାଝୀ, ସମ୍ପାଦକ ଭାଗ୍ୟବାନ (କାହ୍ନା) ସାହୁ, କୋଷାଧ୍ୟକ୍ଷ କିଶୋର ସାହୁ, ଯୁଗ୍ମ ସମ୍ପାଦକ ଅଭିଷେକ ବାଗ ପ୍ରମୁଖ ଯୋଗଦେଇଥିଲେ। ବାଞ୍ଛାନିଧି ମିଶ୍ର, ଲୋକନାଥ ବଛା, ତାପସ ପ୍ରଧାନ, ପ୍ରସନ୍ନ ବାଗ, ଜୀବର୍ଦ୍ଧନ ଗହୀର, ମହିନ୍ଦ୍ର ବଛା, ଛନ୍ଦାଚରଣ ବାଗ, ଜନାର୍ଦ୍ଦନ ବାଗ, ଭବାନୀ ଶଙ୍କର ସାହୁ, ଯଶୋବନ୍ତ ବାଗ ପ୍ରମୁଖ ପରିଚାଳନା କରିଥିଲେ।

### ଦଣ୍ଡପାଟ ଧନୁଯାତ୍ରା: ହର ହର ଶମ୍ଭୁ ଗୀତରେ କମ୍ପିଲା ମଞ୍ଚ

ବେହେରା,୩୦।୧୨ (ଭୂପେଶ ତିୱାରୀ)

କଳାହାଣ୍ଡି ଜିଲାର ପ୍ରସିଦ୍ଧ ଦଣ୍ଡପାଟ ଧନୁଯାତ୍ରା ବେହେରା ହାଇସ୍କୁଲ ପଡିଆଠାରେ ଚାଲୁରହିଛି। ରବିବାର ଦ୍ୱିତୀୟ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଅଭିଲିପ୍ସା ପଣ୍ଡା କଂସ ଦରବାରରେ ଉପସ୍ଥିତ ହୋଇଥିଲେ। ସେ ଗାଇଥିବା 'ହରହର ଶମ୍ଭୁ' ଗୀତରେ ମଞ୍ଚ ଉଚ୍ଛୁଳି ପଡ଼ିଥିଲା। ଅଭିଲିପ୍ସାଙ୍କ ସହ ନିମନ୍ତ୍ରିତ ତାଙ୍କ ମା'ବାପା ଓ ସାନ ଭଉଣୀଙ୍କୁ ମଞ୍ଚରେ ସମର୍ଦ୍ଧନା ଦିଆ ଯାଇଥିଲା। ସେହିପରି ତୃତୀୟ ସନ୍ଧ୍ୟାରେ ଓଲିଉଡର ପ୍ରସିଦ୍ଧ ଗାୟିକା ଅର୍ପିତା ଚୌଧୁରୀ ମଞ୍ଚରେ ଚମତ୍କାର ଗୀତ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ଉଦ୍‌ଘୋଷକ କ୍ଷିରସିନ୍ଧୁ ବାଣୁଆ ମଞ୍ଚ ପରିଚାଳନା କରିଥିବା ବେଳେ ସଭାପତି ବିନ୍ଦୁସାର ବିଶି, ସମ୍ପାଦକ ଲଳିତ ବାଣୁଆ, ଉପସଭାପତି ଉପେନ୍ଦ୍ର ନାଏକ ପ୍ରମୁଖ ସହଯୋଗ କରିଥିଲେ।


କଂସ ଦରବାରରେ ସଙ୍ଗୀତ ପରିବେଷଣ କରାଯାଉଛି।

# ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର କରାଟେ ଛାତ୍ରୀଛାତ୍ରଙ୍କ ସଫଳତା



ପ୍ରତିଯୋଗିତାରେ ସଫଳତା ପାଇଥିବା ଛାତ୍ରୀଛାତ୍ର।

ଲାଞ୍ଜିଗଡ଼,୩୦।୧୨ (ରମେଶ ଚନ୍ଦ୍ର ନାୟକ)

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ୧୪ତମ ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତା ଗତ ୨୯ ତାରିଖରେ ଶେଷ ହୋଇଛି। ଏଥିରେ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗନେଇ ସଫଳତା ହାସଲ କରିଛନ୍ତି। ୨ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୧୨ କାଂସ୍ୟ ସମେତ ୨୧ ପଦକ ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। କରାଟେ କୋଚ କ୍ଷମାନିଧି ମହାଖୁଡ଼ ଓ ଟିମ୍ ମ୍ୟାନେଜର ସସ୍ମିତା ମହାଖୁଡଙ୍କ ନେତୃତ୍ୱରେ ଏହି ଖେଳାଳିମାନେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ପ୍ରତିଯୋଗୀମାନଙ୍କୁ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ସାକ୍ଷାତ କରି ଆଗକୁ କିଭଳି ଖେଳି ସୁନାମ ଅର୍ଜନ କରିବେ ସେ ନେଇ ଦିଗ୍‌ଦର୍ଶନ ଦେଇଥିଲେ। ବେଦାନ୍ତ ଆଲୁମିନା ସିଇଓ ପ୍ରଣବ ଭଟ୍ଟାଚାର୍ଯ୍ୟ, ସିଏସ୍ଆର୍ ମୁଖ୍ୟ ଶିଶିର ତରଫଦାର, ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଅଧ୍ୟକ୍ଷ ସଦାନନ୍ଦ ହୋତା, କଳାହାଣ୍ଡି ଉତ୍କଳ କରାଟେ ସ୍କୁଲ ସମ୍ପାଦକ ସୁରେଶ ଜାଲ ଯାଦବ, ବେଦାନ୍ତ ସିଏସ୍ଆର୍ ଅଭିନଭ ପ୍ରତାପ ପ୍ରମୁଖ ଏହି ଖେଳାଳିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

# ଖଡ଼ିଆଳ ମହୋତ୍ସବ ପାଇଁ ସମୀକ୍ଷା ବୈଠକ

ଖଡ଼ିଆଳ,୩୦।୧୨ (ସୁଜିତ କୁମାର ପ୍ରଧାନ)


ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଆସନ୍ତା ଫେବୃଆରୀ ୩ରୁ ୭ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ଆୟୋଜିତ ହେବାକୁ ଯାଉଛି ଖଡ଼ିଆଳ ମହୋତ୍ସବ ୨୦୨୫। ମହୋତ୍ସବ ସୁରୁଖୁରୁରେ ପାଳନ କରିବା ପାଇଁ ଗଠିତ ହୋଇଥିବା ଉପକମିଟି ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ପ୍ରସ୍ତୁତି ଅଗ୍ରଗତି ନେଇ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ କମିଟି ସଭାପତି ଜିତେନ୍ଦ୍ରନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ସମ୍ପାଦକ ସୁନୀଲ ସାହୁ, ପୂର୍ବତନ ସଭାପତି ନିମାଇଁ ଚରଣ ତାଣ୍ଡି, ଗିରିଧାରୀ ବିଭାର, ସନ୍ତୁ ପଟ୍ଟନାୟକ, ଛବି ସାଗର ପ୍ରମୁଖ ଉପସ୍ଥିତ ରହି ସମୀକ୍ଷା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ଉପ କମିଟି ଆବାହକ ସତପାଲ ସିଂ ଛାବଡା, ରତନ ସିଂ ବାରିକ, ବିମଳ ସିଂ ଦଳପତି, ଗଙ୍ଗାଧର ମହାଉତି, ଭୋଦେବ ସାହୁ, ପବିତ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଦିଲ୍ଲୀ ଗଲେ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର କଳାକାର

**ସାଧାରଣତନ୍ତ୍ର ଦିବସରେ ଡାଲଖାଇ ନୃତ୍ୟ ପରିବେଷଣ କରିବେ**

କେସିଙ୍ଗା, ୩୦।୧୨ (ଡୁମେଶ୍ୱର ସାହୁ)


ଜିଲାପାଳଙ୍କ ସହିତ କଳାକାରବୃନ୍ଦ।

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ୬୦ ଜଣ କଳାକାର ସାଧାରଣତନ୍ତ୍ର ଦିବସରେ କର୍ତ୍ତବ୍ୟପଥ ଦିଲ୍ଲୀଠାରେ ଜୟ ମା' ଭାରତୀ ନୃତ୍ୟ ଉତ୍ସବ ଉପଲକ୍ଷେ ଡାଲଖାଇ ନୃତ୍ୟ ପରିବେଷଣ କରିବା ପାଇଁ ମନୋନୀତ ହୋଇ ସୋମବାର ଦିଲ୍ଲୀ ଗସ୍ତ କରିଛନ୍ତି। କେନ୍ଦ୍ର ସଂସ୍କୃତି ବିଭାଗ ଓ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଏହି କଳାକାରମାନେ ମନୋନୀତ ହୋଇଛନ୍ତି। ଏହା କେସିଙ୍ଗା ତଥା ଜିଲା ପାଇଁ ଗୌରବ ଆଣିଦେଇଛି। କଳାକାରମାନେ ଅଡିସନରେ ଚୟନ ହେବା ପରେ ଏହି କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ ଦିଲ୍ଲୀ ଯାଉଛନ୍ତି। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଉପସ୍ଥିତ ରହି କଳାକାରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ସମୟରେ ସମସ୍ତ କଳାକାର ତଥା ଅନୁଷ୍ଠାନର ସଭାପତି ସୁଶାନ୍ତ ମହାପାତ୍ର, ସମ୍ପାଦକ ଅକ୍ଷୟ ଦାସ, କୋଷାଧ୍ୟକ୍ଷ ବିକ୍ରମ ବାରିକ, ଜ୍ଞାନେନ୍ଦ୍ର ଭୋଇ, କୁମାର ସିଂ, ସୁଶାନ୍ତ ସିଂ, ଲକ୍ଷ୍ମୀକାନ୍ତ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଭବାନୀପାଟଣା ଇଭିନିଂ କ୍ଲବ ଚାମ୍ପିୟନ

**ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ବେହେରା, ୩୦।୧୨ (ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ପର୍ଲାଠାରେ ଆୟୋଜିତ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଜଗଦଲପୁର ବନାମ ଭବାନୀପାଟଣା ଇଭିନିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭବାନୀପାଟଣା ୫-୧ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଧର୍ମଗଡ ବିଧାୟକ ସୁଧୀର ପାଟ୍ଟଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ବିଜୟୀ ଖେଳାଳି ପାଇଁ ୩୦ହଜାର ଓ ରନର୍ସ ଅପ ଖେଳାଳିଙ୍କୁ ୨୦ ହଜାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଜଗା ମାଝୀ, ତାପସ ଦାସ, ଭବେନ୍ଦ୍ର ଗୋପାଳ, ସଞ୍ଜିତ ଦୁର୍ଗା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସୁଧୀର ଗୋପାଳ ମଞ୍ଚ ପରିଚାଳନା କରିଥିବାବେଳେ ଖବରଦାତା ଲକ୍ଷ ଜ୍ୟୋତି ଜାଲ ଧନ୍ୟବାଦ ଅର୍ପଣ କରିଥିଲେ। କମିଟି ସଭାପତି ପ୍ରବୀଣ ଦାସ, ସୁଧୀର ବାଗ, ମନୋଜ ଦାସ, ଡିଲେଶର ସାହୁ, ଧନୀରାମ ଗୋପାଳ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ସହ ଖେଳାଳିମାନେ।

# ବନବାସୀଙ୍କ ପାଇଁ ସରକାରୀ ଯୋଜନା ସାତସପନ

ନୂଆପଡ଼ା,୩୦।୧୨ (ମକାରୁ ବେମାଲ)

ନୂଆପଡ଼ା ଜିଲାର ସୁନାବେଡ଼ା ଅଭୟାରଣ୍ୟ ଭିତରେ ଅନେକ ଗାଁ ରହିଛି ଯେଉଁଠି ସରକାରୀ ଯୋଜନା ସାତସପନ ହୋଇଛି। ତନ୍ମଧ୍ୟରେ ସୁନାବେଡ଼ା ପଞ୍ଚାୟତର କୋକେଡ, ଗମ୍ଭାରୀପାଣି ଓ ଯୋଗୀମୁଣ୍ଡା ଗାଁକୁ ଦୃଷ୍ଟାନ୍ତ ଭାବେ ନିଆଯାଇପାରେ। ଏହିସବୁ ଗାଁରେ ପହରିଆ ସମ୍ପ୍ରଦାୟର ପାଖାପାଖି ୬୦ ପରିବାର ରହୁଛନ୍ତି। ଗାଁକୁ ଭଲ ରାସ୍ତାଟିଏ ନାହିଁ। ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ପୋଖରୀ, କୂଅ, ଚହଲା ପାଣି ହିଁ ଲୋକଙ୍କ ଭରସା। ବିଜୁଳି ଆଲୁଅ ନ ଥିବାରୁ ଜଙ୍ଗଲ ଭିତରେ ଲୋକେ ଅନ୍ଧାରରେ ଦିନ କାଟୁଛନ୍ତି। ପିଲାଙ୍କ ପଢ଼ିବା ପାଇଁ ବିଦ୍ୟାଳୟ ନାହିଁ କି କୋମଳମତି ଶିଶୁଙ୍କ ପ୍ରାକ୍ ଶିକ୍ଷାଦାନ ପାଇଁ ଅଙ୍ଗନୱାଡି କେନ୍ଦ୍ରଟିଏ ନାହିଁ । ଅଧିକାଂଶ ଲୋକଙ୍କ ଆଧାର କାର୍ଡ, ଭୋଟର ପରିଚୟପତ୍ର ନ ଥିବାରୁ ରାଶନ କାର୍ଡ ଓ ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି। ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ, ବିଧବାମାନେ ଭତ୍ତା ପାଇଁ ଆବେଦନକଲେ ମଧ୍ୟ ହୋଇପାରୁ ନାହିଁ। ପୂର୍ବପୁରୁଷରୁ ଅଭୟାରଣ୍ୟ ଭିତରେ ବାସ କରିଆସୁଥିଲେ ମଧ୍ୟ କାହାର ଜମି ପଟ୍ଟା କିମ୍ବା ଘରଡିହ ପଟ୍ଟା ନାହିଁ। ଅଭୟାରଣ୍ୟ ଭିତରେ ବସବାସ କରୁଥିବା ବନବାସୀଙ୍କ ପାଇଁ ସରକାରୀ ଯୋଜନା ସାତସପନ ହୋଇରହିଛି। ସୁନାବେଡ଼ା ଅଭୟାରଣ୍ୟ ଭିତରେ ଚକୋଟିଆ ଭୁଞ୍ଜିଆ ସମ୍ପ୍ରଦାୟର ଜନଜାତିଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଚକୋଟିଆ ଭୁଞ୍ଜିଆ ଉନ୍ନୟନ ନାମରେ ଏକ ସଂସ୍ଥା ବିଭିନ୍ନ ଯୋଜନାରେ କାର୍ଯ୍ୟ କରୁଛି। ହେଲେ ପହରିଆ ଓ ଅନ୍ୟାନ୍ୟ ସମ୍ପ୍ରଦାୟର ଜନଜାତି ବାସ କରୁଥିଲେ ମଧ୍ୟ ସରକାରୀ ଯୋଜନାରୁ ବଞ୍ଚିତ। କାଁ ଭାଁ ଯୋଜନା ଚାଲିଥିଲେ ହେଁ ଆଧାର ବାଧକ ବୋଲି କୌଣସି ସରକାରୀ ଯୋଜନାର ଲାଭ ଉଠାଇପାରୁ ନାହାନ୍ତି ବନବାସୀ । ଆଧାର କାର୍ଡ ପାଇଁ କେବଳ ବୃଦ୍ଧାବୃଦ୍ଧ, ବିଧବା, ଦିବ୍ୟାଙ୍ଗ ନୁହନ୍ତି, ଛୋଟ ପିଲା ମଧ୍ୟ ବାଦ୍ ପଡ଼ିଯାଇଛନ୍ତି। କିଛିଦିନ ପୂର୍ବେ ଜିଲାପାଳ ମଧୁସୂଦନ ଦାସ ସୁନାବେଡ଼ା ଦୁର୍ଗମ ଅଞ୍ଚଳକୁ ଉନ୍ନୟନ କାର୍ଯ୍ୟ ତଦାରଖକରିବା ପାଇଁ ଯାଇଥିବା ସମୟରେ ଗାଁର ଅଧିବାସୀ ସବୁ ସମସ୍ୟା ଜଣାଇଥିଲେ। ଏସବୁ ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ ଜିଲାପାଳ ଦାସଙ୍କୁ ପଚାରିବାରୁ ଅଭୟାରଣ୍ୟ ଭିତରେ ବୁଲି ଲୋକଙ୍କ ସମସ୍ୟା ଅବଗତ ହେବା ପରେ ଏହାର ସମାଧାନ ପାଇଁ କୋମନା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛୁ । ତାଙ୍କ ଟିମ୍ ଗାଁ ଗାଁ ବୁଲି କ୍ୟାମ୍ପକରି ଶୀଘ୍ର ସମାଧାନ କରିବେ ବୋଲି କହିଥିଲେ।


ପହରିଆମାନେ ରହୁଥିବା ଗାଁର ଦୃଶ୍ୟ।

# ଉଠୁନି ଧାନ, ଚାଷୀ ହୀନସ୍ତା

ସୋନପୁର,୩୦।୧୨(ମୃତ୍ୟୁଞ୍ଜୟ ଶତପଥୀ)

## ମଣ୍ଡିରେ କମୁନି ଚାଷୀଙ୍କ ଯନ୍ତ୍ରଣା

### ସାରସମାଲ, ବଡକର୍ଲେରେ ପଡ଼ିରହିଛି ୧୩୦୦୦ ବସ୍ତା

ମଣ୍ଡିରେ କମୁନି ଚାଷୀଙ୍କ ଯନ୍ତ୍ରଣା । ଏଫ୍ଏକ୍ୟୁ ଧାନ ସଂଗ୍ରହ ଆଳରେ ଜାରି ରହିଛି କଟ୍ନି ଛଟ୍ନି । ଚାଷୀ କଟ୍ନି ପାଇଁ ରାଜି ହେଲେ ଧାନ ବିକ୍ରି କରିପାରୁଛି, ନ ହେଲେ ମଣ୍ଡିରେ ଧାନ ପଡିରହୁଛି । ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ନିଷ୍ପତ୍ତି ଅନୁଯାୟୀ ଡିସେମ୍ବର ୧୦ ତାରିଖରୁ ସୁବର୍ଣ୍ଣପୁର ଜିଲାରେ ଧାନ କିଣା ଆରମ୍ଭ ହୋଇଛି । ଆରମ୍ଭରୁ କିଛି ଦିନ ଧରି ଧାନ ସଂଗ୍ରହ ମନ୍ଥର ଗତିରେ ଚାଲିଥିଲା । ଗତ ୧ ସପ୍ତାହ ହେବ ଧାନକିଣା ସ୍ୱାଭାବିକ ହୋଇଛି । କିନ୍ତୁ ଜିଲାର ଡୁଙ୍ଗୁରିପାଲି ବ୍ଲକର ସାରସମାଲ ଓ ବଡକର୍ଲେ ମଣ୍ଡିରୁ ଧାନ ଉଠୁନି । ମୋଟ ୧୩୦୦୦ ବସ୍ତା ଧାନ ୨ଟି ମଣ୍ଡିରେ ପଡିରହିଛି । ୫୭୩ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ସାରସମାଲ ମଣ୍ଡିରେ ନାମ ପଞ୍ଜୀକରଣ କରିଛନ୍ତି । ଅଞ୍ଚଳର ପଞ୍ଜୀକୃତ ଚାଷୀ ଗତ ୧୬ ତାରିଖରୁ ପର୍ଯ୍ୟାୟକ୍ରମେ ମଣ୍ଡିକୁ ଧାନ ଆଣିଛନ୍ତି । ବିନା କଟ୍ନିରେ ଧାନ ବିକ୍ରି କରିବାକୁ ଚାଷୀମାନେ ଜିଦ୍ ଧରିଛନ୍ତି । ଅନ୍ୟପକ୍ଷେ ଟାର୍ଗେଟ୍ ପାଇଥିବା ମିଲର୍ସ ଟେଷ୍ଟିଂ କରି ଚାଷୀଙ୍କ ନିକଟରୁ ଏଫଏକ୍ୟୁ ମାନର ଧାନ ନେବା ପାଇଁ ଅଡି ବସିଛନ୍ତି । ଏଥିପାଇଁ ଏହି ମଣ୍ଡିରୁ ଧାନ ଉଠିପାରୁନି । ପ୍ରତିବାଦରେ ଚାଷୀ ରାସ୍ତାରୋକୋ କରିଥିଲେ । ଚାଷୀ ପ୍ରଶାସନ ମଧ୍ୟରେ ଆଲୋଚନା ହୋଇଥିଲା । ଗତ ୨୪ ତାରିଖରେ ମଣ୍ଡିରୁ ୨ ଚାଷୀଙ୍କ ୧୬୦ କୁଇଣ୍ଟାଲ ଏଫ୍ଏକ୍ୟୁ ମାନର ଧାନ ଉଠିଥିଲା । ତା' ପରଠାରୁ ଏହି ମଣ୍ଡିରେ ଧାନ ସଂଗ୍ରହ ବନ୍ଦ ରହିଛି । ମିଲର୍ସ ମଣ୍ଡିକୁ ଟ୍ରକ୍ ପଠାଉ ନାହାନ୍ତି । ସୋମବାର ସନ୍ଧ୍ୟା ସୁଦ୍ଧା ମଣ୍ଡିରେ ପ୍ରାୟ ୯ ହଜାର ବସ୍ତା ଧାନ ପଡିରହିଛି । ଗୋଦାମ ଭର୍ତ୍ତି ହୋଇ ଧାନ ଖୋଲା ଆକାଶ ତଳେ ପଡିଛି ।


ସାରସମାଲ ମଣ୍ଡିରେ ଚାଷୀଙ୍କ ଶତାଧିକ ବସ୍ତା ଧାନ ବାହାରେ ପଡିରହିଛି ।

ସେହିପରି ବଡକର୍ଲେ ମଣ୍ଡିରେ ସୋମବାର ସନ୍ଧ୍ୟା ସୁଦ୍ଧା ୩୭ ଚାଷୀଙ୍କ ୪୧୮୭ ବସ୍ତା ଧାନ ପଡିରହିଛି । ଗୋଦାମରେ ଧାନ ଭର୍ତ୍ତି ହୋଇରହିଛି । ଏଫଏକ୍ୟୁ ମାନର ଧାନ ନ ହେଲେ କୁଇଣ୍ଟାଲ ପ୍ରତି ୨ କିଲୋ କଟ୍ନି ପାଇଁ ଚାଷୀଙ୍କୁ ମିଲର୍ସ ବୁଲେଇ ବଙ୍କେଇ କହୁଛନ୍ତି । କିନ୍ତୁ ଚାଷୀ ନିଜର ଧାନକୁ ଏଫ୍ଏକ୍ୟୁ ମାନର ବୋଲି ଦର୍ଶାଇବା ସହ ବିନା କଟ୍ନିରେ ଧାନ ବିକ୍ରି ପାଇଁ ଜିଦ୍ ଧରିଛନ୍ତି । ଏଭଳି ସ୍ଥିତିରେ ମଣ୍ଡିରୁ ଧାନ ଉଠୁନି । ପ୍ରତିବାଦରେ ବଡକର୍ଲେ ପାକ୍ସର ଚାଷୀ ରାମପୁର-ଡୁଙ୍ଗୁରିପାଲି ରାସ୍ତାର ପଣ୍ଡକିଟାଲ ଛକରେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ । ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକ ନାହିଁ ନ ଥିବା ଅସୁବିଧା ଭୋଗିଥିଲେ । ଜିଲା ପ୍ରଶାସନ ଚାଷୀଙ୍କ ସହିତ ଆଲୋଚନା କରିବା ପରେ ଚାଷୀ ସୁରେନ୍ଦ୍ର ଭୋଇ ଓ ଅନ୍ୟ ୨ ଜଣଙ୍କ ୨୧୬ କୁଇଣ୍ଟାଲ ଏଫ୍ଏକ୍ୟୁ ମାନର ଧାନ ବିନା କଟ୍ନିରେ ବିକ୍ରି ହୋଇଛି । ପରେ ମଣ୍ଡିରୁ ଆଉ ଧାନ ଉଠିନି । ଏ ପର୍ଯ୍ୟନ୍ତ ଏହାର କୌଣସି ସମାଧାନର ସୂତ୍ର ବାହାରି ପାରିନାହିଁ । ଚାଷୀ ଯନ୍ତ୍ରଣା ଭୋଗୁଛନ୍ତି । ଜିଲାର ମୋଟ ୯୪ଟି ମଣ୍ଡିରୁ ୯୨ଟିରେ ଧାନ କିଣା ଏବେ ସ୍ୱାଭାବିକ୍ ହୋଇଛି । ବିଭିନ୍ନ ଅଞ୍ଚଳରେ ଚାଷୀ ଓ ମିଲର୍ସଙ୍କ ମଧ୍ୟରେ ଆଲୋଚନା ପରେ ଧାନ ସଂଗ୍ରହ ଧୀରେ ଧୀରେ ତ୍ୱରାନ୍ୱିତ ହେବାରେ ଲାଗିଛି । ଜିଲାର ୧୧ହଜାର ୯୦୦ ଚାଷୀ ପ୍ରାୟ ୭ଲକ୍ଷ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି । ତେବେ ସାରସମାଲ ଓ ବଡକର୍ଲେ ଅଞ୍ଚଳର ଚାଷୀ ଗ୍ରେନ୍ ଆନାଲାଇଜର ମେଶିନ୍‌ରେ ଧାନର ମାନ ପରୀକ୍ଷା ପାଇଁ ମନା କରୁଛନ୍ତି । ନିଜ ଧାନକୁ ସେମାନେ ଏଫ୍ଏକ୍ୟୁ ମାନର ବୋଲି ଦର୍ଶାଉଛନ୍ତି । ବିନା କଟ୍ନିରେ ଧାନ ବିକ୍ରି କରିବାକୁ ଚାଷୀ ଜିଦ୍ ଧରିଥିବା ବେଳେ ଏହି ୨ ମଣ୍ଡି ପ୍ରଶାସନ ପାଇଁ ମଣ୍ଡବ୍ୟଥାର କାରଣ ପାଲଟିଛି । ପ୍ରଶାସନ ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅସହାୟ ହୋଇପଡିଛି । ତେବେ ମିଲର୍ସଙ୍କ ଉପରେ ଜିଲା ପ୍ରଶାସନର କୌଣସି ନିୟନ୍ତ୍ରଣ ନ ଥିବା ଚାଷୀ ସଂଗଠନଗୁଡିକ ପକ୍ଷରୁ ଅଭିଯୋଗ କରାଯାଇଛି । ରାଜ୍ୟ ସରକାର କହିଥିଲେ, ଚଳିତବର୍ଷ ଧାନ ସଂଗ୍ରହ ବେଳେ ଆଉ ବିନା କଟ୍ନି ଛଟ୍ନି ହେବନି । ତେବେ ସରକାର କହିଥିବା କୌଣସି କଥା ମଣ୍ଡିରେ ପାଳନ ହେଉନି । କେବଳ ଧାନ ବିକ୍ରି ହେବା ପରେ କୁଇଣ୍ଟାଲ ପ୍ରତି ୮୦୦ଟଙ୍କା ମିଳିବା କଥା ହିଁ ପାଳନ ହେଉଛି ।

## ୪୦ ଅଭିଯୋଗର ତତ୍କାଳ ସମାଧାନ



ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକ ଜଣେ ମହିଳାଙ୍କୁ ପେନସନ ଯୋଜନା ପ୍ରଦାନ କରୁଛନ୍ତି ।

ହରଭଙ୍ଗା,୩୦।୧୨(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଧଳପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସୁବ୍ରତ କୁମାର ପଣ୍ଡା ଓ ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେଓରକୋଣ୍ଡା ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ । ଅଭିଯୋଗ ଶୁଣାଣିରେ ୫୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ୩ଟି ବ୍ୟକ୍ତିଗତ ଓ ବିଭିନ୍ନ ଗ୍ରାମର ୫୩ଟି ମାମଲା ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ୪୦ଟି ଅଭିଯୋଗ ତତ୍କାଳ ସମାଧାନ ହୋଇଥିଲା । ଜଣକୁ ରେଡକ୍ରସ ପାଣ୍ଠିରୁ ୫୦୦୦ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ୮ଜଣଙ୍କୁ ପେନ୍ସନ ଯୋଜନାରେ ସାମିଲ କରାଯାଇଥିଲା । ଶିବିରରେ ଉପଜିଲାପାଳ ପ୍ରଭାସଚନ୍ଦ୍ର ଦଣ୍ଡସେନା, ହରଭଙ୍ଗା ବିଡିଓ ଶରତ ଚନ୍ଦ୍ର ସେଠୀ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ ।

## ବୌଦ୍ଧ ମହୋତ୍ସବ ପାଇଁ ପ୍ରସ୍ତୁତି, ବୁଲିଲା ସଚେତନତା ରଥ

ହରଭଙ୍ଗା,୩୦।୧୨(ନରେନ୍ଦ୍ର କୁମାର ସାହୁ)

ଜାନୁୟାରୀ ୨ ତାରିଖରୁ ବୌଦ୍ଧ ଜିଲାର ୩୧ତମ ସ୍ୱନକ୍ଷତ୍ର ଦିବସରେ ଆରମ୍ଭ ହେବାକୁ ଯାଉଛି ବୌଦ୍ଧ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା । ଜିଲାବାସୀଙ୍କ ଭାବାବେଗ ସହିତ ଜଡିତ ଏହି ଉତ୍ସବକୁ ସଫଳ ରୂପ ଦେବାକୁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି । କଚେରୀ ପଡିଆଠାରେ ହେବାକୁ ଯାଉଥିବା ଏହି ମେଳା ପାଇଁ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଜାନୁୟାରୀ ୨ ତାରିଖଠାରୁ ୬ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ମେଳା ପାଇଁ ୧୯୦ ଟି ଷ୍ଟଲ ପ୍ରସ୍ତୁତ କରାଯାଇଥିବାବେଳେ ସେଥିମଧ୍ୟରୁ ୯୦ଟି ଷ୍ଟଲରେ ପଲ୍ଲିଶ୍ରୀ ମେଳାର ସାମଗ୍ରୀ, ୩୦ଟି ଷ୍ଟଲରେ ଖାଦ୍ୟ ସାମଗ୍ରୀ ଓ ୩୦ଟି ବିଭାଗୀୟ ଷ୍ଟଲ ଓ ଅନ୍ୟ ୪୦ଟି ବେସରକାରୀ ଷ୍ଟଲ ଖୋଲାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଜଣାଯାଇଛି । ମହୋତ୍ସବରେ ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି ହସ୍ତକଳା,ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ଲୋକମାନେ ସଂଗ୍ରହ କରିପାରିବେ । ସେହିପରି ଚଳିତବର୍ଷ ମହୋତ୍ସବ ମଞ୍ଚକୁ ପଦ୍ମଶ୍ରୀ ସ୍ୱର୍ଗତ ଡ. ସାଧୁ ମେହେରଙ୍କ ନାମରେ ନାମିତ କରାଯାଇଥିବାବେଳେ ଏହି ମହୋତ୍ସବ ମଞ୍ଚରେ ପ୍ରତିଦିନ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଆଲୋଚନାଚକ୍ର ଓ ବିଭାଗୀୟ କର୍ମଶାଳା ସବୁ ଅନୁଷ୍ଠିତ ହେବ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲାର କଳା ଓ କଳାକାରଙ୍କୁ ଗୁରୁତ୍ୱ ପ୍ରଦାନ ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିବାବେଳେ ଅନେକ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ମଧ୍ୟ ସେମାନଙ୍କ ନୃତ୍ୟକଳାର ଦକ୍ଷତା ପ୍ରଦର୍ଶିତ କରିବାର ସୁଯୋଗ ପାଇପାରିବେ । ଏଥିସହିତ ଜିଲାର ଦଣ୍ଡ କଳାକାର,ସଂକିର୍ତ୍ତନ ଦଳ, ପାଲା, ଦାସକାଠିଆ ଓ ଘୁଡୁକି ଆଦି କଳାର ପ୍ରଦର୍ଶନକୁ ଲୋକମହୋତ୍ସବ ଅବସରରେ ପ୍ରଦର୍ଶନର ସୁଯୋଗ ସୃଷ୍ଟି କରାଯାଇଛି । ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ବାର୍ତ୍ତା ନେଇ ଏକ ସଚେତନତା ରଥକୁ ସୋମବାର ଜିଲାପାଳ ସୁବ୍ରତ କୁମାର ପଣ୍ଡା ଓ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସନାଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଛି । ଏହି ରଥ ଜିଲାର ୩ଟି ବ୍ଲକରେ ବିଭିନ୍ନ ଗ୍ରାମ ବୁଲି ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ପ୍ରଚାର ପ୍ରସାର କରିବା ସହିତ ଲୋକଙ୍କ ମଧ୍ୟରେ ମେଳା ବୁଲିବା ପାଇଁ ଆକର୍ଷଣ ସୃଷ୍ଟି କରିବ । ମହୋତ୍ସବ ପାଇଁ ପଡିଆ ସଜେଇ ହେବାରେ ଲାଗିଛି ।

## ସଂକ୍ଷେପରେ

### ପାଚିକା, ସହାୟିକାଙ୍କ ପ୍ରଶିକ୍ଷଣ ଶିବିର

ବାଉଁଶୁଣୀ,୩୦।୧୨(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ବହିରା ହାଇସ୍କୁଲ ପରିସରରେ ବହିରା ଓ ଆଇଁଲାପାଲି କ୍ଲଷ୍ଟରର ପାଚିକା ଓ ସହାୟିକାମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛଇ । ସିଆରସିସି ତୋଷଣ କୁମାର ମହାକୁଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥିଭାବେ ବ୍ଲକ ଅତିରିକ୍ତ ଶିକ୍ଷାଅଧିକାରୀ ପ୍ରବୀର କୁମାର ରଥ, ମୁଖ୍ୟବକ୍ତା ହାଇସ୍କୁଲ ଶିକ୍ଷକ ଦେଶବନ୍ଧୁ ମହାକୁଳ, ସମ୍ମାନିତ ଅତିଥି ସ୍ଥାନୀୟ ଉ. ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣ୍ଡାରାମ ସାହୁ ଓ ପ୍ରଶିକ୍ଷକ ଭାବେ ମୁଣ୍ଡିପଦର ସିଆରସିସି ସୌମିତ୍ରୀ କର୍ଣ୍ଣ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

### ସରଗଜ ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର

ତରଭା, ୩୦।୧୨(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ସରଗଜ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ନର୍ମଦା ମିଶ୍ରଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ସେମବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବିଡିଓ ଗଙ୍ଗାରାମ ବୁଡ଼େକ, ଏଇ ଦୁଃଶାଶନ ସାହୁ, ଏମଆଇ ପ୍ରଶାନ୍ତ ପଧାନ, ଏପିଇଓ ଅମ୍ରିତାଂଶୁ ପାତ୍ର, ଆରଡବ୍ଲୁଏସଏସ ଜେଇ ରବୀନ୍ଦ୍ର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ । ଏହି ଶିବିରରେ ୧୭ଟି ଅଭିଯୋଗ ପଞ୍ଜିକରଣ ହୋଇଥିଲା । ଇଓ ସୁନୀଲ ସାହୁ ଓ ଅନ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

### ଗ୍ରାମପଞ୍ଚାୟତସ୍ତରୀୟ ଜନ ଶୁଣାଣି

ଅମରପାଲି, ୩୦।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତୈଲା ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ବିଷ୍ଣୁପ୍ରିୟା କୁମ୍ଭାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ବିଡ଼ିଓ ସୁଶ୍ରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ବୀରମହାରାଜପୁର ତହସିଲଦାର ପୁନମ ମହାପାତ୍ର, ଏବିଡ଼ିଓ ପୁରୁଷୋତ୍ତମ ଧରୁଆ, ପିଇଓ ବାବନ ଭୋଇ, ବୀରମହାରାଜପୁର ଥାନା ଅଧିକାରୀ ଶୋଭାକର ସେଠ, ହାତୀଲି ମୁଣ୍ଡା ବନଖଣ୍ଡ ବନରକ୍ଷୀ ନିରଞ୍ଜନ ପଧାନ, ଯୋଗାଣ ଅଧିକାରୀ କ୍ଷୀରୋଦ କୁମାର ଧଳ,ସମିତିସଭ୍ୟା ଇତିଶ୍ରୀ ପ୍ରଧାନଙ୍କ ସମେତ କୃଷି ବିଭାଗ, ଶିକ୍ଷାବିଭାଗ, ଯୋଗାଣ ବିଭାଗ ଅଧିକାରୀ ଯୋଗଦେଇ ଥିଲେ । ଶିବିରରେ ମାତ୍ର ୧୭ଟି ଅଭିଯୋଗ ହୋଇଥିବା ସୂଚନା ମିଳିଛି ।

## ତାଲିମ ନେଲେ ଲକ୍ଷପତି ଦିଦି


ସୁବଳୟାରେ ଅନୁଷ୍ଠିତ ତାଲିମ ଶିବିରରେ ଲକ୍ଷପତି ଦିଦି ।

ଅମରପାଲି,୩୦।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଗ୍ରାମ ପଞ୍ଚାୟତର ବୌଦିଆପଡ଼ା ଓ ଗଡଭିତରପଡ଼ାର ୫୨ଜଣ ସଭ୍ୟାଙ୍କୁ ନେଇ ଦୁଇଦିନିଆ ଲକ୍ଷପତି ଦିଦି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନରେ ସଂଘ ସଭାନେତ୍ରୀ, ସମ୍ପାଦିକା, ଏମବିକେ ଓ ସିଆରପି ଏବଂ ଲକ୍ଷପତି ଦିଦି ଉପସ୍ଥିତ ଥିଲେ । ସଭାନେତ୍ରୀ ମୀରା ବାରିକ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏମବିକେ ବବିତା ରାଣୀ ମହାପାତ୍ର ପ୍ରଥମ ଦିନ ତାଲିମ ଦେଇ ଲକ୍ଷପତି ଦିଦିଙ୍କ ଭୂମିକା ଜଣାଇଥିଲେ । ସିଆରପି ରେଖା ନାଏକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସମ୍ପାଦିକା ମାଧୁରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ସେହିଭଳି ବ୍ଲକର ୧୫ଟି ପଞ୍ଚାୟତରେ ଏହିପରି ତାଲିମ ପ୍ରଦାନ କରାଯାଇଛି ।

## ପଞ୍ଚାୟତ ସମସ୍ୟା ନେଇ ମନ୍ତ୍ରୀଙ୍କୁ ଦାବିପତ୍ର

ଅମରପାଲି, ୩୦।୧୨ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କଠାରେ ଚାଲିଥିବା ସର୍ବଭାରତୀୟ କ୍ରିକେଟ କପ୍‌ର ଉଦ୍‌ଯାପନୀ ଦିବସରେ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ କୁମାର ନନ୍ଦ ଲିଖିତ ଭାବେ ନିଜ ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି । ପଞ୍ଚାୟତର ଉନ୍ନତୀକରଣ ଓ ପାନୀୟ ଜଳର ସୁବିଧା, ପଞ୍ଚାୟତର ବିଭିନ୍ନ ପୋଖରୀର ଉନ୍ନତୀକରଣ କରି ଚାଷ ଜମିକୁ ଜଳ ସେଚନ ସୁବିଧା କରିବାକୁ ଦାବି କରିଛନ୍ତି । ଏହା ସହିତ ପଞ୍ଚାୟତର ଘିଚାପାଲିରୁ ବଡବର୍ଡାକଟାକୁ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଉନ୍ନତି ନେଇ ସରପଞ୍ଚ ନନ୍ଦ ମନ୍ତ୍ରୀ ନାଏକ ଓ ସ୍ଥାନୀୟ ବିଧାୟକ ଇଂ. ରଘୁନାଥ ଜଗଦଲାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ମନ୍ତ୍ରୀ ଓ ବିଧାୟକ ପର୍ଯ୍ୟାୟ କ୍ରମେ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

## ବୀରନରସିଂହପୁର ବନବିହାରରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ


ବନ୍ଧୁମିଳନରେ କାର୍ଯ୍ୟକ୍ରମରେ ଉପସ୍ଥିତ ପୁରାତନ ଛାତ୍ର ।

ହରଭଙ୍ଗା,୩୦।୧୨(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ବନବିହାରଠାରେ ରବିବାର ୧୯୮୩ ମ୍ୟାଟ୍ରିକ ବ୍ୟାଚର ସାଙ୍ଗମାନଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାଧୁଚରଣ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମସ୍ତ ଛାତ୍ର ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ । ଅବଧୂତ ବେହେରା, ଅକ୍ରୁର ବେହେରା, ଅଶୋକ ପ୍ରଧାନ, ବିନୟ ମହାପାତ୍ର, ତ୍ରିଲୋଚନ ପାତ୍ର, ଦିଲିପ ଡାଙ୍ଗ, ରମେଶ ନାୟକ ଓ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ମୃତ୍ୟୁ ଘଟିଥିବାରୁ ସାଙ୍ଗମାନେ ପ୍ରଥମେ ନୀରବ ପ୍ରାର୍ଥନା କରିଥିଲେ । ପରେ ସାଙ୍ଗମାନେ ନିଜ ନିଜର ସୁଖ ବାଣ୍ଟିଥିଲେ । ଆଗକୁ ଯେପରି ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ଜାରି ରହିବ ସେ ନେଇ ମନୋରଞ୍ଜନ ଗାଇଗୌରିଆ ଓ ବୁଦ୍ଧଦେବ ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଥିଲା ।

## ଅବଧି ମଧ୍ୟରେ ସରିଲାନି, ୨ସପ୍ତାହ ପୂରିନି ପିଚୁ ଉଠିଲା

ନଅଗାଁ(ଖ) -ସାନଟିକା ଶିବ ମନ୍ଦିର ରାସ୍ତା

ଲୋଇସିଂହା,୩୦।୧୨(ସୁଶାନ୍ତ ବାରିକ) -ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ)ରୁ ସାନଟିକା ଶିବ ମନ୍ଦିର ପର୍ଯ୍ୟନ୍ତ ୨କିମି ରାସ୍ତା ମୁଖ୍ୟମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସାମିଲ କରାଯାଇ କାମ ଚାଲିଛି । ୧ ସେପ୍ଟେମ୍ବର ୨୦୨୪ ଅବଧି ମଧ୍ୟରେ କାର୍ଯ୍ୟର ଶେଷ କରିବାକୁ ବିଭାଗ ପକ୍ଷରୁ ଧାର୍ଯ୍ୟ ହୋଇଥିଲା । ହେଲେ ଇତିମଧ୍ୟରେ ୩ ମାସ ଗଡି ଯାଥିଲେ ସୁଦ୍ଧା କାମ ଅଧାପନ୍ତରିଆ ହୋଇଛି । ଠିକାଦାର ଏବଂ ତଦରଖ କରୁଥିବା ଅଧିକାରୀ ଦାୟିତ୍ୱହୀନତାକୁ ଦର୍ଶାଉଛି । ଅପରପକ୍ଷେ ନିମ୍ନମାନର କାମ ଯୋଗୁ ଦୁଇସପ୍ତାହ ନ ପୁରୁଣୁ ରାସ୍ତାର କେତେକ ଜାଗାରୁ ପିଚୁ ଉଠି ଗଲାଣି । ଲୋଇସିଂହା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ନିଜ ଗାଁ ନଅଗାଁ(ଖ) ହୋଇଥିଲେ ବି ଉନ୍ନୟନ କାମରେ ଏପରି ଅନିୟମିତା ଏବଂ ତଦାରଖ ହେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବଲାଙ୍ଗୀର ଗ୍ରାମ୍ୟ ଉନ୍ନୟନ ବିଭାଜନ ଅନ୍ତର୍ଗତ ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ସଦର ଗାଁରୁ ସାନଟିକା ଶିବ ମନ୍ଦିର ରାସ୍ତା ଅବହେଳିତ ହୋଇ ପଡିଥିଲା । ପ୍ରସିଦ୍ଧ ଶୈବପୀଠକୁ ଜିଲା ତଥା ଜିଲା ବାହାର ଶ୍ରଦ୍ଧାଳୁ ଏହି ରାସ୍ତା ଦେଇ ଯିବାଆସିବାବେଳେ ହଟହଟା ହେଉଥିଲେ । ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବି ପରେ ୨ କି.ମି ରାସ୍ତାକୁ ମୁଖ୍ୟମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସାମିଲ କରାଯାଇଛି । ଏଥିପାଇଁ ୧ କୋଟି ୫୧ ଲକ୍ଷ ୪୩ ହଜାର ଟଙ୍କା ଅନୁଦାନ ମଞ୍ଜୁର ହୋଇଛି । ୨ ମାର୍ଚ୍ଚ ୨୦୨୪ରେ କାମ ଆରମ୍ଭ ହୋଇ ୧ ସେପ୍ଟେମ୍ବର ୨୦୨୪ରେ ଶେଷ କାର୍ଯ୍ୟ ଦିବସ ରହିଛି । ୨ ସେପ୍ଟେମ୍ବର ୨୦୨୪ରୁ ୧ ସେପ୍ଟେମ୍ବର ୨୦୨୯ ଯାଏ ୫ ବର୍ଷ ରାସ୍ତା କାମ ରକ୍ଷଣାବେକ୍ଷଣ ପାଇଁ ୭ ଲକ୍ଷ ୨୧ ହଜାର ଟଙ୍କା ରଖାଯାଇଛି । ଅବଧିଠାରୁ ୩ ମାସ ବିତି ଯାଇଥିଲେ ସୁଦ୍ଧା ରାସ୍ତା କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ । ପିଚୁ କାମ ଅଧାପନ୍ତରିଆ ହୋଇଛି । ଦୁଇସପ୍ତାହ ତଳେ ହୋଇଥିବା ପିଚୁ ରାସ୍ତାରୁ ଉଠିଗଲାଣି । ଏହା ସହିତ ଉକ୍ତ ରାସ୍ତାରେ ଆହୁରି ଅନେକ ସମସ୍ୟା ରହିଛି ।

## ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ ଟ୍ରାନ୍ସଫର୍ମର

ଅମରପାଲି,୩୦।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତୈଲା ପଞ୍ଚାୟତର ଦାଦରପାଲି ଗ୍ରାମରେ ୪ଟି ବିଦ୍ରତ୍ ଟ୍ରାନ୍ସଫର୍ମର ବିପଦପୂର୍ଣ୍ଣ ଭାବେ ରହିଛି । ଏହାର ଚତୁଃପାର୍ଶରେ ସୁରକ୍ଷା ବାଡ ନ ଥିବା ଯୋଗୁ କୌଣସି ସମୟର ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି । ଗ୍ରାମରେ ଗୋଟିଏ ଟ୍ରାନସଫର୍ମର ସ୍କୁଲ ପାଖରେ ଥିବା ବେଳେ ଅନ୍ୟଗୁଡିକ ଗ୍ରାମର ବିଭିନ୍ନ ସ୍ଥାନରେ ରହିଛି । ଏଠାକୁ ବିଭିନ୍ନ ସମୟରେ ଗୋରୁ ଖାଦ୍ୟ ଅନ୍ୱେଷଣରେ ଆସୁଥିବା ବେଳେ ସଂସ୍ପର୍ଶରେ ଆସି ମୃତ୍ୟୁମୁଖରେ ପଡ଼ିବାର ସମ୍ଭାବନା ରହିଛି । ଛୋଟପିଲାଙ୍କ ଜୀବନ ସୁରକ୍ଷିତ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ଦାଦରପାଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେଣୁ ଟ୍ରାନ୍ସଫର୍ମର ଚାରି ପାଖରେ ବାଡ଼ ଦେଇ ସୁରକ୍ଷା ଦେବାକୁ ଦାବି ହେଉଛି ।


ଦାଦରପାଲିରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମର ।

## ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଡୁଙ୍ଗୁରିପାଲି ୩୦।୧୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ବ୍ଲକ ସଭାଗୃହ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଅନ୍ୟା ଦାସ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବୀରେନ୍ଦ୍ର କୁମାର ନାୟକ ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୬ଟି ଅଭିଯୋଗର ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୪୧ଟି ବ୍ୟକ୍ତିଗତ ଓ ୧୫ଟି ସାମୂହିକ ଥିଲା । ଅଧିକାଂଶ ଅଭିଯୋଗ ସୁଭଦ୍ରା ଯୋଜନା ଓ ଜାତୀୟ ରାଜପଥ ସମ୍ପ୍ରସାରଣରେ ଜମି ହରାଇଥିବା ଚାଷୀ କ୍ଷତିପୂରଣ ଟଙ୍କା ପାଇ ନ ଥିବା ସମ୍ପର୍କିତ ଥିଲା । ଅଭିଯୋଗଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ ଦିଲୀପ କୁମାର ବାଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅହଲ୍ୟା ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ସୌମ୍ୟରୂପା ରଥ, ରାଜସ୍ୱ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଜିଲା ଜରୁରୀକାଳୀନ ଅଧିକାରୀ କୃଷ୍ଣମୋହନ ସିଂହ, ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନ, ଜିଲା ପରିମଳ ଓ ଗ୍ରାମ୍ୟ ଜଳଯୋଗାଣ ନିର୍ବାହୀ ଅଧିକାରୀ ତପନ କୁମାର ପଧାନ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲା କୃଷି ଅଧିକାରୀ ବିପିନ ବିହାରୀ ଉଦ୍‌ଗାତା, ରାମପୁର ଅତିରିକ୍ତ ତହସିଲଦାର ଆନନ୍ଦ କୁମାର ଦାଶ, ଏଇ ଶୁଭନାଥ ମାଝୀ, ଥାନା ଅଧିକାରୀ ସତ୍ୟନାରାୟଣ ପଧାନ, ଏବିଡ଼ିଓ ଆନନ୍ଦ ଚନ୍ଦ୍ର ମିଶ୍ର, ଜିପିଓ ଦେବାଶିଷ ମହାନନ୍ଦ, ସିଡିପିଓ ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇଥିଲେ ।


ଜନଶୁଣାଣି ଶିବିରରେ ଜିଲାପାଳ ଅନ୍ୟା ଦାସ ଓ ଅନ୍ୟମାନେ ।

## ଏସ୍‌ଏଫ୍‌ଆଇର ପ୍ରତିଷ୍ଠା ଦିବସ ପାଳିତ

ରାଉରକେଲା,୩୦।୧୨ (ସଙ୍ଗୀତା ଜେନା)

ଭାରତର ଛାତ୍ର ଫେଡେରେଶନ (ଏସ୍‌ଏଫ୍‌ଆଇ)ର ୫୫ତମ ପ୍ରତିଷ୍ଠା ଦିବସ ରାଉରକେଲା ଶକ୍ତିନଗର ଏକେଜି ଭବନରେ ସୋମବାର ପାଳିତ ହୋଇଯାଇଛି। ଏଥିରେ ସଙ୍ଗଠନର ନେତ୍ରୀ ମୁକ୍ତା ଦାଶ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସଙ୍ଗଠନର ପୂର୍ବତନ ରାଜ୍ୟ ସଭାପତି ସୁରେନ୍ଦ୍ର ଦାଶ ଯୋଗଦେଇ କହିଥିଲେ, ଆଜିର ଛାତ୍ର ସମାଜକୁ ଏକ ସଙ୍କଟଜନକ ପରିସ୍ଥିତିରୁ ମୁକ୍ତ କରିବା ପାଇଁ ବଳିଷ୍ଠ ସଙ୍ଗଠନର ଆବଶ୍ୟକତା ରହିଛି। ସେ ଦାୟିତ୍ୱ ଏସ୍‌ଏଫ୍‌ଆଇ ପୂରଣ କରିବ ବୋଲି ଦାଶ ଆଶାବ୍ୟକ୍ତ କରିଥିଲେ। ମୁକେଶ ପରିଡ଼ା, ସୁବରନ୍ ଟପ୍ପୋ, ସୌରଭ ଶଙ୍କର ରାୟ, ସଙ୍ଗଠନର ପୂର୍ବତନ ଜିଲା ନେତୃତ୍ୱ ବିଶ୍ୱନାଥ ଲେଙ୍କା, ରାଜୀବ ବସନ୍ତ ରାୟ, ବୁଦ୍ଧନୀ ମୁଣ୍ଡାରୀ, ଶାନ୍ତି ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

# ୬୦ ବିଲ୍ଡିଂକୁ କାରଣ ଦର୍ଶାଅ ନୋଟିସ

**ରାଉରକେଲା ମହାନଗର ନିଗମ**

ରାଉରକେଲା,୩୦।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମହାନଗର ନିଗମ ଅଞ୍ଚଳରେ ବିନା ପ୍ଲାନିଂ ମଞ୍ଜୁରୀରେ ବେଆଇନ ଭାବେ ନିର୍ମାଣ କରାଯାଉଥିବା ବିଲ୍ଡିଂ ଉପରେ ଖୁବ୍‌ଶୀଘ୍ର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଛି ଆର୍‌ଏମ୍‌ସି। ଏନେଇ ଆର୍‌ଏମ୍‌ସିର ପ୍ଲାନିଂ ବିଭାଗ ଏବଂ ଏନ୍‌ଫୋର୍ସମେଣ୍ଟ ଟିମ୍ ମିଳିତ ଭାବେ ସହରର ୬୦ଟି ବେଆଇନ ବିଲ୍ଡିଂକୁ ଇତିମଧ୍ୟରେ ଚିହ୍ନଟ କରି କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସହରର ବେଆଇନ ବିଲ୍ଡିଂ ନିର୍ମାଣ କରିଥିବା ବିଲ୍ଡିଂ ମାଲିକମାନଙ୍କ ମଧ୍ୟରେ ଛନକା ପଶିଛି।

ଆର୍‌ଏମ୍‌ସି ଅଞ୍ଚଳରେ ଡିଜାଇନ ଓ ନକ୍ସା ବିନା ମଞ୍ଜୁରୀରେ ବେଆଇନ ଭାବେ ବିଲ୍ଡିଂ ନିର୍ମାଣ କରାଯାଉଛି। ଫଳରେ ଆର୍‌ଏମ୍‌ସି ଓ ରାଜ୍ୟ ସରକାରଙ୍କ ବ୍ୟାପକ ରାଜସ୍ୱ ହାନି ଘଟୁଛି। ଏହାସହ ମନମୁଖି ଗୃହ ନିର୍ମାଣ ଯୋଗୁ ସରକାରୀ ଜାଗାରେ ଅତିକ୍ରମଣ ଧାରା ବୃଦ୍ଧି ପାଇବା ସହ ସହର ଭୂମିଶୂନ୍ୟ ହେବାରେ ଲାଗିଛି। ଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନିର୍ମାଣ ସମ୍ପର୍କିତ ଡିଜାଇନ ଓ ନକ୍ସା ଆର୍‌ଏମ୍‌ସି ପ୍ଲାନିଂ ବିଭାଗରୁ ଅନୁମୋଦନ କରାଇବା ନିୟମ ରହିଛି। ପ୍ଲାନିଂ ବିଭାଗରୁ ଅନୁମୋଦନ ମିଳିବା ପରେ ଡିଜାଇନ ମୁତାବକ ଜମି ମାଲିକ ବିଲ୍ଡିଂ ନିର୍ମାଣ କରିପାରିବେ। ମାତ୍ର ରାଉରକେଲା ସହରରେ ସମସ୍ତ ନୀତିନିୟମକୁ ଅମାନ୍ୟ କରି ବେଧଡକ ବିଲ୍ଡିଂ ନିର୍ମାଣ କରାଯାଉଛି। ରାଜ୍ୟ ସରକାର ଗୃହନିର୍ମାଣ ଜନିତ ଡିଜାଇନ ଓ ନକ୍ସା ପାଇବା ପାଇଁ ଅନ୍‌ଲାଇନରେ ଆବେଦନ କରିବାର ନିୟମ କରିଛନ୍ତି। ଫଳରେ ଅଫ୍‌ଲାଇନ ଆବେଦନ ପ୍ରକ୍ରିୟା ବନ୍ଦ ରହିଛି। ଏଣୁ ମହାନଗର ନିଗମ ପକ୍ଷରୁ ଅନ୍‌ଲାଇନ ଆବେଦନକୁ ବାଧ୍ୟତାମୂଳକ କରାଯାଇଛି। ନିୟମ ମୁତାବିକ ହିତାଧିକାରୀ ଆପାର୍ଟମେଣ୍ଟ ତଥା ଗୃହ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଧାର୍ଯ୍ୟ ନିୟମ ଅନୁସାରେ ପ୍ରଥମେ ଆବେଦନ କରିବେ। ପରେ ବିଭାଗରୁ ଗୃହ ଡିଜାଇନ ମଞ୍ଜୁରୀ ପତ୍ର ନେଇ ନକ୍ସା ବିଭାଗରେ ଜମା କରିସାରିବା ପରେ ଗୃହ ନିର୍ମାଣ ଅନୁମତି ପତ୍ର ସଂଗ୍ରହ କରି ଡିଜାଇନ ଅନୁସାରେ ଗୃହ ନିର୍ମାଣ କରିବା କଥା। ମାତ୍ର ଡିଜାଇନ ଅନୁସାରେ ଗୃହ ନିର୍ମାଣ ନ ହୋଇ ମନମୁଖି ନିର୍ମାଣ ହେଉଛି। ସୂଚନା ଅନୁସାରେ, ୨୦୧୯ ସେପ୍ଟେମ୍ବର ୧ରୁ ୨୦୨୩ ସେପ୍ଟେମ୍ବର ୫ତାରିଖ ପର୍ଯ୍ୟନ୍ତ ଗୃହ ନିର୍ମାଣ ଜନିତ ଡିଜାଇନ ଓ ନକ୍ସା ମଞ୍ଜୁରୀ ପାଇଁ ୭୯୪ଟି ଆବେଦନ ହୋଇଥିଲା। ସମୁଦାୟ ଆବେଦନରୁ ୭୭ଟି ଆବେଦନକୁ ମଞ୍ଜୁରୀ ମିଳିଥିବା ବେଳେ ୪୨ ଆବେଦନ ଖାରଜ ହୋଇଥିଲା। ତନ୍ମଧ୍ୟରୁ ୧୫ ଆବେଦନକାରୀ ଆବଶ୍ୟକ ଶୁଳ୍କ ଦେଇ ନ ଥିବାରୁ ଏଯାଏ ମଞ୍ଜୁରୀ ପାଇନାହାନ୍ତି। ରାଜ୍ୟ ଗୃହନିର୍ମାଣ ବିଭାଗ ଓ ଆର୍‌ଏମ୍‌ସିର ବ୍ୟାପକ ରାଜସ୍ୱ ହାନି ଓ ବଢୁଥିବା ଜମି ଅତିକ୍ରମଣ ଧାରା ରୋକିବା ପାଇଁ ରାଉରକେଲା ସହରରେ ୬୦ଟି ବେଆଇନ ବିଲ୍ଡିଂ ଉପରେ ନୋଟିସ ଜାରି କରାଯାଇଛି। ସମୟ ପୂର୍ବରୁ ବିଲ୍ଡିଂ ମାଲିକମାନେ ପ୍ଲାନିଂ ବିଭାଗ ସହ ବିଚାରବିମର୍ଶ କରି ସମାଧାନ ନ କଲେ ଆର୍‌ଏମ୍‌ସି ପକ୍ଷରୁ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଛି।

ଏ ନେଇ ଆର୍‌ଏମ୍‌ସି ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ କହିଥିଲେ, ଆର୍‌ଏମ୍‌ସି ପ୍ଲାନିଂ ବିଭାଗ ପକ୍ଷରୁ ସହରରେ ୬୦ ବେଆଇନ ବିଲ୍ଡିଂ ଚିହ୍ନଟ କରାଯାଇଛି। ଉକ୍ତ ବିଲ୍ଡିଂ ହୋଲ୍ଡରମାନଙ୍କ ନିକଟକୁ ନୋଟିସ ପଠାଯାଇଛି। ସମୟ ମଧ୍ୟରେ ସେମାନେ ଏହାର ସମାଧାନ ପାଇଁ ପ୍ଲାନିଂ ବିଭାଗ ସହ ଆଲୋଚନା କରି ନିୟମ ପାଳନ ନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁଲକର୍ଣ୍ଣୀ କହିଥିଲେ।

## ମନମୋହନ ସିଂଙ୍କ ସ୍ମୃତିରେ ଶୋକସଭା

ରାଉରକେଲା,୩୦।୧୨(ସଙ୍ଗୀତା ଜେନା)

ସେକ୍ଟର-୧୮ସ୍ଥିତ ରାଉରକେଲା ଶ୍ରମିକ ସଂଘ(ଆରଏସ୍‌ଏସ୍) କାର୍ଯ୍ୟାଳୟରେ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ସ୍ମୃତିରେ ସୋମବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ସିଂଙ୍କ ଦେଶପ୍ରେମ, ବିଚକ୍ଷଣ ଦୂରଦୃଷ୍ଟି, ଜ୍ଞାନ ଗାରିମା ଥିଲା ଯାହାକି ଏକଦା ସେ ଦେଶକୁ ଘୋର ଆର୍ଥିକ ଅନଟନରୁ ଉଦ୍ଧାର କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ ବୋଲି ଶୋକସଭାରେ ଆଲୋଚନା କରାଯାଇଥିଲା। ଅନୁଷ୍ଠାନର ଉପସାଧାରଣ ସମ୍ପାଦକ ଦିଲୀପ ମହାପାତ୍ର, ଚକ୍ରଧର ପ୍ରଧାନ, ଉପସଭାପତି ଅକ୍ଷୟ ଦାସ, ନିହାର ଦାସ, ବୀରକିଶୋର ଶେଖରଦେଓ, ସୁରେଶ ପାଣିଗ୍ରାହୀ, ରମେଶ ଚନ୍ଦ୍ର ଦତ୍ତ, ରଘୁନାଥ ଭୁକ୍ତା, ଏସ୍‌ସିଏସ୍‌ଟି, ମହିଳା ମୋର୍ଚ୍ଚା ଅଧ୍ୟକ୍ଷ ବିକାଶ ବେହୁରିଆ, ଡି. ନାୟକ, ମନୋଜ କିଷାନ, ପଦ୍ମାଳୟା ଧରଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



କର୍ମୀମାନେ ମନମୋହନ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

## ଓଡ଼ିଆ ଭାଷା ବିକାଶ ମଞ୍ଚର ସାହିତ୍ୟ ସନ୍ଧ୍ୟା

ରାଉରକେଲା,୩୦।୧୨(ସଙ୍ଗୀତା ଜେନା)

ଓଡ଼ିଆ ଭାଷା ବିକାଶ ମଞ୍ଚ ଆନୁକୂଲ୍ୟରେ ରାଉରକେଲା କଲଚରାଲ ଏକାଡେମୀ ପରିସରରେ ସୋମବାର ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱ ଓ ପ୍ରଶାନ୍ତ କୁମାର ପତିଙ୍କ ଅଧ୍ୟକ୍ଷତାରେ ୨୦୨୪ର ଶେଷ କାବ୍ୟ ସନ୍ଧ୍ୟା, ନୂତନ ବର୍ଷର ଆବାହନ ସହିତ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ଭକ୍ତକବି ମଧୁସୂଦନ ରାଓଙ୍କୁ ଶ୍ରଦ୍ଧାଞ୍ଜଳି ସହିତ ସାହିତ୍ୟକୃତିର ସ୍ମୃତିଚାରଣ, ଶ୍ୟାମ ବେନେଗଲ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହଙ୍କ ତିରୋଧାନରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା। ନାଟ୍ୟକାର ପ୍ରଫୁଲ୍ଲ ସାମଲ ଶ୍ରଦ୍ଧାଞ୍ଜଳିକାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଲଚରାଲ ଏକାଡେମୀ ସଭାପତି ପଶୁପତିନାଥ ଚାଟାର୍ଜୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱ ସାହିତ୍ୟରେ ପ୍ରଗତିଶୀଳ ସାହିତ୍ୟ କିପରି ଅଭୂତପୂର୍ବ ଆଲୋଡନ ସୃଷ୍ଟି କରିଥିଲା, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ବରିଷ୍ଠ କବି ବଳରାମ ରାଉଳ ଚଳିତ ଶତକର ପ୍ରଗତିଶୀଳ କବିତାର ସ୍ୱର ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତି ପତି ଆଲୋଚନାର ନିର୍ଯାସକୁ ଉପସ୍ଥାପନ କରି ମାନବ ସମାଜର ଶ୍ରେଣୀ ସଂଗ୍ରାମରୁ ବିବର୍ତ୍ତିତ ବୋଲି ମନ୍ତବ୍ୟ ଦେଇଥିଲେ। ସାଧାରଣ ସମ୍ପାଦକ ମହାପାତ୍ର ପ୍ରଗତିଶୀଳ କବିତା ସଂଯୋଜନା ଅବସରରେ ବିଶ୍ୱର ପ୍ରସିଦ୍ଧ କବିମାନଙ୍କର କବିତା ପଂକ୍ତି ଉଦ୍ଧାର କରି ଓଡ଼ିଆ ସାହିତ୍ୟରେ ପ୍ରଗତିଶୀଳ ଯୁଗର ଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ଡ. କୃପାସିନ୍ଧୁ ନାୟକ, ତ୍ରିନାଥ ସିଂହ, ମୀନକେତନ ପଶାୟତ, ଅକ୍ଷୟ ସାମଲ, ଶ୍ରୀଧର ସୁନା, ସତ୍ୟବ୍ରତ ଦାସ, ଅଜୟ କୁମାର ମହାନ୍ତି, ପ୍ରତାପ କୁମାର ପଣ୍ଡା, ଆଲୋକ ବୋଷ, ଉମେଶ ପାତ୍ର, ଧୋବେଇ ବେହେରା, ନିକୁଞ୍ଜ ବିହାରୀ ଦାଶ, ଗୌତମ ଦାସ, ଗଦାଧର ରଥ, ଗୀତାରାଣୀ ବେହେରା, ସବିତା ବସ୍ତିଆ, ଅଳକା ରଶ୍ମି ମହାନ୍ତି, ଅର୍ଚ୍ଚନା ପାତ୍ର ପ୍ରମୁଖ କବିତା ପାଠ କରିଥିଲେ। ବରିଷ୍ଠ ପ୍ରାବନ୍ଧିକ ଆଡ୍‌ଭୋକେଟ କେଦାର ନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ନାଟକ 'ମୋକ୍ଷ' ଉତ୍ତରପ୍ରଦେଶରେ ସମ୍ମାନିତ



ନାଟ୍ୟ କଳାକାରମାନଙ୍କୁ ସମ୍ମାନିତ କରାଯାଉଛି।

ରାଉରକେଲା,୩୦।୧୨ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ନଟରାଜ ନୃତ୍ୟ ପରିଷଦ ପକ୍ଷରୁ ରବିବାର ସନ୍ଧ୍ୟାରେ ଉତ୍ତରପ୍ରଦେଶ ଆଜମଗଡସ୍ଥିତ ଜାତୀୟ ହୁନ୍‌ର ରଙ୍ଗ ସର୍ବଭାରତୀୟ ବହୁଭାଷୀ ନାଟ୍ୟ ମହୋତ୍ସବ ମଞ୍ଚରେ ପରିବେଷିତ ଓଡ଼ିଆ ନାଟକ 'ମୋକ୍ଷ' ବହୁ ପ୍ରଶଂସିତ ହୋଇଛି। ଏହି ପରିପ୍ରେକ୍ଷୀରେ ଆଜମଗଡ ଜାତୀୟ ହୁନର ରଙ୍ଗ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ସମସ୍ତ କଳାକାରଙ୍କୁ ସମ୍ମାନୀତ କରାଯାଇଥିଲା। ନାଟକଟି ସରୋଜ ମିଶ୍ରଙ୍କ ଲିଖିତ ଓ ନାଟ୍ୟ ଶିରୋମଣି ପ୍ରବର କୁମାର ଜେନାଙ୍କ ଦ୍ୱାରା ନିର୍ଦ୍ଦେଶିତ ଥିଲା। ଏହା କଳିଙ୍ଗ ଯୁଦ୍ଧ ଉପରେ ଆଧାରିତ ଥିବାବେଳେ ଦୟା ନଦୀ ଏବଂ ଆଧୁନିକ ଇତିହାସ ଗବେଷକମାନଙ୍କ ମାଧ୍ୟମରେ କିପରି ଓଡ଼ିଶାର ବୀର ପାଇକଙ୍କ ବୀରତ୍ୱ ଗାଥା ତଥା ବଳିଦାନକୁ ଲୁଚାଇ ଦିଆଯାଇ ମଗଧର କୁଟନୀତି ଆଧାରିତ ଛଳନାପୂର୍ଣ୍ଣ ବିଜୟକୁ ଆଜି ବିଶ୍ୱ ଇତିହାସରେ ସ୍ଥାନ ଦିଆଯାଇଛି ତାକୁ ନେଇ ନାଟକଟି ଗତିଶୀଳ ହୋଇଛି। ନାଟକରେ ସରୋଜ କୁମାର ନାୟକ, ଚିନ୍ମୟ ତ୍ରିପାଠୀ, ଜିତାମିତ୍ର ହୋତା, ଜର୍ଜ ବିଲୁଙ୍ଗ, ଶଶାଙ୍କ ଶେଖର ଯାଦବ, ଆଶିଷ ଅନୁରାଗ ଯାଦବ, ରାହୁଲ ଦାଶ, ସୁଲିପ୍ତା ଜେନା, ପ୍ରିୟଙ୍କା କୁମ୍ଭାର, ମଧୁସ୍ମିତା ବାରିକ, ରିଙ୍କିରାଣୀ କୁମ୍ଭାର ପ୍ରମୁଖ କଳାକାରମାନେ ଅଭିନୟ କରିଥିଲେ।

## ରାସ ପଞ୍ଚାଧ୍ୟାୟୀ ସମ୍ପନ୍ନ

ରାଉରକେଲା,୩୦।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ମାତାଞ୍ଜଳି ସୋସିଓ ସ୍ପିରିଚୁଆଲ ଟ୍ରଷ୍ଟ ତରଫରୁ ତ୍ରିଦିବସୀୟ ଆଧାତ୍ମିକ କଥାମୃତ ରାସ ପଞ୍ଚାଧ୍ୟାୟୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟ୍ରଷ୍ଟର ମୁଖ୍ୟ ଇଂ. ଆଲୋକ ରଞ୍ଜନ ମଲ୍ଲିକଙ୍କ ଆବାହକତ୍ୱରେ କୋଏଲନଗର ଆର୍‌ଏସ୍‌ପି ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. କୃଷ୍ଣକେଶବ ଷଡ଼ଙ୍ଗୀ ଯୋଗଦେଇ ରାସ ପଞ୍ଚାଧ୍ୟାୟୀ ସମ୍ପର୍କରେ ଆଲୋଚନା କରିଥିଲେ। ଏହାକୁ ଶ୍ରବଣ କରିବା ପାଇଁ ପ୍ରତି ସନ୍ଧ୍ୟାରେ ଶତାଧିକ ବିଭୁ ପ୍ରେମୀ ଉପସ୍ଥିତ ହେଉଥିଲେ। ଶେଷରେ ଇଂ. ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସୁଶ୍ରୀ ସୁନିତା ବେହୁରା ଓ ଗୁରୁ ଜଗନ୍ନାଥ ଦାସ ସହଯୋଗ କରିଥିଲେ।

## ବରିଷ୍ଠ ସାହିତ୍ୟିକ, ନାଟ୍ୟ ନିର୍ଦ୍ଦେଶକ ସମ୍ମାନିତ

**ସୁନାଫୁଲ ସାରସ୍ୱତ କୁମ୍ଭମେଳା**

ରାଉରକେଲା,୩୦।୧୨(ଦିନେଶ ମିଶ୍ର)

ଉଦିତନଗର ସ୍ଥିତ ଅଡିଟୋରିୟମ୍ କକ୍ଷରେ ସୁନାଫୁଲ ସାହିତ୍ୟ ସଂସଦ, ଓଡିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗ (ଓଡିଶା ସରକାର) ଓ ଓଡିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ ସୁନାଫୁଲ ସାରସ୍ୱତ କୁମ୍ଭମେଳା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁନଫୁଲର ସାରସ୍ୱତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ସାରସ୍ୱତ ଉତ୍ସବ ମହେନ୍ଦ୍ର କୁମାର ମହାନ୍ତିଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ନୟାଗଡ ଜିଲ୍ଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ, ସାମାଜିକ କର୍ମୀ ଅଭୟ କୁମାର ଦାସ, ହରିହର ବେହେରା, ଓଡିଶା ସାହିତ୍ୟ ଏକାଡେମୀ ସଭ୍ୟ ରାଜୀବ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ସାହିତ୍ୟିକ ତଥା ନାଟ୍ୟ ନିର୍ଦ୍ଦେଶକ ରାଜୀବ ପାଣିଙ୍କୁ ଚଳିତ ବର୍ଷର ସୁନାଫୁଲ ଆଦର୍ଶ କଥାସମ୍ରାଟ ସମ୍ମାନ ପ୍ରଦାନ କରାଯାଇଥିବାବେଳେ ସୁନାଫୁଲ ଶିଶୁଶ୍ରୀ ସମ୍ମାନ ଧୀରେନ ମିଶ୍ର(ଅନୁଗୋଳ) ଓ ବସନ୍ତ ରାଜ (ଝାରସୁଗୁଡା)ଙ୍କୁ ସମ୍ମାନିତ କରାଯାଇଥିଲା। ସେହିଭଳି ସୁନାଫୁଲ ସଂସ୍କୃତିଶ୍ରୀ ସମ୍ମାନ ଅରୁଣ କୁମାର ପାତ୍ର (ବ୍ରଜରାଜନଗର), ପ୍ରସନ୍ନ ତ୍ରିପାଠୀଙ୍କୁ ସମାଜସେବୀ ସମ୍ମାନ, ଡ. ରବିନାରାୟଣ ସାହୁଙ୍କୁ ସୁନାଫୁଲ ଆଦର୍ଶ ଶିଶୁ ପତ୍ରିକା ସମ୍ପାଦକ ସମ୍ମାନ, ଜୟନ୍ତୀ ଦାଶଙ୍କୁ ସୁନାଫୁଲ ପ୍ରକୃତି ଶ୍ରୀସମ୍ମାନ ପ୍ରଦାନ କରାଯିବା ସହ ୩୦ ଜଣ ପ୍ରତିଭା ସମ୍ପନ୍ନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ସଂସ୍କୃତି ଭାରତୀ ଡ୍ୟାନ୍ସ ଏକାଡେମୀ (ଖୋର୍ଦ୍ଧା) ପକ୍ଷରୁ ଶାସ୍ତ୍ରୀୟ ଓ ଓଡିଶୀ ନୃତ୍ୟ, ଓମ୍‌ଶ୍ରୀ ଭଜନ ସନ୍ଧ୍ୟା, ଖୋର୍ଦ୍ଧାଙ୍କ ପକ୍ଷରୁ ଭଜନ, ଲୋକନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ ଆଦି ପରିବେଷଣ କରାଯିବା ସହ ଟିକିଟିକି ସୁନାଫୁଲ ପତ୍ରିକାର ନବବର୍ଷ ସଂଖ୍ୟା ଲୋକାର୍ପଣ ହୋଇଥିଲା। କାର୍ଯ୍ୟକ୍ରମକୁ ଶୁଚିସ୍ମିତା ରାଉତ, ବ୍ରହ୍ମାନନ୍ଦ ପାଢୀ, ଜୀବେଶ୍ୱରୀ ପଟେଲ, ସୁଷମା ନାଏକ ପ୍ରମୁଖ ସଂଯୋଜନା କରିଥିଲେ। ସାଧାରଣ ସମ୍ପାଦକ ସୁନୀଲ କୁମାର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପୁଲିନ ରାଉତରାୟ ଓ ଗ୍ରୁପ୍ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ସତ୍ୟବ୍ରତ ଦାସଙ୍କ ଅଧ୍ୟକ୍ଷତାରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଅରୁଣ ପାତ୍ର , ଜ୍ଞାନ ରଞ୍ଜନ ମିଶ୍ର, ରାମ ମିଶ୍ର, ସୁକାନ୍ତୀ ନାଏକ, ବସନ୍ତ ରାଜ, ବିଜୟ ସେନାପତି, ବିଜୟ କୁମାର ମିଶ୍ର, ବ୍ରଜ ବିହାରୀ ଦାଶ, ଭଜରାଜ ବୁଡେକ, ବାସନ୍ତୀ ଜେନା ପ୍ରମୁଖ ୨୦ରୁ ଅଧିକ କବି ନିଜ ନିଜ କବିତା ପାଠ କରିଥିଲେ। ବିରେନ ନାଏକ, ବିଚିତ୍ରାନନ୍ଦ ସାହୁ, ଭଗବାନ ରାଉତ, ମୀନକେତନ ପଶାୟତ, ବିକ୍ରମ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବି. ଭୂମିଜ, ପ୍ରମୋଦ ପାତ୍ର, ସୌମ୍ୟାଶ୍ରୀ, ଶୁଭଶ୍ରୀ, ଦେବସ୍ମିତା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ମହେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଜିରୋ ନାଇଟ୍ ପାଇଁ ଇସ୍ପାତନଗରୀରେ ପ୍ରସ୍ତୁତି

ରାଉରକେଲା,୩୦।୧୨(ସଙ୍ଗୀତା ଜେନା)

ଆଉ ଦିନକ ପରେ ୨୦୨୪ ବିଦାୟ ନେବାକୁ ଯାଉଛି। ୩୧ ଡିସେମ୍ବର ଅର୍ଥାତ ବର୍ଷର ଶେଷଦିନକୁ ବିଦାୟ ଦେବା ପାଇଁ ସହରରେ ବିଭିନ୍ନ କ୍ଲବ, ସାମାଜିକ ସଙ୍ଗଠନ, ହୋଟେଲମାନଙ୍କରେ ଗ୍ରାଣ୍ଡ୍ ସେଲିବ୍ରେଶନ ଆୟୋଜନ କରାଯାଉଛି। ସେହିପରି ଶାନ୍ତିଶୃଙ୍ଖଳା ଓ ସୁରକ୍ଷିତ ସେଲିବ୍ରେଶନ ପାଳନ ଉପରେ ପୋଲିସ ଓ ଜିଲା ପ୍ରଶାସନ କଡ଼ା ନଜର ରଖିଥିବା ଜଣାପଡ଼ିଛି। ଇସ୍ପାତ ଅଞ୍ଚଳର ସେକ୍ଟର-୨୦ସ୍ଥିତ ରାଉରକେଲା କ୍ଲବ, ସେକ୍ଟର-୨ ଇଣ୍ଡୋ ଜର୍ମାନ କ୍ଲବ, ପାନପୋଷ ବ୍ରାହ୍ମଣୀ କ୍ଲବ ସମେତ ହୋଟେଲଗୁଡିକରେ ଜିରୋ ନାଇଟ୍ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହେଉଛି। ଏହି କ୍ରମରେ ଇଣ୍ଡୋ ଜର୍ମାନ କ୍ଲବରେ ଡିଜେ ନାଇଟ୍ ଏବଂ ବ୍ୟାଣ୍ଡ୍ ଆଦି ବ୍ୟବସ୍ଥା କରାଯାଇଛି। ଅନୁରୂପ ଭାବେ ରାଉରକେଲା କ୍ଲବରେ ଡିଜେ ଏବଂ ବ୍ୟାଣ୍ଡ ସହ ଦ୍ୱିଦିବସୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆସର ହେବାକୁ ଯାଉଛି। ସେହିପରି ସିଭିଲଟାଉନଶିପ୍, ଛେଣ୍ଡ ଆଦିରେ ଥିବା ଘରୋଇ ହୋଟେଲରେ ଜିରୋ ନାଇଟ୍ ଅବସରରେ ଗାଲାଗ୍ରାଣ୍ଡ୍ ସେଲିବ୍ରେଶନ ଆୟୋଜନ ହେଉଛି। ଏଥିରେ ମହିଳା ସାକ୍ସଫୋନ୍, ଫ୍ୟାଶନ ଶୋ, ଅର୍କେଷ୍ଟ୍ରା ଆଦି କରାଯିବାର କାର୍ଯ୍ୟକ୍ରମ ରହିଛି। ମେନ୍ ରୋଡ୍‌ରେ ଥିବା ଅଧିକାଂଶ ହୋଟେଲରେ ଏହି ଅବସରରେ ସାଂସ୍କୃତିକ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହେବାର ଅଛି। ରେସ୍ତୋରାଁ ମାନଙ୍କରେ ମଧ୍ୟ ଗ୍ରାହକଙ୍କୁ ଆକର୍ଷଣ କରିବା ପାଇଁ ସ୍ୱତନ୍ତ୍ର ଅଫର ଦିଆଯାଉଛି। ଏଥିପାଇଁ ଜିଲା ଓ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅଗ୍ନି ସୁରକ୍ଷା ଓ ଜରୁରୀକାଳୀନ ପରିସ୍ଥିତି ପାଇଁ ଅଗ୍ନିଶମ ବିଭାଗକୁ ସଜାଗ ରଖାଯାଇଛି। ଏଥିରେ ସ୍ୱତନ୍ତ୍ର ଫାୟାର ଟିମ୍ ସହର ଉପରେ ନଜର ରଖିଛି। ସବୁବର୍ଷ ଭଳି ଚଳିତ ବର୍ଷ ସମାନ ଗାଇଡ୍‌ଲାଇନ୍ ଅନୁପାଳନ କରିବାକୁ ନିର୍ଦ୍ଦେଶ ଆସିଛି ବୋଲି ଅଗ୍ନିସୁରକ୍ଷା ଅଧିକାରୀ ସଂଗ୍ରାମ ହାଁସଦା ସୂଚନା ଦେଇଛନ୍ତି।

## ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରାଯାଉଛି।

ରାଉରକେଲ,୩୦।୧୨(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଉତ୍କଳମଣି ଗୋପବନ୍ଧୁ ଇସ୍ପାତ ଲାଇବ୍ରେରୀ (ୟୁଜିଆଇଏଲ)ରେ ସୋମବାର ବାର୍ଷିକ ଗ୍ରନ୍ଥାଗାର ସପ୍ତାହ ପାଳନର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋପବନ୍ଧୁ ଦାସଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି. ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀଙ୍କ ସମେତ କାରଖାନାର ବହୁ ସିଜିଏମ, ବିଭାଗ ମୁଖ୍ୟ ଓ ଲାଇବ୍ରେରୀ ସଦସ୍ୟ ଯୋଗ ଦେଇଥିଲେ। ଭୌମିକ ରାଉରକେଲା ବାସିନ୍ଦାଙ୍କ ଉଦ୍ଦେଶ୍ୟରେ କ୍ରୟ ହୋଇଥିବା ପୁସ୍ତକ ସମୂହକୁ ଉତ୍ସର୍ଗ କରିଥିଲେ। ଏହି କ୍ରମରେ ବୃକ୍ଷରୋପଣ ଅଭିଯାନ ମଧ ଆୟୋଜିତ ହୋଇଥିଲା। ଏଥିରେ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଲାଇବ୍ରେରି ପରିସରରେ ଚାରା ରୋପଣ କରିଥିଲେ। ଏହାସହ ବିବିଧତା, ସମାନତା ଏବଂ ସମାବେଶୀ (ଡିଆଇଆଇ) ପଦକ୍ଷେପ ଅଧୀନରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ପଠନ କକ୍ଷ ଉଦ୍‌ଘାଟନ କରିଥିଲେ। ସପ୍ତାହବ୍ୟାପୀ ଉତ୍ସବରେ ଇଂଲିଶ, ହିନ୍ଦୀ ଓ ଓଡିଆ ବିତର୍କ, କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହ ଏକ ପୁସ୍ତକ ପ୍ରଦର୍ଶନୀ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସହରସେବା ଲାଇବ୍ରେରି ବିଭାଗର ଜିଏମ୍ ନିବେଦିତା ରାୟ ସଂଯୋଜନା କରିଥିଲେ। ଉଲ୍ଲେଖଯୋଗ୍ୟ, ୧୯୯୦ ଜାନୁଆରୀ ମାସରେ ଏହା ପ୍ରତିଷ୍ଠା ହେବା ପରଠାରୁ ୟୁଜିଆଇଏଲରେ ଜ୍ଞାନ ଏବଂ ସାଂସ୍କୃତିକ ଦୃଶ୍ୟପଟ୍ଟର ବହୁ ରୂପାନ୍ତରଣ ହୋଇଛି। ୨୦୨୨ରେ ଏକ ହାଇସ୍ପିଡ ଇଣ୍ଟରନେଟ ସୁବିଧା, ଏକାଧିକ ଭାଷାରେ ଏକ ହଜାରର ଉର୍ଦ୍ଧ୍ୱ ପୁସ୍ତକ, ଇ-ଖବରକାଗଜ ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଉତ୍ସ ସହିତ ଏକ ଇ-ଲାଇବ୍ରେରି ସୁବିଧା ଆରମ୍ଭ କରାଯାଇଥିଲା। ଲାଇବ୍ରେରିରେ ଓଡିଆ, ହିନ୍ଦୀ, ଇଂଲିଶ ଏବଂ ଅନ୍ୟାନ୍ୟ ଆଞ୍ଚଳିକ ଭାଷାରେ ୪୭ହଜାର ପୁସ୍ତକ ରହିଛି। ଯାହା ପାଠାଗାରର ୨୫ଶହରୁ ଉର୍ଦ୍ଧ୍ୱ ସଦସ୍ୟଙ୍କୁ ପଠନୀୟ ସେବା ଉପଲବ୍ଧ କରାଉଛି।

**ରେଳ ଅଧିକାରୀଙ୍କ ଘରେ ଡକାୟତି ମାମଲା**

## କ୍ରେତାଙ୍କ ସମେତ ୪ ଅଭିଯୁକ୍ତ ଗିରଫ

ରାଉରକେଲା,୩୦।୧୨(ସଙ୍ଗୀତା ଜେନା)

ଗତ ଅକ୍ଟୋବର ମାସରେ ବନ୍ଧମୁଣ୍ଡା ଥାନା ଅଞ୍ଚଳରେ ଜଣେ ରେଲୱେ ଅଧିକାରୀଙ୍କ ଘରେ ଡକାୟତି ମାମଲାରେ ସୋମବାର ପର୍ଦ୍ଦାଫାଶ ହୋଇଛି। ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପୂର୍ବ ସିଂହଭୂମ ନାମୁଟୋଲାର ସୁଶୀଲ ସିଂହ(୩୫), ସେକ୍ଟର-୨୧ ନୟାବଜାର ବସ୍ତିର ଅଜୟ ଆଞ୍ଚଳ(୩୪), ପୂର୍ବସିଂହଭୂମ ଗୋସାଇ ମହଲ୍ଲାର ସଚ୍ଚିନ ମହତୋ(୨୩) ଏବଂ ସୁନା କ୍ରେତା ପୂର୍ବସିଂହଭୂମ ମିଭଗାନ୍‌ର ରବି ଶଙ୍କର ବର୍ମା(୩୬)। ଏ ନେଇ ଏକ ମାମଲା(ନଂ.୨୨୫/୨୪) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ଜବତ ହୋଇଛି। ଏ ନେଇ ସୋମବାର ସନ୍ଧ୍ୟାରେ ରାଉରକେଲା ପୋଲିସ ଜିଲା ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି। ପଶ୍ଚିମାଞ୍ଚଳ ଆଇଜି ବ୍ରିଜେଶ ରାୟ, ଏସ୍‌ପି ରାଉରକେଲା ନିତେଶ ୱାଧୱାନୀ, ଜୋନ୍-୨ ଡିଏସ୍‌ପି ନିର୍ମଳ ମହାପାତ୍ର, ବନ୍ଧମୁଣ୍ଡା ଥାନାଧିକାରୀ ଶ୍ରୀକାନ୍ତ ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ପଶ୍ଚିମାଞ୍ଚଳ ଆଇଜି ରାୟ ସୂଚନା ଦେଇ କହିଛନ୍ତି, ଗତ ଅକ୍ଟୋବର ୧୮ ଓ ୧୯ ତାରିଖ ମଧ୍ୟରାତ୍ରିରେ ବନ୍ଧମୁଣ୍ଡା ରେଲୱେ କଲୋନୀର ରହୁଥିବା ରେଳ ଅଧିକାରୀ ଦିଲୀପ ପଣ୍ଡା(୪୪)ଙ୍କ ଘରେ କିଛି ଦୁର୍ବୃତ୍ତ ଝରକା କାଟି ପଶିଥିଲେ ଏବଂ ଦିଲୀପ, ତାଙ୍କ ସ୍ତ୍ରୀ ଓ ଝିଅଙ୍କୁ ମାରଣାସ୍ତ୍ର ଦେଖାଇ ଗହଣା ଲୁଟ୍ କରିନେଇଥିଲେ। ଏ ନେଇ ଅତିରିକ୍ତ ଏସ୍‌ପି ପ୍ରଭାଶଙ୍କର ନାଏକ, ଡିଏସ୍‌ପି ଜୋନ୍-୨ ନିର୍ମଳ ମହାପାତ୍ରଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏଥିରେ ଧରାପଡ଼ି ନ ଥିବା ଅନ୍ୟମାନଙ୍କୁ ଗିରଫ ଲାଗି ଯୋଜନା କରାଯାଉଛି ବୋଲି ଆଇଜି ରାୟ କହିଥିଲେ। ଖୁବ୍‌ଶୀଘ୍ର ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ୱାଧୱାନୀ କହିଥିଲେ।



ପୋଲିସ ମୁଖ୍ୟାଳୟରେ ପୋଲିସ ସୂଚନା ଦେଉଛି।

## ରାଜ୍ୟସ୍ତରୀୟ ପାୱାର ଲିଫ୍ଟିଂ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ରାଉରକେଲା,୩୦।୧୨ (ସଙ୍ଗୀତା ଜେନା)

ରାଉରକେଲା ସେକ୍ଟର-୧୮ ଇସ୍ପାତ ଇଂରାଜୀ ସ୍କୁଲରେ ଆୟୋଜିତ ତ୍ରିଦିବସୀୟ ରାଜ୍ୟସ୍ତରୀୟ ପାୱାର ଲିଫ୍ଟିଂ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୨୨୦ ମହିଳା ଏବଂ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ସୁନ୍ଦରଗଡ଼ ଜିଲାରୁ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ ସୁଶ୍ରୀ କଲ୍ୟାଣୀ ସିଂ(୫୭ କେଜି) ବରିଷ୍ଠ ବିଭାଗରେ ସ୍ୱର୍ଣ୍ଣପଦକ ଓ ବେଞ୍ଚପ୍ରେସରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଅଳୀ ସାହୁ (୭୬ କେଜି) କନିଷ୍ଠ ବିଭାଗରେ ବେଞ୍ଚପ୍ରେସରେ ସ୍ୱର୍ଣ୍ଣ ଏବଂ ବରିଷ୍ଠ ବିଭାଗରେ ରୌପ୍ୟ ପଦକ ହାସଲ କରିଥିଲେ। ପୁରୁଷ ବର୍ଗରେ ସଚ୍ଚିନ କେର୍କେଟା(୫୯ କେଜି) କନିଷ୍ଠ ବିଭାଗରେ ଶକ୍ତି ଉତ୍ତୋଳନ ଓ ବେଞ୍ଚପ୍ରେସରେ ସ୍ୱର୍ଣ୍ଣ ପଦକ ଏବଂ ବରିଷ୍ଠ ବିଭାଗରେ କାଂସ୍ୟପଦକ ହାସଲ କରିଥିଲେ। ଲବ ମହାନନ୍ଦିଆ(୬୬ କେଜି) ବର୍ଗରେ ରୌପ୍ୟ ପଦକ, ସିଲଭିଷ୍ଟର ଡୁଙ୍ଗଡୁଙ୍ଗ(୮୩ କେଜି)ରେ ରୌପ୍ୟ ପଦକ ଏବଂ ଦିଲେଶ୍ୱର ସାହୁ (୧୦୫ କେଜି) ବରିଷ୍ଠ ବିଭାଗରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଜିଲା ପାୱାର ଲିଫ୍ଟିଂ ଦଳରେ ସୌମ୍ୟରଞ୍ଜନ ମହାନ୍ତି ଓ ନକୁଳ ଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଖେଳକୁଦ ସଂଘର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ଜୟଦେବ ପାତ୍ର, ଦୁର୍ଗାମାଧବ ନାୟକ, ଅନୀଲ ବହିଦାର, ରାଜେନ୍ଦ୍ର ପଣ୍ଡା କୃତୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିଲେ। ଖେଳକୁଦ ବିଭାଗର ଉପନିର୍ଦ୍ଦେଶକ ସୁଦୀପ୍ତ ନାୟକ, ଡିଏସ୍‌ଓ ଗୋପୀନାଥ ପଣ୍ଡା, ଆର୍‌ୱାଇଏମ୍‌ଏ ଅନୁଷ୍ଠାନର ସଭାପତି ବିଷ୍ଣୁ ମହାନ୍ତି, ସନ୍ତୋଷ ଭୂୟାଁ, ରବିନ୍ଦ୍ର ଗଣ୍ଡ, ଅରବିନ୍ଦ ନାୟକ, ରିତ ଭୂତିଆ, ଯୁବି ବିଶ୍ୱାଳ, ସମିତା ବାରିକ ପ୍ରମୁଖ କୃତୀ ପ୍ରତୀଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରଶିକ୍ଷକ ବିକ୍ରମ ସ୍ୱାଇଁ ଏବଂ ସମ୍ପାଦକ ବାସୁଦେବ ବାନାର୍ଜୀଙ୍କ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା।



ସ୍କୁଲରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ସଂକ୍ଷେପରେ

### ପାଣିରେ ବୁଡ଼ି ମାଛଧରାଳି ମୃତ

ଦେବଗଡ଼,୩୦।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଥାନା ତିଲେଇବଣି ବ୍ଲକ ସଦର ମହକୁମା ଓଭରବ୍ରିଜ ନିକଟ ପୋଖରୀରେ ମାଛ ମାରୁଥିବା ବେଳେ ପାଣିରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଅସୁରଖୋଲ ଗ୍ରାମର ପଞ୍ଚୁ ପେଣ୍ଟେଇ (୪୮)। ମଧ୍ୟାହ୍ନରେ ପଞ୍ଚୁ ତିଲେଇବଣି ଓଭରବ୍ରିଜ ନିକଟ ପୋଖରୀରୁ ମାଛ ମାରୁଥିବା ବେଳେ କୌଣସି କାରଣରୁ ପାଣିରେ ବୁଡିଯାଇଥିଲେ। ଅନତି ଦୂରରେ ଖେଳୁଥିବା କେତେକ ବାଳକ ଏହା ଦେଖିବା ପରେ ମୃତକଙ୍କ ପରିବାର ଏବଂ ପୋଲିସକୁ ସୂଚନା ଦିଆଯାଇଥିଲା। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପଞ୍ଚୁଙ୍କ ମୃତଦେହ ପୋଖରୀରୁ ଉଦ୍ଧାର କରିଥିଲେ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ପୋଲିସ କହିଛି।

### ଉଚ୍ଛେଦ ପରେ ମୃତ୍ୟୁ ଅଭିଯୋଗ

**ଶୋକସଭାରେ ଅଭିଯୋଗ କଲେ ବ୍ୟବସାୟୀ**

ସମ୍ବଲପୁର,୩୦।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ରାସ୍ତାକଡ଼ରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଗତ ୨୭ ତାରିଖ ଅଇଁଠାପାଲି ତଳିଛକ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ରୟତି ଜମିରେ ଥିବା ଏକ ମାର୍କେଟ୍ କମ୍ପ୍ଲେକ୍ସକୁ ଭାଙ୍ଗି ଦିଆଯାଇଥିଲା। ଏଥିରେ ମ୍ରିୟମାଣ ହୋଇ କମ୍ପ୍ଲେକ୍ସରେ ଦୋକାନ କରିଥିବା ସଞ୍ଜୟ ସାହୁଙ୍କର ମୃତ୍ୟୁ ଘଟିଥିଲା। ତାଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ସୋମବାର ସମ୍ପୃକ୍ତ କମ୍ପ୍ଲେକ୍ସ ନିକଟରେ ସ୍ଥାନୀୟ ବ୍ୟବସାୟୀ ଓ ଜନସାଧାରଣଙ୍କ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ପ୍ରଦୀପ ମୁଣ୍ଡା, ସହଦେବ ମୁଣ୍ଡା, ଋଷି ମୁଣ୍ଡା, ପ୍ରିୟବ୍ରତ ମହାପାତ୍ର, ହରଦୀପି ସିଂ ଭୁର୍ଜୀ, ପ୍ରଫୁଲ୍ଲ କୁମାର ଦାସ, ହରପ୍ରସାଦ ସାହୁ, ରଞ୍ଜିତ ଶର୍ମା, ବାହାଦୂର ମୁଣ୍ଡା, ପ୍ରଦୋଷ ମହାନ୍ତି, ଅଂଶୁମାନ ବେହେରା ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ। ସେମାନେ ଅଭିଯୋଗ କରିଥଲେ ଯେ, କମ୍ପ୍ଲେକ୍ସ ନିର୍ମାଣ ହୋଇଥିବା ଜମି ପ୍ରଦୀପ ମୁଣ୍ଡାଙ୍କ ମାଲିକାନାରେ ରହିଛି। ତାଙ୍କ ନିକଟରେ ରୟତି ଜମି ପଟ୍ଟା ରହିଛି। ପୂର୍ବରୁ ସଦର ତହସିଲଦାର ଉକ୍ତ ଜମିକୁ ଚିହ୍ନଟ କରିଛନ୍ତି। ସମ୍ବଲପୁର ଭୂଅର୍ଜନ ଅଧିକାରୀଙ୍କ ଆଦେଶରେ ଉକ୍ତଜମିକୁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଅଧିଗ୍ରହଣ ମଧ୍ୟ କରାଯାଇନାହିଁ। ଏହାସତ୍ତ୍ୱେ ଜବରଦଖଲ ଉଚ୍ଛେଦ ନାମରେ ଉକ୍ତ ମାର୍କେଟ କମ୍ପ୍ଲେସକୁ ଭାଙ୍ଗି ଦିଆଯାଇଛି। କମ୍ପ୍ଲେକ୍ସରେ ସଞ୍ଜୟ କୁକୁଡ଼ା ଦୋକାନ କରିଥିଲେ। ଦୋକାନ ଭାଙ୍ଗି ଦିଆଯିବାରେ ସେ ଜୀବିକା ଚିନ୍ତାରେ ହୃଦଘାତର ଶିକାର ହୋଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏବେ ତାଙ୍କର ପତ୍ନୀ ଓ ୨ ସନ୍ତାନଙ୍କ ପରିବାର ପୋଷଣ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଘଟଣାର ନିରପେକ୍ଷ ଓ ଉପଯୁକ୍ତ ତଦନ୍ତ ପୂର୍ବକ ମୃତକଙ୍କ ପରିବାରଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା ପାଇଁ ସଭାରେ ଦାବି କରାଯାଇଥିଲଶ। ମଙ୍ଗଳବାର ଜିଲାପାଳଙ୍କୁ ଏନେଇ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ବ୍ୟବସାୟୀମାନେ କହିଛନ୍ତି।

### ଶ୍ରାଦ୍ଧବାର୍ଷିକୀରେ କିଶୋର ମହାନ୍ତିଙ୍କ ସ୍ମୃତିଚାରଣ

ବ୍ରଜରାଜନଗର,୩୦।୧୨(ବିଜୟ ବରାଡ଼)

ବ୍ରଜରାଜନଗର ପୌରାଞ୍ଚଳର ଖଳିଆକାନୀ ଛକଠାରେ ଥିବା ସ୍ୱର୍ଗତ କିଶୋର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କିଶୋରଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ପାଳନ କରିଛନ୍ତି କିଶୋରପ୍ରେମୀ। ପୂର୍ବତନ ବିଧାୟିକା ତଥା କିଶୋରଙ୍କ ପତ୍ନୀ ଅଳକା ମହାନ୍ତି, ପୌରାଧ୍ୟକ୍ଷା ଯାଜ୍ଞସେନୀ ଓରାମ, କଂଗ୍ରେସ ନେତା ପ୍ରଫୁଲ୍ଲ ପଣ୍ଡା, ସିପିଆଇ ନେତା ପ୍ରକାଶ ରାୟ, ବେଲପାହାଡ଼ର ପୂର୍ବତନ ଅଧ୍ୟକ୍ଷ ପର୍ଶୁରାମ ସାହୁ, ବରିଷ୍ଠ ନେତା ଶମ୍ଭୁ ମହାନ୍ତି, ନୃପ ତାଣ୍ଡି, ଶଙ୍କର ତାଣ୍ଡି, କୁଳମଣି ଦାସ, ଗୋବିନ୍ଦ ସାହୁ, ସୁରଜ କଣ୍ଟା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ନଗର ସଭାପତି ରାଧାକାନ୍ତ ପ୍ରଧାନ ସଭା ପରିଚାଳନା କରିଥିଲେ। ପରେ ଶତାଧିକ କର୍ମୀଙ୍କ ଗହଣରେ ଖଳିଆକାନୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥଲେ।

# ଦୁର୍ଘଟଣା ଏଡାଇବାକୁ ସଚେତନତା ହୋଡ଼ିଂ ନିର୍ମାଣ ହେବ


ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକରେ ଉପସ୍ଥିତ ଅଧିକାରୀ।

**ଜିଲା ସଡ଼କ ସୁରକ୍ଷା କମିଟି ବୈଠକ**

ଦେବଗଡ଼,୩୦।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକଙ୍କ ଆବାହନ କ୍ରମେ ଜିଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ କୁମାର ଚପରଦାର, ଉପଜିଲାପାଳ ପରିକ୍ଷିତ ସାହୁ, ତହସିଲଦାର କର୍ଣ୍ଣ ମଲ୍ଲିକ, ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦ ସିଂ, ସିଦ୍ଧାର୍ଥ ଗୁରୁ, ସତ୍ୟ ନାରାୟଣ ମିଶ୍ର, ଏକ୍ସସାଇଜ ଅଧୀକ୍ଷକ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ରହି ଦୁର୍ଘଟଣା ଏଡାଇବା ପାଇଁ ବିଭିନ୍ନ ସ୍ଥାନରେ ସଚେତନତାମୂଳକ ହୋଡ଼ିଂ ନିର୍ମାଣ, ଯାନବାହାନ ଯାଞ୍ଚ, ରାସ୍ତାଘାଟର ଉନ୍ନତିକରଣ ଓ ମରାମତି ସମେତ ଆବଶ୍ୟକ ସ୍ଥଳରେ ସ୍ପିଡି ବ୍ରେକର ନିର୍ମାଣ ଉପରେ ଆଲୋକପାତ କରାଯାଇଥିଲା।

## ପୌରାଧ୍ୟକ୍ଷା, କାଉନସିଲରମାନଙ୍କୁ ଗଣେଶ ମେଳା କମିଟି ପକ୍ଷରୁ ସମ୍ବର୍ଦ୍ଧନା


କାଉନସିଲରଙ୍କ ସହ ଗଣେଶ ମେଳା କମିଟି କର୍ମକର୍ତ୍ତା।

ଦେବଗଡ଼,୩୦।୧୨(ଶଶାଙ୍କଶେଖର ଝାଙ୍କର)

ପ୍ରସିଦ୍ଧ ଗଣେଶ ମେଳା ଆୟୋଜନକାରୀ ଦେବଗଡ ସାର୍ବଜନୀନ ଗଣେଶ ମେଳା କମିଟିର ଦୀର୍ଘଦିନର ଅନୁରୋଧକୁ ରକ୍ଷାକରି ଏକ ସ୍ଥାୟୀ ଗଣେଶ ମଣ୍ଡପ ପ୍ରଦାନ କରିଥିବାରୁ କମିଟି ପକ୍ଷରୁ ପୌର ପରିଷଦ ଅଧ୍ୟକ୍ଷା ଓ ସମସ୍ତ କାଉନସିଲରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସ୍ଥାନୀୟ ଗୋପବନ୍ଧୁ ଛକଠାରେ ସାର୍ବଜନୀନ ଗଣେଶ ମେଳା କମିଟି ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସାର୍ବଜନୀନ ଗଣେଶ ମେଳା କମିଟିର ସଭାପତି ଉମାଶଙ୍କର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଈ, କାଉନଶିଲର ପ୍ରମିଳା ବେହେରା, ସଞ୍ଜୁକ୍ତା ଆଚାର୍ଯ୍ୟ, ପିଙ୍କି ସାହୁ, ସରୋଜିନୀ ମୁଣ୍ଡା, ଇତିଶ୍ରୀ ମିଶ୍ର ଓ କାର୍ତ୍ତିକ ମହାକୁଳଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କମିଟିର ପୂର୍ବତନ ସଭାପତି ସୁଶୀଳ କୁମାର କପରଦାର, ରାଜକିଶୋର ଦାଶ, ଗୋପାଳ ଅଗ୍ରୱାଲା, ମୋହନ ଅଗ୍ରୱାଲା, କ୍ଷୀତିଶ ପ୍ରଧାନ, ପ୍ରେମରାଜ ଗୋଏଲ, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରତାପ ଦେବ, ବାବୁଲି ଭୁକ୍ତା, ଶ୍ରୀକାନ୍ତ ସାହୁ ଓ ପ୍ରକାଶ ଦେବତାଙ୍କ ସମେତ ବହୁ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

### ମନମୋହନ ସିଂଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ

ଝାରସୁଗୁଡା,୩୦।୧୨(ଆଶିଷ ରଞ୍ଜନ ଦାଶ)

ବେଲପାହାଡ ରେଲଷ୍ଟେଶନ ପାଖ କଂଗ୍ରେସ କାର୍ଯ୍ୟାଳୟରେ ସୋମବାର ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହଙ୍କ ସ୍ମୃତିରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଡ.ସିଂହଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପରେ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ମନମୋହନ ସିଂହ ନୂଆ ଭାରତ ଗଠନର ବିଧାଣୀ ବୋଲି ବକ୍ତାମାନେ କହିଛନ୍ତି। ତାଙ୍କୁ ମରୋଣୋତ୍ତର ଭାରତରତ୍ନ ସମ୍ମାନ ପ୍ରଦାନ କରାଯାଉ ବୋଲି କଂଗ୍ରେସ କର୍ମୀମାନେ ଦାବି କରିଛନ୍ତି । ଏହି ଶୋକସଭାରେ ବେଲପାହାଡ ଟାଉନ କଂଗ୍ରେସ ସଭାପତି ଭାସ୍କର ପଟେଲ, ପୂର୍ବତନ ସଭାପତି ଛେଦୁ ପ୍ରସାଦ ଶୁକ୍ଲା, ପୂର୍ବତନ ସରପଞ୍ଚ ହୀରାଧର ମାଝି, ପୂର୍ବତନ ଯୁବ କଂଗ୍ରେସ ସଭାପତି ପ୍ରଦୀପ ସାହୁ, ଯୁବା ବ୍ଲକ ସଭାପତି ସୁବୋଧ କୁମାର ପଣ୍ଡା, ବରିଷ୍ଠ କଂଗ୍ରେସ କର୍ମୀ ଚିତ୍ତରଞ୍ଜନ ରଥ, ରାଜେଶ ଶୁକ୍ଲା, ବିଜୟ ସ୍ୱାଇଁ, ଦୁଃଖବନ୍ଧୁ ପାନ, ସାହେବ ପଧାନ, ପୂର୍ଣ୍ଣ ବୁଢୁଲା, ପ୍ରଦୀପ ବାନୀ, ଅନୀଲ ଭୋଇ, ଆଶିଷ ଶୁକ୍ଲା ଓ ଆମିନ ହୁସେନ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ମା' ବନଦୁର୍ଗା କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ | କାଦୋପଡ଼ା ଚାମ୍ପିୟନ


କ୍ରିକେଟ ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳି।

ଦେବଗଡ଼,୩୦।୧୨(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ରାଇତାବାହାଲ ଗ୍ରାମ ପଞ୍ଚାୟତର ଗରଗଡ ବାହାଲ ଗ୍ରାମରେ ଗତ ୨୬ ତାରିଖଠାରୁ ଆରମ୍ଭ ହୋଇଥିବା ମା' ବନଦୁର୍ଗା କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଲଣ୍ଡିଝରୀ କ୍ରିକେଟ ଦଳକୁ ପରାସ୍ତ କରି କାଦୋପଡା କ୍ରିକେଟ ଦଳ ଚାମ୍ପିୟନ ହୋଇଛି। ଲାଣ୍ଡିଝରୀ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬୯ ରନ ସଂଗ୍ରହ କରିଥିଲା। ଏହାର ଜବାବରେ କାଦୋପଡା ଦଳ ୭୦ ରନ ସଂଗ୍ରହ କରି ଏକ ସହଜ ବିଜୟ ହାସଲ କରିଥିଲା। ଫାଇନାଲ ମ୍ୟାଚକୁ ଅମ୍ପାୟାର ଭାବେ କୌଶିକ ସାହୁ ଓ ଧିରେନ ସାହୁ ପରିଚାଳନା କରିଥିଲେ। ଆୟୋଜକ ଅନୁଷ୍ଠାନର ସଭାପତି କୈଳାଶ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ, ବିଜୟ କୁମାର ପ୍ରଧାନ ଓ ଘାସିରାମ ସାହୁ ମଞ୍ଚାସୀନ ଥିଲେ। ଶେଷରେ ସୁଶାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଦେବଗଡ଼,୩୦।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ବାରକୋଟ ବ୍ଲକ କଣ୍ଟେଳ ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୪୪ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୨୮ଟି ବ୍ୟକ୍ତିଗତ ଓ ୧୬ଟି ସାମୂହିକ ରହିଥିଲା। ବିଶେଷ କରି ଶିକ୍ଷକ ନିଯୁକ୍ତି, ପାନୀୟ ଜଳ, ବିଦ୍ୟୁତ ସମସ୍ୟା, ଉଜ୍ଜ୍ୱଳା ଗ୍ୟାସ ଓ ସୁଭଦ୍ରା ଯୋଜନା ଉପରେ ଅଭିଯୋଗ ହୋଇଥିଲା। ଶିବିରରେ ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ କୁମାର ଚପରଦାର, ଉପ ଜିଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାରକୋଟ ସ୍ମୃତି ରଞ୍ଜନ ସାହୁ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ତହସିଲଦାର ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ।

## ସ୍ମୃତି କମିଟି ପକ୍ଷରୁ କିଶୋର ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ଝାରସୁଗୁଡା,୩୦।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ସହର ସ୍ଥିତ ମଙ୍ଗଳ ବଜାରର ଅଡିଟୋରିୟମଠାରେ କିଶୋର ମହାନ୍ତି ସ୍ମୃତି କମିଟି ଦ୍ୱାରା ସୋମବାର ଅପରାହ୍ନରେ ପୂର୍ବତନ ବାଚସ୍ପତି ତଥା ପୂର୍ବତନ ବିଧାୟକ କିଶୋର ମହାନ୍ତିଙ୍କ ୩ୟ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ପ୍ରଥମେ ପୂର୍ବାହ୍ନ ୧୦ଟାରେ ସ୍ୱର୍ଗତ କିଶୋର ମହାନ୍ତିଙ୍କ ସମର୍ଥକମାନେ ଜିଲାପାଳ କାର୍ଯ୍ୟାଳୟ ଆଗରେ ଏକତ୍ରିତ ହୋଇ ସେଠାରୁ ଝାରସୁଗୁଡା ସହର ମଧ୍ୟକୁ ଯାଉଥିବା ରାସ୍ତାର ନାମ କିଶୋର ମହାନ୍ତି ମାର୍ଗ ରଖିବା ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର ଦେଇ ବାଇକ ରାଲିରେ ମଙ୍ଗଳବଜାର ଅଡିଟୋରିୟମରେ ପହଞ୍ଚିଥିଲେ। ଏହା ପରେ ଅପରାହ୍ନ ୨ଟାରେ କିଶୋର ମହାନ୍ତିଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ରାଉରକେଲା ବିଧାୟକ ସାରଦା ନାୟକ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ବରଗଡ଼ର ବିଜେଡି ନେତା ପ୍ରଭାତ ଆଦିତ୍ୟ ମିଶ୍ର, କିଶୋର ମହାନ୍ତିଙ୍କ ପତ୍ନୀ


କିଶୋର ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ ସଭାରେ ଉପସ୍ଥିତ ଅତିଥି।

ତଥା ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତି, ଆଦିବାସୀ ନେତା ମହେନ୍ଦ୍ର ନାୟକ ଯୋଗ ଦେଇଥିଲେ। ସମସ୍ତ ଅତିଥି ଏବଂ ସ୍ୱର୍ଗତ ମହାନ୍ତିଙ୍କ ବାପା ଗୋଲକ ମହାନ୍ତି କିଶୋର ମହାନ୍ତିଙ୍କ ଫଟୋରେ ପୁଷ୍ପ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟ ଅତିଥି କେନ୍ଦ୍ରମନ୍ତ୍ରୀ କହିଥିଲେ, କିଶୋର ମହାନ୍ତି ଜଣେ ଉଦାର, ସ୍ନେହୀ ଏବଂ ସହିଷ୍ଣୁ ରାଜନେତା ଥିଲେ। ବିଧାୟକ ତ୍ରିପାଠୀ ସ୍ୱର୍ଗତ ମହାନ୍ତିଙ୍କୁ ଝାରସୁଗୁଡା ଜିଲା ଗଠନର ମୁଖ୍ୟ ବିଧାଣି ବୋଲି କହିଥିଲେ। ଅଳକା ମହାନ୍ତି କହିଥିଲେ, କିଶୋର ବାବୁ ଆମମାନଙ୍କ ପାଇଁ ସବୁବେଳେ ଅମର ଏବଂ ଆମର ହୃଦୟରେ ରହିଛନ୍ତି ବୋଲି କହି ଭାବବିହ୍ୱଳ ହୋଇଯାଇଥିଲେ। ସ୍ୱର୍ଗତ ମହାନ୍ତିଙ୍କ ବାପା ଗୋଲକ ମହାନ୍ତି ରିମୋଟ ମାଧ୍ୟମରେ କିଶୋର ମହାନ୍ତି ଫାଉଣ୍ଡେସନ ନାମକ ଏକ ସେବା ସଂସ୍ଥା ଉଦ୍‌ଘାଟନ କରିଥିଲେ। ଏହି ବାର୍ଷିକ ଉତ୍ସବରେ କିଶୋର ମହାନ୍ତିଙ୍କ ସୁପୁତ୍ର ପୁରୁଷୋତ୍ତମ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ। ସ୍ମୃତି କମିଟିର ସଭାପତି ମନୋରଞ୍ଜନ ମହାପାତ୍ର, ତ୍ରିନାଥ ଗୁଆଳ, ତାପସ ରାୟ ଚୌଧୁରୀ, ହରିଶ ଗଣତ୍ରା, ସନ୍ଦୀପ ଆୱାସ୍ଥି, ନଟ୍ଟସିଂ, ପ୍ରମୋଦ ତ୍ରିପାଠୀ, ଝସକେତନ ସାହୁ ତଥା ତଥା ଜିଲାର ଦଳମତ ନିର୍ବିଶେଷରେ ଶତାଧିକ ସ୍ୱର୍ଗତ କିଶୋର ମହାନ୍ତିପ୍ରେମୀ ଉପସ୍ଥିତ ଥିଲେ। ମେହବୁବ ମେହେତାବ ସଭା ପରିଚାଳନା କରିଥିଲେ। ବକ୍ତୃତା ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀମାନେ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ।

## ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆଡ୍‌ମିଟ୍ କାର୍ଡ ୱେବ୍‌ସାଇଟ୍‌ରେ

କଟକ,୩୦।୧୨(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆସନ୍ତା ଜାନୁଆରୀ ୭ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ବୋର୍ଡ ୱେବସାଇଟ୍ (www.bseodisha.ac.in)ରେ ଆଡ୍‌ମିଟ୍‌କାର୍ଡ ସୋମବାରଠାରୁ ଉପଲବ୍ଧ ହୋଇଛି। ସମଗ୍ର ରାଜ୍ୟରେ ମୋଟ ୭୮୯ଟି ପରୀକ୍ଷାକେନ୍ଦ୍ର କରାଯାଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ନିମନ୍ତେ ଷଷ୍ଠ ଶ୍ରେଣୀ ୧୪୧୩୬୦, ୭ମ ଶ୍ରେଣୀ ୧୦୦୮୬, ୮ମ ଶ୍ରେଣୀ ୫୭୪୪ ଓ ନବମ ଶ୍ରେଣୀର ୩୧୮୯ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ନିମନ୍ତେ ଷଷ୍ଠ ଶ୍ରେଣୀର ୮୭୫ ଜଣ ଛାତ୍ରୀଛାତ୍ର ଆବେଦନ କରିଥିବା ବୋର୍ଡ ପକ୍ଷରୁ ଜଣାଯାଇଛି।

## ତ୍ରିମ୍ପ୍ସ କପ କ୍ରିକେଟ ଟୁର୍ନାମେଣ୍ଟ: ଟାବଡ଼ା ଚାମ୍ପିୟନ


କ୍ରିକେଟ ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳି।

ଦେବଗଡ,୩୦।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ ଟାବଡା ଗ୍ରାମରେ ଗୁରୁ ଦ୍ରୋଣାଚାର୍ଯ୍ୟ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ତ୍ରିମ୍ପ୍ସ କପ କ୍ରିକେଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଆୟୋଜକ ଗୁରୁ ଦ୍ରୋଣାଚାର୍ଯ୍ୟ କ୍ରିକେଟ କ୍ଲବ, ଟାବଡା ଓ ପାଟକମୁଣ୍ଡା, ଅନୁଗୋଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆୟୋଜକ ଟିମ ଟାବଡା ବିଜୟୀ ହୋଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଫାଇନାଲ ମ୍ୟାଚକୁ ସୁନିଲ କୁମାର ପ୍ରଧାନ ଓ ପଙ୍କଜ କୁମାର ବାରିକ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚର ମୁଖ୍ୟ ଅତିଥି ଜିଲା ଭାଜପା ସଭାପତି ଅରୁଣ ସାହୁ, ସମ୍ମାନିତ ଅତିଥି ଭାବେ ମୁନ ସୁନ କୁମାର ସାହୁ, ତିଲେଇବଣୀ ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଟାବଡା ସରପଞ୍ଚ ଉର୍ମିଳା ପ୍ରଧାନ, ଟାବଡା ସମବାୟ ସମିତିର ସଭାପତି ଶରତ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତି ରହି ପୁରସ୍କାର ପ୍ରଦାନ କରିଥିଲେ । କ୍ଲବ ସଭାପତି କ୍ଷୀରସିନ୍ଧୁ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ପ୍ରତିଭା କାର୍ଯ୍ୟକ୍ରମ


ହେଲପିଂ ହେଣ୍ଡ ଅନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ଗହଣରେ କର୍ମକର୍ତ୍ତା।

ସମ୍ବଲପୁର,୩୦।୧୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଦଳଦଲିପଡାଠାରେ ଥିବା ହେଲପିଂ ହେଣ୍ଡ ନିଃଶୁଳ୍କ ଶିକ୍ଷା କେନ୍ଦ୍ରଠାରେ ସୋମବାର ଶିଶୁ ପ୍ରତିଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସଞ୍ଚାଳିକା ଅନୀତା ବାଗଙ୍କ ଉପସ୍ଥିତିରେ ଆୟୋଜିତ କାର୍ଯ୍ୟକ୍ରମକୁ ଦିଲୀପ ପଣ୍ଡା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଷୟରେ ପ୍ରଶ୍ନ ପଚାରି ସେମାନଙ୍କ ପ୍ରତିଭା ସାମନାକୁ ଆଣିବାକୁ ଚେଷ୍ଟା କରାଯାଇଥିଲା। ଏହି ଅବସରରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ସ୍କୁଲବ୍ୟାଗ, ଚକୋଲେଟ, ଖେଳ ସାମଗ୍ରୀ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଶିଖା ଦେବନାଥ, ସାଇକତ କୁମାର, କୁଲଦୀପ କୁମାର, ଦୁର୍ଗାଶିଷ ନାଥଶର୍ମା, ଆର୍ତ୍ତତ୍ରାଣ ଶତପଥୀ, ଅନୁପ ମେହେର, ଶ୍ରୀଧର ପଟ୍ଟନାୟକ, ଗୋବିନ୍ଦ, ହୃଦାନନ୍ଦ ଭୋଇ ସହଯୋଗ କରିଥିଲେ।

## ସଂକ୍ଷେପରେ

### 'ଭାସ୍କର ମେହେଟ୍ଟା ଥିଲେ ସମର୍ପିତ ନାଟ୍ୟଶିଳ୍ପୀ'

ବଲାଙ୍ଗୀର,୩୦।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜଲାରାମ ଭବନଠାରେ ପ୍ରତିଷ୍ଠିତ ନାଟ୍ୟକାର ଓ ଅଭିନେତା ଭାସ୍କର ମେହେଟ୍ଟାଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ନାଟ୍ୟକାର ଜମାଲ ଖାନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ବଲାଙ୍ଗୀର ସହରର ନାଟ୍ୟକାର, ଅଭିନେତା ଓ ନାଟ୍ୟପ୍ରେମୀ ଯୋଗଦାନ କରିଥିଲେ। ୧୯୪୬ ମସିହା ଅଗଷ୍ଟ ୧ରେ ଜନ୍ମିତ ଭାସ୍କର ପିଲାଦିନରୁ ସାହିରେ, ସ୍କୁଲରେ, ନବରାତ୍ରି ଉତ୍ସବରେ ବିଭିନ୍ନ ନାଟିକାରେ ଭାଗ ନେଉଥିଲେ। ରାଜେନ୍ଦ୍ର କଲେଜର ନାଟ୍ୟ ସଂସଦ ଦ୍ୱାରା ପ୍ରସ୍ତୁତ ଶେଷ ଶ୍ରାବଣ ନାଟକରେ ତାଙ୍କ ଅଭିନୟ ଚମକାଇ ଦେଇଥିଲା। ଶୋକସଭାରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ନାଟ୍ୟକାର ସନାତନ ଠାକୁର, ଡ. ଶ୍ରୀକର ମିଶ୍ର, ବିଜୟ କୁମାର ତ୍ରିପାଠୀ, ପ୍ରଶାନ୍ତ ଖମାରୀ, ଲଳିତ ପୂଜାରୀ, ପ୍ରଭାକର ମିଶ୍ର, ମଧୁସୂଦନ ନାୟକ, ମୁରଲୀଧାରୀ ପତି, ଗୋପଳ ପ୍ରଧାନ, ରାମ ଦାଶ, ପ୍ରହ୍ଲାଦ ଦର୍ଜୀ ପ୍ରମୁଖ ଉପସ୍ଥିତ ରହି ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ଶୁଣ୍ଡି ସମାଜ ସାଙ୍ଗଠନିକ ବୈଠକ

ଖପ୍ରାଖୋଲ,୩୦।୧୨( ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ଗାଁରେ ଶୁଣ୍ଡି ସମାଜର ସାଙ୍ଗଠନିକ ବୈଠକ ଆଞ୍ଚଳିକ ସଭାପତି ଲିଙ୍ଗରାଜ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ସଭାପତି ବିଜୟ ବେହେରା, ଉପସଭାପତି ଗଣ୍ଡାରାମ ବେହେରା, ସମ୍ପାଦକ ରାଜକୁମାର ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ସମାଜକୁ ଏକତ୍ରିତ କରି ସୁଦୃଢ଼ କରିବା ପାଇଁ ହରିଶଙ୍କରରେ ଶୁଣ୍ଡି ସମାଜର ବ୍ଲକସ୍ତରୀୟ ସମାବେଶ କରିବା ଲାଗି ପ୍ରସ୍ତାବ ଗୃହୀତ ହୋଇଥିଲା। ସମାଜର ପ୍ରତିଭାବାନ ବ୍ୟକ୍ତି, ଛାତ୍ରୀଛାତ୍ର, କଳାକାର, ସଙ୍ଗଠକ ଓ ଅନ୍ୟାନ୍ୟ କ୍ଷେତ୍ରରେ ଦକ୍ଷତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରି ମାନପତ୍ର ପ୍ରଦାନ ପାଇଁ ଆଲୋଚନା ହୋଇଥିଲା। ସାମାଜିକ ସ୍ତରରେ ସମସ୍ତେ ଏକତ୍ରିତ ହୋଇ ସମାଜର ଅସହାୟ ଲୋକଙ୍କୁ ସହାୟତା କରିବା ପାଇଁ ମତପ୍ରକାଶ ପାଇଥିଲା। ଏହି ଅବସରରେ ବଳରାମ ବେହେରା, ଗଙ୍ଗାଧର ବେହେରା, ନକୁଳ ବେହେରା, ଦିବାକର ବେହେରା, ବନମାଳି ବେହେରା, ଚୁଡ଼ା ବେହେରା, ସଉଦା ବେହେରା, ବେଦ ବେହେରା, ସୂର୍ଯ୍ୟ ବେହେରା, ହରେକୃଷ୍ଣ ବେହେରା, ସୁବନ ବେହେରା ଓ ଶୁଣ୍ଡି ସମାଜର ସଦସ୍ୟମାନେ ଯୋଗ ଦେଇଥିଲେ।

### ୮ରେ ଦେଓଗାଁ ବ୍ଲକସ୍ତରୀୟ ଲୋକ ମହୋତ୍ସବ

**ବ୍ଲକ କଳାସଂସ୍କୃତି ସଂଘର ବୈଠକରେ ନିଷ୍ପତ୍ତି**

ଦେଓଗାଁ,୩୦।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ଆସନ୍ତା ଜାନୁଆରୀ ୮ରେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକସ୍ତରୀୟ ଲୋକ ମହୋତ୍ସବ ଅନୁଷ୍ଠିତ ହେବ। ବ୍ଲକ କଳାସଂସ୍କୃତି ସଂଘର ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବ୍ଲକ କଳା ସଂସ୍କୃତି ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କଳାସଂସ୍କୃତି ସଂଘ (ବିକେଏସ୍‌ଏସ୍)ର ସଭାପତି ତଥା ବିଡିଓ ପ୍ରିୟରଞ୍ଜନ କୁମାର ସଭାପତିତ୍ୱ କରିଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ ସେଠଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗ ଦେଇଥିଲେ। ପ୍ରଥମେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ସର୍ବସମ୍ମତିକ୍ରମେ ଆସନ୍ତା ଜାନୁଆରୀ ୮ରେ ବ୍ଲକସ୍ତରୀୟ ଲୋକ ମହୋତ୍ସବ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ବ୍ଲକର ସମସ୍ତ ପଞ୍ଚାୟତରୁ ପାରମ୍ପରିକ କଳା ପ୍ରଦର୍ଶନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ଅବସରରେ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ସୁଦାମ ବିଶି ତଥା ବ୍ଲକର ବରିଷ୍ଠ କଳାକାରମାନେ ଯୋଗ ଦେଇଥିଲେ।

# ମଦ ବିକ୍ରି ବନ୍ଦ ଲାଗି ଥାନାର ଦ୍ୱାରସ୍ଥ ମହିଳା



ଶିରାବାହାଲରେ ବେଆଇନ ମଦବିକ୍ରି ବନ୍ଦ ପାଇଁ ଦେଓଗାଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି ମହିଳା ଗୋଷ୍ଠୀ।

- ଅବକାରୀ ଅଧିକାରୀଙ୍କୁ ଲିଖିତ ଜଣାଇଲେ
- ପ୍ରତିକାର ନ ହେଲେ ଆନ୍ଦୋଳନ କରିବାକୁ ଚେତାବନୀ

ଦେଓଗାଁ,୩୦।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅଧିନସ୍ଥ ଶିରାବାହାଲ ଗାଁର ମହିଳାମାନେ ବେଆଇନ ଦେଶୀ, ବିଦେଶୀ ମଦ ବିକ୍ରି ବିରୋଧରେ ଅଣ୍ଟା ଭିଡ଼ିଛନ୍ତି। ମଦ ବିକ୍ରି ବନ୍ଦ ଲାଗି ସୋମବାର ଦେଓଗାଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମର ସମସ୍ତ ମହିଳା। ଏହା ସହ ଅବକାରୀ ଅଧିକାରୀଙ୍କୁ ମଧ୍ୟ ଲିଖିତ ଜଣାଇଛନ୍ତି। ପ୍ରତିକାର ନ ହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଦେଓଗାଁ ଥାନା ଅନ୍ତର୍ଗତ ଅଧିକାଂଶ ଗାଁର ଗଳିକନ୍ଦିରେ ଦେଶୀ ବିଦେଶୀ ମଦ ଖୁଲମଖୁଲା ବିକ୍ରି ହେଉଛି। ଏନେଇ କୌଣସି କଠୋର ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଗାଁଗୁଡ଼ିକରେ ବିଶୃଙ୍ଖଳା ବାତାବରଣ ଦେଖାଦେଉଛି। ଆଉ ଦିନକ ପରେ ନୂତନବର୍ଷ ଆରମ୍ଭ ହେବ। ନବବର୍ଷ ପାଳନ ଅବସରରେ ଭୋଜିଭାତର ଆସର ଜମିବ। ଏଣୁ ଗାଁମାନଙ୍କରେ ମଦ ବ୍ୟବସାୟୀମାନେ ଚଳଚଞ୍ଚଳ ହୋଇଥିବା ନଜରକୁ ଆସିଛି। ନବବର୍ଷ ଦୁଇଦିନ ପୂର୍ବରୁ ବେଆଇନ ଦେଶୀ ଓ ବିଦେଶୀ ମଦ ବିକ୍ରି ଅହେତୁକ ଭାବେ ବୃଦ୍ଧି ପାଇଥିବାରୁ ଅନେକ ସ୍ଥାନରେ ମାରପିଟ ତଥା ଖରାପ ଭାଷାରେ ପାଟିତୁଣ୍ଡ ଯୋଗୁ ଗାଁମାନଙ୍କରେ ମହିଳାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅଧିନସ୍ଥ ଶିରାବାହାଲ ଗାଁରେ ଖୁଲମଖୁଲା ମଦବିକ୍ରିକୁ ନେଇ ମହିଳା ଗୋଷ୍ଠୀ ବିରୋଧ କରିବା ପରେ ଝାମେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ମହିଳାମାନେ ଏକତ୍ରିତ ହୋଇ ଦେଓଗାଁ ଥାନାର ଦ୍ୱାରସ୍ଥ ହୋଇ ଗାଁରେ ବେଆଇନ ମଦବିକ୍ରି ବନ୍ଦ କରିବା ପାଇଁ ଦାବି କରିଥିଲେ। ଏହା ସହ ଉକ୍ତ ମହିଳାମାନେ ତୁଷୁରା ଅବକାରୀ କାର୍ଯ୍ୟାଳୟରେ ମଧ୍ୟ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏନେଇ ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କୁ ପଚାରିବାରୁ ଅଭିଯୋଗ ପାଇଛି, ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ସେହିପରି ତୁଷୁରା ଅବକାରୀ ଅଧିକାରୀଙ୍କୁ ପଚାରିବାରୁ ଉକ୍ତ ଗାଁର ୨ଜଣଙ୍କ ନାମରେ ମହିଳାମାନେ ଅଭିଯୋଗ କରିଛନ୍ତି। ଏଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି କହିଥିଲେ।

# ଟିଟିଲାଗଡ଼ ଉତ୍କଳ କରାଟେ ସ୍କୁଲକୁ ସଫଳତା




ପୁରସ୍କାର ପାଇଥିବା ପ୍ରତିଯୋଗୀ।

ଟିଟିଲାଗଡ଼,୩୦।୧୨(ଶରତ ମିଶ୍ର)

ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ କରାଟେ ପ୍ରତିଯୋଗିତାରେ ଟିଟିଲାଗଡ଼ ଉତ୍କଳ କରାଟେ ସ୍କୁଲକୁ ବଡ ସଫଳତା ମିଳିଛି। ଡ. ହରି ପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ସାରା ଭାରତରୁ ୧୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ଟିଟିଲାଗଡରୁ ୩୮ଜଣ ଅଂଶଗ୍ରହଣ କରିଥିଲେ। ସେମାନେ ୧୩ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୧୪ଟି ତାମ୍ର ମେଡାଲ ପାଇଥିବା ଜଣାପଡିଛି। ଚିଫ୍ ଟେକ୍ନିକାଲ ଡାଇରେକ୍ଟର ଭରତ ଶର୍ମା ସମସ୍ତଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ସଂସାଇ ସୁରେଶ ଜାଲ ଓ ସଂସାଇ ବ୍ୟୋମକେଶ ବେହେରା ରେଫାରି ଓ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଶ୍ରଦ୍ଧାଞ୍ଜଳି ଜାଲ, ରାହୁଲ ଜାଲ କୋଚ ଦାୟିତ୍ୱ ତୁଲାଇଥିଲେ। ବଲାଙ୍ଗୀର ଜିଲା କରାଟେ ସଂଘ ସଭାପତି ମନୋଜ କୁମାର ହାତୀ ଓ ଟିଟିଲାଗଡ ସଭାପତି ସତ୍ୟବ୍ରତ ପଣ୍ଡା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# କୁମୁରିଆରେ ୫ରୁ ସୁଲିଆ ମହୋତ୍ସବ




ଅତିଥିମାନେ ସୁଲିଆ ମହୋତ୍ସବ ପୋଷ୍ଟର ଲୋକାର୍ପଣ କରୁଛନ୍ତି।

ବଲାଙ୍ଗୀର,୩୦।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ପ୍ରସିଦ୍ଧ ଶୁଲିଆ ଯାତ୍ରା ଉପଲକ୍ଷେ ଦେଓଗାଁ ବ୍ଲକ ଅନ୍ତର୍ଗତ କୁମୁରିଆ ସାନଖଲା ସୁଲିଆ ପୀଠ ସନ୍ନିକଟରେ ଜାନୁଆରୀ ୫ରୁ ସୁଲିଆ ମହୋତ୍ସବ ଆରମ୍ଭ ହେବ ବୋଲି ସୋମବାର ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଦେଓଗାଁ ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ସମ୍ମାନିତ ଅତିଥି ଭାବେ ସଂସ୍କୃତି ଗବେଷକ ଡ. ଘାସିରାମ ମିଶ୍ର, ରସରାଜ ଅଚ୍ୟୁତ ପୁରୋହିତ, ମଞ୍ଚ ଅଭିନେତା ରବୀନ୍ଦ୍ର କୁମାର ସାହୁ, ରୂପାଧର ପୁଟା ଓ ଅନ୍ୟ ଆଦିବାସୀ ନେତାମାନେ ଯୋଗଦାନ କରିଥିଲେ। ଜାନୁଆରୀ ୫ରୁ ୭ ତାରିଖ ପର୍ଯ୍ୟନ୍ତ କୁମୁରିଆଠାରେ ପ୍ରଥମ ସୁଲିଆ ମହୋତ୍ସବ ଆୟୋଜନ ହେବ। ଏଥିରେ ବଣ୍ଡା ଆଦିବାସୀଙ୍କ ପାରମ୍ପରିକ ନୃତ୍ୟ ସହ ୧୫ଟି ସାଂସ୍କୃତିକ ଦଳ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଥିଲା। ଏହି ଅବସରରେ ସୁଲିଆ ମହୋତ୍ସବର ପୋଷ୍ଟର ଅତିଥିମାନେ ଲୋକାର୍ପଣ କରିଥିଲେ। ଆଦିବାସୀ ସଂସ୍କୃତି ଏବଂ ଏହାର ଉନ୍ନତି ଦିଗରେ କାର୍ଯ୍ୟ କରାଯାଉଛି। ସୁଲିଆ ସଂସ୍କୃତିକୁ ନେଇ ବିଦେଶରୁ ଗବେଷକମାନେ ଆସି ଗବେଷଣା କରିବା ଆରମ୍ଭ କରିଛନ୍ତି ବୋଲି ସଭାପତି ମେହେର ସୂଚନା ଦେଇଥିଲେ। ଶୁଲିଆ ପୀଠରେ ଦୁଇଟି ସୁଲିଆ ମହୋତ୍ସବକୁ ନେଇ ଦେଖାଦେଇଥିବା ମୁହାଁମୁହିଁ ପରିସ୍ଥିତିକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିବାରୁ ୧୯୭୦ ମସିହାରୁ ଶୁଲିଆ ବିଭାଜନ ହୋଇସାରିଛି ବୋଲି କହିବା ସହ ଉଦ୍ଦେଶ୍ୟମୂଳକ ଭାବେ ଏହାକୁ ନେଇ କିଛି ଲୋକ ବିରୋଧ କରୁଥିବା କହିଛନ୍ତି। ଚଳିତବର୍ଷ ସୁଲିଆ ପୀଠରେ ଦୁଇଟି ପୃଥକ୍ ସୁଲିଆ ମହୋତ୍ସବ ଆୟୋଜନକୁ ନେଇ ଉତ୍ତେଜନା, ବିବାଦ ଏବଂ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି।

# ପଞ୍ଚାୟତସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର

ପାଟଣାଗଡ଼,୩୦।୧୨(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ମଣ୍ଡୋମହୁଲ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପାଟଣାଗଡ ତହସିଲଦାର ରୁଦ୍ର ମୋହନ ନାୟକ, ବ୍ଲକ ସହକାରୀ ଯନ୍ତ୍ରୀ ତନକିଶୋର ନାଏକ ଯୋଗଦେଇ ପଞ୍ଚାୟତବାସୀଙ୍କ ଅଭିଯୋଗ ଶୁଣିବା ସହିତ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ ମଣ୍ଡୋମହୁଲ ସରପଞ୍ଚ, ସମିତି ସଭ୍ୟ, ସମସ୍ତ ୱାର୍ଡ ମେମ୍ବରଙ୍କ ସହିତ ପଞ୍ଚାୟତର ଜନସାଧାରଣ ଯୋଗଦେଇଥିଲେ।



ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର।

# ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି



ଜନଶୁଣାଣିରେ ଲୋକେ ଅଭିଯୋଗ କରୁଛନ୍ତି।

ଖପ୍ରାଖୋଲ,୩୦।୧୨(ଅଭୟ ତ୍ରିପାଠୀ)

**୫୨ଅଭିଯୋଗର କଲେ ଶୁଣାଣି**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଭା ଗୃହଠାରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ବଲାଙ୍ଗୀର ଜିଲାପାଳ ଗୌରବ ଶିବାଜୀ ଇସୱାଲ ଓ ଆରକ୍ଷୀ ଅଧୀକ୍ଷକ ରିଶିକେସ ଖିଲାରି, ଏପିଡି ତରଣି ସୁନା, ପାଟଣାଗଡ଼ ଉପଜିଲାପାଳ ସୁନିଲ କୁମାର ମେହେର ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ୪୧ଟି ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଭିଯୋଗ, ୧୧ଟି ଆବାସ ଉପରେ ଅଭିଯୋଗ ଶୁଣାଣି କରିଥିବା ଜଣାଯାଇଛି। ଶିବିରରେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା, ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଜିଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀ,ଏଡିପିଆର୍‌ଓ ସରୋଜ କୁମାର ମେହେର, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

# ଜାନୁଆରୀ ୭ରେ ପ୍ରସିଦ୍ଧ ଶୁଲିଆ ଯାତ୍ରା

**ପଞ୍ଚମ ଶୁଲିଆ ମହୋତ୍ସବ ପାଇଁ ପ୍ରସ୍ତୁତି ସରିଥିବା କହିଲେ ଆଦିବାସୀ ନେତା**

ବଲାଙ୍ଗୀର,୩୦।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ଆଦିବାସୀ ସଂସ୍କୃତିର ପ୍ରସିଦ୍ଧ ଶୁଲିଆ ଯାତ୍ରା ଆସନ୍ତା ଜାନୁଆରୀ ୭ ତାରିଖ ଅନୁଷ୍ଠିତ ହେବ। ପୌଷ ମାସ ଶୁକ୍ଳପକ୍ଷ ଦ୍ୱିତୀୟ ମଙ୍ଗଳବାର ପାରମ୍ପରିକ ଶୁଲିଆ ଯାତ୍ରା ପାଇଁ ମିଳିତ ଶୁଲିଆ ଯାତ୍ରା ଓ ମହୋତ୍ସବ କମିଟି ଚୂଡାନ୍ତ ପ୍ରସ୍ତୁତି କରିଥିବା ଜଣାପଡିଛି। ଶୁଲିଆ ଯାତ୍ରା ଓ ମହୋତ୍ସବ ପାଳନ ପାଇଁ ସୋମବାର ଅପରାହ୍ନରେ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ଏବଂ ମିଳିତ ଶୁଲିଆ ଯାତ୍ରା କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ଆଲୋକ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ, ତହସିଲଦାର, ବିଡିଓ, ଥାନା ଆଇଆଇସି, ଦେବୋତ୍ତର ମ୍ୟାନେଜର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ମିଳିତ ଶୁଲିଆ ଯାତ୍ରା ଓ ମହୋତ୍ସବ କମିଟି ସଭାପତି ମୟ ପ୍ରଧାନୀ, ଶୁଲିଆ ଯାତ୍ରାର ମୁଖ୍ୟ ପୂଜକ ସୋମନାଥ ଦେହେରିଆ, ଆଦିବାସୀ ନେତା ସତ୍ୟନାରାୟଣ ଭୋଇ, ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ, ଅସିତ ମିଶ୍ର, କୈଳାସ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଶୁଲିଆ ଯାତ୍ରା ଦିନ ଟ୍ରାଫିକ୍ ସମସ୍ୟା, ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଶ୍ରଦ୍ଧାଳୁଙ୍କ ଭିଡ ପରିଚାଳନା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଶୁଲିଆ ମହୋତ୍ସବ ଆୟୋଜନକୁ ନେଇ ଦେଖାଦେଇଥିବା ମୁହାଁମୁହିଁ ପରିସ୍ଥିତି ଉପରେ ମଧ୍ୟ ଆଲୋଚନା ହୋଇଥିଲା। ମିଳିତ ଶୁଲିଆ ଯାତ୍ରା ଓ ମହୋତ୍ସବ କମିଟି ପକ୍ଷରୁ ସଭାପତି ମୟ ପ୍ରଧାନୀ କହିଛନ୍ତି ଯେ, ଶୁଲିଆ ପୀଠରେ ଚଳିତବର୍ଷ ପଞ୍ଚମ ଶୁଲିଆ ମହୋତ୍ସବ ଆୟୋଜନ କରାଯିବ। ପୂର୍ବରୁ କରିଆସୁଥିବା କମିଟିକୁ କେବଳ ଚଳିତବର୍ଷ ମଧ୍ୟ ମହୋତ୍ସବ ଆୟୋଜନ ପାଇଁ ଅନୁମତି ଦେବାକୁ ଜିଲା ପ୍ରଶାସନକୁ ସେମାନେ ଅନୁରୋଧ କରିଛନ୍ତି। ଏନେଇ ଜିଲାପାଳ, ଉପଜିଲାପାଳ, ତହସିଲଦାର ଓ ଥାନା ଆଇଆଇସିଙ୍କୁ ଲିଖିତ ଜଣାଯାଇଛି। ଚଳିତବର୍ଷ ଅନ୍ୟ ଯେଉଁମାନେ ସେଠାରେ ପ୍ରଥମ କରି ସୁଲିଆ ମହୋତ୍ସବ କରିବାକୁ ଉଦ୍ୟମ କରୁଛନ୍ତି ତାହା ଅତ୍ୟନ୍ତ ହୀନ ଉଦ୍ୟମ ଓ ଆଦିବାସୀଙ୍କୁ ବିଭାଜନ ପାଇଁ ଉଦ୍ଦିଷ୍ଟ ବୋଲି ସେ ସମାଲୋଚନା କରିଥିଲେ। ପ୍ରଶାସନ ତାଙ୍କ ଲିଖିତ ପତ୍ର ଉପରେ ବିଚାର କରି ଆଦିବାସୀଙ୍କ ପରମ୍ପରା ଏବଂ ରୀତିନୀତିକୁ ଦୃଷ୍ଟିରେ ରଖି କେବଳ ଗୋଟିଏ କମିଟିକୁ ମହୋତ୍ସବ ଆୟୋଜନ କରିବାକୁ ଅନୁମତି ଦେବେ ବୋଲି ଆଶା ରଖିଥିବା ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଦୁଇଟି ମହୋତ୍ସବ ପାଇଁ ଅନୁମତି ଦେଲେ ଅଶାନ୍ତି ସୃଷ୍ଟି ହେବ ବୋଲି ସେ କହିଛନ୍ତି। ଶୁଲିଆ ମୁଖ୍ୟ ପୂଜକ ସୋମନାଥ ଦେହେରିଆ ଶୁଲିଆ ପୀଠରେ ଚଳିତବର୍ଷ ପାରମ୍ପରିକ ରୀତିନୀତିରେ ପୂଜା ଓ ବଳି ହେବ ବୋଲି କହିଛନ୍ତି। ଆଦିବାସୀ ନେତା ସତ୍ୟନାରାୟଣ ଭୋଇ ଆଦିବାସୀଙ୍କ ପ୍ରଥା ଓ ପରମ୍ପରାକୁ ଗୁରୁତ୍ୱ ଦିଆଯିବ ଏବଂ ମିଳିତ ଭାବେ ଆଦିବାସୀମାନେ ଶୁଲିଆ ଯାତ୍ରା ପାଳନ କରିବେ ବୋଲି କହିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ଏସ୍‌ଡିପିଓ ସାହୁ କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଉପଜିଲାପାଳ ପଟେଲ ଶୁଲିଆ ଯାତ୍ରା ପାଇଁ କମିଟି ସଦସ୍ୟ ଓ ଅନ୍ୟମାନଙ୍କ ସହ ଆଲୋଚନା ହୋଇଛି। ଶାନ୍ତିଶୃଙ୍ଖଳାର ସହ କିଭଳି ପୂଜା ହେବ ସେଦିଗରେ ଗୁରୁତ୍ୱ ଦିଆଯାଇଛି। ଦୁଇ ମହୋତ୍ସବ ଆୟୋଜନକୁ ନେଇ ତାଙ୍କୁ ପଚରାଯିବାରୁ ଜିଲା ପ୍ରଶାସନ ଏଦିଗରେ ଅନୁଧ୍ୟାନ କରାଯାଉଛି ଏବଂ ସମସ୍ତଙ୍କ ସହଯୋଗରେ ସବୁ ଠିକ୍ ହେବ ବୋଲି କହିଛନ୍ତି

# କ୍ରିକେଟ ଧମାକା: ଯୋଗୀସର୍ଡା ଚାମ୍ପିୟନ

ଲୋଇସିଂହା,୩୦।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ହରଭଙ୍ଗା ଖେଳପଡ଼ିଆରେ ଏକ ଦିବସୀୟ କ୍ରିକେଟ ଧମକା ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ହରଭଙ୍ଗାକୁ ହରାଇ ଯୋଗୀସର୍ଡା ଚାମ୍ପିୟନ ହୋଇଛି। ହରଭଙ୍ଗା ଗ୍ରାମବାସୀଙ୍କ ଆନୁକୂଲ୍ୟରେ ରେଡ୍ ଟେନିସ ବଲରେ ଧମକା କ୍ରିକେଟ ଆୟୋଜିତ ହୋଇଥିଲା। ବି ଗ୍ରୁପରେ ଥିବା ଯୋଗୀସର୍ଡା ଦଳ ପ୍ରଥମ ମ୍ୟାଚ ମଟିଆପାଲିକୁ ହରାଇ ସେମିଫାଇନାଲକୁ ଉନ୍ନିତ ହୋଇଥିଲା। ସେହିପରି ସେମିଫାଇନାଲରେ ବାଲପୁରକୁ ହରାଇ ଆୟୋଜକ ହରଭଙ୍ଗାକୁ ଫାଇନାଲରେ ଭେଟିଥିଲା ଯୋଗୀସର୍ଡା ଦଳ। ୧ ଓଭର ବିଶିଷ୍ଟ ଫାଇନାଲ ଖେଳରେ ହରଭଙ୍ଗା ପ୍ରଥମେ ବ୍ୟାଟିଂ କରି ମାତ୍ର ୨ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ଯୋଗୀସର୍ଡା ଦଳ ପ୍ରଥମ ବଲରେ ବିଜୟ ହାସଲ କରି ଚାମ୍ପିୟନ ହୋଇଥିଲା। ଆୟୋଜକଙ୍କଠାରୁ ଚାମ୍ପିୟନ ଦଳ ୩ହଜାର ୩ ଶହ ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଥିଲେ।



ଚାମ୍ପିୟନ ହୋଇଥିବା ଯୋଗୀସର୍ଡା ଦଳର ଖେଳାଳି।

# ଅବଧି ମଧ୍ୟରେ ସରିଲାନି, ୨ସପ୍ତାହ ପୂରିନି ପିଚୁ ଉଠିଲା

**ନଅଗାଁ (ଖ)-ସାନଟିକା ଶିବ ମନ୍ଦିର ରାସ୍ତା**

ଲୋଇସିଂହା,୩୦।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ)ରୁ ସାନଟିକା ଶିବ ମନ୍ଦିର ପର୍ଯ୍ୟନ୍ତ ୨କିମି ରାସ୍ତା ମୁଖ୍ୟମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସାମିଲ କରାଯାଇ କାମ ଚାଲିଛି। ୧ ସେପ୍ଟେମ୍ବର ୨୦୨୪ ଅବଧି ମଧ୍ୟରେ କାର୍ଯ୍ୟର ଶେଷ କରିବାକୁ ବିଭାଗ ପକ୍ଷରୁ ଧାର୍ଯ୍ୟ ହୋଇଥିଲା। ହେଲେ ଇତିମଧ୍ୟରେ ୩ ମାସ ଗଡି ଯାଥିଲେ ସୁଦ୍ଧା କାମ ଅଧାପନ୍ତରିଆ ହୋଇଛି। ଠିକାଦାର ଏବଂ ତଦାରଖ କରୁଥିବା ଅଧିକାରୀ



ଉଠିଯାଇଥିବା ପିଚୁ ସ୍ଥାନ।

ଦାୟିତ୍ୱହୀନତାକୁ ଦର୍ଶାଉଛି। ଅପରପକ୍ଷେ ନିମ୍ନମାନର କାମ ଯୋଗୁ ଦୁଇସପ୍ତାହ ନ ପୁରୁଣୁ ରାସ୍ତାର କେତେକ ଜାଗାରୁ ପିଚୁ ଉଠି ଗଲାଣି । ଲୋଇସିଂହା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ନିଜ ଗାଁ ନଅଗାଁ(ଖ) ହୋଇଥିଲେ ବି ଉନ୍ନୟନ କାମରେ ଏପରି ଅନିୟମିତା ଏବଂ ତଦାରଖ ହେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବଲାଙ୍ଗୀର ଗ୍ରାମ୍ୟ ଉନ୍ନୟନ ବିଭାଜନ ଅନ୍ତର୍ଗତ ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ସଦର ଗାଁରୁ ସାନଟିକା ଶିବ ମନ୍ଦିର ରାସ୍ତା ଅବହେଳିତ ହୋଇ ପଡିଥିଲା । ପ୍ରସିଦ୍ଧ ଶୈବପୀଠକୁ ଜିଲା ତଥା ଜିଲା ବାହାର ଶ୍ରଦ୍ଧାଳୁ ଏହି ରାସ୍ତା ଦେଇ ଯିବାଆସିବାବେଳେ ହଟହଟା ହେଉଥିଲେ। ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବି ପରେ ୨ କି.ମି ରାସ୍ତାକୁ ମୁଖ୍ୟମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସାମିଲ କରାଯାଇଛି। ଏଥିପାଇଁ ୧ କୋଟି ୫୧ ଲକ୍ଷ ୪୩ ହଜାର ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ୨ ମାର୍ଚ୍ଚ ୨୦୨୪ରେ କାମ ଆରମ୍ଭ ହୋଇ ୧ ସେପ୍ଟେମ୍ବର ୨୦୨୪ରେ ଶେଷ କାର୍ଯ୍ୟ ଦିବସ ରହିଛି। ୨ ସେପ୍ଟେମ୍ବର ୨୦୨୪ରୁ ୧ ସେପ୍ଟେମ୍ବର ୨୦୨୯ ଯାଏ ୫ ବର୍ଷ ରାସ୍ତା କାମ ରକ୍ଷଣାବେକ୍ଷଣ ପାଇଁ ୭ ଲକ୍ଷ ୨୧ ହଜାର ଟଙ୍କା ରଖାଯାଇଛି। ଅବଧିଠାରୁ ୩ ମାସ ବିତି ଯାଇଥିଲେ ସୁଦ୍ଧା ରାସ୍ତା କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ପିଚୁ କାମ ଅଧାପନ୍ତରିଆ ହୋଇଛି। ଦୁଇସପ୍ତାହ ତଳେ ହୋଇଥିବା ପିଚୁ ରାସ୍ତାରୁ ଉଠିଗଲାଣି। ଏହା ସହିତ ଉକ୍ତ ରାସ୍ତାରେ ଆହୁରି ଅନେକ ସମସ୍ୟା ରହିଛି। ବିଭାଗୀୟ ଅପାରଗତା ଯୋଗୁ ରାସ୍ତାପାର୍ଶ୍ୱରେ ଥିବା ଗଛ ଓ ବିଦ୍ୟୁତ୍ ଖୁଣ୍ଟ ହଟାଯାଇନାହିଁ। ରାସ୍ତାର ଉଭୟ ପାର୍ଶ୍ୱରେ ବିଦ୍ୟୁତ୍ ଖୁଣ୍ଟ ଛିଡ଼ି ରହିଛି । ଯାତ୍ରୀଙ୍କ ପାଇଁ ଅଘଟଣ ଆଶଙ୍କାକୁ ଏଡାଇ ମଧ୍ୟ ଦିଆଯାଇ ପାରିବ ନାହିଁ ବୋଲି ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି।

# ମଣ୍ଡିରୁ ଉଠୁନି ଧାନ, ଧାରଣାରେ ଚାଷୀ


ସଂଯୁକ୍ତ କୃଷକ ସଙ୍ଗଠନର ସଦସ୍ୟମାନେ ଧାରଣା ଦେଇଛନ୍ତି।


ଚାଷୀ ସଙ୍ଗଠନ ଜୟ କିଷାନ ଆନ୍ଦୋଳନର କର୍ମୀମାନେ ଧାରଣାରେ ବସିଛନ୍ତି।

■ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା
■ ୨ ମୁଖ୍ୟ ଫାଟକରେ ୨ ଚାଷୀ ସଙ୍ଗଠନ

ବରଗଡ଼,୩୦।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଧାନବିକ୍ରି ସମସ୍ୟା ଅସମାହିତ ହୋଇ ରହିଛି। ଚାଷୀମାନେ ମଣ୍ଡିକୁ ଧାନ ଆଣୁଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ଚାଷୀଙ୍କ ଧାନ ଉଠାଯାଉନାହିଁ। କେତେବେଳେ ଟୋକନ କଟକଣା ତ ଆଉ କେବେ ଧାନର ଗୁଣମାନ ଆଳ କରାଯାଉଛି। ଅନ୍ୟପଟେ କଟନୀଛଟନୀରେ ରାଜି ହେଲେ ମଣ୍ଡିରୁ ଧାନ ଉଠାଯାଉଛି। ତେବେ ବହୁ ପରିମାଣର ଧାନ ମଣ୍ଡିକୁ ନ ଆସି ସିଧାସଳଖ କେତେକ ରାଇସ୍ ମିଲକୁ ଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଭଳିସ୍ଥଳେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ଏବଂ ରାଜ୍ୟ ସରକାରଙ୍କ ଘୋଷିତ ଇନ୍‌ପୁଟ୍ ଆସିଷ୍ଟାଣ୍ଟ ପାଇବା ଆଶାରେ ମଣ୍ଡିକୁ ଧାନ ଧରି ଆସୁଥିବା ଚାଷୀଙ୍କ ଧାନ ଉଠାଯାଉ ନ ଥିବାରୁ ଜିଲାରେ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଧାନ ଉଠାଣରେ ପ୍ରଶାସନିକ ଅବ୍ୟବସ୍ଥାକୁ ନେଇ ଜିଲାର ଚାଷୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ପ୍ରତିବାଦରେ ଗତ ଶୁକ୍ରବାରଠାରୁ ସଂଯୁକ୍ତ କୃଷକ ସଙ୍ଗଠନ ନେତୃତ୍ୱରେ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ସେହିପରି ସୋମବାର ଚାଷୀ ସଙ୍ଗଠନ ଜୟ କିଷାନ ଆନ୍ଦୋଳନ ମଧ୍ୟ ଧାରଣାକୁ ଓହ୍ଲାଇଥିଲା। ଉକ୍ତ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟର ଉତ୍ତର ଦିଗ ପାର୍ଶ୍ୱସ୍ଥ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିବାବେଳେ ସଂଯୁକ୍ତ କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ଦକ୍ଷିଣ ପାର୍ଶ୍ୱସ୍ଥ ମୁଖ୍ୟ ଫାଟକରେ ଧାରଣାରେ ବସିଥିଲେ। ଫଳରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଶାସନିକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା।

ଜୟ କିଷାନ ଆନ୍ଦୋଳନ ସଭାପତି ସୁଶିଳ କୁମାର ସାହୁ, ସମ୍ପାଦକ ହର ବଣିଆଙ୍କ ନେତୃତ୍ୱରେ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। କଟନୀଛଟନୀକୁ ବିରୋଧ କଲେ ଧାନ ଉଠୁନାହିଁ ଏବଂ ମଣ୍ଡି ଗୁଡ଼ିକରେ ମିଲର୍ସ ଏବଂ ସେମାନଙ୍କ ଦଲାଲଙ୍କ ଦାଦାଗିରି ବଢ଼ି ଚାଲିଥିବା ସେମାନେ ଅଭିଯୋଗ କରିଥିଲେ। ଏପରିକି ଏ ନେଇ ଜିଲାପାଳ ତଥା ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବା ପ୍ରତିବାଦରେ ସେମାନେ ଧାରଣାକୁ ଓହ୍ଲାଇଥିବା କହିଥିଲେ। ସୋହେଲା ବ୍ଲକର ପାଣିମୋରା ମଣ୍ଡିରେ ୧୪ହଜାର, ଭେଡ଼େନ ବ୍ଲକ ତେନ୍ତୁଲିଟିକ୍ରା ମଣ୍ଡିରେ ୨୦ହଜାର, ଭଟଲି ବ୍ଲକ ସୁଲୁସୁଲିଆ ମଣ୍ଡିରେ ୫୯୦ ଏବଂ ବରଗଡ଼ ବ୍ଲକ ତାଲଶ୍ରୀଗିଡ଼ା ମଣ୍ଡିରେ ୧୫ହଜାର ଧାନ ବିକ୍ରି ଅପେକ୍ଷାରେ ରହିଥିବା ସତ୍ତ୍ୱେ ସେହି ଧାନ ଉଠାଯାଉ ନ ଥିବା ସେମାନେ ଅଭିଯୋଗ କରିଥିଲେ। ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀ ଧାରଣାସ୍ଥଳକୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ଆଗାମୀ ୨ଦିନ ମଧ୍ୟରେ ସମସ୍ତ ଧାନ ଉଠାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ ଧାରଣାରୁ ଉଠିଥିଲେ। ଧାରଣାରେ ବୃନ୍ଦାବନ ନାୟକ, ଅଚ୍ୟୁତ କର୍ମୀ, ସିଳିଂ ସାହୁ, ତପୋବନ୍ତ ନାୟକ, ବିଜୟ ପ୍ରଧାନଙ୍କ ସମେତ ଅନେକ ଚାଷୀ ସାମିଲ ହୋଇଥିଲେ।

ସେହିପରି ସଂଯୁକ୍ତ କୃଷକ ସଙ୍ଗଠନ ନେତୃତ୍ୱରେ ଚାଲିଥିବା ଧାରଣାରେ ସଙ୍ଗଠନର ଉପଦେଷ୍ଟା ଉତ୍ପନ୍ନ କୁମାର ଭୋଇ, ରମେଶ ମହାପାତ୍ର, ସୁଦାମ ପାତ୍ର, ସୁରେଶ ନେକାଷ୍ଟି, ନିରଞ୍ଜନ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ। ଯେଉଁ ମଣ୍ଡିରେ ଦଲାଲମାନେ ସକ୍ରିୟ ଅଛନ୍ତି, ସେଠାରୁ କଟନୀଛଟନୀରେ ଧାନ ଉଠୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଯେଉଁ ଚାଷୀମାନେ କଟନୀଛଟନୀରେ ରାଜି ନ ହେଲେ ସେମାନଙ୍କ ଧାନ ମଣ୍ଡିର ଖୋଲା ଆକାଶତଳେ ପଡ଼ି ରହିଛି। ଏଭଳି ଭାବେ ଅମ୍ବାଭୋନା ବ୍ଲକର ବରା, ବରପାଲି ବ୍ଲକର କୁମ୍ଭାରୀ, ତୁଲଣ୍ଡି, ଆଗଲପୁର, ସତଲମା, ଭେଡ଼େନ ବ୍ଲକର ସିଂହେନପାଲି, ହାତୀପାଲି, ରେଶମ, ପଧାନପାଲି, ସାହ୍ଲେପାଲି, ଅରେଇଗୁଡ଼ି, ବସେକେଲା, ତେନ୍ତୁଲିଟିକ୍ରା, ଭେଡ଼େନ, ଚିଚିଣ୍ଡା, କୁବେଡ଼େଗା, ସହରାଟିକ୍ରା ଆଦି ମଣ୍ଡିରେ ବହୁ ପରିମାଣର ଧାନ ପଡିରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କେବଳ ଏହି ମଣ୍ଡି ନୁହେଁ, ଆହୁରି ଅନେକ ମଣ୍ଡିରେ ଧାନ ପଡ଼ି ରହିଛି। ମଣ୍ଡିରେ ପଡ଼ି ରହିଥିବା ସବୁ ଧାନ ଉଠା ନ ଯିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ମହାପାତ୍ର ଚେତାବନୀ ଦେଇଛନ୍ତି।

## ଧାନ ବିକିପାରୁନି ଚାଷୀପୁଅ, ଧାରଣାରେ ବସିଲେ

ବରଗଡ଼,୩୦।୧୨(ପ୍ରେମାନନ୍ଦ ଖମାରୀ)

### ପାଠପଢ଼ା ଛାଡ଼ି ରାସ୍ତାରେ ଦଶମ ଶ୍ରେଣୀ ଛାତ୍ର



ମଣ୍ଡିରେ ପଡିରହିଥିବା ଧାନ ଉଠୁ ନ ଥିବାରୁ ପରିବାର ପୋଷଣ ସହ ଘରେ ରୋଗଗ୍ରସ୍ତ ମା' ବାପାଙ୍କ ଔଷଧ କିଣିହେଉନି। ଫଳରେ ବାଧ୍ୟହୋଇ ଜଣେ ଦଶମ ଶ୍ରେଣୀ ଛାତ୍ର ଧାନ ବିକ୍ରି ଦାବି କରି ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏଭଳି ଦୃଶ୍ୟ ସୋମବାର ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଦେଖିବାକୁ ମିଳିଛି। ସୋହେଲା ବ୍ଲକ ଅନ୍ତର୍ଗତ ପାଣିମୋରା ମଣ୍ଡିରେ ପଡ଼ିରହିଥିବା ଧାନ ଉଠୁ ନ ଥିବାରୁ ଉକ୍ତ ଗ୍ରାମର ଦଶମ ଶ୍ରେଣୀ ଛାତ୍ର ମନୋଜ ସାହୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଚାଲିଥିବା ଚାଷୀଙ୍କ ଧାରଣାରେ ସାମିଲ ହୋଇଥିଲେ।

ପାଣିମୋରା ଗ୍ରାମର ପୂର୍ଣ୍ଣିମା ସାହୁ ଏବଂ ପବିତ୍ର ସାହୁଙ୍କ ଏକମାତ୍ର ପୁଅ ମନୋଜ। ସେ ବର୍ତ୍ତମାନ ଗ୍ରାମ ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢୁଛନ୍ତି। ଆଉ କେଇମାସ ପରେ ସେ ମାଟ୍ରିକ ପରୀକ୍ଷା ଦେବେ। କିନ୍ତୁ ମା' ଜଣେ ମାନସିକ ରୋଗୀ ହୋଇଥିବାବେଳେ ବାପା ଦୀର୍ଘଦିନ ହେଲା ପକ୍ଷାଘାତରେ ଶଯ୍ୟାଶାୟୀ ଅଛନ୍ତି। ଫଳରେ ତାଙ୍କର ୩ଏକର ଜମିରେ ନିଜେ ଶ୍ରମିକ ଲଗାଇ ଚାଷବାସ କରିଆସୁଛନ୍ତି ବୋଲି ମନୋଜ କହିଛନ୍ତି। ସେ ଧାନ ଅମଳ କରିଛନ୍ତି। ଅମଳ ଧାନକୁ ବିକ୍ରି ପାଇଁ ପ୍ରାୟ ୨୦ଦିନ ହେଲା ପାଣିମୋରା ମଣ୍ଡିକୁ ଆଣିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ତାଙ୍କ ଧାନ ବିକ୍ରି ହୋଇ ପାରି ନ ଥିବା ମନୋଜ କହିଛନ୍ତି।

ଧାନ ବିକ୍ରି ହୋଇ ପାରି ନ ଥିବାରୁ ସେ ଋଣ ପରିଶୋଧ କରିପାରୁନାହାନ୍ତି। ସେହିପରି ଶ୍ରମିକଙ୍କୁ ପାରିଶ୍ରମିକ ମଧ୍ୟ ଦେଇପାରୁନାହାନ୍ତି। ଅନ୍ୟପଟେ ଆଜି ଧାନ ଉଠିବ, କାଲି ଉଠିବ ଭାବି ସେ ମାଟ୍ରିକ ପରୀକ୍ଷା ପ୍ରସ୍ତୁତି ଛାଡ଼ି ମଣ୍ଡିକୁ ଧାଁଧପଡ଼ ହେଉଛନ୍ତି ବୋଲି ମନୋଜ କହିଛନ୍ତି। ଧାନ ଉଠୁ ନ ଥିବା ପ୍ରତିବାଦରେ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଥିବା ଜାଣି ତାଙ୍କ ସହିତ ଆସି ଧାରଣାରେ ସାମିଲ ହୋଇଛି ଏବଂ ଯେତେଶୀଘ୍ର ଧାନ ବିକ୍ରି ହେଲେ ଭଲ ବୋଲି ସେ କହିଛନ୍ତି।

## ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ


ଦିବ୍ୟାଙ୍ଗମାନଙ୍କୁ ଉପକରଣ ବଣ୍ଟନ କରାଯାଉଛି।

ପାଇକମାଳ,୩୦।୧୨(ବଡ଼ ଶତପଥୀ)

ବରଗଡ ଜିଲା ପାଇକମାଳ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ସୋମବାର ଦିବ୍ୟାଙ୍ଗମାନଙ୍କୁ ସହାୟକ ଉପକରଣ ବଣ୍ଟନ ଓ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକଙ୍କ ଅଧ୍ୟକ୍ଷତାରେ ଆଲମିକୋ କର୍ମଚାରୀ ଅନିଲ କୁମାର ନାୟକ, ଧରିତ୍ରୀ ଗଡତିଆ, ବିଶ୍ୱ ରଞ୍ଜନ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ୨୦ ଜଣ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରି ଶ୍ରବଣ ସହାୟତା ଯନ୍ତ୍ର ଏବଂ ୭ ଜଣଙ୍କୁ ଏଏଫ୍ଓ ବଣ୍ଟନ କରିଥିଲେ। ଏହାସହ ଉପସ୍ଥିତ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରାଯାଇଥିଲା। ଆଗାମୀ ଦିନରେ ହ୍ୱିଲଚେୟାର, ତିନି ଚକିଆ ସାଇକେଲ, କ୍ରଚେସ, ଏଏଫ୍ଓ ବଣ୍ଟନ କରାଯିବ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାଧେଶ୍ୟାମ ମେହେର, ବ୍ଲକ ସମ୍ବଳ ଶିକ୍ଷକ ବୀରେନ୍ଦ୍ର କୁମାର ସାହୁ, ରୀତା ମେହେର, ଆଇଭି ହୃଦାନନ୍ଦ ରଣା, କୁଞ୍ଜବିହାରୀ ପ୍ରଧାନ, ଉଜ୍ଜ୍ୱଳ ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ। ଏହି ଶିବିରରେ ମୋଟ ୭୫ ଜଣ ଦିବ୍ୟାଙ୍ଗ ସାମିଲ ହୋଇଥିଲେ।

## କାଣ୍ଡପାଲିରେ ଲିଜେଣ୍ଡ କ୍ରିକେଟ ପ୍ରତିଯୋଗିତା

ସରଣ୍ଡା, ୩୦।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ଏନ୍ଏସି ଅଧୀନ କାଣ୍ଡପାଲି ଖେଳ ପଡିଆରେ ଲିଜେଣ୍ଡ କ୍ରିକେଟ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୪ଟି ଦଳ ଭାଗ ନେଇଥିଲେ। ପ୍ରଥମ ମ୍ୟାଚ୍ କାଣ୍ଡପାଲି ଓ ଶିକ୍ଷକ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଶିକ୍ଷକ ଏକାଦଶ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଭୁର୍ଷିପାଲିକୁ ହରାଇ ଲାଦରପାଲି ଏକାଦଶ ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଲାଦରପାଲି ଦଳ ଚାମ୍ପିୟନ ହୋଇଥିଲା। ଅମ୍ପାୟାର ଭାବେ ଝସକେତନ ପ୍ରଧାନ ଓ ସରୋଜ ଭୋଇ ଦାୟିତ୍ୱ ତୁଲାଇଥିଲେ। ମନୋଜ ଭୋଇ ମଞ୍ଚ ପରିଚାଳନା, ଯୀଶୁ ଭୋଇ ସ୍କୋରର ଏବଂ ବୁଲୁ ଲୁହାର ଧାରା ବିବରଣୀ ପ୍ରଦାନ କରିଥିଲେ। ଏଥିରେ ସୁଦାମ, ବାସୁ, ଗୁଣ, ଏକାଦଶିଆ, ମୁକେଶ, କ୍ଷୀରୋଦ, ବିଭୂତି, ଫିରୋଜ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।


ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

## ସମସ୍ୟାର ତ୍ୱରିତ ସମାଧାନ ନିର୍ଦ୍ଦେଶ

ବରଗଡ଼,୩୦।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଏସ୍‌ପି ପି.ଏସ୍ ମୀନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ସମୁଦାୟ ୧୦୬ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୮୦ ଅଭିଯୋଗ ବ୍ୟକ୍ତିଗତ ଏବଂ ୨୬ ଅଭିଯୋଗ ସାମୂହିକ ରହିଥିଲା। ଜିଲାପାଳ ଗୋୟଲ ଅଭିଯୋଗଗୁଡ଼ିକର ଶୁଣାଣି କରି ତ୍ୱରିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଗୁଡ଼ିକ ମଧ୍ୟରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟଜଳ ଯୋଗାଣ, ରାଶନ କାର୍ଡ, ବାର୍ଦ୍ଧକ୍ୟ ଓ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରୁପମା ଷଡ଼ଙ୍ଗୀ, ଭାରପ୍ରାପ୍ତ ବିଡିଓ ଜ୍ୟୋତ୍ସ୍ନାରାଣୀ ଗଡ଼ତିଆ, ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କଠାରେ ଲୋକେ ଅଭିଯୋଗ କରୁଛନ୍ତି।

## ଶ୍ରୀମଦ୍ ଭାଗବତ କଥା ଜ୍ଞାନଯଜ୍ଞ ଉଦ୍‌ଯାପିତ

ବରଗଡ଼,୩୦।୧୨ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ବଡ଼ଧରା ଗ୍ରାମରେ ଚାଲିଥିବା ଶ୍ରୀମଦ୍ ଭାଗବତ କଥା ଜ୍ଞାନଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ କଳସ ଯାତ୍ରା, ଶ୍ରୀ ପରୀକ୍ଷିତ ଜନ୍ମ ବୃତ୍ତାନ୍ତ, ସୃଷ୍ଟି ବର୍ଣ୍ଣନ, ନୃସିଂହ ଚରିତ୍ର, ନନ୍ଦୋତ୍ସବ, ଶ୍ରୀକୃଷ୍ଣ ବାଲ୍ୟ ଚରିତ୍ର, ଗୋବର୍ଦ୍ଧନ ପୂଜା ମାହାତ୍ମ୍ୟ, ଶ୍ରୀକୃଷ୍ଣ ରୁକ୍ମିଣୀ ବିବାହ, ଶ୍ରୀକୃଷ୍ଣ, ସୁଦାମା ମିଳନ ଆଦି ଦୃଶ୍ୟାଭିନୟ ହୋଇଥିଲା। ଅଶୋକ ମହାରାଜ ପ୍ରବଚନ ମାଧ୍ୟମରେ ଜୀବନ ଶୈଳୀରେ ପରିବର୍ତ୍ତନ, ସଂଯମ, ଆଚରଣ, ଉଚ୍ଚାରଣ, ଉତ୍ତମ ବ୍ୟବହାର ପ୍ରଦର୍ଶନ ଉପରେ ଶ୍ରଦ୍ଧାଳୁମାନଙ୍କୁ ପରାମର୍ଶ ଦେଇଥିଲେ। ସୀତାରାମ ମିଶ୍ର, ଯୁଧିଷ୍ଠିର ମହାପାତ୍ର, ହେମନ୍ତ ଶାସ୍ତ୍ରୀଜୀ ସହଯୋଗ କରିଥିଲେ। ତେଜରାମ ସା, ଟିକେଶ୍ୱର ପ୍ରଧାନ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ସମ୍ପାଦନ କରିଥିଲେ। ସୁଦର୍ଶନ ସା, ଗୋବର୍ଦ୍ଧନ ସା, ଶୁଭମ ପ୍ରଧାନ ସସ୍ତ୍ରୀକ ସହଯୋଗୀ କର୍ତ୍ତା ରହିଥିଲେ। କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## କଂସ ଅଭିନେତାଙ୍କୁ ସମ୍ବର୍ଦ୍ଧନା

ବରଗଡ଼,୩୦।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଜାନୁଆରୀ ମାସ ୩ତାରିଖରୁ ଆରମ୍ଭ ହେବ। ସେହି ମାସ ୧୩ ତାରିଖ ପର୍ଯ୍ୟନ୍ତ ୧୧ଦିନ ବ୍ୟାପୀ ଏହି ମହୋତ୍ସବ ଚାଲିବ। ମହୋତ୍ସବ ପାଇଁ ସ୍ଥାନୀୟ ଗାନ୍ଧୀଛକ କଲ୍ୟାଣ ମଣ୍ଡପର ଚାଲିଥିବା ଧନୁଯାତ୍ରା କଳାକାରଙ୍କ ରିହର୍ସାଲ ସୋମବାର ଶେଷ ହୋଇଥିଲା। ରିହର୍ସାଲର ଅନ୍ତିମ ଦିବସରେ କଂସ ଅଭିନେତା ଭୁବନେଶ୍ୱର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଉପାୟନ ଏବଂ ମାନପତ୍ର ସହିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, କଳାକାର ଉପଦେଷ୍ଟା କମିଟିର ସହ ଆବାହକ ଅଶୋକ ବେହେରା, ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବରପାଲି କଲେଜର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

ବରପାଲି, ୩୦।୧୨(ଚିତ୍ତରଞ୍ଜନ ସାହୁ)

ଜଣେ ଛାତ୍ର ନିଜ ଅଧ୍ୟବସାୟ ବଳରେ ଉନ୍ନତିର ଶିଖରରେ ପହଞ୍ଚିପାରିବ। ସୋମବାର ବରପାଲି କଲେଜର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ ଏଭଳି ମତବ୍ୟକ୍ତ କରିଛନ୍ତି। ଉତ୍ସବର ପ୍ରଥମ ଅଧିବେଶନରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ମୁଖ୍ୟଅତିଥି, ପଦ୍ମପୁର ବିଧାୟିକା ବର୍ଷା ସିଂହ ବରିହା, ବିଜେପୁର ବିଧାୟକ ସନତ କୁମାର ଗଡତିଆ, ସମ୍ବଲପୁର ଗଙ୍ଗାଧର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ଏନ୍. ନାଗାରାଜୁ, ଗଙ୍ଗାଧର ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ଉମାଚରଣ ପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଆଇଆଇଟି ଧାନବାଦର ନିର୍ଦ୍ଦେଶକ ପ୍ରଫେସର ଡ. ସୁକୁମାର ମିଶ୍ର, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. କ୍ଷମାନିଧି ଅଦାବର ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ହାସ୍ୟ କବି ସମ୍ମିଳନୀରେ ବିପ୍ଳବୀ କବି ନୀତିଶ ଆଚାର୍ଯ୍ୟ, ହାସ୍ୟରତ୍ନ ଶିଶିର ପୁରୋହିତ ତାଙ୍କ ହାସ୍ୟ କବିତା ପରିବେଷଣ କରିଥିଲେ। ପରେ କଳାହାଣ୍ଡିର ସର୍ବେଶ୍ୱର ଭୋଇ ଓ ସାଥୀ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରି ଅନୁଷ୍ଠିତ ହୋଇଥିଲା। ବରପାଲି ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତିଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କଅତୀ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ପୁରାତନ ଛାତ୍ରୀମାନଙ୍କ ଦ୍ୱାରା ଏକ ଫ୍ୟାଶନ ଶୋ ମଧ୍ୟ ଅନୁଷ୍ଠିତ ହୋଇଥିଲା। ମନୋରଞ୍ଜନ କାର୍ଯ୍ୟକ୍ରମକୁ ବୁଲୁ ସ୍ୱାଇଁ ଓ ବାଲକିଶୋର ଖାଡଙ୍ଗା ପରିଚାଳନା କରିଥିଲେ।


ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

## କଣ୍ଟାବାଞ୍ଜିକୁ ହରାଇ ରାଞ୍ଚି ଚାମ୍ପିୟନ

### ଛିନ୍ଦେଇକେଲା କ୍ରିକେଟ୍ କପ୍ ଉଦ୍‌ଯାପିତ

ପାଇକମାଳ,୩୦।୧୨(ବଡ଼ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ଚାଲିଥିବା ୨୮ତମ ସର୍ବଭାରତୀୟ ସାଧୁଚରଣ ମେମୋରିଆଲ ଛିନ୍ଦେଇକେଲା କ୍ରିକେଟ କପ୍ ସୋମବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ କଣ୍ଟାବାଞ୍ଜିକୁ ହରାଇ ରାଞ୍ଚି ଦଳ ଚାମ୍ପିୟନ ହୋଇଛି। ସ୍ୱତନ୍ତ୍ର ଅତିଥି ଭାବେ ବ୍ୟବସାୟୀ ପ୍ରଦୀପ୍ତ ସାହୁ ଓ ସମ୍ମାନୀତ ଅତିଥି ଭାବେ ଛିନ୍ଦେଇକେଲା ହାଇସ୍କୁଲ ଖେଳ ଶିକ୍ଷକ ହେମସାଗର ସାହୁ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ରାଞ୍ଚି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅନିବନ ଚାଟାର୍ଜୀ ୫୦, ଲକ୍ଷ୍ୟ ଆରୋରା ୨୩ ଏବଂ ସିଦ୍ଧାନ୍ତ ସୁଧି ୧୯ ରନ ସଂଗ୍ରହ କରିଥିଲେ। ସେହିପରି କଣ୍ଟାବାଞ୍ଜି ଦଳର ସୁଶାନ୍ତ ପୁଟେଲ ୩, ବିଜୟ କୁମ୍ଭାର, ରୁଦ୍ର ବାଗ ୨ଟି ଲେଖାଏଁ ଉଇକେଟ ନେଇଥିବା ବେଳେ ସମିର ଖାଁ ଓ ଅମିତ ଜୁଏଡ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ୧୪୧ ରନ୍ ବିଜୟ ଲକ୍ଷ୍ୟ ନେଇ କଣ୍ଟାବାଞ୍ଜି ଦଳ ୧୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୧୩ ରନ୍ କରି ପରାଜିତ ହୋଇଥିଲା। ରାଞ୍ଚି ଦଳ ୨୭ ରନରେ ବିଜୟୀ ହୋଇ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଥିଲା। ଦଳ ପକ୍ଷରୁ ରୁଦ୍ର ବାଗ ସର୍ବାଧିକ ୨୩ ରନ ସଂଗ୍ରହ କରିଥିଲେ। ରାଞ୍ଚି ଦଳରୁ ଆକାଶ କୁମାର ସିଂ ୫, ରାଜୁ ପାଣ୍ଡେ ୨, ସଙ୍କଟ ମୋଚନ ତ୍ରିପାଠୀ, ଶିତ କୁମାର ଓ ସୁମିତ ସୌରଭ ଗୋଟିଏ ଲେଖାଏ ଉଇକେଟ୍ ନେଇଥିଲେ। ବିସିସିଆଇ ଅମ୍ପାୟାର ମହେଶ ମୁନସୀ ଓ ଓସିଏ ଅମ୍ପାୟାର ଅମୀୟ ସାହୁ ଖେଳ ପରିଚାଳନା କରିଥିବା ବେଳେ ଓସିଏ ଅମ୍ପାୟାର ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ ରେଫରି ଥିଲେ। ବୁନିଲ କୁମାର ସାହୁ, ପ୍ରମୋଦ ଦାଶ, ଆସମାନ ସାହୁ ଓ ସୁରଜ ସାହୁ ସ୍କୋରର ଥିବାବେଳେ ପତିତପାବନ ସାହୁ, ପ୍ରହଲ୍ଲାଦ ଭୋଇ ଓ ରମେଶ ଚନ୍ଦ୍ର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆୟୋଜକ କମିଟି ସଭାପତି ଜତୀନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଓ ମହାମାୟା ସ୍କୁଲ ଏମ୍‌ଡି ଟଙ୍କଧର ସାହୁ, ଖରିଆର ଓଏଭି ଅଧ୍ୟକ୍ଷ ସୁନିଲ କୁମାର ସାହୁ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ଅତାବିରା ବିଧାୟକ ନିହାର ମହାନନ୍ଦ, ଅଶୋକ ଜିନ୍ଦଲ ଓ ସୁମିତ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିୟନ ଦଳକୁ ୪୦ ହଜାର ସହ ଟ୍ରଫି ଓ ରନର୍ସ ଦଳକୁ ୩୦ ହଜାର ସହ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଅନିରବନ ଚାଟାର୍ଜୀ ପାଇଥିବା ବେଳେ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ଅଶୋକ କୁମାର ସିଂ ହୋଇଥିଲେ। ପତିତପାବନ ସାହୁ ସଭା ପରିଚାଳନା କରିଥିଲେ। କମିଟି ସମ୍ପାଦକ କାହ୍ନୁ ଚରଣ ସାହୁ, କୋଷାଧ୍ୟକ୍ଷ ମଣ୍ଟୁ ସାହୁ, ରୋହିତ ସାହୁ, ହେମସାଗର ସାହୁ, ଆନନ୍ଦ ସାହୁ, ସ୍ୱତନ୍ତ୍ର ସାହୁ, ନିରାକାର ରଣା, ବିନନ୍ଦ ସାହୁ, ପ୍ରମୋଦ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଉପଦେଷ୍ଟା ପ୍ରଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିଗଣ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ କ୍ରିକେଟ୍ ଖେଳାଳିଙ୍କ ମୃତ୍ୟୁ

କୁଚିଣ୍ଡା,୩୦।୧୨(ବିରଞ୍ଚି ଦର୍ଭା)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ସଇଡାର ଜଣେ ଯୁବ କ୍ରିକେଟ ଖେଳାଳିଙ୍କ ରବିବାର ବିଳମ୍ବିତ ରାତିରେ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକ କୁଚିଣ୍ଡା ଏ ନ ଏ ସି ସଇଡା ସ୍ୱାଧୀନ ପଡାର ଭବାନୀ ବାଗ (୨୭)। ସେ ବାଇକରେ କୁ ଚି ଣ୍ଡା ରୁ ଘରକୁ ଫେରୁଥିବାବେଳେ ନୂତନ ବାଇପାସ୍ ରାସ୍ତାରେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଡାକ୍ତର ବୁର୍ଲା ଭୀମସାର ରେଫର କରିଥିଲେ। ମାତ୍ର ବୁର୍ଲା ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ବୁର୍ଲା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି। ଅଞ୍ଚଳର ଜଣାଶୁଣା କ୍ରିକେଟ ଖେଳାଳିଭାବେ ପରିଚିତ ଭବାନୀ ଜିଲାସ୍ତରରେ କୁଚିଣ୍ଡା ପାଇଁ ପ୍ରତିନିଧିତ୍ୱ କରିଥିଲେ। ସଇଡା ସ୍ୱାଧୀନ କ୍ଲବ କ୍ରିକେଟ ଓ ଫୁଟବଲ ଦଳ ଗଠନ କରିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଆଗାମୀ ଦିନରେ ସ୍ୱାଧିନ କ୍ଲବ ପକ୍ଷରୁ କ୍ରିକେଟ ଓ ଫୁଟବଲ ଉଭୟ ପ୍ରତିଯୋଗିତା ଭବାନୀ ବାଗଙ୍କ ସ୍ମୃତିରେ କରାଯିବ ବୋଲି ସ୍ୱାଧିନ କ୍ଲବ ସଂସ୍ଥାପକ ବିଜୁ ସାହୁ ସୂଚନା ଦେଇଛନ୍ତି।


ଭବାନୀ ବାଗ।

### ଜିଲା ପ୍ରଶାସନ ପକ୍ଷରୁ ଜନ ଅଭିଯୋଗ ଶୁଣାଣି

କୁଚିଣ୍ଡା,୩୦।୧୨(ବିରଞ୍ଚି ଦର୍ଭା)

ସମ୍ବଲପୁର ଜିଲା ବାମରା ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ ସୁଚାରୁ ବଳ ଏଥିରେ ଯୋଗଦେଇଥିଲେ। ସେ ୪୯ଟି ବ୍ୟକ୍ତିଗତ ଓ ଗୋଷ୍ଠିଗତ ଅଭିଯୋଗର ଶୁଣାଣି କରି କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ, ବାମରା ପଞ୍ଚାୟତ ସମିତି ଅଧକ୍ଷା ପିଙ୍କି ଧୂରୁଆ, କୁଚିଣ୍ଡା ଏସ୍‌ଡିପିଓ ଅମିତାଭ ପଣ୍ଡା, ବାମରା ବିଡିଓ ପୁଷ୍ପକ ପ୍ରଧାନ, ତହସିଲଦାର ଦିଲୀପ କୁମାର ପ୍ରଧାନଙ୍କ ସହ ବ୍ଲକ, ଉପଖଣ୍ଡ ଓ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଡବ୍ଲୁଇଓ ରଞ୍ଜନ ରାମ, ଅତିରିକ୍ତ ତହସିଲଦାର ସୁଜୟ କୁମାର ପଣ୍ଡା, ଏସବିଏମ ସଞ୍ଜୟ କୁମାର ରାଉତ,ସିଡିପିଓ ମିନତୀ ମିଶ୍ର,ଯୋଗାଣ ଅଧିକାରୀ ସୁମିତ୍ରା ଓରାମ, ଯୋଗେଶ ସାମଲ, ଜୟମଙ୍ଗଳ ସେଠ ସହଯୋଗ କରିଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ସୂକ୍ଷ୍ମ ତରଙ୍ଗ କେନ୍ଦ୍ର

- ମୋବାଇଲ୍ ଟାୱାରରେ ରହିଛି ସୀମିତ
- କେନ୍ଦ୍ର ପରିସର ପାଲଟିଛି ଅସାମାଜିକତତ୍ତ୍ୱଙ୍କ ଆଡ୍ଡାସ୍ଥଳୀ
- ଚୋରି ହୋଇଗଲାଣି କବାଟ, ଝରକା

ସମ୍ବଲପୁର,୩୦।୧୨(ପ୍ରମୋଦ ବହିଦାର)

ଦୂରସଞ୍ଚାର ଓ ଟେଲି ଯୋଗାଯୋଗ କ୍ଷେତ୍ରରେ ଅତ୍ୟନ୍ତ ଉପଯୋଗୀ ମାଧ୍ୟମ ଭାବେ ୭୦ ଦଶକର ମଧ୍ୟଭାଗରେ ସମ୍ବଲପୁର ମହାନଗର ଅନ୍ତର୍ଗତ ବ୍ରକ୍ସହିଲ୍ ପାହାଡ଼ ଉପରେ ପ୍ରତିଷ୍ଠିତ ହୋଇଥିଲା ସୂକ୍ଷ୍ମ ତରଙ୍ଗ କେନ୍ଦ୍ର(ମାଇକ୍ରୋ ୱେଭ ସେଣ୍ଟର)। ମାତ୍ର ବର୍ତ୍ତମାନ ଏହା କୌଣସି କାମରେ ଆସୁନାହିଁ। ଏଠାରେ ଲାଗିଥିବା ଟାୱାର ବର୍ତ୍ତମାନ ମୋବାଇଲ୍ ଟାୱାରରେ ସୀମିତ ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ତିନି ମହଲା ବିଶିଷ୍ଟ କେନ୍ଦ୍ରର କୋଠା ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଖାଲି ସେତିକି ନୁହେଁ ଏଠାରେ କର୍ମଚାରୀଙ୍କ ପାଇଁ ନିର୍ମାଣ ହୋଇଥିବା ୨ଟି ଆପାର୍ଟମେଣ୍ଟରେ ଥିବା ୮ଟି କ୍ୱାର୍ଟର୍ସ ମଧ ନଷ୍ଟ ହୋଇଗଲାଣି। କୋଠାର ପ୍ରବେଶ ପଥରେ ନିଷିଦ୍ଧ ଅଞ୍ଚଳ ଅନୁପ୍ରବେଶକାରୀ ଦଣ୍ଡିତ ହେବେ ଚେତାବନୀ ଲେଖା ହୋଇଥିଲେ ହେଁ ସୁକ୍ଷ୍ମ ତରଙ୍ଗ କେନ୍ଦ୍ର ପରିସର ଅସାମାଜିକ ତତ୍ତ୍ୱଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି। ଅସାମାଜିକ ଗତିବିଧି ବଢି ଚାଲିଥିବା ବେଳେ ଏଠାରେ ଖଞ୍ଜା ହୋଇଥିବା ବହୁ ମୂଲ୍ୟବାନ ଯନ୍ତ୍ରପାତି ଚୋରି ହୋଇଗଲାଣି। ଏପରିକି କୋଠାରେ ଲାଗିଥିବା କବାଟ ଝରକା ତାଡି ନେଲେଣି ଦୁର୍ବୃତ୍ତ। କୋଠରି ମଧ୍ୟରେ ଭଙ୍ଗାଦଦରମା ଆସବାବପତ୍ର ଏଣେତେଣେ ପଡ଼ିରହିଛି। କୋଠା ଚାରିପଟେ ଅପ୍ଟିକାଲ ଫାଇବର ଆଦି କେବୁଲ୍ ବିଡ଼ା ବିଛେଇ ହୋଇପଡ଼ିଛି। ଲୋକଙ୍କ ଟିକସ ଅର୍ଥରେ ନିର୍ମାଣ ହୋଇଥିବା ଏହି କେନ୍ଦ୍ର ସମ୍ପର୍କରେ ବିଭାଗ ଯେମିତି ଆଖି ବୁଜି ଦେଇଥିବା ଭଳି ମନେ ହେଉଛି। ଏ ସମ୍ପର୍କରେ ସମ୍ବଲପୁର ବିଏସ୍‌ଏନ୍‌ଏଲ୍‌ର ଜଣେ ଅଧିକାରୀ କହିଛନ୍ତି, ସମ୍ପ୍ରତି ଦୂରସଞ୍ଚାର ଓ ଟେଲି ଯୋଗାଯୋଗ କ୍ଷେତ୍ରରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳରେ ନିର୍ମିତ ଉନ୍ନତ ମାନର ସୁକ୍ଷ୍ମାଦି ସୂକ୍ଷ୍ମ ଯନ୍ତ୍ରପାତିର ବ୍ୟବହାର ହେଉଛି। ତେଣୁ ପୂର୍ବରୁ ଏଠାରେ ଲାଗିଥିବା ଯନ୍ତ୍ରପାତିର ଉପଯୋଗିତା ହ୍ରାସପାଇଛି। ସେହିପରି କର୍ମଚାରୀ ସଂଖ୍ୟା ମଧ ହ୍ରାସ ପାଇଛି। ମାତ୍ର ଏଠାରେ ଥିବା ଟାୱାରଟି କେବଳ କାର୍ଯ୍ୟକ୍ଷମ ରହିଛି। ଏହି ଟାୱାର ମାଧ୍ୟମରେ ସମ୍ବଲପୁର ଆକାଶବାଣୀ ଓ ଦୂରଦର୍ଶନକୁ ସିଗ୍ନାଲ ଯୋଗାଇ ଦିଆଯାଉଛି। ଏ ବାବଦ ଦେୟ ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ର ପକ୍ଷରୁ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟରେ ପଇଠ କରାଯାଉଛି ବୋଲି ସେ କହିଛନ୍ତି।



ଜରାଜୀର୍ଣ୍ଣ ଅବସ୍ଥାରେ ସମ୍ବଲପୁର ସୂକ୍ଷ୍ମ ତରଙ୍ଗ କେନ୍ଦ୍ର।

# ଶ୍ରାଦ୍ଧବାର୍ଷିକୀରେ ନୃସିଂହ ଗୁରୁଙ୍କ ସ୍ମୃତିଚାରଣ


ନୃସିଂହ ଗୁରୁଙ୍କ ଶ୍ରାଦ୍ଧବାର୍ଷିକୀରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ସମ୍ବଲପୁର,୩୦।୧୨(ବି.ଶଙ୍କର)

ପବିତ୍ର ବକୁଳ ଅମାବାସ୍ୟା ତିଥିରେ ପଶ୍ଚିମ ଓଡ଼ିଶାର ଗାନ୍ଧୀଭାବେ ପରିଚିତ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ୪୧ତମ ଶ୍ରାଦ୍ଧବାର୍ଷିକୀ ସୋମବାର ପାଳିତ ହୋଇଯାଇଛି। ଗୁରୁଙ୍କ ଜନ୍ମସ୍ଥାନ ଶାସନ ଥାନା ଗୁରୁପାଲିରେ ଭାରତୀୟ ଖାଦ୍ୟ ନିଗମର ଅବସରପ୍ରାପ୍ତ ଅଧିକାରୀ ଶ୍ୟାମ ସୁନ୍ଦର ମିଶ୍ରଙ୍କ ଅଧକ୍ଷତାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସେବକ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ସ୍ୱର୍ଗତ ଗୁରୁ ଜଣେ ଅନନ୍ୟ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ସେ ଛାତ୍ରାବସ୍ଥାରୁ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମ, ସମାଜ ସଂସ୍କାର, ସାମ୍ବାଦିକତା ଓ ସମାଜସେବା କ୍ଷେତ୍ରରେ ନିଷ୍ଠା ଓ ସାଧୁତା ସହ କାର୍ଯ୍ୟ କରିଥିଲେ ବୋଲି କହିଥିଲେ। ସମ୍ମାନୀତ ଅତିଥି ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର ତାଙ୍କ ବକ୍ତବ୍ୟରେ ନୃସିଂହ ଗୁରୁ ତାଙ୍କ ରଚନାତ୍ମକ କାର୍ଯ୍ୟ ପାଇଁ ଜଣେ ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀ ଭାବେ ପରିଚୟ ସୃଷ୍ଟି କରିଥିଲେ। ଗାନ୍ଧିଜୀଙ୍କ ଜଣେ ପଟ୍ଟଶିଷ୍ୟ ଭାବେ ତାଙ୍କ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ଦେଶସେବାରେ ବ୍ରତୀ ଥିଲେ ବୋଲି କହିଥିଲେ। ଉଦ୍ୟାନ ବିଭାଗର ଅବସରପ୍ରାପ୍ତ ଅଧିକାରୀ ମୂରଲୀଧର ଦେହୁରୀ ଗୁରୁପାଲିକୁ ଏକ ବୀର ମାଟି ଭାବେ ଅଭିହିତ କରିଥିଲେ। ଏହି ଅବସରରେ ବ୍ରଜୌଲି ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା। ଶେଷରେ ଲକ୍ଷ୍ମଣ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବରିଷ୍ଠ ନାଗରିକ ଦେବୀପ୍ରସାଦ ମିଶ୍ର, ଗଙ୍ଗାଧର ମିଶ୍ର, ରାହାସ ବିହାରୀ ଦାଶ, ପ୍ରସନ୍ନ ଦାଶ, ବୈଶାଖୁ ବାଙ୍କ, ଉପେନ୍ଦ୍ର ଥାପା, ଶାନ୍ତନୁ ବିଶ୍ୱାଳଙ୍କ ସମେତ ନୃସିଂହ ଗୁରୁ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ।

# ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା


ବ୍ଲକ ସ୍ତରୀୟ ଖେଳ ପ୍ରତିଯୋଗିତାରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

ସମ୍ବଲପୁର,୩୦।୧୨(ବି.ଶଙ୍କର)

ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା ସମ୍ବଲପୁର ଜିଲା ପରମାଣପୁର କୁଦୋପାଲିସ୍ଥିତ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ନେହେରୁ ଯୁବକେନ୍ଦ୍ର ଜିଲା ସଂଯୋଜକ ମାରିୟାନୁସ ବିଲୁଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଫୁଟବଲ ପୁରୁଷ ବିଭାଗରେ ଖୁଲିଆ ଦଳ ଚାମ୍ପିୟନ ହୋଇଥିବା ବେଳେ ବାରଡୁଙ୍ଗୁରୀ ରନରଅପ ଟ୍ରଫି ହାସଲ କରିଛି। ସେହିପରି ମହିଳା ବିଭାଗରେ ସାକ୍ଷୀପଡା ଚାମ୍ପିୟନ ଏବଂ କୁରେଇଟୋଲା ଦଳ ଅନରଅପ ହୋଇଛି। ମହିଳା କବାଡି ପ୍ରତିଯୋଗିତାରେ ସମ୍ବଲପୁର ଟାଉନ ଚାମ୍ପିୟନ ଓ କୁକୁଡାପାଲି ଦଳ ରନର ଅପ ହୋଇଛି। ବ୍ୟାଡମିଣ୍ଟନରେ କରିସ୍ମା ସୁନା, ସ୍ଲୋ ସାଇକେଲ ରେସ୍‌ରେ ଶୁଭଶ୍ରୀ ଦୀପ, ୧୦୦ ମିଟର ଦୌଡରେ ମାନସ ବାରିକ ଏବଂ କୁସ୍ତିରେ ନିର୍ମଳ କାଲେ ସଫଳତା ହାସଲ କରିଛନ୍ତି। କୃଷ୍ଣଚନ୍ଦ୍ର ତିପାଠୀଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମହିଳା ଫୁଟବଲ କୋଚ ବଳରାମ ମଟାରୀ ଏବଂ କିରନ ଓରାମ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଜୁଭେନାଇଲ କୋର୍ଟରେ ହାଜର ହେଲେ ୨ ନାବାଳକ

**ନାବାଳିକା ବଳାତ୍କାର ମାମଲା**

ନାକଟିଦେଉଳ,୩୦।୧୨(ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ଥାନା ଅଞ୍ଚଳରେ ଜଣେ ୭ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ମାମଲାରେ ଅଟକ ୨ ନାବାଳକ ଅଭିଯୁକ୍ତଙ୍କୁ ପୋଲିସ ସୋମବାର ସମ୍ବଲପୁର ଜୁଭେନାଇଲ କୋର୍ଟରେ ହାଜର କରିଥିଲା। କୋର୍ଟ ନିଷ୍ପତ୍ତି ପରେ ୨ବାଳ ଅପରାଧୀଙ୍କୁ ବାଳ ସୁଧାରକୁ ପଠାଇ ଦିଆଯାଇଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁସାରେ ନାକଟିଦେଉଳ ଥାନା ସାଲେଭଟା ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଏହି ଘଟଣା ଘଟିଥିବା ନେଇ ଗତ ୨୮ତାରିଖ ନାକଟିଦେଉଳ ଥାନାରେ ଅଭିଯୋଗ ହୋଇଥିଲା। ଗାଁଦାଣ୍ଡରେ ଖେଳୁଥିବାବେଳେ ନାବାଳିକାଙ୍କୁ ଗାଁ ମୁଣ୍ଡ ଏକ ଆମ୍ବ ଗଛ ନିକଟକୁ ୨ନାବାଳକ ଡାକି ନେଇ ଏପରି କାଣ୍ଡ ଭିଆଇଥିଲେ। ପ୍ରାୟ ଏକ ସପ୍ତାହ ପୂର୍ବରୁ ଏହି ଘଟଣା ଘଟିଥିଲେ ମଧ ପୀଡିତା କାହାକୁ କିଛି କହି ନ ଥିଲେ। ତେବେ କିଛି ଦିନ ପରେ ତାଙ୍କ ପେଟ ପୀଡା ହେବା ସହ ଠିକ୍ ଭାବେ ଚାଲି ପାରୁ ନ ଥିବା ଜଣାପଡିବା ପରେ ଘଟଣା ସାମନାକୁ ଆସିଥିଲା। ପୀଡିତାଙ୍କ ବାପାଙ୍କ ଏତଲାକ୍ରମେ ଥାନାରେ ଏକ ମାମଲା(ନଂ.୧୯୫/୨୪)ରୁଜୁ କରି ପୋଲିସ ସେହି ଗ୍ରାମର ୨ଜଣ ନାବାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଥିଲା ବୋଲି ଥାନା ଅଧିକାରୀ ଝସକେତନ ଭୋଇ କହିଛନ୍ତି।

# ଭଲିବଲ ଟୁର୍ଣ୍ଣାମେଣ୍ଟ: ସାହେବୀ ଚାମ୍ପିୟନ


ଚାମ୍ପିୟନ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

ନାକଟିଦେଉଳ,୩୦।୧୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସାହେବୀ ଗ୍ରାମରେ ଏକଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମା’ ବାୟାଣୀ ଭଲିବଲ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ ସାହେବୀ ଏବଂ ଡଇଁଚା ମଧ୍ୟରେ ହୋଇଥିଲା। ଏଥିରେ ସାହେବୀ ଚାମ୍ପିୟନ ହୋଇଥିଲା। ଖେଳ ପରିଚାଳନା କରିଥିଲେ ଅରୁଣ ପ୍ରଧାନ ଏବଂ ପ୍ରଦୀପ ମାଝୀ। ତପନ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥିଭାବେ ସାହେବୀ ଗ୍ରାମ ପଞ୍ଚାୟତ ସରପଞ୍ଚ ରାମ ପ୍ରସାଦ ସାହୁ, ସମ୍ମାନୀତ ଅତିଥିଭାବେ ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ଅବସରପ୍ରାପ୍ତ କୃଷି ଅଧିଦର୍ଶକ ଶ୍ୟାମସୁନ୍ଦର ସାହୁ, ଡଇଁଚା ସମିତି ସଭ୍ୟ ପ୍ରବୀଣ କୁମାର ପ୍ରଧାନ ଏବଂ ସମାଜସେବୀ ଶଙ୍କର୍ଷଣ ବେହେରା ଯୋଗଦେଇଥିଲେ। ଅତିଥିମାନେ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ସଂକୀର୍ତ୍ତନ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଷିପ୍ରଗତି ଟ୍ରେନ୍ ଚଳାଚଳର ସଫଳ ପରୀକ୍ଷଣ

ସମ୍ବଲପୁର,୩୦।୧୨(ପ୍ରମୋଦ ବହିଦାର)

ଭାରତୀୟ ରେଳବାଇର ସମ୍ବଲପୁର ରେଳ ମଣ୍ଡଳରେ ସଫଳତାର ସହିତ କ୍ଷିପ୍ରଗତି ଟ୍ରେନ୍ ଚଳାଚଳ ପରୀକ୍ଷଣ ହୋଇଛି। ସମ୍ବଲପୁର ଓ ବଲାଙ୍ଗୀର ମଧ୍ୟରେ କ୍ଷୀପ୍ରଗତି ପରୀକ୍ଷଣ ସ୍ୱରୂପ ଉଭୟ ଅପ୍ ଓ ଡାଉନ୍ ଲାଇନରେ ଟ୍ରେନ୍ ଘଣ୍ଟାପ୍ରତି ୧୪୦ କିଲୋମିଟର ବେଗରେ ୨୩୬ କିଲୋମିଟର ଦୂରତା ଅତିକ୍ରମ କରିବାରେ ସଫଳ ହୋଇଛି। ଏହି ମହତ୍ୱପୂର୍ଣ୍ଣ ସଫଳତା ରେଳ ଚଳାଚଳ ବୃଦ୍ଧି ତଥା ଅଞ୍ଚଳରେ ଯାତ୍ରୀସେବା ସହିତ ମାଲ ପରିବହନ କ୍ଷେତ୍ରରେ ଉନ୍ନତି ଆଣିବା ଦିଗରେ ରେଳ ମଣ୍ଡଳ ପାଇଁ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ରେଳମଣ୍ଡଳର ସୂଚନା ଅନୁସାରେ ଟ୍ରେନ୍‌ର ବେଗ ବୃଦ୍ଧିରେ ଅନେକ ନୂତନ ଓ ଉନ୍ନତ ଭିତ୍ତିଭୂମି ଯୋଗୁ ସମ୍ଭବ ହୋଇଛି। ସେଥିମଧ୍ୟରେ ଟର୍ନ ଆଉଟରେ ଉନ୍ନତି, ଟ୍ରାକ୍ ଆଲାଇନମେଣ୍ଟରେ ଉନ୍ନତି, ଡାଇନାମିକ୍ ଟ୍ୟାମ୍ପିଂ ଏକ୍ସପ୍ରେସ ଦ୍ୱାରା ମେଶିନ୍ ଟ୍ୟାମ୍ପିଂ, ପସିଟିଏମ୍ ଦ୍ୱାରା ଟର୍ନଆଉଟ୍ ଓ ଏସ୍‌ଇଜେ(ସୁଇଚ୍ ଏକ୍ସପେନ୍ସନ୍ ଜଏଣ୍ଟ) ଟ୍ୟାମ୍ପିଂ ଆଦି ଅନ୍ତର୍ଭୁକ୍ତ। ଏହାଦ୍ୱାରା ଟ୍ରେନ୍‌ର ବେଗ ବୃଦ୍ଧି ପାଇ ଯାତ୍ରା ସମୟ ହ୍ରାସ କରିବା ସହ ନେଟୱାର୍କର ସାମଗ୍ରିକ ଦକ୍ଷତାକୁ ମଧ ବୃଦ୍ଧି କରିବ। ଗତ ଦ୍ୱୀବର୍ଷ ମଧ୍ୟରେ ସମ୍ବଲପୁର ରେଳ ମଣ୍ଡଳ ଟ୍ରେନର ଘଣ୍ଟାପ୍ରତି ବେଗକୁ ୮୦ ରୁ ୧୧୦ କିଲୋମିଟରକୁ ବୃଦ୍ଧି କରା ଯାଇଥିଲା। ସେହିପରି ବର୍ତ୍ତମାନ ଏହାବୃଦ୍ଧି ପାଇ ଘଣ୍ଟାପ୍ରତି ୧୪୦ କିଲୋମିଟର ବେଗ ହାସଲ କରିବା ସମ୍ବଲପୁର ରେଳ ମଣ୍ଡଳ ପାଇଁ ଏକ ବଡ଼ ସଫଳତା ବୋଲି ରେଳ ମଣ୍ଡଳ କର୍ତ୍ତୃପକ୍ଷ କହିଛନ୍ତି।

# ଶିଖ୍ ସମାଜ ନାଗରିକଙ୍କୁ ଦଳରେ ସ୍ୱାଗତ କଲେ କେନ୍ଦ୍ରମନ୍ତ୍ରୀ

ସମ୍ବଲପୁର,୩୦।୧୨(ବି.ଶଙ୍କର)

ସ୍ୱାଧୀନତା ସଂଗ୍ରାମ ଏବଂ ପରେ ଶିଖ ସମାଜ ଦେଶ ପାଇଁ ଅନେକ ଯୋଗଦାନ କରିଛି। ଦେଶରେ ସୈନିକ ତିଆରି କରିବା ହେଉ କିମ୍ବା ବ୍ୟବସାୟକୁ ଆଗକୁ ନେବାରେ ଶିଖ୍ ସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମ୍ବଲପୁର କଚେରି ରୋଡ ସ୍ଥିତ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ମିଶ୍ରଣ ପର୍ବରେ ଶିଖ ସମାଜର ୨ଶହରୁ ଉର୍ଦ୍ଧ୍ୱ ନାଗରିକ ଦଳରେ ଯୋଗଦେଇଥିଲେ। କେନ୍ଦ୍ର ମନ୍ତ୍ରୀ ପ୍ରଧାନ କହିଥିଲେ ମାତୃଭୂମି ପ୍ରତି ସର୍ବଦା ସମର୍ପିତ ରହିବାର ବାର୍ତ୍ତା ଦେଇଥାଏ ଶିଖ ସମାଜ। ଗୁରୁ ନାନକ ଦେବଜୀ ସମଗ୍ର ରାଷ୍ଟ୍ରର ଚେତନାକୁ ଜାଗ୍ରତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶମୂଳକ ଓ ଜନକଲ୍ୟାଣକାରୀ କାର୍ଯ୍ୟରେ ପ୍ରଭାବିତ ହୋଇ ଦଳରେ ମିଶିଥିବାରୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଶିଖ ସମାଜର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ସେମାନଙ୍କ ଦଳରେ ଯୋଗଦାନ ଭାଜପା ସଙ୍ଗଠନକୁ ସୁଦୃଢ କରିବ। ସମ୍ବଲପୁରରେ ଶିଖ ସମାଜର ଦାବି କ୍ରମେ ସ୍ମାରକୀ ସ୍ଥାପନା ଏବଂ ଓଡ଼ିଶାରେ ଶିଖ ସମାଜର ପୁରାତନ ସମ୍ବନ୍ଧ ଉପରେ ପୁସ୍ତକ ପ୍ରସ୍ତୁତ ଉପରେ ଯୋଜନା କରିବା ନେଇ ମନ୍ତ୍ରୀ ମତପ୍ରକାଶ କରିଥିଲେ। ବରିଷ୍ଠ ଭାଜପା ନେତା ବିପିନ ଭାଟିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରୀ ନାଏକ, ପୂର୍ବତନ ଭାଜପା ଜିଲା ସଭାପତି ଗୋବିନ୍ଦ ପ୍ରସାଦ ଅଗ୍ରୱାଲ ଉପସ୍ଥିତ ଥିଲେ।



କଚେରି ରୋଡ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ଶିଖ ସମାଜର ପ୍ରତିନିଧି।

# ବଳିଦାନ ଦିବସରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ କେନ୍ଦ୍ରମନ୍ତ୍ରୀ

- ବୀର ଛବିଳ ସାଏ ଶହୀଦ ସଂଗ୍ରହାଳୟ ବୁଲି ଦେଖିଲେ
- ଗୁଳିବିଦ୍ଧ ସ୍ଥାନରେ ଛବିଳ ସାଏଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ

ସମ୍ବଲପୁର,୩୦।୧୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସହର ଉପକଣ୍ଠ କୁଦୋପାଲି ଘାଟିରେ ୧୮୫୭ ମସିହା ଡିସେମ୍ବର ୩୦ରେ ଇଂରେଜମାନଙ୍କ ଅତର୍କିତ ଆକ୍ରମଣରେ ଶହୀଦ ହୋଇଥିବା ବୀର ସୁରେନ୍ଦ୍ର ସାଏଙ୍କ ଭାଇ ବୀର ଛବିଳ ସାଏ ଏବଂ ୫୩ଜଣ ବୀର ସଂଗ୍ରାମୀଙ୍କୁ କୁଦୋପାଲିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଐତିହାସିକ କୁଦୋପାଲି ଗ୍ରାମରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ତାଙ୍କ ସହ ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ପୂର୍ବତନ ବିଧାୟକ ନାଉରୀ ନାୟକ ଏକ ଶୋଭାଯାତ୍ରାରେ ଆସି ବୀର ଛବିଳ ସାଏ ଶହୀଦ ସଂଗ୍ରହାଳୟରେ ପହଞ୍ଚିଥିଲେ। ସେଠାରେ ବୀର ଛବିଳ ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଅତିଥିମାନେ ଶହୀଦ ସଂଗ୍ରହାଳୟ ବୁଲି ଦେଖିଥିଲେ। ଏହି ସଂଗ୍ରହାଳୟରେ କୁଦୋପାଲିର ଇତିହାସକୁ ଲୋକଲୋଚନକୁ ଆଣିବା ପାଇଁ ୧୯୯୨ ମସିହାରୁ ଆୟୋଜିତ ହୋଇ ଆସୁଥିବା ବିଭିନ୍ନ କାର୍ଯ୍ୟକ୍ରମର ଫଟୋଚିତ୍ର ସ୍ଥାନିତ କରାଯାଇଛି। ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସ୍ଥାନୀୟ ବୀର ଛବିଳ ସାଏ ଶହୀଦ ସ୍ମାରକୀ ସହଯୋଗରେ ବିଗତ ଦିନର ଇତିହାସକୁ ନେଇ ବନ୍ଦ ପଡିଥିବା ପ୍ରାଥମିକ ବିଦ୍ୟାଳୟକୁ ଗତବର୍ଷଠାରୁ ସଂଗ୍ରହାଳୟରେ ରୂପାନ୍ତରିତ କରାଯାଇଛି। ସେଠାରେ କୁଦୋପାଲି ଇତିହାସକୁ ନେଇ ପ୍ରକାଶିତ ସମ୍ବଲପୁରୀ ଦର୍ପଣର ସ୍ୱତନ୍ତ୍ର ସଂଖ୍ୟାକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ନାୟକ ଉନ୍ମୋଚନ କରିଥିଲେ। ଏହି ଅବସରରେ କୁଦୋପାଲିର ଇତିହାସକୁ ଲୋକଲୋଚନକୁ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଦାଶରଥି ସାହୁ ଏବଂ ରାମସାଗର ସାହୁ ଉପସ୍ଥିତ ଥିଲେ।

ଏହାପରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଅନ୍ୟ ଅତିଥିମାନେ ବୀର ଛବିଳ ସାଏ ଶହୀଦ ହୋଇଥିବା ସ୍ଥାନ କୁଦୋପାଲି ଗାଁର ମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ କୁଦୋପାଲିର ବୟୋଜ୍ୟେଷ୍ଠ ପ୍ରଦ୍ୟୁମ୍ନ ସେଠ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିପୂର୍ବରୁ ବୀର ଛବିଳ ସାଏ ଶହୀଦ ସ୍ମାରକୀ ସଭାପତି ପ୍ରଫୁଲ୍ଲ ଭୋଇଙ୍କ ନେତୃତ୍ୱରେ ଗାଁର ଯୁବକମାନେ ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା ପରେ ମଶାଲ ଧରି ଶୋଭାଯାତ୍ରାରେ କୁଦୋପାଲି ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମ କମିଶନର ବେଦଭୂଷଣ ଭୋଇ, ଉପଜିଲାପାଳ ପୁଷ୍ପାଞ୍ଜଳି ପଣ୍ଡା, ପଶ୍ଚିମାଞ୍ଚଳ ଏକତା ମଞ୍ଚ ଉପଦେଷ୍ଟା ଡ. ପ୍ରମୋଦ ରଥ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ସମ୍ବଲପୁର ସଂଯୋଜକ କିଶୋର ଧରେଇ, ଦେବୀ ପ୍ରସାଦ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।


ଗୁଳିବିଦ୍ଧ ସ୍ଥାନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସର୍ବଭାରତୀୟ ଅଖଣ୍ଡ ଭୂୟାଁ ସମାଜ

**ବୀର ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ପ୍ରସଙ୍ଗ**

ସୁନ୍ଦରଗଡ,୩୦।୧୨ (ଜୟ ନାରାୟଣ ମେଣ୍ଢୁଲି)

ସୁନ୍ଦରଗଡ଼ ମାଟିର ଭୂମିପୁତ୍ର ଭୂୟାଁ ଆଦିବାସୀ ବୀର ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପ୍ରଦାନ ପାଇଁ ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜର ଏକ ପ୍ରତିନିଧି ମଣ୍ଡଳୀ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଭେଟିଥିଲେ। ଯଥାଶୀଘ୍ର ଦାବି ପୂରଣ ପାଇଁ ସେମାନେ ନିବେଦନ କରୁଛନ୍ତି। ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ଏବଂ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲକୁ ମାଦ୍ରି କାଲୋଙ୍କ ନାମରେ ନାମିତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଅଖଣ୍ଡ ଭୂୟାଁ ସମାଜର କେନ୍ଦ୍ରୀୟ କମିଟି ଉପସଭାପତି ରବି ରତ୍ନ ପଟେଲଙ୍କ ନେତୃତ୍ୱରେ ସାଙ୍ଗଠନିକ ଉପସଭାପତି ଦେବେନ୍ଦ୍ର ଅମାତ, କେନ୍ଦ୍ରୀୟ ସମ୍ପାଦକ ରାମଚନ୍ଦ୍ର ଅମାତ, ଜିଲା କମିଟି ସମ୍ପାଦକ ଗଣେଶ୍ୱର ନାଏକ, ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୁରୁ ପ୍ରମୁଖ ବୀର ମାଦ୍ରୀ କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ପ୍ରଦାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପାଇଁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ତତ୍କାଳୀନ ମୁଖ୍ୟମନ୍ତ୍ରୀ,ଏମ୍‌ପି, ବିଧାୟକଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଫଳରେ ତତ୍କାଳୀନ ଆଦିବାସୀ ମନ୍ତ୍ରଣାଳୟ, ଆଦିବାସୀ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡ୍ଡୁ, ଏମ୍‌ପି ଜୁଏଲ୍ ଓରାମ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପ୍ରଦାନ ଓ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲକୁ ତାଙ୍କ ନାମରେ ନାମିତ କରିବା ପାଇଁ ପତ୍ର ଲେଖି ଦାବି କରିଥିଲେ। କେନ୍ଦ୍ର ସରକାର ସ୍ୱାଧୀନତାର ଅମୃତ ମହୋତ୍ସବରେ ମାଦ୍ରି କାଲୋଙ୍କୁ ସ୍ଥାନ ଦେଇ ସମ୍ମାନ ଦେଇଛନ୍ତି। ତେଣୁ ଖୁବ ଶୀଘ୍ର ସୁନ୍ଦରଗଡ ଜିଲାର ଭାବାବେଗ ଓ ସ୍ୱାଭିମାନଙ୍କୁ ସମ୍ମାନ ଦେଇ ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ଦେଇ ସୁନ୍ଦରଗଡ ମାଟିର ଉଚିତ ସମ୍ମାନ ପାଇଁ ଦାବି କରାଯାଇଛି।

# ପାଚିକା, ସହାୟିକାଙ୍କ ପ୍ରଶିକ୍ଷଣ ଶିବିର



ସୁନ୍ଦରଗଡ,୩୦।୧୨ (ଜୟ ନାରାୟଣ ମେଣ୍ଢୁଲି)

ସୁନ୍ଦରଗଡ଼ ମ୍ୟୁନିସିପାଲିଟି ଓ ସଦର ବ୍ଲକରେ ପିଏମ ଯୋଜନାରେ ପାଚିକା ତଥା ସହାୟିକାଙ୍କ ପ୍ରଶିକ୍ଷଣ ଏବଂ ରନ୍ଧନ ପ୍ରତିଯୋଗୀତା ସୋମବାର ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଜିଲା ଅଧିକାରୀଙ୍କ କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ମୋଟ ୫ଟି ତାଲିମ କେନ୍ଦ୍ରରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ମ୍ୟୁନିସିପାଲିଟି ଏବଂ ସଦର ବ୍ଲକର ମୋଟ ୨୪୩ଜଣ ପାଚିକା ତଥା ସହାୟିକାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହାସହ ରନ୍ଧନ ପ୍ରତିଯୋଗିତାରେ ପ୍ରତି ତାଲିମ କେନ୍ଦ୍ରରୁ ୩ଜଣ ଲେଖାଏଁ ମୋଟ ୧୫ଜଣଙ୍କୁ ବ୍ଲକ ସ୍ତରକୁ ମନୋନୀତ କରାଯାଇଛି। ସଦର ବ୍ଲକ ଲେଡିମଙ୍ଗ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଆଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜେନାମଣି ନାଏକ,ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ,ଆମନ୍ତ୍ରିତ ଅତିଥିଭାବେ ଭୀଷ୍ମ ଦେବା କାଲୋ, କିଶୋର ଚନ୍ଦ୍ର ସା ଯୋଗଦେଇ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ପାଚିକିମାନଙ୍କୁ ବ୍ୟକ୍ତିଗତ ପରିଷ୍କାର ପରିଛନ୍ନତା ପୋଷଣ ଉପରେ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଶିବିରରେ ତାଲିମ ଦାତା ଭାବରେ ନେହେରୁଲାଲ ପଟେଲ, ଚେମତାନନ୍ଦ ପଟେଲ, ଦିଲୀପ ପଟେଲ, କବିତା ଦାଶ ପ୍ରମଖ ପରିଚାଳନା କରିଥିଲେ। ସମସ୍ତ କ୍ଲଷ୍ଟରର ସିଆରସିସି ତଥା କାର୍ଯ୍ୟାଳୟର ଅମିତ କୁମାର ଖମାରୀ, ଅଶ୍ୱିନୀ କୁମାର ସୁନା ପ୍ରମୁଖ କାର୍ଯ୍ୟକ୍ରମ ପରିଚିଳନା କରିଥିଲେ।

## ସଂକ୍ଷେପରେ

### ତାଲା ଭାଙ୍ଗି ଘରୁ ଚୋରି, ଥାନାରେ ଅଭିଯୋଗ

ବଡ଼ଗାଁ,୩୦।୧୨ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବସ୍ତିରେ ଏକ ପରିବାର ଘରେ ନ ଥିବାର ସୁଯୋଗ ନେଇ ଚୋରମାନେ ତାଲା ଭାଙ୍ଗି ଚୋରି କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବା ପରେ ବଡ଼ଗାଁ ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ବଡ଼ଗାଁ ବସ୍ତିର ଦିବ୍ୟଲୋଚନ ପୃଷେଟ ସପରିବାର ଅଯୋଧ୍ୟା ଯାଇଥିବା ସୁଯୋଗରେ ଚୋରମାନେ ଘର ତାଲା ଭାଙ୍ଗି ଚୋରି କରିଛନ୍ତି। ସୋମବାର ସଂଧ୍ୟାରେ ଗୃହକର୍ତ୍ତା ଦିବ୍ୟଲୋଚନ ଘରକୁ ଫେରି ଚୋରି ହୋଇଥିବା ଜାଣିଥିଲେ। ବଡ଼ଗାଁ ଥାନା ଆଇଆଇସି ଆଶିଷ କୁମାର ଜେନା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘରୁ କିଛି ସୁନା ଅଳଙ୍କାର,ରୁପା ସାମଗ୍ରୀ ସହିତ ଅନ୍ୟ କେତେକ ସାମଗ୍ରୀ ଚୋରି ହୋଇଛି।

### ଚାନ୍ଦିପୋଷ ସଡ଼କ ଦୁର୍ଘଟଣା: ମୃତକଙ୍କ ସଂଖ୍ୟା ୩କୁ ବୃଦ୍ଧି

ବଣାଇଁ,୩୦।୧୨ (ପ୍ରଦୀପ ତ୍ରିପାଠୀ)

୧୪୩ ନମ୍ବର ଜାତୀୟ ରାଜପଥର ଚାନ୍ଦିପୋଷ ନିକଟରେ ରବିବାର ଘଟିଥିବା ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସୋମବାର ଚିକିତ୍ସାଧୀନ ଅବସ୍ଥାରେ ପୁଣି ଜଣଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁସଂଖ୍ୟା ୩କୁ ବୃଦ୍ଧି ପାଇଛି। ଅନ୍ୟ ଜଣେ ଗୁରୁତର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡର ଚାନ୍ଦିପୋଷ ନିକଟ ୧୪୩ ନମ୍ବର ଜାତୀୟ ରାଜପଥରେ ରବିବାର ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଥିଲେ। ଏକ ସ୍କର୍ପିଓ ନମ୍ବର ଓଡି୧୪ କେ ୦୦୦୨ରେ ୫ଜଣ ଯୁବକ ରାଉରକେଲାରୁ ଲହୁଣୀପଡ଼ା ଫେରୁଥିବାବେଳେ ଚାନ୍ଦିପୋଷ ନିକଟରେ ଭାରସାମ୍ୟ ହରାଇ ଡିଭାଇଡରକୁ ପିଟିବା ପରେ ଅପରପାର୍ଶ୍ୱ ରାସ୍ତାରେ ଓଲଟି ପଡ଼ିଥିଲା । ଅପରପାର୍ଶ୍ୱ ରାସ୍ତାରେ ଏକ ହାଇୱା ସମ୍ମୁଖରେ ପଡ଼ିବା ଯୋଗୁ ଧକ୍କା ହୋଇ ସ୍କର୍ପିଓ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩ଜଣ ଯୁବକ ଗୁରୁତର ହୋଇଥିଲେ।

### ଏଟିଏମ୍‌ରେ ଟଙ୍କା ନ ଥିବାରୁ ଲୋକେ ହନ୍ତସନ୍ତ

ଖଡ଼ିଆଳ,୩୦।୧୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲାର ଏକ ପ୍ରମୁଖ ସହର ହେଉଛି ଖଡ଼ିଆଳ। ଏହି ସହର ଉପରେ ଅଞ୍ଚଳ ତଥା ରାଜ୍ୟ ବାହାରୁ ଦୈନିକ ୫୦ ହଜାରରୁ ଅଧିକ ଲୋକ ନିର୍ଭର କରୁଥିବା ବେଳେ ଏଟିଏମ୍‌ରେ ଟଙ୍କା ନ ଥିବା ନେଇ ହଇରାଣ ହୋଇଥିବା ଦେଖିବାକୁ ମିଳିଥିଲା। ସହରରେ ବିଭିନ୍ନ ବ୍ୟାଙ୍କର ୧୩ଗୋଟି ଏଟିଏମ୍ ଥିବାବେଳେ ସୋମବାର କୌଣସିଟିରେ ଟଙ୍କା ନ ଥିବାରୁ ଏସ୍‌ବିଆଇ ମୁଖ୍ୟ ଶାଖାରେ ଥିବା ଏଟିଏମ୍‌ରେ ଟଙ୍କା ପାଇଁ ଲୋକଙ୍କ ଧାଡି ଲାଗିଥିଲା। ଅଧିକାଂଶ ଦିନ ଏହି ସମସ୍ୟା ଦେଖାଯାଉଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ତ ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଏଟିଏମ୍ କିପରି ଲୋକଙ୍କୁ ଠିକ୍ ସେବା ଯୋଗାଇବ ସେ ଦିଗରେ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ନେଇ ଖଡ଼ିଆଳ ଏସ୍‌ବିଆଇ ଶାଖା ମ୍ୟାନେଜର ଦିନେଶ କୁମାର ମିଶ୍ରଙ୍କୁ ପଚାରିବାରୁ ଗ୍ରାହକଙ୍କ ସୁବିଧା ପାଇଁ ଆମେ ବ୍ୟାଙ୍କ ସମୟରେ ଏଟିଏମ୍‌ରେ ଟଙ୍କା ଭରୁଛୁ ବୋଲି କରିଥିଲେ।

### ମାସେ ନ ପୂରୁଣୁ ରାସ୍ତାରୁ ଉଠିଲା ପିଚୁ

ଖଡ଼ିଆଳ,୩୦।୧୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସହରର ୱାର୍ଡ ନଂ.୬ ଗୁରୁନାନକ ଛକରୁ ଜୟ ପାଢ଼ୀ ଘର ପର୍ଯ୍ୟନ୍ତ ଏନ୍‌ଏସି ପକ୍ଷରୁ ପିଚୁ ରାସ୍ତା ନିର୍ମାଣ କରାଯାଇଛି। ୫।୧୨।୨୦୨୪ ନିର୍ମାଣ ଅବଧି ବୋଲି ସୂଚନା ଫଳକରେ ଦର୍ଶାଯାଇଛି। ତେବେ ନିମ୍ନମାନର ପିଚୁ କାମ ଯୋଗୁ ନିର୍ମାଣର ମାସେ ନ ପୂରୁଣୁ ରାସ୍ତାରୁ ପିଚୁ ଓ ଚିପ୍ସ ଉଠି ମେଟାଲ ବାହାରିବା ସହିତ ରାସ୍ତାର କେତେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ଏହି ରାସ୍ତା ଖଡ଼ିଆଳ ସହରର ଏକ ବାଇପାସ୍ ଭାବରେ ବ୍ୟବହାର କରାଯାଏ। ନିମ୍ନମାନର କାର୍ଯ୍ୟ ଯୋଗୁ ଏହି ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ତଦନ୍ତ କରି ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଖଡ଼ିଆଳ ଏନ୍‌ଏସି ଯନ୍ତ୍ରୀ ଅରୁଣ ପାତ୍ରଙ୍କୁ ପଚାରିବାରୁ ଯେଉଁଠି ରାସ୍ତା ଖରାପ ହୋଇଛି ତାହାକୁ ପୁଣି ତିଆରି କରାଯିବ ବୋଲି ପ୍ରକାଶ କରିଥିଲେ।

# ଲହୁଣୀପଡ଼ାରେ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି



ଶିବିରରେ ଅତିରିକ୍ତ ଜିଲାପାଳଙ୍କ ସହ ଅନ୍ୟମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଲହୁଣୀପଡା,୩୦।୧୨ (ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ବଣେଇ ଉପଜିଲାପାଳ ଅକ୍ଷୟ ପିଲ୍ଲେ, ବଣେଇ ଉପଖଣ୍ଡ ପୋଲିସ ଅଧିକାରୀ ସୋନାଲି ସିଂ ପରମାର,ଏସିଏଫ ଜଗନ୍ନାଥ ବିଶୋଇ,ଲହୁଣୀପଡା ବିଡ଼ିଓ ଅନୁରାଗ ମିଶ୍ର, ତହସିଲଦାର ବାବୁଲ ପେରେଇ ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ମୋଟ ୭୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୪୨ ବ୍ୟକ୍ତିଗତ ଏବଂ ୩୫ଟି ଅଭିଯୋଗ ଦଳଗତ ଭାବେ ସ୍ଥାନ ପାଇଥିଲା। ବ୍ୟକ୍ତି ଗତ ଅଭିଯୋଗ ମଧ୍ୟରେ ଜମି ବାଡି, ବଦଳି ଆଦି ରହିଥିବା ବେଳେ ଦଳଗତ ଅଭିଯୋଗ ମଧ୍ୟରେ ବିଜୁଳି, ଜଳସେଚନ, ରାସ୍ତା, ଜବରଦଖଲ ଆଦି ସମସ୍ୟାମାନ ସ୍ଥାନ ପାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଚିକିତ୍ସା ସହାୟତା ପାଇଁ ୮ ଜଣଙ୍କୁ ମୋଟ ୪୩ହଜାର ଟଙ୍କା ପ୍ରଦାନ କରଯାଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ଅମ୍ବିକା ନାଏକ ବିବାହ ପ୍ରୋତ୍ସାହନ ନିମନ୍ତେ ୪ ଜଣ ଦମ୍ପତିଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିଭଳି ବ୍ଲକର ବିଭିନ୍ନ ପଞ୍ଚାୟତ ରୁ ୪ ଜଣ ଭିନ୍ନକ୍ଷମଙ୍କୁ ନୂତନ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ଦୁଇଟି ଭିନ୍ନକ୍ଷମ ସ୍ୱୟଂ ସହାୟକ ଦଳଙ୍କୁ ଆର୍ତ୍ତନ ରାଶି ପ୍ରଦାନ କରିଥିଲେ। ଏହି ଯୁଗ୍ମ ଜନଶୁଣାଣିରେ ଜିଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଏବଂ ବଣେଇ ଉପଖଣ୍ଡର ବିଭିନ୍ନ ବିଭାଗର ଅଧିକାରୀ ଓ ସହକାରୀ ସରକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଘର ପୋଡ଼ିବା ଘଟଣା: ପୁଅ ଗିରଫ

ବଡ଼ଗାଁ,୩୦।୧୨ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ଡୁଡାଲଗା ପଞ୍ଚାୟତ ମୁକୁନ୍ଦପୁର ଗ୍ରାମର ଜଣେ ଯୁବକ ତାଙ୍କ ବାପାଙ୍କୁ ଟଙ୍କା ମାଗିଥିଲେ। ବାପା ଟଙ୍କା ନ ଦେବାରୁ ଗତ ୨୭ ତାରିଖ ସକାଳ ୮ରେ ଘରେ ନିଆଁ ଲଗାଇ ଜାଳିଦେଇଥିଲେ। ଏହି ଘଟଣା ପରେ ଶିବଶଙ୍କର ଭଏସାଲଙ୍କ ଅଭିଯୋଗକ୍ରମେ ତାଙ୍କ ପୁଅ ଯତୀନ କୁମାରଙ୍କୁ ପୋଲିସ ଗିରଫ କରି ନଂ. ୨୬୭/୨୪ ରେ ମାମଲା ରୁଜୁକରିଛି।

# ଡେଲକି ଖଡ଼ିଆ ସମାଜର ଫୁଟ୍‌ବଲ ପ୍ରତିଯୋଗିତା, ରୌପ୍ୟ ଜୟନ୍ତୀ

ବଡ଼ଗାଁ,୩୦।୧୨ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ୍ ପଞ୍ଚରା ଗ୍ରାମରେ ଡେଲକି ଖଡ଼ିଆ ସମାଜ ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲାର ୪୮ଟି ଫୁଟ୍‌ବଲ ଟିମ୍ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ପଦ୍ମପୁର ଟିମ୍‌କୁ ହରାଇ ବିଜାଡିହି ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ବିଜାଡିହି ଓ ଉପବିଜେତା ପଦ୍ମପୁର ଟିମ୍‌କୁ ଖାସି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଏହାସହ ତୃତୀୟ ସ୍ଥାନ ପାଇଥିବା ଜାମବାହାଲ ଟିମ୍, ଚତୁର୍ଥ ସ୍ଥାନ ପାଇଥିବା ଟିମଜୋର, ପଞ୍ଚମ ସ୍ଥାନ ପାଇଥିବା ଆମ୍ବେଦକର ନଗର ଟିମ୍ ଓ ଷଷ୍ଠ ସ୍ଥାନ ପାଇଥିବା ଲାଇଙ୍ଗ ଟିମ୍‌କୁ ଖାସି ସହ ଟ୍ରଫି ପୁରସ୍କୃତ କରାଯାଇଥିଲା। ପ୍ରତିବର୍ଷ ହୋଇଆସୁଥିବା ଏହି ପ୍ରତିଯୋଗିତାର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟ ଜୟନ୍ତୀ ପାଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଓ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଡେଲକି ଖଡ଼ିଆ ସମାଜର ଜିଲା ସଭାପତି ବିକ୍ରମ ଟପ୍ପୋ, ଉପ ସଭାପତି କଳେଶର ମାଝୀ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମିଞ୍ଜ, ପାନପୋଷ ସବ୍‌ଡିଭିଜନାଲ କମିଟିର ସଭାପତି ରାଜେଶ ଖଡିଆ, କୁତ୍ରା ବ୍ଲକ କମିଟିର ସଭାପତି ପ୍ରକାଶ ଖଡିଆ, ବଡ଼ଗାଁ ବ୍ଲକ୍ କମିଟିର ସଭାପତି ବସନ୍ତ ଡନସନା, ସୁରେନ୍ଦ୍ର ବାଗେ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ସାମାଜିକ ପରମ୍ପରାକୁ ବଜାୟ ରଖିବା ଓ ନିଜ ଭାଷାକୁ ଗୁରୁତ୍ୱଦେବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ୭ ହଜାରରୁ ଉର୍ଦ୍ଧ୍ୱ ଜାତି ସମାଜର ଲୋକ ଯୋଗଦେଇଥିଲେ। ଖଡ଼ିଆ ସମାଜର ବ୍ଲକ କର୍ମକର୍ତ୍ତା ଓ ଯୁବକମାନେ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।



ଖଡ଼ିଆ ସମାଜର ସାଂସ୍କୃତିକ ଦଳ ସହ ଅତିଥିମାନେ।

# ହାଇୱା ଧକ୍କାରେ ଯୁବକ ମୃତ

ଲହୁଣୀପଡା,୩୦।୧୨ (ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ବିମଳାଗଡ଼ ଆରକେଡି କ୍ୟାମ୍ପ ସମ୍ମୁଖରେ ସୋମବାର ଅପରାହ୍ନ ପ୍ରାୟ ୪ ଟା ସମୟରେ ହାଇୱା ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅଲୋକ ବାରା(୧୯)। ଏହାର ପ୍ରତିବାଦରେ ଘଟଣା ସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବିମଳାଗଡ଼ ନିକଟସ୍ଥ ସାନ ଫକୀର ମୁଣ୍ଡା ଗ୍ରାମର ଆଲୋକ କୌଣସି କାମରେ କୋଇଡା ଯାଇଥିଲେ। ସେଠାରୁ କାମ ସାରି ଆସି ବିମଳାଗଡ଼ ଛକରେ ଗାଡ଼ିରୁ ଓହ୍ଲାଇ ଚାଲି ଚାଲି ଘରକୁ ଯାଉଥିବା ବେଳେ ତାଙ୍କୁ ଏକ ୧୬ ଚକିଆ ଟ୍ରକ ଓଡ଼ି -୧୪ଏଜି-୧୩୪୩ ଟ୍ରକଟି ଧକ୍କା ଦେଇଥିଲା। ଫଳରେ ସେ କଂକ୍ରିଟ ରାସ୍ତା ଉପରେ କଚାଡି ହୋଇ ପଡିବାରୁ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ପ୍ରବଳ ରକ୍ତ ସ୍ରାବ ହେବା ସହିତ ସେ ଗୁରୁତର ଆହତ ହୋଇଥିଲେ। ଖବର ପାଇ କେ. ବଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲେ ମଧ ତାଙ୍କର ମୃତ୍ୟୁ ଘଟିଥିଲା। ଏହାସହିତ ପୋଲିସ ଟ୍ରକକୁ ଜବତ କରି ଚାଳକଙ୍କୁ ଅଟକ ରଖି ପଚରା ଉଚରା କରିବା ସହିତ ଘଟଣାର ତଦନ୍ତ ଚଳାଇଛନ୍ତି।

# ଦୁର୍ଘଟଣାରେ ଆହତ ମହିଳାଙ୍କ ମୃତ୍ୟୁ

ବଡ଼ଗାଁ,୩୦।୧୨ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଶଙ୍କରାପୋଷ ଗ୍ରାମର ମହିଳା ଗୌରୀ ଭଏସାଲ ଯାତ୍ରୀବାହୀ ଟେମ୍ପୋରେ ଗତ ୨୪ ତାରିଖ ଅପରାହ୍ନରେ ଘରକୁ ଫେରୁଥିବାବେଳେ ସେଥିରୁ ଖସିପଡ଼ିବାରୁ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ରାଉରକେଲା ଜେପି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ୨୭ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନା ଅନୁଯାୟୀ, ଗୌରୀ ସାହାଜବାହାଲ ଗ୍ରାମର ସାପ୍ତାହିକ ହାଟକୁ ଆସିଥିଲେ। ଅପରାହ୍ନରେ ଯାତ୍ରୀବାହୀ ଟେମ୍ପୋରେ ଘରକୁ ଫେରୁଥିବାବେଳେ ଖସିପଡ଼ିଥିଲେ।

**ହକି ଇଣ୍ଡିଆ ଲିଗ୍ ମ୍ୟାଚ୍‌ର ତୃତୀୟ ଦିବସ**

# ୩-୧ ଗୋଲରେ ଯୁପି ରୁଦ୍ରାସ ବିଜୟୀ

ରାଉରକେଲା,୩୦।୧୨ (ଦିନେଶ ମିଶ୍ର)

ରାଉରକେଲା ବିର୍ସା ମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ପ୍ରଥମ ଥର କରି ଆୟୋଜିତ ହକି ଇଣ୍ଡିଆ ପ୍ରୋଲିଗ୍(ଏଚ୍‌ଆଇଏଲ୍) ମ୍ୟାଚ୍‌ର ତୃତୀୟ ଦିନରେ ଯୁପି ରୁଦ୍ରାସ୍ ଦଳ ଓ ବେଦାନ୍ତ କଳିଙ୍ଗ ଲାନସର୍ସ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଯୁପି ରୁଦ୍ରାସ ଦଳ ୨-୧ ଗୋଲରେ କଳିଙ୍ଗ ଲାନସର୍ସ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ ଅତିଥି ଭାବେ ଯୋଗଦେଇ ମ୍ୟାଚ୍ ଉଦ୍‌ଘାଟନ କରିଥିଲେ। ଖେଳ ଆରମ୍ଭରେ ବେଦାନ୍ତ କଳିଙ୍ଗ ଲାନସର୍ସ ଦଳ ଯୁପି ରୁଦ୍ରାସ ବିପକ୍ଷରେ ଆକ୍ରମକ ଖେଳ ପ୍ରଦର୍ଶନ କରି ଖେଳର ପ୍ରଥମ କ୍ୱାର୍ଟର୍ସର ଠିକ୍ ୧୩ ମିନିଟ୍‌ରେ ୭ ନମ୍ବର ଖେଳାଳି ଇନ୍‌ରିକ୍ୟୁ ଗୋନ୍‌ଜେଲେଜ୍ ଯୁପି ବିପକ୍ଷରେ ପ୍ରଥମ ଗୋଲ କରି ଦଳକୁ ୧-୦ ଗୋଲରେ ଆଗୁଆ ରଖିଥିଲେ। ଏହି ଗୋଲର ପ୍ରତିଶୋଧ ନେବାକୁ ଯାଇ ଯୁପି ରୁଦ୍ରାସ ଦଳ ବେଦାନ୍ତ କଳିଙ୍ଗ ଲାନସର୍ସ ଉପରେ ଆକ୍ରମକ ଖେଳ ପ୍ରଦର୍ଶନ କରି ମ୍ୟାଚ୍‌ର ତୃତୀୟ କ୍ୱାର୍ଟରର ୪୫ ମିନିଟ୍‌ରେ ୬ ନମ୍ବର ଖେଳାଳି କାନେ ରୁସେଲ ଓ ଖେଳର ଶେଷ ପର୍ଯ୍ୟାୟରେ ୫୦ ମିନିଟ୍‌ରେ ୯ ନମ୍ବର ଖେଳାଳି ସୁଦୀପ ଚିରମାକୋ ଉଭୟ ଗୋଟିଏ ଲେଖାଏଁ ଗୋଲ ମାରି ଦଳକୁ ୨-୧ ଗୋଲରେ ଆଗୁଆ ରଖିଥିଲେ। ପରେ କଳିଙ୍ଗ ଲାନସର୍ସ ଦଳ ଯୁପି ରୁଦ୍ରାସ ବିପକ୍ଷରେ ଗୋଲ ମାରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଆଉ କୌଣସି ଗୋଲ କରିପାରି ନ ଥିଲେ। ଖେଳର ଅନ୍ତିମ ପର୍ଯ୍ୟାୟରେ ୬୦ ମିନିଟ୍‌ରେ ପୁଣିଥରେ କେନି ରୁସେଲ ଦ୍ୱିତୀୟ ଗୋଲ ମାରି ଦଳକୁ ବିଜୟୀ କରିଥିଲେ। ଆଜିର ଏହି ମ୍ୟାଚ୍‌ରେ ଯୁପି ରୁଦ୍ରାସର କେନି ରୁସେଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରୁସ୍କାର ପ୍ରଦାନ କରାଯାଇଥିଲା।



## ପେନାଲ୍‌ଟି ସୁଯୋଗ ହରାଇବାରୁ ପରାସ୍ତ ହେଲୁ: ଅମିତ ରୋହିଦାସ

ରାଉରକେଲା,୩୦।୧୨ (ଦିନେଶ ମିଶ୍ର)



ଏକାଧିକ ପେନାଲ୍‌ଟି କର୍ନର ସୁଯୋଗ ହାତଛଡା କରିବାରୁ ଆମେ ମ୍ୟାଚ୍‌ରେ ପରାସ୍ତ ହେଲୁ ବୋଲି ତାମିଲନାଡୁ ଡ୍ରାଗନ୍ସର ଅଧିନାୟକ ଅମିତ ରୋହିଦାସ କହିଛନ୍ତି। ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ର ଦ୍ୱିତୀୟ ଦିବସରେ ତାମିଲନାଡୁ ଡ୍ରାଗନ୍ସ ଓ ସୁରମା ହକି କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ସୁନ୍ଦରଗଡ ମାଟିର ପୁଅ ଅମିତ ରୋହିଦାସଙ୍କ ଖେଳ ଦେଖିବାକୁ ବହୁ ହକିପ୍ରେମୀଙ୍କ ଭିଡ ଜମିଥିଲା। ଅମିତ ତାମିଲନାଡୁ ଡ୍ରାଗନ୍ସର ଅଧିନାୟକ ଥିବାବେଳେ ଗତ ବିଶ୍ୱକପ୍‌ରେ ଭାରତ ଦଳରୁ ଅମିତ ଏହି ଷ୍ଟାଡିୟମ୍‌ରେ ପ୍ରଥମ ଗୋଲ୍ ମାରି ଇଂଲଣ୍ଡ ବିପକ୍ଷରେ ଦଳକୁ ଆଗୁଆ ରଖିଥିଲେ। ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ଅମିତଙ୍କ ଘରୋଇ ପଡିଆ ହୋଇଥିବାବେଳେ ଅମିତଙ୍କ ଠାରୁ ତାଙ୍କ ପ୍ରଶଂସକ ଉଚ୍ଚକୋଟୀର ଖେଳ ଆଶା ରଖିଥିଲେ। ମାତ୍ର ଅମିତ ଏହି ପଡିଆରେ ସୁରମା ହକି କ୍ଲବ ବିପକ୍ଷରେ ଗୋଟିଏ ହେଲେ ଗୋଲ୍ କରିପାରି ନ ଥିଲେ। ଏହି ମ୍ୟାଚ୍‌ରେ କଡ୍ଡା ଟକ୍କର ହୋଇଥିବାବେଳେ ଶେଷରେ ସୁଟଆଉଟ୍‌ରେ ସୁରମା ହକି କ୍ଲବ ୪-୧ ଗୋଲରେ ତାମିଲନାଡୁ ଡ୍ରାଗନ୍ସକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ହୋଇଥିବା ଭୁଲଗୁଡିକୁ ପୁନର୍ବାର ନ କରି କିଭଳି ଭଲ ଖେଳ ପ୍ରଦର୍ଶନ କରିବୁ ସେ ନେଇ ଉଦ୍ୟମ ଜାରି ରହିବ ବୋଲି ଅମିତ କହିଥିଲେ।

# ଦିବ୍ୟାଙ୍ଗ ସଶକ୍ତୀକରଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ନୂଆପଡ଼ା,୩୦।୧୨ (ମକାରୁ ବେମାଲ)

ନୂଆପଡ଼ା ଜିଲାରେ ଦିବ୍ୟାଙ୍ଗମାନଙ୍କୁ ସଶକ୍ତ କରିବା ପାଇଁ ରାଷ୍ଟ୍ରୀୟ ଦିବ୍ୟାଙ୍ଗ ସଶକ୍ତୀକରଣ ଦିବସରେ ଜିଲାପାଳଙ୍କୁ ସୋମବାର ଜିଲା ସକ୍ଷମ ସଶକ୍ତ ସଙ୍ଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନର ନୂଆପଡ଼ା ସଂଯୋଜକ ଭକ୍ତବନ୍ଧୁ ଧରୁଆଙ୍କ ନେତୃତ୍ୱରେ ସମସ୍ତ ଦିବ୍ୟାଙ୍ଗ ଏକତ୍ରିତ ହୋଇ ୬ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ଆଲୋକ କୁମାର ଅନଗୁଳିଆଙ୍କୁ ପ୍ରଦାନ କରାଯାଇଥିଲା। ପ୍ରମୁଖ ଦାବି ମଧ୍ୟରେ ଦିବ୍ୟାଙ୍ଗଙ୍କୁ କୌଣସି ଯୋଜନା ବିଷୟରେ ଜଣାଇବା ପାଇଁ ବିଭାଗ ତରଫରୁ ପଞ୍ଚାୟତ ସ୍ତରରେ ବୈଠକ କରିବା, ଜିଲା,ବ୍ଲକ୍, ଏନ୍‌ଏସିରେ ବାସ କରୁଥିବା ଦିବ୍ୟାଙ୍ଗଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବ୍ୟାଙ୍କ ଋଣ, ଡିଆର୍‌ଆଇ ଋଣ, ଉଚ୍ଚଶିକ୍ଷା ଋଣ, ବ୍ୟବସାୟ ପାଇଁ ତାଲିମ ସହ ଚାକିରି କ୍ଷେତ୍ରରେ ଅଗ୍ରାଧିକାର ଦେବା, ଜିଲାରେ ଦିବ୍ୟାଙ୍ଗଙ୍କୁ କଳା ଓ କ୍ରୀଡ଼ା କ୍ଷେତ୍ରରେ ପ୍ରୋତ୍ସାହନ ଦେବା ପାଇଁ ଜଣେ ଅଧିକାରୀ ନିୟୋଜିତ କରିବା ଆଦି ଅନ୍ୟତମ। ଦାବିପତ୍ର ପ୍ରଦାନ ସମୟରେ ଜିଲା କିଷାନ ମଜଦୁର ସଂଗ୍ରାମ ପରିଷଦ ଆବାହକ ଯଦୁମଣି ପାଣିଗ୍ରାହୀ, ଦିଲୀପ କୁମାର ରାଉତ, ସୁମନ୍ତ କୁମାର ବରିହା, ଭାଗୀରଥି ନିଆଲ, ପଦମନ ମାଝି , ସନ୍ତୋଷ ମାଝି, ଜୟଲାଲ ରାଉତ, ଶ୍ୟାମଲାଲ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ଫୁଡ୍ ବ୍ଲଗରଙ୍କୁ ହତ୍ୟା ଅଭିଯୋଗ

## ହଷ୍ଟେଲ ଶୌଚାଳୟରୁ ଝୁଲନ୍ତା ମୃତଦେହ ମିଳିଲା

ଭୁବନେଶ୍ୱର,୩୦।୧୨
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପଟିଆ ଆଦର୍ଶ ବିହାର ଲେନ୍-୨ରେ ଥିବା ଏକ ଘରୋଇ ହଷ୍ଟେଲ ଶୌଚାଳୟରୁ ଜଣେ ଯୁବତୀ (୨୫)ଙ୍କ ସନ୍ଦେହଜନକ ଅବସ୍ଥାରେ ଝୁଲନ୍ତା ମୃତଦେହ ମିଳିଛି। ସେ ହେଲେ କେନ୍ଦ୍ରାପଡ଼ା ପାଟକୁରା ଥାନା ଅଞ୍ଚଳର ସୋନାଲି ସଂଘମିତ୍ରା ପରିଡ଼ା। ସେ ଜଣେ ଫୁଡ୍‌ବ୍ଲଗର ଭାବେ ସୋସିଆଲ ମିଡିଆରେ ବେଶ୍ ଜଣାଶୁଣା। ସେ ଫୁଡ୍ ବ୍ଲଗିଂ ସହ ଭୁବନେଶ୍ୱର ବରମୁଣ୍ଡା ଅଞ୍ଚଳରେ ଏକ ବିଲ୍ଡର ସଂସ୍ଥାରେ ୨ବର୍ଷ ହେବ କାମ କରୁଥିଲେ। ହସଖୁସିରେ ବଞ୍ଚୁଥିବା ସୋନାଲିଙ୍କ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରିନାହାନ୍ତି। ସୋନାଲିଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଉଥିବା ତାଙ୍କ ବାପା ଦିଲୀପ ପରିଡ଼ା ଗଣମାଧ୍ୟମରେ ଅଭିଯୋଗ ଆଣିଛନ୍ତି। ହେଲେ ଏତଲାରେ ସେମିତି କାହାକୁ ଦାୟୀ କରି ନ ଥିବାରୁ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୬୦/୨୦୨୪) ରୁଜୁ କରି ଅଧିକ ତଦନ୍ତ କରୁଛି। ଏଥିସହ ଶୌଚାଳୟ


ସୋନାଲି ସଂଘମିତ୍ରା ପରିଡ଼ା

ପରିସରରୁ ସୋନାଲିଙ୍କ ମୋବାଇଲ ଫୋନକୁ ଜବତ କରି ଖୋଳତାଡ଼ କରୁଛି।

ସୂଚନାନୁସାରେ, ସୋନାଲି ଓ ୨ ଜଣ ଯୁବତୀ ଉକ୍ତ ହଷ୍ଟେଲର ୧୦୧ ନମ୍ବର ରୁମ୍‌ରେ ରହୁଥିଲେ। ରୁମମେଟ୍ ଗତ ୭ ଦିନ ହେବ ଘରକୁ ଯାଇଥିବାରୁ ସୋନାଲି ଏକା ଥିଲେ। ରବିବାର ରାତି ପ୍ରାୟ ସାଢେ ୮ଟାରେ ହଷ୍ଟେଲ ୱାର୍ଡେନ୍ କୌଣସି କାମ ପାଇଁ ସୋନାଲି ରହୁଥିବା ରୁମ୍‌ର କବାଟ ବାଡ଼େଇ ଡାକିଥିଲେ। ହେଲେ ସୋନାଲି କୌଣସି ଉତ୍ତର ନ ଦେବାରୁ ହଷ୍ଟେଲ ମାଲିକଙ୍କୁ ଡକାଇ କବାଟ ଭାଙ୍ଗି ଦେଇଥିଲେ। ଏହାପରେ ଶୌଚାଳୟ ପରିସରରେ ସୋନାଲିଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ବେକରେ ଓଢଣି ଗୁଡ଼ାଇ ହୋଇଥିବାବେଳେ ଆଣ୍ଠୁ ତଳେ ଘୋଷାରି ହୋଇଥିବା ଅବସ୍ଥାରେ ଥିଲା। ଏ ସମ୍ପର୍କରେ ୱାର୍ଡେନ ସୋନାଲିଙ୍କ ଘରକୁ ଫୋନ୍ କରି ଜଣାଇବା ପରେ ପରିବାର ଲୋକେ ଝିଅକୁ ହସ୍ପିଟାଲ ନେବାକୁ କହିଥିଲେ। ମାତ୍ର ୱାର୍ଡେନ ପୋଲିସକୁ ଖବର ଦେଇଥିଲେ। ରାତି ପ୍ରାୟ ୨ଟାରେ ସୋନାଲିଙ୍କ ପରିବାର ଲୋକେ ପହଞ୍ଚି ଶୌଚାଳୟ ଭିତରେ ମୃତଦେହ ଦେଖି ଚକିତ ହୋଇଯାଇଥିଲେ। ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଥିଲା। ସୋମବାର ସକାଳେ ସାଇଣ୍ଟିଫିକ ଟିମ୍ ସହାୟତାରେ ପୋଲିସ ମୃତଦେହ ଜବତ କରାଯାଇ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ୩ ମାଓବାଦୀ ଗିରଫ



ମାଲକାନଗିରି,୩୦।୧୨ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲା ପୋଲିସ ୩ ମାଓବାଦୀଙ୍କୁ ଗିରଫ କରିଛି। ସେମାନେ ହେଲେ ଡିକେଏମ୍ଏସ୍ ଅଧ୍ୟକ୍ଷ ରାମବାବୁ ପୁନେମ, ମିଲିସିଆ ଡେପୁଟି କମାଣ୍ଡର ଲଖମା ମାଡକାମି ଓ ହିଡମା ମାଡବି। ବିଜାପୁର ଜିଲା ପାମେଡ ଥାନା ପୋଲିସ ଓ ସିଆରପିଏଫ୍ ଯବାନ ମିଳିତ ଭାବେ ଧର୍ମାରମ ଓ ଜିଡପଲ୍ଲୀ ଅଞ୍ଚଳରେ କୋମ୍ବିଂ ସମୟରେ ଜିଡପଲ୍ଲୀ ଅଞ୍ଚଳରୁ ସେମାନଙ୍କୁ ଗିରଫ କରାଯାଇଛି। ରାମବାବୁଙ୍କ ଉପରେ ପୋଲିସ ପକ୍ଷରୁ ପୂର୍ବରୁ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ୩ ମାଓବାଦୀ ସିଆରପିଏଫ୍ କ୍ୟାମ୍ପ ଉପରେ ଆକ୍ରମଣ, ହତ୍ୟା, ଅପହରଣ ଓ ଲୁଟ୍ ମାମଲାରେ ସାମିଲ ଥିବା ପୋଲିସ କହିଛି। ଏମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଯାତ୍ରାରେ ଅଶ୍ଳୀଳ ନୃତ୍ୟ, ପୋଲିସ ମାମଲା ରୁଜୁ କଲା

## ଏସ୍‌ପିଙ୍କୁ ଦାବିପତ୍ର ଦେଲା ବିଜେଡି ମହିଳା ମୋର୍ଚ୍ଚା

ମାଲକାନଗିରି, ୩୦।୧୨
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକ କତାମେଟାରେ ଶନିବାର ଶ୍ରୀକ୍ଷେତ୍ର ଅପେରା ଯାତ୍ରା କରୁଥିବାବେଳେ ଜଣେ ଅଭିନେତ୍ରୀଙ୍କ ଅଶ୍ଳୀଳ ନୃତ୍ୟକୁ ଆଧାରକରି ତାଙ୍କ ନାମରେ ମାଲକାନଗିରି ପୋଲିସ ନିଜ ଆଡୁ ମାମଲା ନଂ(୭୨୧/୨୪)ରୁଜୁ କରିଛି। ସେହିପରି ବିଜେଡି ମହିଳା ମୋର୍ଚ୍ଚା ପକ୍ଷରୁ ମଧ୍ୟ ସୋମବାର ଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଯେ, କତାମେଟାରେ ଶ୍ରୀକ୍ଷେତ୍ର ଅପେରାରେ ଗତ ଶନିବାର ନାଟକ ଆରମ୍ଭ ପୂର୍ବରୁ ସାହୁ ଭାଉଜ ନାମରେ ପରିଚିତ ଜଣେ ଅଭିନେତ୍ରୀ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିଥିଲେ। ଅପେରା ଦେଖିବା ପାଇଁ ଶହ ଶହ ମହିଳା ପୁରୁଷ ପରିବାର ସହ ଏଠାରେ ଉପସ୍ଥିତ ଥିଲେ। ଏହି ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନକୁ ଲୋକେ ନିନ୍ଦା କରିବା ସହ ଏହାଦ୍ୱାରା ଓଡିଶାରେ ଅପେରାର ମାନ ହ୍ରାସ ପାଉଥିବା କହିଥିଲେ। ଏ ସମ୍ପର୍କରେ ମାଲକାନଗିରି ଥାନାରେ ଅଭିନେତ୍ରୀ ସାହୁ ଭାଉଜ, ଶ୍ରୀ କ୍ଷେତ୍ର ଅପେରା ଓ କତାମେଟା ଯାତ୍ରା କମିଟି ଆୟୋଜକଙ୍କ ନାମରେ ପୋଲିସ ନିଜଆଡୁ ମାମଲା ରୁଜୁ କରିଛି।

# ବାଘଛାଲ ଜବତ, ୨ ଗିରଫ

କେନ୍ଦୁଝର/ପାଟଣା, ୩୦।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ/ ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପୋଲିସ କଲରାପତରିଆ ବାଘ ଛାଲ ଚୋରାଚାଲାଣ ନେଇ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ବସନ୍ତପୁର ଗ୍ରାମର ରାମ ବାନ୍ଦିଆ (୩୩) ଓ ଖଡ଼ିପାଳ ଗ୍ରାମର ସାଗର କୁଲାପଡ଼ିଆ (୩୭)। ସେମାନଙ୍କ ନିକଟରୁ ପୋଲିସ ଏକ ବାଘଛାଲ, ବାଇକ୍, ୨ ମୋବାଇଲ ଜବତ କରିଥିବା ଘଟଗାଁ ଏସ୍‌ଡିପିଓ ପ୍ରଭାତ ତ୍ରିପାଠୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ପାଟଣା ରେଞ୍ଜ ସାହରପଡ଼ା ସେକ୍ସନ ମାଛଗଡ଼ ନର୍ଥ ବିଟ୍ ଓସ୍ତଯୋଡ଼ି ଗ୍ରାମ୍ୟ ଜଙ୍ଗଲ ନିକଟ ରାସ୍ତାରେ ସୋମବାର ପୂର୍ବାହ୍ନରେ ଏକ କଲରାପତରିଆ ବାଘଛାଲ ବିକ୍ରି ପାଇଁ ଡିଲ୍ ହେଉଥିଲା। ବାଘକୁ ଶିମିଳିପାଳ ଅଭୟାରଣ୍ୟରେ ମରାଯିବା ପରେ ଛାଲକୁ ରାମ ଆଣି ବିକ୍ରି ପାଇଁ ମସୁଧା କରୁଥିଲେ। ବାଘଛାଲ କିଣିବାକୁ ସାଗର ଆସିଥିବା


ଜବତ ବାଘଛାଲ।


ଏସ୍‌ଡିପିଓ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ବେଳେ ୨ ଲକ୍ଷ ଟଙ୍କାରେ ଦର ଛିଡ଼ିଥିଲା। ସୂଚନା ପାଇ କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ଓ ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜଙ୍କ ନିର୍ଦ୍ଦେଶରେ ପୋଲିସ ଓ ବନ ବିଭାଗ ଅଧିକାରୀଙ୍କୁ ନେଇ ଏକ ଯୁଗ୍ମ ଟିମ୍ ଚଢ଼ାଉ କରିଥିଲା। ଡିଲ୍ ଚାଲିଥିବା ବେଳେ ପାଟଣା ଥାନା ଇନ୍ସପେକ୍ଟର ଉଦୟ ବୀର କୁଲୁ, ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର ଓ ସାହାରପଡ଼ା ବନପାଳ ଭୂପତି ସେଠୀ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ଏକ ବାଘ ଛାଲ, ବାଇକ୍ (ଓଡି-୦୨ ଇ ୫୭୮୮) ଓ ମୋବାଇଲ ଜବତ କରିଥିଲେ। ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ର ଧାରା ୯, ୩୯(୩) ଓ ୪୪ରେ ମାମଲା (ନଂ. ଓଆର ୮୪/୨୦୨୪-୨୫) ରୁଜୁ କରି ବନବିଭାଗ ଦୁହିଁଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓଙ୍କ ସମେତ ଏସିଏଫ୍ ଅଶୋକ କୁମାର ଦାସ, ଏସିଏଫ୍ ଜିତେନ୍ଦ୍ର ବେହେରା, ପାଟଣା ରେଞ୍ଜ ଅଧିକାରୀ ଓ ପାଟଣା ଥାନା ପୋଲିସ ଉପସ୍ଥିତ ଥିଲେ।

# ଶମ୍ବର ମାଂସ ଜବତ: ୩ ଗିରଫ

ବୁଗୁଡ଼ା,୩୦।୧୨(କାଳିଚରଣ ଦାଶ)

ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ବୋରିପଦର ଗାଁ ଛକରେ ୩ ଯୁବକ ଶମ୍ବର ମାଂସ ବିକ୍ରି କରୁଥିବା ବେଳେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨ କିଲୋ ମାଂସ ସହ ଗୋଟିଏ କାତି, କାଠମୁଣ୍ଡା ଓ ବାଇକ୍ ଜବତ କରାଯାଇଛି। ବିକ୍ରେତା ୩ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ପଚ୍ଚାଧର ଗ୍ରାମର ସାଗର ନାଇକ, ବେଲଗୁଣ୍ଠା ଥାନା ଅନ୍ତର୍ଗତ ବୋରିପଦର ଗ୍ରାମର ରଞ୍ଜିତ ନାଇକ ଓ ବୁଗୁଡ଼ା ଥାନା ଅନ୍ତର୍ଗତ ନିମପଦର ଗ୍ରାମର କାର୍ତ୍ତିକ ବେହେରା। ଏନେଇ ବନ ବିଭାଗ ପକ୍ଷରୁ କେସ୍ ନଂ ୨୦୪/୨୪-୨୫ରେ ଏକ ମାମଲା ରୁଜୁ ହୋଇଥିବା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ରବିବାର ରାତିରେ ୩ ଜଣ ଯୁବକ ଏକ ଶମ୍ବର ଶିକାର କରିଥିଲେ। ସୋମବାର ସକାଳେ ସେମାନେ ବୋରିପଦର ଗାଁ ଛକରେ ଶମ୍ବର ମାଂସ ବିକ୍ରି କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ବୁଗୁଡ଼ା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ରଙ୍କ ନିର୍ଦ୍ଦେଶରେ ବନପାଳ କ୍ଷୀରୋଦ ଗୌଡ଼, ବନରକ୍ଷୀ ସୁବୋଧ ବେହେରା, ରତନ ମଲିକ ଏବଂ ଫରେଷ୍ଟ ସ୍କ୍ୱାଡ୍ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲେ।

# ଆନ୍ତଃ ରାଜ୍ୟ ବାଇକ୍ ଚୋରି ର‍୍ୟାକେଟ୍ ଠାବ

## ୧୦ ବାଇକ୍ ଉଦ୍ଧାର, ୨ ଗିରଫ

ଜଳେଶ୍ୱର, ୩୦।୧୨
(ନବୀନ ସାହୁ/ରବିନାରାୟଣ ପାତ୍ର)

ବାଲେଶ୍ୱର ଜିଲା ଜଳେଶ୍ୱର ପୋଲିସ ଆନ୍ତଃରାଜ୍ୟ ବାଇକ୍ ଚୋରି ର‍୍ୟାକେଟ ଠାବ କରିଛି। ଦୁଇ ଜଣଙ୍କୁ ଗିରଫ କରାଯିବା ସହ ଓଡ଼ିଶା ଓ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ୧୦ଟି ବାଇକକୁ ଉଦ୍ଧାର କରାଯାଇଥିବା ଜଳେଶ୍ୱର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଏସ୍‌ପି ରାଜପ୍ରସାଦ ସୂଚନା ଦେଇଛନ୍ତି। ଜଳେଶ୍ୱର ଥାନା ଅଞ୍ଚଳରୁ ବିଭିନ୍ନ ସମୟରେ ଗାଡ଼ି ଚୋରି ହେଉଥିବା ନେଇ ଥାନାରେ ଅଭିଯୋଗ ହୋଇଆସୁଥିଲା। ଆଶିଷ ରଣା ନାମକ ବ୍ୟକ୍ତିଙ୍କ ଘରୁ ଧଳା ରଙ୍ଗର ଆପାଚି ବାଇକ୍ ଗତ ନଭେମ୍ବର ୧୫ରେ ଚୋରି ହୋଇଥିଲା। ଏନେଇ ସେ ଜଳେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଏସ୍‌ପି ରାଜପ୍ରସାଦଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ଏସ୍‌ଡିପିଓ ଦିଲୀପ ସାହୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲେ। ରବିବାର ଅମ୍ବାଳିଅଠାରେ ଆଶିଷ ରଣା ବୁଲୁଥିବା ବେଳେ ନିଜ ବାଇକ୍‌କୁ ଦେଖିଥିଲେ ଏବଂ ସନ୍ଦେହ


ପୋଲିସର ଖବରଦାତା ସମ୍ମିଳନୀ।

କରି ଜଳେଶ୍ୱର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବାଇକ୍‌ଟିକୁ ଉଦ୍ଧାର କରିବା ସହିତ ୨ ଜଣଙ୍କୁ ଗିରଫ କରିଥିଲା। ଉକ୍ତ ଯୁବକଙ୍କୁ ନେଇ ଅଧିକ ତଦନ୍ତ କରିବା ପରେ ପଶ୍ଚିମବଙ୍ଗ ଦାନ୍ତୁଣ ଥାନା ଏବଂ ମୋହନପୁର ଅଞ୍ଚଳରେ ଉକ୍ତ ଯୁବକଙ୍କ ଘର ବୋଲି ସୂଚନା ମିଳିଥିଲା। ଉକ୍ତ ଯୁବକଙ୍କୁ ପଚରାଉଚୁରା କରି ସେମାନଙ୍କଠାରୁ ପୋଲିସ ମୋଟ ୧୦ ବାଇକ ଉଦ୍ଧାର କରିଥିଲା। ଆହୁରି ଅନେକ ଚୋରା ବାଇକ ଉଦ୍ଧାର ପାଇଁ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଏନେଇ ଏକ ମାମଲା (ନଂ. ୫୮୨/୨୪) ରୁଜୁ କରାଯାଇଛି। ଆଶ୍ଚର୍ଯ୍ୟ କଥା, ଆଶିଷଙ୍କ ଚୋରି ହୋଇଥିବା ବାଇକ୍‌ର ରଙ୍ଗ ଧଳା ଥିବାବେଳେ ଏବେ ତାହା ନୀଳ ହୋଇଯାଇଛି। ସେ ଥାନାକୁ ଆସି ତାଙ୍କର ପ୍ରମାଣପତ୍ର ଦେଖାଇ ଗାଡିକୁ ଥାନାରୁ ନେଇଯାଇଥିଲେ। ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଏସ୍‌ପି ରାଜପ୍ରସାଦ, ଜଳେଶ୍ୱର ଏସ୍‌ଡିପିଓ ଦିଲୀପ ସାହୁ, ଜଳେଶ୍ୱର ଆଇଆଇସି ରଞ୍ଜନ ସେଠୀ ଏବଂ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ପୋଲ ଉପରୁ ଯୁବକଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

## ପୋଲ ତଳୁ ସାଇଣ୍ଟିଫିକ୍ ଟିମ୍ ଜବତ କଲା ଲୁହା ପାଇପ୍

ବଲାଙ୍ଗୀର, ୩୦।୧୨
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର-ସମ୍ବଲପୁର ୨୬ ନମ୍ବର ଜାତୀୟ ରାଜପଥ ସତ୍ୟନାରାୟଣପଡା ନିକଟ ଲକ୍ଷ୍ମୀଯୋର ପୋଲ ଉପରୁ ବଲାଙ୍ଗୀର ଟାଉନ୍ ଥାନା ପୋଲିସ ରବିବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ମୃତଦେହ ଜବତ କରିଥିଲା। ମୃତ ଯୁବକ ଜଣକ ହେଲେ ବଲାଙ୍ଗୀର ସହର ଗେଟ୍‌ସରୋବରପଡାର ଚିଣ୍ଟୁ କରନ୍ (୨୬)। ତାଙ୍କ ମୃତଦେହ ଜବତ କରାଯାଇ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଶବାଗାରରେ ରଖାଯାଇଥିଲା। କିଭଳି ପରିସ୍ଥିତିରେ ଚିଣ୍ଟୁଙ୍କ ମୃତ୍ୟୁ ହେଲା ତାହା ସ୍ପଷ୍ଟ ହୋଇନାହିଁ। ତେବେ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଚିଣ୍ଟୁଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ଲୋକେ ହତ୍ୟାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ୫ ଜଣ ଯୁବକ ଆକ୍ରମଣ କରି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ରବିବାର ରାତିରେ ମୃତ ଚିଣ୍ଟୁଙ୍କ ସହ ଯେଉଁମାନେ ଥିଲେ, ସେମାନଙ୍କ ଗତିବିଧି


ସତ୍ୟନାରାୟଣପଡା ନିକଟ ଲକ୍ଷ୍ମୀଯୋର ପୋଲ ଉପରେ ପୋଲିସ ଟିମ୍ ଛାନ୍‌ଭିନ୍ କରୁଛନ୍ତି।

ଅନୁଧ୍ୟାନ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ସୋମବାର ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁଙ୍କୁ ପଚରାଯିବାରୁ ମୃତ ଯୁବକଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରାଯାଉଛି। ସୋମବାର ସକାଳେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ୍ କରିଥିଲେ। ସଦର ଏସ୍‌ଡିପିଓ ସାହୁ, ଟାଉନ୍ ଥାନା ଆଇଆଇସି ଅବନୀ ସାହୁଙ୍କ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ଲକ୍ଷ୍ମୀଯୋର ପୋଲ ତଳୁ ଏକ ଜରିବସ୍ତା ଢଙ୍କା ଯାଇଥିବା ଲୁହାପାଇପ୍‌କୁ ଉଦ୍ଧାର କରିଛନ୍ତି। ଏହି ଲୁହା ପାଇପ୍ ସହ ଯୁବକଙ୍କ ମୃତ୍ୟୁ ଘଟଣାର କ’ଣ ସମ୍ପର୍କ ରହିଛି ଏସ୍‌ଡିପିଓ ସାହୁ କହି ନାହାନ୍ତି। ତଦନ୍ତ ଚାଲିଛି ବୋଲି କହିଛନ୍ତି। ଅନ୍ୟପଟେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।

# କ୍ରିପ୍ଟୋ କରେନ୍ସି ନାଁରେ ୧ ଲକ୍ଷ ଠକେଇ

ବ୍ରହ୍ମପୁର,୩୦।୧୨(ସୁବାସ ଚନ୍ଦ୍ର ପାଢ଼ୀ)

କ୍ରିପ୍ଟୋ କରେନ୍ସି ନାଁରେ ବ୍ରହ୍ମପୁର ହାତୀବନ୍ଧ ସାହିର ଜଣେ ଯୁବକଙ୍କଠାରୁ ସାଇବର ଠକ ପ୍ରାୟ ୧ ଲକ୍ଷ ଟଙ୍କା ଠକି ନେଇଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଯୁବକଙ୍କ ନିକଟକୁ ଜଣେ ବ୍ୟକ୍ତି ଫୋନ କରି ‘ୟୁ-କଏନ’ ନାମକ ଏକ ଆପ୍‌ରେ କ୍ରିପ୍ଟୋ କରେନ୍ସି ଟ୍ରେଡିଂ କରିବାକୁ ପରାମର୍ଶ ଦେଇଥିଲେ। ତଦନୁସାରେ ଯୁବକ ଜଣକ ଫୋନ ପେ’ ଜରିଆରେ ପ୍ରାୟ ୧ ଲକ୍ଷ ଟଙ୍କା ନିବେଶ କରିଥିଲେ। ପରେ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇ ପ୍ରଥମେ ସାଇବର ଥାନାରେ ଅଭିଯୋଗ କରିଥିଲେ। ପରେ ବ୍ରହ୍ମପୁର ଏସପିଙ୍କୁ ସାକ୍ଷାତ କରିବା ସହ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୬୦୬/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଚାଉଳ ଭାଜିଲି ଝାଇଁ
ବାଟଘର କଲି ତୋହରି ପାଇଁ
ଦିନେ ପଚାରିଲୁ ନାହିଁ।

ନିକଟବର୍ତ୍ତୀ ସ୍ଥାନରେ ସମ୍ପର୍କ ସ୍ଥାପନର ବିପରୀତ ପ୍ରତିକ୍ରିୟା। ବାଟଘର ଦେଇ ସାଇର ଓ ବାହାର ଲୋକ ଯିବା ଆସିବା କରନ୍ତି। ମନର ମାନସୀ କାଳେ ଆସିବ ତାକୁ ଟିକିଏ ଦେଖିବା ଲାଗି ବାଟଘର କଲା, ତଥାପି ଆଶା ନିରାଶାରେ ରହିଗଲା। ଫଳସ୍ୱରୂପ ମନରେ ଖେଦଭାବ ସୃଷ୍ଟି ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଚଇତ
ଶୀତ ଯାଏ ବୋଇତା।

ବରଷକ ବାରମାସରୁ ଚାରିମାସ ଶୀତର ପ୍ରକୋପ ରହିଥାଏ। ତେବେ ଚଇତ ବା ଚୈତ୍ରମାସ ବେଳକୁ ଶୀତ ଆଉ ଲାଗି ନ ଥାଏ। ଏହା ପୂରାପୂରି ଛାଡ଼ି ଚାଲିଯାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡ୍‌ସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଧରାପଡ଼ିଲେ ୧୩ ଶିକାରୀ


ଗିରଫ ଶିକାରୀ ଓ ଜବତ ଶିକାର ସରଞ୍ଜାମ।

## ବନ୍ଧୁକ, ଶିକାର ସରଞ୍ଜାମ ଜବତ

ବାରିପଦା,୩୦।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଲଗାଯାଇଥିବା ଏଆଇ କ୍ୟାମେରା ମାଧ୍ୟମରେ ବନ ବିଭାଗ ୧୩ ଶିକାରୀଙ୍କୁ ଧରିଛି। ଅଭିଯୁକ୍ତମାନେ ହେଲେ କରଞ୍ଜିଆ ଥାନା ଅଧୀନ ରାଣୀଭୋଳ ଗ୍ରାମର ହରି ବନସିଂ, ଚନ୍ଦ୍ର ମୋହନ ସୟା, ଧନେଶ୍ୱର ସୟା ଓ ବୁଧିରାମ ସିଙ୍କୁଇ, ଅଁଳାକଟା ଗ୍ରାମର ବିଜୟ ବାନ୍ଦ୍ରା, ଜୟରାମ ବାନ୍ଦ୍ରା, ହିନ୍ଦୁରାମ ବାନ୍ଦ୍ରା, ଖେଜୁରି ବାନ୍ଦ୍ରା ଓ ମଙ୍ଗଳ ବାନ୍ଦ୍ରା, ଦୁଧିଆଣୀ ଗ୍ରାମର ଦୁମ୍ଭି ଗାଦୁଆ, ପାଗୁ ମାରାଣ୍ଡି ଓ ମଙ୍ଗଳ ଆଲଦା ଏବଂ ରାମଯୋଡ଼ି ଗ୍ରାମର ଗୁରୁ ଚରଣ କେରାଇ। ସେମାନଙ୍କ ନିକଟରୁ ୧୩ଟି ଧନୁ, ୩୩ଟି ତୀର, ଗୋଟିଏ ଦେଶୀ ବନ୍ଧୁକ ସମେତ ଶିକାର ସରଞ୍ଜାମ ଜବତ କରାଯାଇଛି। ବନ୍ୟଜନ୍ତୁ ଶିକାର ଅଭିଯୋଗରେ ୦୨ ଏନ୍‌ପି/୨୦୨୩-୨୦୨୪ ଅନୁଯାୟୀ ମାମଲା ରୁଜୁ ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଗତ ନଭେମ୍ବର ୨୪ରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର କୋର୍(ଆଭ୍ୟନ୍ତରୀଣ) ଅଞ୍ଚଳରେ ଶିକାରୀମାନେ ପ୍ରବେଶକରି ବନ୍ୟଜନ୍ତୁ ଶିକାର କରିଥିଲେ। ଏଆଇ କ୍ୟାମେରା ଦ୍ୱାରା ଏହାର ଚିତ୍ର ସଙ୍ଗେ ସଙ୍ଗେ ବନ ବିଭାଗର ହସ୍ତଗତ ହୋଇଥିଲା। ଏହି ଚିତ୍ର ଦେଖି ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଶିକାରୀଙ୍କୁ ଠାବ କରିଥିଲେ। ସେମାନଙ୍କ ଘରେ ଚଢ଼ାଉକରି ବ୍ୟାପକ ଶିକାର ସରଞ୍ଜାମ ଜବତ କରିଥିଲେ। ତେବେ ବନ୍ଧୁକ ଜବତ ଘଟଣାରେ ଆର୍ମସ ଆକ୍ଟରେ ପୋଲିସ ଅନ୍ୟ ଏକ ମାମଲା ରୁଜୁକରିଛି। ଶିକାରୀ ଓ କାଠ ବ୍ୟବସାୟୀଙ୍କ ଅନୁପ୍ରବେଶକୁ ରୋକିବାରେ ଏଆଇ କ୍ୟାମେରା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଏଥିରେ ସଫଳତା ମିଳୁଥିବାରୁ ୧ ବର୍ଷ ମଧ୍ୟରେ ୧ ହଜାରରୁ ଉର୍ଦ୍ଧ୍ୱ ଏଆଇ କ୍ୟାମେରା ଲଗାଯିବ ବୋଲି ବିଭାଗ ସୂଚନା ଦେଇଛି।

# ୫୦ଟଙ୍କା ପାଇଁ ଲକ୍ଷେ ୨୦ହଜାର ଦଣ୍ଡ

## ଖାଉଟି ଅଦାଲତ ଦ୍ୱାରା ବିଦେଶୀ ମଦ ଦୋକାନୀ ଦଣ୍ଡିତ

ନୂଆପଡ଼ା,୩୦।୧୨
(ମକାରୁ ବେମାଲ)

୫୦ଟଙ୍କା ପାଇଁ ଜଣେ ମଦ ଦୋକାନୀ ଲକ୍ଷେ ୨୦ହଜାର ଟଙ୍କା ଦଣ୍ଡ ଗଣିବେ। ଖାଉଟି ଅଦାଲତଙ୍କ ଦ୍ୱାରା ରବିବାର ପ୍ରକାଶ ପାଇଥିବା ଏଭଳି ରାୟ ନୂଆପଡ଼ା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଜିଲା ସଦର ମହକୁମାସ୍ଥିତ ବିଜୁ ଏକ୍ସପ୍ରେସ୍ ୱେ କଡରେ ଥିବା ବିଦେଶୀ ଠିପି ବନ୍ଦ ମଦ ଦୋକାନୀ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ନେବା ଅଭିଯୋଗରେ ଖାଉଟି ଅଦାଲତ ଦ୍ୱାରା ଦଣ୍ଡିତ ହୋଇଛନ୍ତି। ମଦ ଦୋକାନୀ ସନ୍ତୋଷ କୁମାର ଗୁପ୍ତା ଦୁଇଟି ପୃଥକ୍ ମାମଲାରେ ଅଭିଯୋଗକାରୀଙ୍କୁ ୫୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ ନୂଆପଡ଼ା ସହରର ତୋପରାମ ରାଉତ ଓ ଗଣେଶ ଚନ୍ଦ୍ର ନାଗ ୨୦୨୩ ଏପ୍ରିଲ ୯ରେ ନୂଆପଡ଼ାସ୍ଥିତ ଗୁପ୍ତା ଠିପି ବନ୍ଦ ବିଦେଶୀ ମଦ ଦୋକାନକୁ ଆସି ୩୭୫ ମି.ଲି.ର ଏକ ବିଦେଶୀ ମଦ (ରୟାଲ ଷ୍ଟାଗ୍) ବୋତଲ ମାଗିଥିଲେ। ସେଥିରେ ଏମ୍‌ଆର୍‌ପି ୩୫୦ ଟଙ୍କା ରହିଥିଲା। ହେଲେ ଦୋକାନୀ ୪୨୦ ଟଙ୍କା ଦେବାକୁ କହିଥିଲେ। ଗ୍ରାହକମାନେ ପ୍ରତିବାଦ କରିବାରୁ ଶେଷରେ ଦୋକାନୀ ଧାର୍ଯ୍ୟ ମୂଲ୍ୟଠାରୁ ୫୦ଟଙ୍କା ଅଧିକ ନେଇଥିଲେ। ଏହା ବିରୋଧରେ ଦୁଇ ଗ୍ରାହକ ଜିଲା ଅବକାରୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଠାରେ ନ୍ୟାୟ ନ ମିଳିବାରୁ ସେମାନେ ଜିଲା ଖାଉଟି ଅଦାଲତରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଖାଉଟି ଅଦାଲତ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ସଦସ୍ୟ ହଳଧର ପଧାନଙ୍କ ଖଣ୍ଡପୀଠ ମାମଲାର ବିଚାର କରି ମଦ ଦୋକାନୀ ଗୁପ୍ତାଙ୍କୁ ଦୋଷୀ ସାବ୍ୟସ୍ତ କରି ନିର୍ଦ୍ଦେଶନାମା ପାଇବାର ୩୦ଦିନ ଭିତରେ ୫୦ ହଜାର ଟଙ୍କା ଲେଖାଏ ଜରିମାନା ଓ କେସ୍ ଖର୍ଚ୍ଚ ବାବଦକୁ ୧୦ ହଜାର ଟଙ୍କା ଲେଖାଏ ୨ ଅଭିଯୋଗକାରୀଙ୍କୁ ଫେରାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଖିଲାପ କଲେ ବାର୍ଷିକ ସୁଧ ୧୫% ଲାଗୁ ହେବ। ଏହାସହିତ ଅସୁଲି କରିଥିବା ଅଧିକ ୫୦ ଟଙ୍କାର ବାର୍ଷିକ ୧୮% ସୁଧ ହାରରେ ଫେରାଇବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗ୍ଲୋବାଲ୍ ର୍‌ୟାଙ୍କିଙ୍ଗରେ ଭାରତର ଅଗ୍ରଗତି

ଭୁବନେଶ୍ୱର,୩୦।୧୨(ଅନୁରାଧା ମହାରଣା)



ଗତ ଦଶନ୍ଧି ମଧ୍ୟରେ କେନ୍ଦ୍ର ସରକାରଙ୍କ ଅନୁକୂଳ ନୀତି ଏବଂ ବ୍ୟାପକ ସଂସ୍କାର ଯୋଗୁଁ ଭାରତ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଏହା ସହିତ ବିଶ୍ୱ ସ୍ତରରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚକାଙ୍କରେ ଭାରତର ମାନ୍ୟତାରେ ଉଲ୍ଲେଖନୀୟ ଉନ୍ନତି ହୋଇଛି । ଭାରତର ଲଜିଷ୍ଟିକ ପ୍ରଦର୍ଶନ ସୂଚକାଙ୍କ (ଏଲପିଆଇ) ୨୦୨୩ରେ ୧୬ଟି ସ୍ଥାନ ଉନ୍ନୀତ ହୋଇଥିଲା। ବର୍ତ୍ତମାନ ୧୩୯ ଦେଶ ମଧ୍ୟରେ ଭାରତ ୩୮ ତମ ସ୍ଥାନରେ ପହଞ୍ଚିଛି, ଯାହା ଏକ ବଡ଼ ସଫଳତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଗ୍ଲୋବାଲ ଇନୋଭେଶନ ଇଣ୍ଡେକ୍ସ (ଜିଆଇଆଇ) ୨୦୨୪ରେ ଭାରତର ର୍‌ୟାଙ୍କ ୩୯ ତମ ସ୍ଥାନକୁ ଉନ୍ନୀତ ହୋଇଛି। ୨୦୧୫ରେ ଏହି ର୍‌ୟାଙ୍କ୍ ୮୧ ତମ ସ୍ଥାନରେ ଏବଂ ୨୦୧୪ରେ ୭୧ ତମ ସ୍ଥାନରେ ଥିଲା। କେନ୍ଦ୍ର ସରକାରଙ୍କ ଦ୍ୱାରା ଷ୍ଟାର୍ଟଅପ ଇକୋସିଷ୍ଟମକୁ ମଜବୁତ କରିବା କାରଣରୁ ଦେଶର ନବସୃଜନ ସମ୍ଭାବନାରେ ଏକ ବଡ଼ ବୃଦ୍ଧି ଘଟିଛି। ୨୦୨୪ରେ ପ୍ରଥମ ଥର ପାଇଁ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୭୦୦ ବିଲିୟନ ଡଲାର ଅତିକ୍ରମ କରିଥିଲା। ଫଳସ୍ୱରୂପ, ଚୀନ, ଜାପାନ ଏବଂ ସ୍ୱିଜରଲ୍ୟାଣ୍ଡ ପରେ ଭାରତ ସର୍ବଭାରତୀୟ ସ୍ତରରେ ଚତୁର୍ଥ ସ୍ଥାନରେ ପହଞ୍ଚିଛି। ସୂଚନା ଥାଉକି, ଗତ ଦଶନ୍ଧିରେ (ଏପ୍ରିଲ ୨୦୧୪ ଏପ୍ରିଲରୁ ସେପ୍ଟେମ୍ବର ) ଭାରତରେ ୭୦୯.୮୪ ବିଲିୟନ ଡଲାରର ଏଫଡିଆଇ ପ୍ରବାହ ହୋଇଛି, ଯାହା ଗତ ୨୪ ବର୍ଷ ମଧ୍ୟରେ ମୋଟ ଏଫଡିଆଇ ପ୍ରବାହର ୬୮.୬୯% ରହିଛି।

ସେହିପରି ଭାରତର ଜିଡିପି ର୍‌ୟାଙ୍କିଙ୍ଗରେ ମଧ୍ୟ ଯଥେଷ୍ଟ ଉନ୍ନତି ହୋଇଛି। ୨୦୧୪ରେ ଭାରତ ୧୦ମ ସ୍ଥାନରେ ଥିବାବେଳେ ବର୍ତ୍ତମାନ ଏହା ୫ମ ସ୍ଥାନରେ ରହିଛି। ଆକଳନ ଅନୁଯାୟୀ, ଆସନ୍ତା ୩ରୁ ୪ ବର୍ଷ ମଧ୍ୟରେ ଭାରତ ଜର୍ମାନୀ ଏବଂ ଜାପାନକୁ ଅତିକ୍ରମ କରି ବିଶ୍ୱର ୩ୟ ବୃହତ୍ତମ ଅର୍ଥନୀତି ହେବ। ବିଶ୍ୱ ବାଣିଜ୍ୟ, ନବସୃଜନ ଏବଂ ଆର୍ଥିକ କ୍ଷେତ୍ରରେ ଭାରତର ବଢୁଥିବା ଶକ୍ତି ସୂଚାଇ ଦେଉଛି ଯେ, ଏହା ଆଗାମୀ ବର୍ଷରେ ବିଶ୍ୱ ଶକ୍ତି ଭାବରେ ନିଜର ସ୍ଥିତିକୁ ଆହୁରି ଦୃଢ଼ କରିବ ବୋଲି ଆଶା କରାଯାଉଛି।

# ଖସିଲା ଶେୟାର ବଜାର

ମୁମ୍ବାଇ,୩୦।୧୨

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୫୧ (୪୫୦.୯୪) ପଏଣ୍ଟ କମି ୭୮,୨୪୮ (୭୮,୨୪୮.୧୩) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୬୮(୧୬୮.୫୦) ପଏଣ୍ଟ ହ୍ରାସ ଘଟି ୨୩,୬୪୫ (୨୩,୬୪୪.୯୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

# ୨୦୨୪ରେ ୪,୪୯,୦୨୨ ବିରିୟାନି ଅର୍ଡର

ଭୁବନେଶ୍ୱର,୩୦।୧୨ (ଅଭୟ ଦାଶ)

ବ୍ୟସ୍ତବହୁଳ ଜୀବନ ମଧ୍ୟରେ ସବୁ ବର୍ଗର ଗ୍ରାହକ ଅନ୍‌ଲାଇନ ଜରିଆରେ ଅତ୍ୟାବଶ୍ୟକ ସାମଗ୍ରୀଠାରୁ ଆରମ୍ଭକରି ଖାଦ୍ୟ ପଦାର୍ଥ ପର୍ଯ୍ୟନ୍ତ ଅର୍ଡର କରୁଛନ୍ତି। ଏପରିକି ଭୁବନେଶ୍ୱରବାସୀ ୨୦୨୪ରେ ୪,୪୯,୦୨୨ ଚିକେନ ବିରିୟାନି ଅର୍ଡର କରିଥିଲାବେଳେ ଅନ୍‌ଲାଇନ ମାଧ୍ୟମରେ ଅନ୍ୟାନ୍ୟ ଖାଦ୍ୟ ତୁଳନାରେ ସର୍ବାଧିକ ଗ୍ରାହକ ବିରିୟାନି ଅର୍ଡର କରିଛନ୍ତି। ସେହିଭଳି ଏହି ସମୟ ମଧ୍ୟରେ ଡିନର ପାଇଁ ୧୪ ଲକ୍ଷ ଅର୍ଡର ହୋଇଥିଲାବେଳେ ଚୋକୋଲାଭା କେକ୍ ପାଇଁ ୨୨,୭୪୩ ଅର୍ଡର ହୋଇଛି। ଏପରିକି ୮,୨୫୪ରୁ ଅଧିକ ଏଗ୍‌ଲେସ୍ ଚକୋଲେଟ୍ କେକ୍ ଅର୍ଡର ହୋଇଥିବାବେଳେ ୧୯,୫୬୦ ଟଙ୍କା ମୂଲ୍ୟର ସର୍ବବୃହତ୍ ସିଙ୍ଗଲ ଅର୍ଡର କରାଯାଇଛି। ଯେଉଁଥିରେ ହୁନାନ ଚିଙ୍ଗୁଡ଼ି, ପାନ୍ ଫ୍ରାଏଡ୍ ଚିଲି ଫିସ, ହାକ୍କା ନୁଡଲ୍ସ ସମେତ ୩୭ ପ୍ରକାରର ବିଦେଶୀ ଚାଇନିଜ୍ ବ୍ୟଞ୍ଜନ ସାମିଲ ରହିଛି। ଏ ସମ୍ପର୍କରେ ସ୍ୱିଗି ଫୁଡ୍ ମାର୍କେଟପ୍ଲେସ୍‌ର ମୁଖ୍ୟ ବ୍ୟବସାୟ ଅଧିକାରୀ ସିଦ୍ଧାର୍ଥ ଭାକୁ କହିଛନ୍ତି, ଭୁବନେଶ୍ୱରବାସୀ ସ୍ୱିଗିର ସୁବିଧାକୁ ଗ୍ରହଣକରି ଆମକୁ ସେମାନଙ୍କର ପ୍ରତ୍ୟେକ ଉତ୍ସବରେ ସାମିଲ କରିଛନ୍ତି। ଏପରିକି ଆମେ ଏହି ଯାତ୍ରାର କେନ୍ଦ୍ରରେ ରହି ଗର୍ବ ଅନୁଭବ କରୁଛୁ। ଏହା ସହ ସମଗ୍ର ଭାରତରେ ଅନେକ ଲକ୍ଷ ଲୋକଙ୍କୁ ସେମାନଙ୍କର ପ୍ରିୟ ରୋଷେଇର ଆନନ୍ଦ ନେବାରେ ସାହାଯ୍ୟ ମଧ୍ୟ କରୁଛୁ। ସୁବିଧା ପ୍ରଦାନ କରିବାର ପ୍ରତିଶ୍ରୁତି ସହ ଆମେ ଦେଶର କୋଣ ଅନୁକୋଣରେ ଅସାଧାରଣ ଖାଦ୍ୟ ଅନୁଭୂତି ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛୁ। ସେହିପରି ଫୁଡ୍ ଡେଲିଭରି ପ୍ଲାଟ୍‌ଫର୍ମ ସ୍ୱିଗି ପକ୍ଷରୁ ନିକଟରେ ପ୍ରକାଶିତ ଏକ ସର୍ଭେ ରିପୋର୍ଟରୁ ଉପରୋକ୍ତ ସମସ୍ତ ତଥ୍ୟ ଜଣାପଡ଼ିଛି। ବିଶେଷକରି ସ୍ୱାଦିଷ୍ଟ ଚିକେନ୍ ବିରିୟାନି ଏବଂ ଚିକେନ୍ ଗ୍ରେଭିଠାରୁ ଆରମ୍ଭକରି ଚିକେନ୍ ରୋଲ୍ସ ଏବଂ ଚିକେନ୍ ମୋମୋସ୍ ଭଳି ସ୍ଥାନୀୟ ପସନ୍ଦଗୁଡ଼ିକ ସହରବାସୀଙ୍କ ଖାଦ୍ୟ ତାଲିକାର ଶୀର୍ଷରେ ରହିଛି।

# ଇଉଜେନିକ୍ସର ସ୍ୱତନ୍ତ୍ର କର୍ମଶାଳା

ନୂଆଦିଲ୍ଲୀ,୩୦।୧୨

ଦେଶର ପ୍ରମୁଖ କେଶ ପ୍ରତିରୋପଣ କ୍ଲିନିକ୍ ଇଉଜେନିକ୍ସ ହେୟାର୍ ସାଇନ୍ସ (ଇଉଜେନିକ୍ସ)ର ସ୍ୱତନ୍ତ୍ର କର୍ମଶାଳା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଲିଉଡ ଅଭିନେତା ବୋନୀ କପୁର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର କେଶ ପୁନରୁଦ୍ଧାର ଯାତ୍ରା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।

ସେହିଭଳି ଇଉଜେନିକ୍ସର ସହ-ସଂସ୍ଥାପକ ଡା. ପ୍ରଦୀପ୍ ସେଠୀ ଏବଂ ଡା. ଆରିକା ବାନସଲ୍ ଏହି କର୍ମଶାଳାରେ ଯୋଗଦେଇ ଉନ୍ନତ କେଶ ପୁନରୁଦ୍ଧାର ଟେକ୍ନୋଲୋଜି ସମ୍ପର୍କରେ ଅବଗତ କରାଇବା ସହିତ ବର୍ତ୍ତମାନର ଚିକିତ୍ସା ପ୍ରଣାଳୀ ଆଦି ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରାଇଥିଲେ।

# ଅଗ୍ରଣୀ ବ୍ରାଣ୍ଡ ଉପରେ ଆକର୍ଷଣୀୟ ଅଫର

ନୂଆଦିଲ୍ଲୀ,୩୦।୧୨

ନବ ବର୍ଷକୁ ନୂଆ ସାମଗ୍ରୀ ସହ ଅଗ୍ରଣୀ ବ୍ରାଣ୍ଡର ଘରକରଣା ଜିନିଷ ଆଦିକୁ ଆକର୍ଷଣୀୟ ଅଫର ଜରିଆରେ କ୍ରୟ କରିବାକୁ ଆମାଜନ.ଇନର ସ୍ୱତନ୍ତ୍ର ହୋମ୍ ସପିଂ ଷ୍ଟୋର ଶୁଭାରମ୍ଭ କରାଯାଇଛି। ଯେଉଁଥିରେ ୱାଟର ହିଟର, ରୋଷେଇ ଉପକରଣ, ଆସବାବପତ୍ର ସମେତ ବିଭିନ୍ନ ଉତ୍ପାଦ ଆଦି ଉପରେ ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ଓ କ୍ୟାସବ୍ୟାକ୍‌ର ସୁବିଧା ଯୋଗାଇ ଦିଆଯାଉଛି। ଏପରିକି ଗ୍ରାହକମାନେ ଏହି ସ୍ୱତନ୍ତ୍ର ସୁବିଧାର ଲାଭ ସ୍ୱଳ୍ପ ଅବଧି ମଧ୍ୟରେ ଉଠାଇପାରିବେ। ଏହି ଅଫରର ଅବଧି ୨୦୨୫ଜାନୁଆରୀ ୩ ରୁ ୭ ପର୍ଯ୍ୟନ୍ତ ରହିଛି। ଏହା ଜରିଆରେ ଗ୍ରାହକ ଓରିଏଣ୍ଟ, ହାଭେଲ୍ସ, ବୋଶ, ଲାଇଫଲଙ୍ଗ ଭଳି ଅଗ୍ରଣୀ ବ୍ରାଣ୍ଡର ଉତ୍ପାଦଗୁଡ଼ିକୁ ପାଇପାରିବେ।

ସେହିଭଳି ଗ୍ରାହକମାନେ ସ୍ୱତନ୍ତ୍ର କୁପନ ମାଧ୍ୟମରେ ମଧ୍ୟ ଅତରିକ୍ତ କ୍ୟାଶବ୍ୟାକ ସୁବିଧା ସହିତ ଏଚଡିଏଫସି, ଆଇଡିଏଫସି ଏବଂ ଫେଡେରାଲ ବ୍ୟାଙ୍କ କାର୍ଡରେ ମଧ୍ୟ ୧୦% ପର୍ଯ୍ୟନ୍ତର ତୁରନ୍ତ ବ୍ୟାଙ୍କ ଡିସକାଉଣ୍ଟ ପାଇପାରିବେ। ଏପରିକି ବିକ୍ରେତାଙ୍କ ଠାରୁ ଆକର୍ଷଣୀୟ ଡିଲ୍ ସହିତ ଆମାଜନ.ଇନ ଉପରେ କିଛି ଲୋକପ୍ରିୟ ହୋମ୍, କିଚେନ୍ ଏବଂ ଆଉଟଡୋର୍ ଉତ୍ପାଦ ମଧ୍ୟରେ ଏହି ସୁବିଧା ସାମିଲ ରହିଛି।

ଉଲ୍ଲେଖଯୋଗ୍ୟ, ଏହି ସମୟ ମଧ୍ୟରେ ଓରିଏଣ୍ଟ ଇଲେକ୍ଟ୍ରିକ୍ ଆରେଭା ପୋର୍ଟେବଲ୍ ରୁମ୍ ହିଟରର ମୂଲ୍ୟ ମାତ୍ର ୧୪୯୯ ଟଙ୍କା ରହିଥିଲାବେଳେ ହାଭେଲ୍ସ ଆଡୋନିଆ ସ୍ୱିନ୍ ୨୫ଲିଟର ଷ୍ଟୋରେଜ୍ ୱାଟର ହିଟର ମାତ୍ର ୧୧,୪୯୯ ଟଙ୍କା, ବୋସ୍ ପ୍ରଫେସନାଲ ଜିଡବ୍ଲ୍ୟୁଏସ ୬୦୦ ଆଙ୍ଗେଲ ଗ୍ରାଇଣ୍ଡର ମାତ୍ର ୨୧୯୯ ଟଙ୍କା, ବୋସ୍ ପ୍ରଫେସନାଲ ଜିଏସବି ୫୦୦ ଆରଇ କୋର୍ଡେଡ୍-ଇଲେକ୍ଟ୍ରିକ୍ ଡ୍ରିଲ୍ ଟୁଲ୍ ସେଟ୍ ମାତ୍ର ୩୬୯୯ ଟଙ୍କା,ଲାଇଫଲଙ୍ଗ ଫିଟ୍ ପ୍ରୋ (୨.୫ ଏଚପି ପିକ୍) ମାନୁଆଲ୍ ଇନକ୍ଲାଇନ୍ ମୋଟରାଇଜଡ଼ ଟ୍ରେଡମିଲ୍ ମାତ୍ର ୧୬,୯୯୯ ଟଙ୍କା, ଗ୍ରୀନ୍ ସୋଲ୍ ଜୁପିଟର ସୁପରବ ଅଫିସ ଚେୟାର ମାତ୍ର ୮୯୯୯ ଟଙ୍କା, କ୍ରସକଟ ଫର୍ଣ୍ଣିଚର ମେଟାଲ ଫ୍ଲୋର ଲ୍ୟାମ୍ପ ମାତ୍ର ୧୫୯୯ ଟଙ୍କା, ବିଏସ୍ ବି ହୋମ୍ ମାଇକ୍ରୋଫାଇବର ଅଲ୍ ସିଜିନ୍ କର୍ଟର ମାତ୍ର ୭୪୯ ଟଙ୍କା ଏବଂ ଅଲଆଉଟ୍ ଅଲ୍ଟ୍ରା ଲିକ୍ୱିଡ୍ ଭାପୋରାଇଜର୍ ମାତ୍ର ୩୬୫ ଟଙ୍କାରେ ଉପଲବ୍ଧ ରହିଛି।

# ଆହୁରି ବିଗିଡ଼ିବ ମୋଟ ଖରାପ ଋଣ ଅନୁପାତ: ଆରବିଆଇ

ଭୁବନେଶ୍ୱର,୩୦।୧୨(ଅନୁରାଧା ମହାରଣା)

ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ସୋମବାର ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଯଦି ଋଣ ଗୁଣବତ୍ତା, ସୁଧ ହାର ଏବଂ ଭୌଗୋଳିକ ନୀତି ଦ୍ୱାରା ସୃଷ୍ଟି ହୋଇଥିବା ବିପଦ ସାମ୍ନାକୁ ଆସେ ତେବେ ଭାରତୀୟ ବ୍ୟାଙ୍କର ମୋଟ ଖରାପ ଋଣ ଅନୁପାତ ୧୨ ବର୍ଷର ନିମ୍ନସ୍ତରକୁ ବୃଦ୍ଧି ପାଇପାରେ। ମୋଟ ଖରାପ ଋଣ ଅନୁପାତ ହେଉଛି ଖରାପ ସମ୍ପତ୍ତିର ମୋଟ ଋଣ ସହିତ ଅନୁପାତ। ୪୬ ବ୍ୟାଙ୍କ ପାଇଁ ଏହି ପ୍ରମୁଖ ମାନଦଣ୍ଡ ୨୦୨୪ ସେପ୍ଟେମ୍ବରରେ ୧୨ ବର୍ଷର ସର୍ବନିମ୍ନ ୨.୬%ରୁ ୨୦୨୬ ମାର୍ଚ୍ଚ ସୁଦ୍ଧା ତଥାକଥିତ ବେସଲାଇନ ଦୃଶ୍ୟ ଅନୁଯାୟୀ ୩%କୁ ବୃଦ୍ଧି ପାଇପାରେ ବୋଲି ଆରବିଆଇ କହିଛି। ଆର୍ଥିକ ସ୍ଥିରତା ଦୁଇଟି ଭିନ୍ନ ବିପଦପୂର୍ଣ୍ଣ ପରିସ୍ଥିତିରେ ଖରାପ ଋଣ ଅନୁପାତ ୫ ପ୍ରତିଶତ ଏବଂ ୫.୩ ପ୍ରତିଶତକୁ ବୃଦ୍ଧି ପାଇପାରେ ବୋଲି ଆକଳନ କରାଯାଉଛି। ଆରବିଆଇ ସୂଚନାନୁସାରେ, ଯଦିଓ ବ୍ୟାଙ୍କର ମୋଟ ପୁଞ୍ଜି ଅନୁପାତ ହ୍ରାସ ହୋଇପାରେ ମାତ୍ର କୌଣସି ଋଣଦାତା ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ସର୍ବନିମ୍ନ ପୁଞ୍ଜି ଆବଶ୍ୟକତା ୯%ରୁ କମ ରହିବ ନାହିଁ।


# Classified Everyday

0674-2580101, 9692975378



REAL ESTATE

SALE

Bhubaneswar BDA approved apartment adjacent Times Gurukul near Kalinganagar DAV, KV, Sum Hospital. 7008459987. D-76220

Official space & shops (BMC & RERA approved) for sale in a prime location of BBSR. For details please contact: 7605932509. D-2319

Ready to move 2 BHK flat for sale @ 22 lakh near Gudiapokhari, Bhubaneswar. Call- 9437631769. D-2373

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9040023313, 9938015048. D-2434

Gharabari converted plots available near Hitech Square, Sundarpada, Bhubaneswar. For more details contact- 9777554170, 7978874990. D-2433

4 BHK luxurious flat for sale at Unit-3, Kharavelanagar, back side of Ram Mandir. Handover within 2 months. Please contact: 9438362399. D-2395

ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ - 7008052921. D-76228




Newly open Spa positively Health benefit with expert. Contact: 7847834544. D-2365

AFFIDAVIT

I, Bhaskar Jyotiraditya Nial, S/o- Bhawani Shankar Nial resident of Arkabahali Pada, Bhawanipatna, Dist.- Kalahandi, Odisha, Pin-766001 declare by this affidavit No-1542/ dated 30.12.2024 and Stamp Paper Sl. No. 69AA 688094 that now onwards I shall be known as Bhashkara Jyotiraditya Nial for all future purpose. D-2436

By virtue of an affidavit sworn before Executive Magistrate, Bhubaneswar dated 28.10.2024, I, KATOKOTA SAIRAJ, Address: At- Mausimaa Gali, P.S.- Puri, Dist.- Puri, Odisha declare that I have changed my name from K SAIRAJ to KATOKOTA SAIRAJ. Henceforth, I shall be known as KATOKOTA SAIRAJ for all purposes. KATOKOTA SAIRAJ D-2437

By virtue of an affidavit sworn before Executive Magistrate, Dharamsala dated 13.12.2024, I, Kanakalata Mallick, Address: At- Naupal, P.O.- Kaima, P.S.- Dharamsala, Dist.- Jajpur, Pin- 755008 declare that I have changed my name from Kalpana Mallick to Kanakalata Mallick. I shall be known as Kanakalata Mallick for all purposes. D-2438

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



୰ସୁନ୍ଦରୀମଣି ସାହୁ

ପ୍ଲଟ୍ 1518/2488, ନ୍ୟୁ ଫରେଷ୍ଟପାର୍କ, ଭୁବନେଶ୍ୱର
ଆବିର୍ଭାବ- 17.03.1939
ତିରୋଧାନ- 21.12.2024

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶ୍ରଦ୍ଧାଞ୍ଜଳି ସହ- ପରିବାରବର୍ଗ ।

ଧ-୭୧୩୯୫


# ଚାୟା ଏମ୍‌ଭି ଏସ୍‌ବିଆଇ ଲାଇଫ୍ ସ୍ପେଲ୍ ବି ବିଜେତା

ନୂଆଦିଲ୍ଲୀ,୩୦।୧୨




ଏସ୍‌ବିଆଇ ଲାଇଫ୍‌ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ବନାନ ପ୍ରତିଯୋଗିତା 'ଏସ୍‌ବିଆଇ ଲାଇଫ ସ୍ପେଲ୍ ବି ସିଜନ-୧୪ର ଗ୍ରାଣ୍ଡ ଫିନାଲେ କୋଲକାତାଠାରେ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଏସ୍‌ବିଆଇ ଲାଇଫ ଏବଂ ମିର୍ଚିର ମିଳିତ ସହଯୋଗରେ ଆୟୋଜିତ ଏହି ଜାତୀୟସ୍ତରର ପ୍ରତିଯୋଗିତାରେ ବେଙ୍ଗାଲୁରୁ ଆର୍‌ଟି ନଗର ପ୍ରେସିଡେନ୍ସି ସ୍କୁଲର ୧୩ବର୍ଷୀୟ ବିଦ୍ୟାର୍ଥୀ ଚାୟା ଏମ ଭି ଚାମ୍ପିୟନ ହୋଇଛନ୍ତି। ସେହିଭଳି ଅଷ୍ଟମ ଶ୍ରେଣୀରେ ପାଠପଢୁଥିବା ଛାତ୍ରୀ ଚାୟା' ସ୍ପେଲ୍ ମାଷ୍ଟର ଅଫ ଇଣ୍ଡିଆ' ଟାଇଟଲ ହାସଲ କରିଥିଲାବେଳେ ଜୟପୁର କେମ୍ବ୍ରିଜ କୋର୍ଟ ହାଇସ୍କୁଲର ୧୩ବର୍ଷୀୟ ଛାତ୍ର ମେଧାଂଶ ଭଦାଦି ପ୍ରଥମ ଉପ ବିଜେତା ଏବଂ ହାଇଦ୍ରାବାଦର କେନେଡି ହାଇ ଗ୍ଲୋବାଲ ସ୍କୁଲର ୧୪ବର୍ଷୀୟ ଛାତ୍ର ୟାଶ୍ୱିନ ପଚାଉରି ଦ୍ୱିତୀୟ ଉପ ବିଜେତା ହୋଇଛନ୍ତି।

ଏହି ଅବସରରେ ବଲିଉଡ୍ ଅଭିନେତ୍ରୀ ମନ୍ଦିରା ବେଦୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଅପରପକ୍ଷରେ ଏସ୍‌ବିଆଇ ଲାଇଫ୍ ସ୍ପେଲ୍ ବି ସିଜନ-୧୪ର ଜାତୀୟ ଚାମ୍ପିୟନଙ୍କୁ ୧,୦୦,୦୦୦ ଟଙ୍କାର ପୁରସ୍କାର ସମେତ ନିଜ ପିତାମାତାଙ୍କ ସହିତ ହଂକଂର ଡିଜନିଲ୍ୟାଣ୍ଡକୁ ସମଗ୍ର ଖର୍ଚ୍ଚ ବହନ ସହ ପୁରସ୍କାର ମିଳିଛି।

ଏ ସମ୍ପର୍କରେ ଏସ୍‌ବିଆଇ ଲାଇଫ୍ ଇନସ୍ୟୁରାନ୍ସର ମୁଖ୍ୟ (କର୍ପୋରେଟ୍ ଯୋଗାଯୋଗ ଏବଂ ସିଏସଆର) ରବୀନ୍ଦ୍ର ଶର୍ମା କହିଛନ୍ତି, ଏସ୍‌ବିଆଇ ଲାଇଫ୍ ସ୍ପେଲ୍ ବି ସିଜିନ୍ ୧୪ର ଆଉ ଏକ ଅଧ୍ୟାୟ ନିକଟରେ ହୋଇଛି। ଏହା ଶେଷହେବା ପରେ ଆମେ କେବଳ ବିଜେତାଙ୍କୁ ନୁହେଁ ବରଂ ଅବିଶ୍ୱସନୀୟ ଉତ୍ସାହ ଏବଂ ଦୃଢ଼ତାର ସହ ଅଂଶଗ୍ରହଣ କରିଥିବା ସମସ୍ତ ପିଲାଙ୍କୁ ଅଭିନନ୍ଦନ ଜଣାଇବାକୁ ଚାହୁଁଛୁ। ଏପରିକି ଆମେ ପ୍ରାରମ୍ଭିକ ସୁଯୋଗର ପରିବର୍ତ୍ତନଶୀଳ ଶକ୍ତିରେ ବିଶ୍ୱାସ କରିଥାଉ। କାରଣ ସେମାନେ ଜୀବନବ୍ୟାପୀ ସ୍ଥାୟୀ ଏବଂ ଅର୍ଥପୂର୍ଣ୍ଣ ପ୍ରଭାବର ମୂଳଦୁଆ ପକାଇଥାନ୍ତି। ଏହି ପଦକ୍ଷେପ ମାଧ୍ୟମରେ ଆମେ ଛାତ୍ରୀଛାତ୍ରଙ୍କୁ ଏକ ପ୍ଲାଟଫର୍ମ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ, ଯାହା ସେମାନଙ୍କୁ ମୁକ୍ତ ହେବା ଏବଂ ସେମାନଙ୍କ ସ୍ୱପ୍ନକୁ ସାକାର କରିବାକୁ ସଶକ୍ତ କରିବ ଏବଂ ଜୀବନରେ ଅଗ୍ରଗତି କରିବା ସହିତ ସେମାନଙ୍କ ପ୍ରିୟଜନଙ୍କ ଆକାଂକ୍ଷାକୁ ମଧ୍ୟ ସମର୍ଥନ କରିବ। ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ପିଲାଙ୍କର ଏକକ ଦକ୍ଷତା ଅଛି ଏବଂ ଉପଯୁକ୍ତ ପ୍ଲାଟଫର୍ମ ପ୍ରଦାନ କରି ଆମେ ଏକ ପରିବେଶ ସୃଷ୍ଟି କରିବାକୁ ଆଶା କରୁଛୁ ଯାହା ନିରନ୍ତର ଶିକ୍ଷଣ ଏବଂ ବିକାଶକୁ ପ୍ରୋତ୍ସାହିତ କରିବ।

ଏସ୍‌ବିଆଇ ଲାଇଫ୍‌ରେ ଆମେ ଯୁବବର୍ଗଙ୍କୁ ସଶକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। କେବଳ ସେମାନଙ୍କ ପାଇଁ ନୁହେଁ ବରଂ ସେମାନଙ୍କ ପ୍ରିୟଜନଙ୍କ ପାଇଁ ମଧ୍ୟ ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆମେ ପଥ ପ୍ରଶସ୍ତ କରୁଛୁ। ଏହି ବିଶ୍ୱାସ ଆମର ମୂଳ ଦର୍ଶନ'ଆପନୋକେ ଲିୟେ, ଆପକେ ଲିୟେ' ସହିତ ସମ୍ପୂର୍ଣ୍ଣ ଭାବରେ ମେଳ ଖାଉଛି। ଏସବିଆଇ ଲାଇଫ୍ ସ୍ପେଲ୍ ବି ଜରିଆରେ ଆମର ଉଦ୍ଦେଶ୍ୟ ନିରନ୍ତର ସମର୍ଥନର ଏକ ଐତିହ୍ୟ ସୃଷ୍ଟିକରିବା ଯାହା ଆଗାମୀ ବର୍ଷଗୁଡ଼ିକରେ ଯୁବପିଢ଼ିଙ୍କ ଆକାଂକ୍ଷାକୁ ଆକାର ଦେବ। ଏହି ପଦକ୍ଷେପ ଯୁବବର୍ଗଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କୁ ଜାତୀୟ ସ୍ତରରେ ପ୍ରଗତି ଏବଂ ଚମକିବାର ସୁଯୋଗ ପ୍ରଦାନ କରିବା ପାଇଁ ଆମର ସଂକଳ୍ପକୁ ପ୍ରତିଫଳିତ କରୁଛି।

# ସାମାଜିକ ପ୍ରତିଷ୍ଠାନକୁ ଏସ୍‌ବିଆଇର ସହାୟତା

ଭୁବନେଶ୍ୱର,୩୦।୧୨



ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ରାଜ୍ୟର ଦୁଇଟି ପ୍ରମୁଖ ସାମାଜିକ ପ୍ରତିଷ୍ଠାନ (ଓପନ୍ ଲର୍ନିଂ ସିଷ୍ଟମ୍ସ ଭୁବନେଶ୍ୱର ଏବଂ ଗୋବିନ୍ଦ ଗୋଧାମ ଗୋଶାଳା, ପୁରୀ)କୁ ଯଥାକ୍ରମେ ଏକ ସ୍କୁଲ ବସ୍ ଏବଂ ପିକ୍-ଅପ୍ ଭ୍ୟାନ୍ ଯୋଗାଇଦିଆଯାଇଛି। ଏପରିକି ଭୁବନେଶ୍ୱରର ଡୁମ୍‌ଡୁମାସ୍ଥିତ ହୋଟେଲ ୱେଲ୍‌କମ୍‌ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ପ୍ରତିଷ୍ଠାନର କର୍ମକର୍ତ୍ତା ଓ ଅଧିକାରୀଙ୍କୁ ଗାଡ଼ି ଦ୍ୱୟ ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ବ୍ୟାଙ୍କର କର୍ପୋରେଟ ସୋସିଆଲ ରେସ୍‌ପନ୍ସିବିଲିଟି (ସିଏସ୍‌ଆର୍) ପଦକ୍ଷେପ ଅନ୍ତର୍ଗତ ଏହି ସହାୟତା ଯୋଗାଇ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ବିଆଇ କର୍ପୋରେଟ୍ ସେଣ୍ଟର ମୁମ୍ବାଇର ଏମ୍‌ଡି (ଆର୍ ସି ଏବଂ ଏସ୍‌ଏଆର୍‌ଜି) ରାଣା ଆଶୁତୋଷ କୁମାର ସିଂହଙ୍କ ସମେତ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପ୍ରୁଥୀ, ମହାପ୍ରବନ୍ଧକ (ନେଟ୍‌ୱର୍କ-୨) କୌଶଳ କିଶୋର ସିଂହ, ଉପ ମହାପ୍ରବନ୍ଧକ ମନୋଜ କୁମାର ସିଂହ, ଭୁବନେଶ୍ୱର ପ୍ରଶାସନିକ କାର୍ଯ୍ୟାଳୟର ଉପ ମହାପ୍ରବନ୍ଧକ (ବ୍ୟବସାୟ ଓ ପରିଚାଳନା) ପ୍ରଶାନ୍ତ କୁମାର ଓ ମଣ୍ଡଳ ବିକାଶ ଅଧିକାରୀ ଏବଂ ଷ୍ଟେଟ ବ୍ୟାଙ୍କର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଓପନ୍ ଲର୍ନିଂ ସିଷ୍ଟମ୍ସର ସିଇଓ ପ୍ରକାଶ କୁମାର ରଥ ଏବଂ ଉପାଧ୍ୟକ୍ଷ କସ୍ତୁରୀ ମହାପାତ୍ର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ସ୍କୁଲ ବସ୍ ଗ୍ରହଣ କରିଥିବାବେଳେ ଗୋବିନ୍ଦ ଗୋଧାମ ଗୋଶାଳା ପୁରୀର ସଚିବ ତଥା ପ୍ରତିଷ୍ଠାତା ଟ୍ରଷ୍ଟି ବିଷ୍ଣୁଚରଣ ପଣ୍ଡା ପ୍ରମୁଖ ବୁଲା ଗାଈ ଏବଂ ଷଣ୍ଢ ଭଳି ପ୍ରାଣୀମାନଙ୍କୁ ପରିବହନ ତଥା ଥଇଥାନ ପାଇଁ ପିକ୍‌ଅପ୍ ଭ୍ୟାନ୍ ଗ୍ରହଣ କରିଥିଲେ।

ବିଦାୟ ବର୍ଷ ୨୦୨୪ରେ ବିବାଦ ଘେରକୁ ଟାଣି ହୋଇଥିଲେ ଅନେକ ସେଲିବ୍ରେଟି। ବର୍ଷ ଶେଷ ଆଡ଼କୁ 'ପୁଷ୍ପା ୨' ରିଲିଜ୍ ହେବା ପୂର୍ବରୁ ଚର୍ଚ୍ଚା ସାଉଣ୍ଟିବାରେ ଲାଗିଥିବାବେଳେ ସ୍କ୍ରିନିଂ ସମୟରେ ଦଳାଚକଟାରେ ଜଣେ ମହିଳାଙ୍କ ମୃତ୍ୟୁ ଅଭିନେତା ଅଲ୍ଲୁ ଅର୍ଜୁନଙ୍କୁ ବିବାଦୀୟ କରିଥିଲା। ବଲିଉଡ୍‌ର କଣ୍ଟ୍ରୋଭର୍ସି କୁଇନ କଙ୍ଗନା ଏମ୍‌ପି ନିର୍ବାଚିତ ହେବା ପରେ ଜଣେ ମହିଳା ସୁରକ୍ଷା ଗାର୍ଡଙ୍କଠୁ ଚାପୁଡ଼ା ଖାଇ ଚର୍ଚ୍ଚାକୁ ଆସିଥିଲେ। ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ପକ୍ଷରୁ ବାରମ୍ବାର ମିଳୁଥିବା ଧମକ ଯୋଗୁ ୨୦୨୪ ଅଭିନେତା ସଲମାନ ଖାନ୍‌ଙ୍କ ପାଇଁ ବିପଦପୂର୍ଣ୍ଣ ରହିଥିଲା। ଦକ୍ଷିଣ ଭାରତୀୟ ଫିଲ୍ମ ଜଗତରେ ହେମା କମିଟି ରିପୋର୍ଟ ପ୍ରଘଟ ପରେ ସୃଷ୍ଟି ହୋଇଥିବା ଝଡ଼, ହତ୍ୟା ଅଭିଯୋଗରେ ଅଭିନେତା ଦର୍ଶନ ଓ ବାନ୍ଧବୀ ପବିତ୍ରା ଜେଲ ଯିବା, ଅଭିନେତ୍ରୀ ସାମନ୍ଥାଙ୍କୁ ନେଇ ତେଲଙ୍ଗାନା ମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟ ଏବଂ ତାମିଲ ଫିଲ୍ମ 'ନାନୁମ୍ ରାଉଡି ଧାନ୍'ର କିଛି ଦୃଶ୍ୟର କପି ରାଇଟ୍‌କୁ ନେଇ ଅଭିନେତ୍ରୀ ନୟନତାରା ଓ ଅଭିନେତା ଧନୁଷ୍‌ଙ୍କ ମଧ୍ୟରେ ଝଗଡ଼ା ବର୍ଷ ୨୦୨୪କୁ ଖବର ବହୁଳ କରିଥିଲା।



# ରାଜନୀତି ପେଞ୍ଚରେ ପୁଷ୍ପା

ବିଦାୟୀ ବର୍ଷର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ଥିଲା 'ପୁଷ୍ପା ଦି ରୁଲ୍'। ଡିସେମ୍ବର ୫ରେ ରିଲିଜ୍ ହେବାର ମାତ୍ର ୬ ଦିନ ମଧ୍ୟରେ ହଜାରେ କୋଟି କ୍ଲବ୍‌ରେ ପହଞ୍ଚି ଏହି ଫିଲ୍ମ ଇତିହାସ ରଚିଥିଲା। ତେବେ ରିଲିଜ୍ ହେବାର ପୂର୍ବ ଦିନ ହାଇଦ୍ରାବାଦର ସନ୍ଧ୍ୟା ଥିଏଟରରେ 'ପୁଷ୍ପା ୨'ର ସ୍କ୍ରିନିଂ କରାଯାଇଥିଲା। ଏହି ଅବସରରେ ସେଠାରେ ଅଭିନେତା ଅଲ୍ଲୁ ଅର୍ଜୁନ ଅଚାନକ ପହଞ୍ଚି ଉପସ୍ଥିତ ଦର୍ଶକଙ୍କୁ ସରପ୍ରାଇଜ୍ ଦେଇଥିଲେ। ଅଚାନକ ଅଲ୍ଲୁଙ୍କୁ ନିକଟରେ ପାଇ ସେଠାରେ ଥିବା ଲୋକମାନେ ମତୁଆଲା ହୋଇ ଉଠିଥିଲେ। ଅତ୍ୟଧିକ ଭିଡ଼ ଏବଂ ଠେଲାପେଲା ଯୋଗୁଁ ସନ୍ଧ୍ୟା ଥିଏଟରରେ ଦଳାଚକଟା ସ୍ଥିତି ସୃଷ୍ଟି ହୋଇଥିଲା, ଯେଉଁଥିରେ ଜଣେ ୩୫ ବର୍ଷୀୟା ମହିଳାଙ୍କର ମୃତ୍ୟୁ ହୋଇଥିବାବେଳେ ତାଙ୍କର ୧୨ ବର୍ଷୀୟ ପୁଅ ଗୁରୁତର ଆହତ ହୋଇଥିଲେ। ମୃତ ମହିଳାଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ହାଇଦ୍ରାବାଦ ପୋଲିସ ଅଲ୍ଲୁ, ତାଙ୍କ ପ୍ରାଇଭେଟ୍ ସିକ୍ୟୁରିଟି ଟିମ ଓ ଥିଏଟର ପରିଚାଳକଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଡିସେମ୍ବର ୧୩ରେ ଅଲ୍ଲୁଙ୍କୁ ପୋଲିସ ଗିରଫ କରିଥିଲେ ହେଁ ତେଲଙ୍ଗାନା ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ଏହାପରେ ତେଲଙ୍ଗାନାରେ ଅଲ୍ଲୁଙ୍କୁ ନେଇ ରାଜନୀତି ତେଜିବାରେ ଲାଗିଥିଲା। ଦଳଚକଟାରେ ମହିଳାଙ୍କ ମୃତ୍ୟୁ ତାଙ୍କ ଫିଲ୍ମକୁ ହିଟ୍ କରାଇବ ବୋଲି ଅଲ୍ଲୁ କହିଥିବା ନେଇ ତେଲଙ୍ଗାନା ବିଧାନସଭାରେ ଏଆଇଏମ୍‌ଆଇଏମ୍ ବିଧାୟକ ଆକବରଉଦ୍ଦିନ ଓୱାଇସି ଦାବି କରିଥିଲେ। ସେହିପରି ସନ୍ଧ୍ୟା ଥିଏଟରରେ 'ପୁଷ୍ପା ଦି ରୁଲ୍' ଫିଲ୍ମର ସ୍କ୍ରିନିଂ ସମୟରେ ରୋଡ୍ ଶୋ କରିବାକୁ ଅଲ୍ଲୁ ମାଗିଥିବା ଅନୁମତିକୁ ହାଇଦ୍ରାବାଦ ପୋଲିସ ଅଗ୍ରାହ୍ୟ କରିଥିଲା। ପୋଲିସର ନିର୍ଦ୍ଦେଶକୁ ଅବମାନନା କରି ଅଲ୍ଲୁ ରୋଡ୍ ଶୋ କରି ଥିଏଟର ମଧ୍ୟରେ ପଶିଥିଲେ ଏବଂ ତାଙ୍କ ପ୍ରାଇଭେଟ୍ ସିକ୍ୟୁରିଟି ଟିମ୍ ଦ୍ୱାରା ଲୋକଙ୍କୁ ଧକ୍କା ଦିଆଯିବାରୁ ସନ୍ଧ୍ୟା ଥିଏଟରରେ ଦଳାଚକଟା ସ୍ଥିତି ଉପୁନ୍ନ ହୋଇଥିଲା ବୋଲି ତେଲଙ୍ଗାନା ବିଧାନସଭାରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ କହିଥିଲେ। ଜବାବରେ ଅଲ୍ଲୁ କହିଥିଲେ, କେତେଜଣ ନେତା ନିଜ ନିଜ ରାଜନୈତିକ ଫାଇଦା ପାଇଁ ଭୁଲ୍ ତଥ୍ୟ ପ୍ରଚାରକରି ତାଙ୍କର ଚରିତ୍ର ସଂହାର କରୁଛନ୍ତି। ଡିସେମ୍ବର ୨୪ରେ ହାଇଦ୍ରାବାଦ ପୋଲିସ ଅଲ୍ଲୁଙ୍କୁ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଜେରା କରିଥିଲା।

## ମନ୍ଦିରରେ କ୍ଷମା ମାଗ, ନଚେତ ୫ କୋଟି ଦିଅ

ଅଭିନେତା ସଲମାନ ଖାନ୍‌ଙ୍କ ଘନିଷ୍ଠ ତଥା ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ବାବା ସିଦ୍ଦିକିଙ୍କୁ ଅକ୍ଟୋବର ୧୨ରେ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡ ପାଇଁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ନିଜକୁ ଦାୟୀ କରିଥିଲା। ନଭେମ୍ବର ୧୭ରେ ଏହି ମାମଲାକୁ ନେଇ ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟରେ ପୋଲିସ ଚାର୍ଜଶିଟ ଦାଖଲ କରିଥିଲା। ନଭି ମୁମ୍ବାଇରେ ଥିବା ସଲମାନଙ୍କ ପନ୍‌ୱେଲସ୍ଥିତ ବାସଭବନରେ ତାଙ୍କୁ ହତ୍ୟା କରିବା ପାଇଁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ଯୋଜନା ପ୍ରସ୍ତୁତ କରୁଥିବା ନେଇ ଏହି ଚାର୍ଜଶିଟରେ ଦର୍ଶାଯାଇଥିଲା। ସେହିପରି ସଲମାନଙ୍କ ହତ୍ୟା ପାଇଁ ବିଷ୍ଣୋଇ ଗ୍ୟାଙ୍ଗ୍ ପକ୍ଷରୁ ୨୫ ଲକ୍ଷ ଟଙ୍କା ସୁପାରି ଦିଆଯାଇଥିଲା। ବିଷ୍ଣୋଇ ଗ୍ୟାଙ୍ଗ୍ ସହ ଜଡ଼ିତ ପ୍ରାୟ ୬୦ରୁ ୭୦ ଜଣ ସଦସ୍ୟ ସଲମାନଙ୍କ ଗତିବିଧି ଉପରେ ନଜର ରଖୁଥିଲେ ବୋଲି ଏହି ଚାର୍ଜଶିଟରେ ଉଲ୍ଲେଖ ଥିଲା। ତେବେ ନଭେମ୍ବର ୫ରେ ସଲମାନଙ୍କ ହତ୍ୟା ନେଇ ମୁମ୍ବାଇ ଟ୍ରାଫିକ କଣ୍ଟ୍ରୋଲ ସେଲ୍‌କୁ ଏକ ଧମକଭରା ମେସେଜ୍ ଆସିଥିଲା। ବିଷ୍ଣୋଇ ଗ୍ୟାଙ୍ଗ୍ ପକ୍ଷରୁ ଏହି ଧମକ ଆସିଥିଲା। ଯଦି ସଲମାନ ବଞ୍ଚିବାକୁ ଚାହାନ୍ତି, ତେବେ ବିଷ୍ଣୋଇ ସମାଜର ମନ୍ଦିରକୁ ଆସି କ୍ଷମା ମାଗନ୍ତୁ ନଚେତ ୫ କୋଟି ଟଙ୍କା ଦିଅନ୍ତୁ। ଅନ୍ୟଥା ତାଙ୍କୁ ହତ୍ୟା କରାଯିବ ବୋଲି ଏହି ଧମକରେ କୁହାଯାଇଥିଲା। ସେହିପରି ଏପ୍ରିଲ ୧୪ରେ ସଲମାନଙ୍କ ଘର ଗାଲାକ୍ସି ଆପାର୍ଟମେଣ୍ଟ ସମ୍ମୁଖରେ ୨ ଜଣ ଶୁଟର ବାଇକ୍‌ରେ ଆସି ୫ ରାଉଣ୍ଡ ଗୁଳି ଚଳାଇଥିଲେ।


ସଲମାନ ଖାନ୍

## ମଲିଉଡ୍‌ରେ 'ହେମା ଝଡ଼'

ମଲିଉଡ୍ ନାମରେ ପରିଚିତ ମାଲୟାଲମ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ମହିଳା ଅଭିନେତ୍ରୀମାନଙ୍କୁ ଯୌନ ଶୋଷଣ କରାଯାଉଛି। ଅଗଷ୍ଟ ୧୯ରେ କେରଳ ହାଇକୋର୍ଟଙ୍କ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ କେ. ହେମାଙ୍କ ଅଧ୍ୟକ୍ଷତାରେ ଗଠିତ ହେମା କମିଟି ରିପୋର୍ଟକୁ ସାର୍ବଜନୀନ କରାଯିବା ପରେ ଏହା ପ୍ରଘଟ ହୋଇଥିଲା। ଫଳରେ ମାଲୟାଲମ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ପୂର୍ବରୁ ଯୌନ ଶୋଷଣର ଶିକାର ହୋଇଥିବା ଅନେକ ମହିଳା ପ୍ରଥମ ଥର ପାଇଁ ମୁହଁ ଖୋଲିବା ଆରମ୍ଭ କରିଥିଲେ।

## ଜେନିଫର ଲୋପେଜ୍‌ଙ୍କ ୪ର୍ଥ ଡିଭୋର୍ସ



ଆମେରିକୀୟ ଅଭିନେତ୍ରୀ ଜେନିଫର୍ ଲୋପେଜ୍ ଏହି ବିଦାୟୀ ବର୍ଷର ଅଗଷ୍ଟରେ ଲସ୍ ଏଞ୍ଜେଲ୍ସସ୍ଥିତ କାଉଣ୍ଟି ସୁପେରିୟର କୋର୍ଟରେ ସ୍ୱାମୀ ତଥା ଆମେରିକୀୟ ଅଭିନେତା ବେନ୍ ଆଫ୍ଲେକ୍‌ଙ୍କ ବିରୋଧରେ ଛାଡ଼ପତ୍ର ଆବେଦନ କରିଥିଲେ। ଫଳରେ ବିବାହର ମାତ୍ର ୨ ବର୍ଷ ପରେ ଏହି ଷ୍ଟାର ଯୋଡ଼ି ପରସ୍ପରଠାରୁ ଅଲଗା ହେବା ନେଇ ସ୍ପଷ୍ଟ ହୋଇଥିଲା। ଏପ୍ରିଲ ୨୬ ସେମାନଙ୍କ ବିଚ୍ଛେଦର ତାରିଖ ହୋଇଥିବା ନେଇ ଜେନିଫର୍ ଅଦାଲତରେ ଦାଖଲ କରିଥିବା ଦସ୍ତାବିଜରେ ଦର୍ଶାଇଥିଲେ। ଜେନିଫରଙ୍କର ଏହା ଚତୁର୍ଥ ଛାଡପତ୍ର ହୋଇଥିବାବେଳେ ବେନ୍‌ଙ୍କର ଥିଲା ଏହା ଦ୍ୱିତୀୟ ଛାଡ଼ପତ୍ର।

## ହତ୍ୟା ଅଭିଯୋଗରେ ଦର୍ଶନ, ପବିତ୍ରା



କର୍ନାଟକର ବହୁଚର୍ଚ୍ଚିତ ରେଣୁକାସ୍ୱାମୀ ହତ୍ୟାକାଣ୍ଡ ଏହି ବିଦାୟୀ ବର୍ଷ ସିନେପ୍ରେମୀଙ୍କ ମଧ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଉକ୍ତ ମାମଲାରେ ଲୋକପ୍ରିୟ କନ୍ନଡ଼ ଅଭିନେତା ଦର୍ଶନ ଥୋଗୁଦୀପା ଓ ତାଙ୍କ ବାନ୍ଧବୀ ପବିତ୍ରା ଗୌଡ଼ାଙ୍କୁ ଜୁନ୍ ୧୧ରେ ମହୀଶୂରସ୍ଥିତ ଏକ ହୋଟେଲରୁ ଗିରଫ କରାଯାଇଥିଲା। ରେଣୁକାସ୍ୱାମୀ ଦର୍ଶନଙ୍କର ଜଣେ ପ୍ରଶଂସକ ଥିଲେ। ସେ ପବିତ୍ରାଙ୍କୁ ଇନ୍‌ଷ୍ଟାଗ୍ରାମରେ ଅଶ୍ଳୀଳ ମେସେଜ୍ ପଠାଉଥିଲେ। ତେଣୁ ପବିତ୍ରାଙ୍କ ପ୍ରରୋଚନାରେ ଦର୍ଶନ କେତେଜଣ ସହଯୋଗୀଙ୍କ ସହାୟତା ନେଇ ରେଣୁକାସ୍ୱାମୀଙ୍କ ହତ୍ୟା ଷଡ଼ଯନ୍ତ୍ର ରଚିଥିଲେ ବୋଲି ପୋଲିସ୍ କହିଥିଲା। ଜୁନ୍ ୨୭ରେ ମାମଲାରେ ଅଧିକ ପଚରାଉଚରା ପାଇଁ ପବିତ୍ରାଙ୍କୁ ତାଙ୍କ ବେଙ୍ଗାଲୁରୁସ୍ଥିତ ବାସଭବନକୁ ନିଆଯାଇଥିବାବେଳେ ସେଠାରେ ସେ ପୋଲିସ ଉପସ୍ଥିତିରେ ଲିପ୍‌ଷ୍ଟିକ୍ ଲଗାଇବା ସହ ବିଭିନ୍ନ ମେକ୍‌ଅପ୍ ନେଉଥିବାର ଫଟୋ ବିଭିନ୍ନ ସ୍ଥାନୀୟ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଫଳରେ ପବିତ୍ରାଙ୍କୁ ନେଇ ବିବାଦ ଆହୁରି ବଢ଼ିଥିଲା। ତେବେ ଡିସେମ୍ବର ୧୩ରେ ଦର୍ଶନ ଏବଂ ପବିତ୍ରାଙ୍କୁ କର୍ନାଟକ ହାଇକୋର୍ଟ ଜାମିନ ପ୍ରଦାନ କରିଥିଲେ।

## ନୟନତାରା-ଧନୁଷ୍ କଳି



ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିରେ ଲେଡି ସୁପରଷ୍ଟାର ଭାବେ ପରିଚିତ ନୟନତାରାଙ୍କ ଡକ୍ୟୁମେଣ୍ଟାରି ଫିଲ୍ମ 'ନୟନତାରା ବିୟଣ୍ଡ ଦି ଫେୟରି ଟେଲ୍'କୁ ନେଇ ୨୦୨୪ରେ ବହୁ ବିବାଦ ଲାଗି ରହିଥିଲା। ଅଭିନେତା ଧନୁଷ୍ ଏହି ଫିଲ୍ମର ନିର୍ମାତାଙ୍କ ବିରୋଧରେ କ୍ଷତିପୂରଣ ବାବଦକୁ ୧୦ କୋଟି ଟଙ୍କାର ଆଇନଗତ ନୋଟିସ ପଠାଇଥିଲେ। ୨୦୧୫ରେ ତାଙ୍କ ଦ୍ୱାରା ନିର୍ମିତ ହୋଇଥିବା 'ନାନୁମ୍ ରାଉଡି ଧାନ୍'ର କିଛି ଦୃଶ୍ୟକୁ ବିନା ଅନୁମତିରେ 'ନୟନତାରା ବିୟଣ୍ଡ ଦି ଫେୟରି ଟେଲ୍' ଫିଲ୍ମରେ ବ୍ୟବହାର କରାଯାଇଥିବା ନେଇ ଧନୁଷ୍ ଅଭିଯୋଗ କରିଥିଲେ। ଏଥିପାଇଁ ଧନୁଷ୍ ନୟନତାରା, ତାଙ୍କ ସ୍ୱାମୀ ଭିଗ୍ନେଶ ଶିବନ ଓ 'ନୟନତାରା ବିୟଣ୍ଡ ଦି ଫେୟରି ଟେଲ୍'ର ନିର୍ମାତାଙ୍କ ବିରୋଧରେ ମାଡ୍ରାସ ହାଇକୋର୍ଟରେ ଏକ ପିଟିଶନ ମଧ୍ୟ ଦାଖଲ କରିଥିଲେ। ଧନୁଷ୍‌ଙ୍କ ଏପରି ଆଚରଣକୁ ନୟନତାରା ନାପସନ୍ଦ କରିବା ସହ ଏହା ତାଙ୍କୁ ଦୁଃଖ ଦେଇଛି ବୋଲି କହିଥିଲେ। 'ନାନୁମ୍ ରାଉଡି ଧାନ୍' ତାଙ୍କ ଦ୍ୱାରା ଅଭିନୀତ ଅନ୍ୟତମ ଶ୍ରେଷ୍ଠ ଚଳଚ୍ଚିତ୍ର ଥିଲା। ତେଣୁ ଏହି ଚଳଚ୍ଚିତ୍ରର କିଛି ଦୃଶ୍ୟକୁ ସେ ନିଜ ଡକ୍ୟୁମେଣ୍ଟାରି ଫିଲ୍ମରେ ବ୍ୟବହାର କରିବାକୁ ଚାହୁଁଥିଲେ ବୋଲି ନୟନତାରା କହିଥିଲେ। ଏଥିପାଇଁ ସେ ଧନୁଷ୍‌ଙ୍କଠାରୁ ବହୁବାର ଅନୁମତି ମଧ୍ୟ ମାଗିଥିଲେ। ଦୀର୍ଘ ୨ ବର୍ଷ ଧରି ଅପେକ୍ଷା କରି ରହିଥିଲେ ମଧ୍ୟ ଧନୁଷ୍‌ଙ୍କଠାରୁ ଅନୁମତି ମିଳି ନ ଥିଲା। ତେଣୁ ବାଧ୍ୟ ହୋଇ ସେ ନିଜ ଡକ୍ୟୁମେଣ୍ଟାରି ଫିଲ୍ମରେ 'ନାନୁମ୍ ରାଉଡି ଧାନ୍'ର ୩ ସେକେଣ୍ଡ ବିଶିଷ୍ଟ ଏକ ବିହାଇଣ୍ଡ ଦି ସିନ୍(ବିଟିଏସ୍) ଫୁଟେଜ୍‌କୁ ବ୍ୟବହାର କରିଥିଲେ ବୋଲି ନୟନତାରା କହିଥିଲେ।

## ପୁନମ୍‌ଙ୍କ ମୃତ୍ୟୁ ଅଭିନୟ



ଏହି ବିଦାୟୀ ବର୍ଷର ଫେବୃୟାରୀ ୨ରେ ଅଭିନେତ୍ରୀ ପୁନମ୍ ପାଣ୍ଡେଙ୍କର ପରଲୋକ ଘଟିଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ସର୍ଭିକାଲ କ୍ୟାନ୍‌ସରରେ ପୀଡ଼ିତ ହୋଇ ପୁନମ୍‌ଙ୍କ ପରଲୋକ ହୋଇଥିବା ନେଇ ତାଙ୍କ ମିଡିଆ ମ୍ୟାନେଜର ସୋସିଆଲ ମିଡ଼ିଆରେ ସୂଚନା ଦେଇଥିଲେ। ତେବେ ଏହାର ଠିକ୍ ପରଦିନ ପୁନମ୍ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ସମସ୍ତଙ୍କୁ ଚମକାଇଥିଲେ। ତାଙ୍କର ମୃତ୍ୟୁ ହୋଇ ନାହିଁ ଏବଂ ସେ ଜୀବିତ ଅଛନ୍ତି ବୋଲି ପୁନମ୍ ଏକ ଭିଡିଓ ବାର୍ତ୍ତା ଜାରି କରି କହିଥିଲେ। ସର୍ଭିକାଲ କ୍ୟାନ୍‌ସରକୁ ନେଇ ବ୍ୟାପକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସେ ତାଙ୍କ ମୃତ୍ୟୁ ଖବରକୁ ପ୍ରଚାର କରିଥିଲେ ବୋଲି ପୁନମ୍ କହିଥିଲେ। ତେବେ ଏଥିପାଇଁ ତାଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ୍ କରାଯାଇଥିଲା।

ସଫଳତାଠାରୁ କଣ୍ଟ୍ରୋଭର୍ସି ବେଶି



## କଙ୍ଗନାଙ୍କ ଗାଲରେ ଗାର୍ଡଙ୍କ ଚାପୁଡ଼ା

ବଲିଉଡ୍ ଅଭିନେତ୍ରୀ ତଥା ହିମାଚଳ ପ୍ରଦେଶର ମଣ୍ଡିରୁ ଭାଜପା ଏମ୍‌ପି କଙ୍ଗନା ରାଣାଓ୍ୱତ୍‌ଙ୍କୁ ନେଇ ୨୦୨୪ରେ ବହୁ ବିବାଦ ଲାଗି ରହିଥିଲା। ଜୁନ ୩ରେ ଚଣ୍ଡିଗଡ଼ ଏୟାରପୋର୍ଟରେ ସିଆଇଏସ୍‌ଏଫ୍‌ର ମହିଳା ଗାର୍ଡ କୁଲବିନ୍ଦର କୌର କଙ୍ଗନାଙ୍କୁ ଚାପୁଡ଼ା ମାରିଥିଲେ। ଏୟାରପୋର୍ଟରେ କଙ୍ଗନାଙ୍କ ସୁରକ୍ଷା ଯାଞ୍ଚ ସମୟରେ ଏହି ଘଟଣା ଘଟିଥିଲା। ପୂର୍ବରୁ କୃଷକ ଆନ୍ଦୋଳନ ବିରୋଧରେ କଙ୍ଗନା ଦେଇଥିବା ମନ୍ତବ୍ୟରେ ଉତ୍ତେଜିତ ହୋଇ ସେ ଏପରି କରିଥିବା କୁଲବିନ୍ଦର କହିଥିଲେ। ସେହିପରି ୨୦୨୧ରେ ମୋଦି ସରକାରଙ୍କ ଦ୍ୱାରା ରଦ୍ଦ କରାଯାଇଥିବା ୩ କୃଷି ଆଇନକୁ ଫେରାଇ ଆଣିବା ପାଇଁ କଙ୍ଗନା ସେପ୍ଟେମ୍ବର ୨୪ରେ ନିଜ ସଂସଦୀୟ ନିର୍ବାଚନମଣ୍ଡଳୀ ମଣ୍ଡିର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଦାବି କରିଥିଲେ। ରଦ୍ଦ କରାଯାଇଥିବା ୩ କୃଷି ଆଇନ କୃଷକଙ୍କ ସ୍ୱାର୍ଥରେ ଥିଲା। ତେଣୁ ଏହାକୁ ପୁଣି ଥରେ କାର୍ଯ୍ୟକାରୀ କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। କଙ୍ଗନାଙ୍କର ଏହି ମନ୍ତବ୍ୟକୁ ନେଇ ବିବାଦ ବଢିବା ପରେ ସେ ଏଥିପାଇଁ କ୍ଷମା ମାଗିଥିଲେ। ସେହିପରି ଅକ୍ଟୋବର ୨ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ୧୨୦ତମ ଜୟନ୍ତୀ ଅବସରରେ କଙ୍ଗନା ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ଏକ୍ସ'ରେ ଲେଖିଥିଲେ, ଦେଶର କେହି ପିତା ନ ଥାନ୍ତି ବରଂ ଦେଶର ପୁଅ ଥାନ୍ତି। ଭାରତ ମାଟିର ପୁଅ ଲାଲବାହାଦୁର ଶାସ୍ତ୍ରୀଙ୍କ ପାଇଁ ଦେଶବାସୀ ସର୍ବଦା ଗର୍ବ ଅନୁଭବ କରନ୍ତି। କଙ୍ଗନାଙ୍କର ଏହି ପୋଷ୍ଟକୁ ନେଇ ମଧ୍ୟ ବିବାଦ ଦେଖାଦେଇଥିଲା। ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ଅପମାନ କରିଥିବା ଦର୍ଶାଇ ବହୁ ଏକ୍ସ' ୟୁଜର୍ସ ତାଙ୍କୁ ଟ୍ରୋଲ୍ କରିଥିଲେ।

## ସାମନ୍ଥାଙ୍କୁ ନେଇ ତେଲଙ୍ଗାନା ମନ୍ତ୍ରୀଙ୍କ ବିବାଦୀୟ ବୟାନ

ତେଲଙ୍ଗାନାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ କୋଣ୍ଡା ସୁରେଖା ଅକ୍ଟୋବର ୨ରେ ଅଭିନେତ୍ରୀ ସାମନ୍ଥା ଓ ଅଭିନେତା ନାଗା ଚୈତନ୍ୟଙ୍କ ବିବାହ ବିଚ୍ଛେଦକୁ ନେଇ ଏକ ବିବାଦୀୟ ବୟାନ ଦେଇଥିଲେ। ୨୦୨୧ରେ ତେଲଙ୍ଗାନା ସରକାରଙ୍କ ତତ୍କାଳୀନ ମନ୍ତ୍ରୀ କେ.ଟି. ରାମାରାଓଙ୍କ ଯୋଗୁ ସାମନ୍ଥା ଓ ନାଗା ଚୈତନ୍ୟଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହୋଇଥିବା ସେ କହିଥିଲେ। ସେତେବେଳେ ରାମାରାଓ ସାମନ୍ଥାଙ୍କର ଫୋନ୍ ଟ୍ୟାପିଂ କରିବା ସହ ତାଙ୍କୁ ନାଗା ଚୈତନ୍ୟଙ୍କଠାରୁ ଅଲଗା ହେବା ପାଇଁ ବ୍ଲାକ୍‌ମେଲିଂ କରିଥିଲେ। ସୁରେଖାଙ୍କର ଏହି ବୟାନକୁ ସାମନ୍ଥା ଓ ନାଗା ଚୈତନ୍ୟଙ୍କ ସହ ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିର ବହୁ ତାରକା ସମାଲୋଚନା କରିଥିଲେ। ସାମନ୍ଥା କହିଥିଲେ, ଛାଡ଼ପତ୍ର ହେଉଛି ତାଙ୍କର ବ୍ୟକ୍ତିଗତ ବ୍ୟାପାର। ଏଥିରେ କୌଣସି ରାଜନୈତିକ ଷଡ଼ଯନ୍ତ୍ର ନ ଥିଲା। ସେହିପରି ସୁରେଖାଙ୍କର ବୟାନକୁ ନାଗା ଚୈତନ୍ୟ ହାସ୍ୟାସ୍ପଦ ବୋଲି କହିଥିଲେ। ଘଟଣାକୁ ନେଇ ନାଗା ଚୈତନ୍ୟଙ୍କ ବାପା ତଥା ସାଉଥ୍ ସୁପରଷ୍ଟାର ନାଗାର୍ଜୁନ ସୁରେଖାଙ୍କ ବିରୋଧରେ ଏତଲା ଦାଏର କରିଥିଲେ।



ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୩୧/୨୦୨୪ Bhubaneswar, Tuesday, December 31/ 2024

# ଭାରତ ୧୪-୦ରେ ବିଜୟୀ

**ବେଙ୍ଗାଲୁରୁ, ୩୦।୧୨ (ପି.ଟି.)**

ସୋମବାର ଏଠାରେ ଅନୁଷ୍ଠିତ ଏକ ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମହିଳା ଫୁଟ୍‌ବଲ ମ୍ୟାଚରେ ଭାରତ ୧୪-୦ ଗୋଲ୍‌ରେ ମାଳଦ୍ୱୀପକୁ ପରାସ୍ତ କରିଛି। ଏଥିରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ଲିଣ୍ଡା କମ୍ ତାଙ୍କ ପଦାର୍ପଣ ମ୍ୟାଚରେ ୪ ଗୋଲ ସ୍କୋର କରିଥିବା ବେଳେ ମ୍ୟାଚରେ ୮ ମିନିଟ ମଧ୍ୟରେ ହ୍ୟାଟ୍ରିକ୍ ଗୋଲ ସ୍କୋର କରିଛନ୍ତି ଓଡ଼ିଶାର ପ୍ୟାରୀ ଖାଖା। ନବନିଯୁକ୍ତ ସ୍ୱିଡିଶ କୋଚ୍ ଜୋକିମ୍

## ପ୍ୟାରୀଙ୍କ ହ୍ୟାଟ୍ରିକ୍

ଆଲେକ୍ସଆଣ୍ଡରସନଙ୍କ ଅଧୀନରେ ଭାରତୀୟ ଦଳର ଏହା ଥିଲା ପ୍ରଥମ ମ୍ୟାଚ। ପ୍ୟାରୀ ସପ୍ତମ, ଅଷ୍ଟମ ଓ ୧୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହା ମଝିରେ ଅର୍ଥାତ୍ ୧୨ତମ ମିନିଟରେ ଲିଣ୍ଡା ଦେଶ ପାଇଁ ଏକ ଗୋଲ ସେତକାସ୍କୋର କରିଥିଲେ। ପାଦୁକୋନ୍ ଦ୍ରାଭିଡ ସେଣ୍ଟର ଫର ସ୍ପୋର୍ଟ୍ସ ଏକ୍ସଲେନ୍ସଠାରେ ଖେଳାଯାଇଥିବା ଏହି ମ୍ୟାଚରେ ଲିଣ୍ଡା ୧୨ତମ, ୨୧ତମ, ୨୯ତମ ଓ ୫୨ତମ ମିନିଟରେ ଗୋଲ ଦେଇଥିଲେ। ଲାଇନ୍ସମ୍ୟାନଙ୍କୁ ମହୁମାଛି ଆକ୍ରମଣ ଯୋଗୁ ମ୍ୟାଚକୁ କିଛି ସମୟ ସ୍ଥଗିତ ରଖିବାକୁ ପଡ଼ିଥିଲା। ନିଜକୁ ବଞ୍ଚାଇବା ଲାଗି ଲାଇନ ମ୍ୟାନ ଜଣକ ପଡ଼ିଆରେ ଏଣେତେଣେ ଦୌଡ଼ୁଥିବା ଲକ୍ଷ୍ୟ କରାଯାଇଥିଲା। ଏପରି କି ଖେଳାଳିମାନଙ୍କୁ ପଡ଼ିଆ ଛାଡ଼ିବାକୁ ହୋଇଥିଲା। ପ୍ରଥମାର୍ଦ୍ଧ ଖେଳ ଶେଷ ହେବାକୁ ଆଉ ଗୋଟିଏ ମିନିଟ ବାକିଥିବା ବେଳେ ଘଟଣାଟି ଘଟିଥିଲା। ୧୫ମିନିଟ ପରେ ଖେଳ ଆରମ୍ଭ ହୋଇଥିଲା। ପ୍ରଥମ ପଦାର୍ପଣ କରିଥିବା ନେହା ୧୬ତମ ଓ ୪୫ତମ ମିନିଟରେ ବ୍ୟକ୍ତିଗତ ଦୁଇଟି ଗୋଲ ସ୍କୋର କରିଥିଲେ। କାଜଲ ଡି'ସୋଜା (୫୯ତମ ଓ ୬୬ତମ ମିନିଟ) ମଧ୍ୟ ଦୁଇଟି ଗୋଲ ଦେଇଥିଲେ। ସଙ୍ଗୀତା ବାସ୍‌ଫୋର୍ (୫୧ତମ), ସେରୋଖାଇବମ ଓ ରଞ୍ଜନା ଚାନୁ (୫୪ତମ) ଓ ରିମ୍ପା ହାଲ୍‌ଦାର (୬୨ତମ) ପ୍ରତ୍ୟେକ ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ମାଳଦ୍ୱୀପ ବିପକ୍ଷ ଦ୍ୱିତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ସମାନ ଭେନ୍ୟୁରେ ଆସନ୍ତା ଜାନୁଆରୀ ୨ରେ ଖେଳାଯିବ।


ଗୋଲ ସ୍କୋର ପରେ ସାଥି ଖେଳାଳିଙ୍କ ଉପରକୁ ଡେଇଁ ପଡ଼ିଛନ୍ତି ଓଡ଼ିଶାର ପ୍ୟାରୀ ଖାଖା।

# ଓଡ଼ିଶା ଟେବୁଲ ଟେନିସ୍ ଦଳ ଘୋଷିତ

**ଭୁବନେଶ୍ୱର, ୩୦।୧୨ (ତପନ ସ୍ୱାଇଁ):** ଗୁଜରାଟର ଭଦୋଦରାଠାରେ ୮୬ତମ ଆନ୍ତଃ ରାଜ୍ୟ ଜୁନିୟର ଓ ଜାତୀୟ ୟୁଥ୍ ଟେବୁଲ ଟେନିସ ଚାମ୍ପିୟନଶିପ୍ ଜାନୁଆରୀ ୩ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ସୋମବାର ଓଡ଼ିଶା ବାଳିକା ଓ ବାଳକ ଦଳ ଘୋଷଣା କରାଯାଇଛି। ବାଳିକା ଦଳରେ ଶ୍ୱେତପଦ୍ମା ଦଳାଇ, ସାକ୍ଷୀ ଭଗତ, ଊର୍ଜା ବର୍ମା, ଅଙ୍କିତା ଦଳାଇ, ଜୋୟା ଖାଁ, ଏମ.ବି.ବି. ପଣ୍ଡା ସ୍ଥାନ ପାଇଥିବାବେଳେ ସିଲ୍‌କୀ ମହାନ୍ତି ଅତିରିକ୍ତ ଖେଳାଳି ରହିଛନ୍ତି। ସେହିପରି ବାଳକ ଦଳରେ ଜିଜ୍ଞାଶୁ ସାହୁ, ଜିଜ୍ଞାଶୁ ସାଇ କିରଣ ପ୍ରଧାନ, ରୁଦ୍ର ଗୌଡ଼, ରତିକାନ୍ତ ଗୌଡ଼, ମହମ୍ମଦ ଜିସାନ, ଫରଜ ରାଜା ଓ ଅବୁ ଏସ. ତାଜି ସୁଯୋଗ ପାଇଛନ୍ତି। ଓଡ଼ିଶା ଦଳ ସହ କୋଚ୍ ରାଜ ସୁବ୍ରମଣ୍ୟମ, ସମ୍ମିତ ଦାସ ଓ ଅଙ୍କିତା ଖା, ମ୍ୟାନେଜର କୈଳାସ ଚନ୍ଦ୍ର ଭଗତ ଓ ଅମ୍ପାୟର ହରି କ୍ରିଷ୍ଣା ଭଦୋଦରା ଯାତ୍ରା କରିବେ।

## ଏମ୍‌ସିଜିରେ ଦର୍ଶକ

# ୮୭ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଲା

**ମେଲବୋର୍ନ, ୩୦।୧୨ (ପି.ଟି.):** ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଦର୍ଶକ ଉପସ୍ଥାନର ସର୍ବକାଳୀନ ରେକର୍ଡ ସୋମବାର ଭଙ୍ଗ ହୋଇଛି। ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ଚତୁର୍ଥ କ୍ରିକେଟ ଟେଷ୍ଟର ମୋଟ ଉପସ୍ଥାନ ସଂଖ୍ୟା ୩୫୦, ୭୦୦ ସ୍ପର୍ଶ କରିଛି। ଏହା ପୂର୍ବରୁ ୧୯୩୭ ଆଶେସ ବେଳେ ୩୫୦, ୫୩୫ ଦର୍ଶକ ଉପସ୍ଥାନ ସହ ରେକର୍ଡ ପ୍ରତିଷ୍ଠା ହୋଇଥିଲା। ସେତେବେଳେ ମହାନ୍ ଖେଳାଳି ଡନ୍ ବ୍ରାଡ୍‌ମ୍ୟାନ ତାଙ୍କ ଫର୍ମର ଶୀର୍ଷରେ ପହଞ୍ଚିଥିଲେ। ସୋମବାର ଭାରତର ୩୪୦ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟ ପିଛା କରୁଥିବା ବେଳେ ମଧ୍ୟାହ୍ନଭୋଜନ ବେଳକୁ ଷ୍ଟାଡିୟମର ଦର୍ଶକ ସଂଖ୍ୟା ୫୧, ୩୭୧ ରହିଥିଲା। ଏହାପରେ ଦର୍ଶକଙ୍କ ସଂଖ୍ୟା ୬୦,୦୦୦ ଅତିକ୍ରମ କରିଯାଇଥିଲା। ତେବେ ଭାରତ-ଅଷ୍ଟ୍ରେଲିଆ ଚତୁର୍ଥ ଟେଷ୍ଟର ଦର୍ଶକଙ୍କ ଉପସ୍ଥାନ ସଂଖ୍ୟା ମୋଟ ଉପରେ ଦ୍ୱିତୀୟ ସ୍ଥାନରେ ରହିଛି। ୧୯୯୯ରେ ଇଡେନଗାର୍ଡେନ୍ସରେ ଭାରତ-ପାକିସ୍ତାନ ମ୍ୟାଚ ଦେଖିବାକୁ ମୋଟ ୪,୬୫,୦୦୦ ଦର୍ଶକ ଆସିଥିଲେ।

# ଆଇସିସି ପୁରସ୍କାର ଦୌଡ଼ରେ ବୁମ୍ରା

**ଦୁବାଇ, ୩୦।୧୨ (ପି.ଟି.)**

ଭାରତର ପ୍ରମୁଖ ଫାଷ୍ଟ ବୋଲର ଯଶପ୍ରୀତ ବୁମ୍ରାଙ୍କ ନାମ ସୋମବାର ଆଇସିସି (ଅନ୍ତର୍ଜାତୀୟ କ୍ରିକେଟ ପରିଷଦ) ପୁରୁଷ ବିଭାଗ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଁ ସୁପାରିସ କରାଯାଇଛି। ଟେଷ୍ଟ ଫର୍ମାଟର ଶ୍ରେଷ୍ଠ ଖେଳାଳି ପାଇଁ ସୁପାରିସ ହୋଇଥିବା ଖେଳାଳିମାନଙ୍କ ନାମ ତାଲିକାରେ ମଧ୍ୟ ସେ ସ୍ଥାନ ପାଇଛନ୍ତି। ଚଳିତ ଭାରତ-ଅଷ୍ଟ୍ରେଲିଆ ଟେଷ୍ଟ ସିରିଜରେ ଅଷ୍ଟ୍ରେଲିଆ ବ୍ୟାଟରମାନଙ୍କୁ ଅଡୁଆରେ ପକାଇ ଆସୁଛନ୍ତି ଏହି ଫାଷ୍ଟ ବୋଲର। କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ ଅଲ୍‌ରାଉଣ୍ଡର ଗ୍ୟାରିଫିଲ୍ଡ ସୋବର୍ସ ନାମରେ ରହିଥିବା ଏହି ପୁରସ୍କାର ଦୌଡ଼ରେ ଥିବା ଅନ୍ୟ ଖେଳାଳିମାନେ ହେଲେ ଇଂଲଣ୍ଡର ଜୋ ରୁଟ୍ ଓ ହ୍ୟାରି ବ୍ରୁକ୍ ଏବଂ ଅଷ୍ଟ୍ରେଲିଆର ବିସ୍ଫୋରକ ବ୍ୟାଟର ଟ୍ରାଭିସ ହେଡ୍। ଏତଦ୍‌ବ୍ୟତୀତ ଆଇସିସି ଟେଷ୍ଟ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପାଇଁ ସୁପାରିସ ହୋଇଥିବା ଖେଳାଳି ତାଲତିକାରେ ୨୦୦୪ରେ ତାଙ୍କ ଖେଳରେ ଶୀର୍ଷରେ ରହି ଆସିଥିବା ବୁମ୍ରାଙ୍କ ବ୍ୟତୀତ ରୁଟ, ବ୍ରୁକ୍ ଓ ଶ୍ରୀଲଙ୍କାର କାମିନ୍ଦୁ ମେଣ୍ଡିସ ପ୍ରମୁଖ ରହିଛନ୍ତି। ୨୦୨୪ରେ ବୁମ୍ରା ଟେଷ୍ଟ କ୍ରିକେଟରେ ୧୩ ମ୍ୟାଚ ଖେଳି ୭୧ ଉଇକେଟ ଅକ୍ତିଆର କରିଛନ୍ତି। ତାଙ୍କ ଆଭରେଜ ୧୪.୯୨ ରହିଥିବା ବେଳେ ଷ୍ଟ୍ରାଇକ୍‌ରେଟ୍ ୩୦.୧୬ ରହିଛି, ଯେକୌଣସି ବୋଲର ପକ୍ଷେ ଏହା ଶ୍ରେଷ୍ଠ ଫିଗର। ବର୍ଡର-ଗାଭାସ୍କର ଟ୍ରଫିରେ ମାତ୍ର ୪ଟି ଟେଷ୍ଟରେ ୩୦ ଉଇକେଟ ସହ ଏହି ଡାହାଣହାତୀ ପେସର ଟପ୍ ବୋଲର ରହିଛନ୍ତି। ପୁରସ୍କାର ପାଇଁ ରୁଟ୍‌ଙ୍କ ଅନ୍ୟତମ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ବ୍ୟାଟର ରୁଟ୍‌ଙ୍କର ଏହି ବର୍ଷର ପ୍ରଦର୍ଶନ ଜବରଦସ୍ତ ରହିଛି। ସେ ୧୭ ଟେଷ୍ଟ ଖେଳି ୫୫.୫୭ ଆଭରେଜରେ ୧,୫୫୬ ରନ ସଂଗ୍ରହ କରିଛନ୍ତି। ୩୪ ବର୍ଷୀୟ ଖେଳାଳି ତାଙ୍କ କ୍ୟାରିୟରରେ ୫ମ ଥର ଏକ କ୍ୟାଲେଣ୍ଡର ବର୍ଷରେ ୧,୦୦୦ରୁ ଅଧିକ ରନ ସଂଗ୍ରହ କରିପାରିଛନ୍ତି। ବର୍ଷରେ ସେ ୬ଟି ଶତକ ଓ ୫ ଅର୍ଦ୍ଧଶତକ ହାସଲ କରିଛନ୍ତି।

## ପୁରସ୍କାର ଦୌଡ଼ରେ ମହିଳା ଖେଳାଳି ନାହାନ୍ତି

ଆଇସିସି (ଅନ୍ତର୍ଜାତୀୟ କ୍ରିକେଟ ପରିଷଦ)ର ବାଳିକା ବିଭାଗ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ଦୌଡ଼ରେ ଜଣେ ହେଲେ ଭାରତୀୟ ଖେଳାଳି ନାହାନ୍ତି। ଏହି ପୁରସ୍କାର ପାଇଁ ସୁପାରିସ ହୋଇଥିବା ଖେଳାଳି ତାଲିକାରେ ଶ୍ରୀଲଙ୍କା ଅଧିନାୟିକା ଚାମରି ଆଥାପାଥୁ ଓ ନ୍ୟୁଜିଲାଣ୍ଡର ଆମେଲି କେର ସ୍ଥାନ ପାଇଛନ୍ତି। ଅନ୍ୟ ଦୁଇ ଖେଳାଳି ଅଷ୍ଟ୍ରେଲିଆର ଆନାବେଲ ସଦରଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଅଧିନାୟିକା ଲାଉରା ଓଲ୍‌ଭାର୍ଡ୍ଟ ମଧ୍ୟ ପୁରସ୍କାର ଦୌଡ଼ରେ ରହିଛନ୍ତି।

# ରାଜ୍ୟ ପାରା ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ


ଅତିଥିଙ୍କ ଗହଣରେ ପୁରସ୍କାରପ୍ରାପ୍ତ ପାରା ଆଥଲେଟ୍।

**ଭୁବନେଶ୍ୱର, ୩୦।୧୨ (ତପନ ସ୍ୱାଇଁ)**

ରାଜ୍ୟ କ୍ରୀଡ଼ା ବିଭାଗର ପୁରୁଣା କାର୍ଯ୍ୟାଳୟ ପରିସରରେ ରାଜ୍ୟ ପାରା ବ୍ୟାଡମିଣ୍ଟନ ଚମ୍ପିୟାନଶିପ୍ ସୋମବାର ଉଦ୍‌ଯାପିତ ହୋଇଛି। ଅନ୍ତିମ ଦିବସରେ ଅନୁଷ୍ଠିତ ପୁରୁଷ ଡବଲ୍ସରେ ଦୀପ ରଞ୍ଜନ ବିଷୋଇ ଓ ଦିଲେଶ୍ୱର ରାଓ ବିଜେତା ଓ ଶୁଭ୍ରଜିତ ମହାରଣା ଓ ଅଭିଜିତ ପ୍ରଧାନ ଉପ ବିଜେତା ହୋଇଛନ୍ତି। ପାରାଲିମ୍ପିଆନ ପ୍ରମୋଦ ଭଗତ, ପାରା ସ୍ପୋର୍ଟ୍ସ ସଂଘ ସଭାପତି କମଳା କାନ୍ତ ରଥ, ସମ୍ପାଦକ ସୁନିଲ ପ୍ରଧାନ ପ୍ରମୁଖ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଥିଲେ। ରବିବାର ହୁଇଲଚେୟାର-୧ରେ କୋରାପୁଟର ସୁଦର୍ଶନ ନାଗଓ ହୁଇଲଚେୟାର-୨ରେ ଅନୁଗୋଳର ନୁରୁଲ୍ ହୁସେନ ଖାନ୍ ସ୍ୱର୍ଣ୍ଣ ପଦକ ଜିତିଥିଲେ। ହୁଇଲଚେୟାର-୧ ରାଉଣ୍ଡ ରବିନ ମ୍ୟାଚ୍‌ରେ ସୁଦର୍ଶନ ୨ଟି ଯାକ ମ୍ୟାଚ ଜିତି ଚାମ୍ପିୟନ ହୋଇଥିଲେ। କେନ୍ଦୁଝରର ଅଭୟ କୁମାର ଜେନା ୧ ବିଜୟ ଓ ୧ ପରାଜୟ ସହ ରନରଅପ୍ ହୋଇଥିଲେ।

# ଓଡ଼ିଶା ଜୁଡୋ ସଂଘ ନିର୍ବାଚନ

**ଭୁବନେଶ୍ୱର, ୩୦।୧୨ (ତପନ ସ୍ୱାଇଁ):** ଓଡ଼ିଶା ରାଜ୍ୟ ଜୁଡ଼ୋ ସଂଘର ବାର୍ଷିକ ସାଧାରଣ ବୈଠକ ଓ ୨୦୨୪-୨୮ ବର୍ଷ ପାଇଁ ନୂଆ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଶିଳ୍ପପତି ଅସିତ କୁମାର ପ୍ରଧାନ ନୂଆ ସଭାପତି ନିର୍ବାଚିତ ହୋଇଥିବାବେଳେ ୮ ବର୍ଷପରେ ସମ୍ପାଦକ ପଦକୁ ଫେରିଛନ୍ତି ଗୀତାଞ୍ଜଳି ପଣ୍ଡା। ପୂର୍ବ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମିଶ୍ର ଉପସଭାପତି, ଲୋପାମୁଦ୍ରା ପତି ଯୁଗ୍ମ ସମ୍ପାଦକ, ଶ୍ରଦ୍ଧାଞ୍ଜଳି ପଣ୍ଡା କୋଷାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ଜ୍ଞାନରଞ୍ଜନ ମହାନ୍ତି, ସୁବାସ ଚନ୍ଦ୍ର ବେହେରା, ଚନ୍ଦ୍ରଶେଖର ବାହୁକ, ବିନାଶ କୁମାର ମିଶ୍ର, ଏସ୍.ଏ. ରେହାନ, ଦେବେନ୍ଦ୍ର କୁମାର ଜୈନ କାର୍ଯ୍ୟନିର୍ବାହୀ କମିଟିକୁ ମନୋନୀତ ହୋଇଛନ୍ତି। ଲକ୍ଷ୍ମୀଧର ବେହେରା, ରାକେଶ କୁମାର ବେହେରା, ସୁଧାଂଶୁ କୁମାର ପଣ୍ଡା ସଦସ୍ୟ ମନୋନୀତ ହୋଇଛନ୍ତି। କନ୍ଦନ ମୁର୍ମୁଙ୍କୁ ସଂଘର ଟେକ୍ନିକାଲ ଅଧ୍ୟକ୍ଷ ମନୋନୀତ କରାଯାଇଛି। ୨୨ ଜିଲା ସଂଘରୁ ପ୍ରତିନିଧି ନିର୍ବାଚନରେ ଅଂଶଗ୍ରହଣ କରିଥିଲେ।

# କିଟ୍ ମହିଳା ଦଳକୁ ତୃତୀୟ ସ୍ଥାନ

**ଭୁବନେଶ୍ୱର, ୩୦।୧୨ (ତପନ ସ୍ୱାଇଁ)**

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ସୋମବାର ଶେଷ ହୋଇଛି। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଦଳ ୨ଟି ମିଟ୍ ରେକର୍ଡ କରିବା ସହ ୧୦ ପଦକ ହାସଲ କରି ଓଭରଅଲ୍ ତୃତୀୟ ସ୍ଥାନ ଅଧିକାର କରିଛି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଅନୁମୋଦନ କ୍ରମେ କିଟ୍ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭାରତର ୪୦୦ ବିଶ୍ୱବିଦ୍ୟାଳୟରୁ ୬୦୦୦ରୁ ଊର୍ଦ୍ଧ୍ୱ ଆଥଲେଟ୍ ଅଂଶଗ୍ରହଣ କରିଥିଲେ। କିଟ୍ ପ୍ରତିଯୋଗୀମାନେ ୫ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ରିଲାଏନ୍ସ ଆଥ୍‌ଲେଟିକ୍ସ ହାଇପର୍‌ଫର୍ମାନ୍ସ ସେଣ୍ଟର ମୁଖ୍ୟ କୋଚ୍ ମାର୍ଟିନ ଓଏନ୍ସ, ରାଜ୍ୟ କ୍ରୀଡ଼ା ବିଭାଗ ଆଥ୍‌ଲେଟିକ୍ସ ପ୍ରକଳ୍ପର ଚିଫ୍ ଅପରେଟିଂ ଅଫିସର ଦୀନେଶ ସୁରି, କିସ୍‌ର ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରାକେଶ ଜେନା, କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଓଏଏ ଟେକ୍ନିକାଲ କମିଟି ଚେୟାରମ୍ୟାନ ପ୍ରବୋଧ ମହାନ୍ତି ଓ ଆଥ୍‌ଲେଟିକ୍ସ ପ୍ରକଳ୍ପ ମୁଖ୍ୟ କୋଚ୍ ସଞ୍ଜୟ କୁମାର ଗଡ଼ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳିତ ହୋଇଥିଲା।



କୃତୀ ଆଥଲେଟ୍‌ଙ୍କୁ ପୁରସ୍କାର ପ୍ରଦାନ ଅବସରରେ ଅତିଥି ଓ ଅନ୍ୟମାନେ।

# ସିଦ୍ଧାନ୍ତ ସ୍ମାରକୀ ପାରାମାଉଣ୍ଟ କପ୍ ଆରମ୍ଭ

**ଭୁବନେଶ୍ୱର, ୩୦।୧୨ (ତପନ ସ୍ୱାଇଁ):** ସିଦ୍ଧାନ୍ତ ସ୍ମାରକୀ ୧୪ ବର୍ଷରୁ କମ୍ ପାରାମାଉଣ୍ଟ କପ୍ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଆରମ୍ଭ ହୋଇଛି। ପାରାମାଉଣ୍ଟ ପଡ଼ିଆରେ ପ୍ରତିଯୋଗିତାକୁ ବିଏମ୍‌ସିର ପୂର୍ବତନ ଡେପୁଟି ମେୟର କେ.ଶାନ୍ତି ଉଦ୍‌ଘାଟନ କରିଛନ୍ତି। କ୍ଲବ ସଭାପତି ପ୍ରତାପ ଜେନା, ସମ୍ପାଦକ ଅଶୋକ ପାତ୍ର ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ଅନୁଷ୍ଠିତ ପ୍ରଥମ ପ୍ରି-କ୍ୱାର୍ଟର ଫାଇନାଲରେ ଏଲଏଲସିସି ୨୨୭ ରନରେ ରାଓ କ୍ରିକେଟ ଏକାଡେମୀକୁ ଏବଂ ଦ୍ୱିତୀୟ ପ୍ରି-କ୍ୱାର୍ଟରରେ ଟାଉନ୍ କ୍ଲବ ୭ ଉଇକେଟରେ ବିବିସିଏକୁ ପରାସ୍ତ କରିଛି।



ଟ୍ରଫି ସହ ଓଡ଼ିଶା ସେକ୍ରେଟାରି ଏକାଦଶ ଓ ସ୍ପୋର୍ଟ୍ସ ମିନିଷ୍ଟର୍ସ ଏକାଦଶର ସଦସ୍ୟ।

# ଓସିଏ ସେକ୍ରେଟାରି ଏକାଦଶ ବିଜୟୀ

**ଭୁବନେଶ୍ୱର, ୩୦।୧୨ (ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ଓଡ଼ିଶା କ୍ରିକେଟ ଆସୋସିଏଶନର ସଦସ୍ୟଙ୍କୁ ନେଇ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାର୍ଯ୍ୟକାରୀ ସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ନେତୃତ୍ୱାଧୀନ ସ୍ପୋର୍ଟ୍ସ ମିନିଷ୍ଟର୍ସ ଏକାଦଶ (ଟିମ୍ ରେଡ୍)କୁ ସମ୍ପାଦକ ସଞ୍ଜୟ ବେହେରାଙ୍କ ନେତୃତ୍ୱାଧୀନ ଓସିଏ ସେକ୍ରେଟାରି ଏକାଦଶ ୨୬ ରନରେ ପରାସ୍ତ କରିଛି। ୩୪ ବଲ୍‌ରୁ ୬୨ ରନ କରିଥିବା ବିଜୟୀ ଦଳର ସତବୀର ସିଂ ରିଆର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଧୀରେନ ପଲାଇ ଓ ସରୋଜ କୁମାର ସାହୁ ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ। ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

# ଏମ୍‌ସିଜିରେ ଭାରତ ପରାସ୍ତ

**ମେଲବୋର୍ନ, ୩୦।୧୨ (ପି.ଟି.)**

ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଅନୁଷ୍ଠିତ ଚତୁର୍ଥ କ୍ରିକେଟ ଟେଷ୍ଟରେ ଭାରତ ୧୮୪ ରନରେ ପରାସ୍ତ ହୋଇଛି। ଫଳରେ ଅଷ୍ଟ୍ରେଲିଆ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୨-୧ରେ ଅଗ୍ରଣୀଲାଭ କରିଛି। ୩୪୦ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଭାରତ ଦ୍ୱିତୀୟ ଇନିଂସରେ ମାତ୍ର ୧୫୫ ରନ କରିବାକୁ ସକ୍ଷମ ହୋଇଥିଲା। ଯଶସ୍ୱୀ ଜୟସ୍ୱାଲଙ୍କ ଆଉଟକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଦୁଇ ସିନିୟର ବ୍ୟାଟର ବିରାଟ କୋହଲି ଓ ଅଧିନାୟକ ରୋହିତ ଶର୍ମା ଫେଲ୍ ମାରିଥିଲେ। ସୋମବାର ଅନ୍ତିମ ସେଶନରେ ୨୦.୪ ଓଭର ମଧ୍ୟରେ ମାତ୍ର ୩୪ ରନକରି ଭାରତ ୭ ଉଇକେଟ ହରାଇଥିଲା। ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସ ଓ ସ୍କଟ ବୋଲାଣ୍ଡ ଚମତ୍କାର ବୋଲିଂ କରି ୩ଟି ଲେଖାଏ ଉଇକେଟ ହାସଲ କରିବା ସହ ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। କମିନ୍ସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବର୍ଡର-ଗାଭାସ୍କର ଟ୍ରଫି ବଜାୟ ରଖିବା ସହ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଆଶା ଉଜ୍ଜୀବିତ ରଖିବାକୁ ହେଲେ ଭାରତକୁ ସିଡ୍‌ନୀରେ ହେବାକୁଥିବା ଅନ୍ତିମ ଟେଷ୍ଟରେ ବିଜୟ ହାସଲ କରିବାକୁ ପଡ଼ିବ। ଅନ୍ୟପକ୍ଷରେ ସିଡ୍‌ନୀରେ ବିଜୟୀ ହେଲେ ଅଷ୍ଟ୍ରେଲିଆର ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲ ଖେଳିବା ନିଶ୍ଚିତ ହୋଇଯିବ। ପୂର୍ବରୁ ଦକ୍ଷିଣ ଆଫ୍ରିକା ପ୍ରଥମ ଦଳଭାବେ ଫାଇନାଲରେ ପ୍ରବେଶ କରି ସାରିଛି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୪୭୪। ଭାରତ ପ୍ରଥମ ଇନିଂସ: ୩୬୯। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୨୩୪। ଭାରତ ଦ୍ୱିତୀୟ ଇନିଂସ: ୧୫୫/ଅଲ୍‌ଆଉଟ (ଯଶସ୍ୱୀ ଜୟସ୍ୱାଲ-୮୪, ରିଷଭ ପନ୍ତ-୩୦, ପ୍ୟାଟ କମିନ୍ସ-୩/୨୮, ସ୍କଟ ବୋଲାଣ୍ଡ-୩/୩୯, ନାଥାନ ଲିୟନ-୨/୩୭, ମିଚେଲ ଷ୍ଟାର୍କ-୧/୨୫, ଟ୍ରାଭିସ ହେଡ୍-୧/୧୪)।

## ଜୟସ୍ୱାଲଙ୍କ ଆଉଟକୁ ନେଇ ବିବାଦ

ଭାରତ-ଅଷ୍ଟ୍ରେଲିଆ ଚତୁର୍ଥ କ୍ରିକେଟ ଟେଷ୍ଟର ଅନ୍ତିମ ଦିବସରେ ସୋମବାର ଯଶସ୍ୱୀ ଜୟସ୍ୱାଲଙ୍କ ଆଉଟକୁ ନେଇ ବିବାଦୀୟ ସ୍ଥିତି ଦେଖା ଦେଇଛି। ଏହା ଏବେ କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଜୟସ୍ୱାଲ ୮୪ ରନ କରିଥିବାବେଳେ କଟ୍ ବିହାଇଣ୍ଡ ଆବେଦନ କରିଥିଲେ ଅଷ୍ଟ୍ରେଲୀୟ ବୋଲର ପ୍ୟାଟ୍ କମିନ୍ସ ଓ ଉଇକେଟ କିପର ଆଲେକ୍ସ କାରେ। ଫିଲ୍ଡ ଅମ୍ପାୟର ଜୋଏଲ ୱିଲସନ ଆଉଟ ନ ଦେବାରୁ କମିନ୍ସ ଡିଆରଏସ ନେଇଥିଲେ। ତେବେ ବଲ୍ ବ୍ୟାଟ୍‌ରେ ବାଜି ନ ଥିବା ସ୍ନିକୋ ମିଟରରେ ସ୍ପଷ୍ଟ ହୋଇଥିଲେ ମଧ୍ୟ ତୃତୀୟ ଅମ୍ପାୟର ସୈକତ ଶର୍ଫୁଦ୍ଦୁଲା ଆଉଟ ଦେଇଥିଲେ। ଜୟସ୍ୱାଲ ଏଥିରେ ସନ୍ତୁଷ୍ଟ ନ ହୋଇ ଫିଲ୍ଡ ଅମ୍ପାୟରଙ୍କ ସହିତ ଆଲୋଚନା କରି ପଡ଼ିଆ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ମାତ୍ର ଭିଜୁଆଲ ଭିତ୍ତିରେ ବଲ୍ ଜୟସ୍ୱାଲ୍‌ଙ୍କ ଗ୍ଲୋଭ୍ସ/ବ୍ୟାଟ୍‌ରେ ବାଜିଥିବା ନେଇ ତୃତୀୟ ଅମ୍ପାୟର ପ୍ରକାଶ କରିଥିଲେ। ତେବେ ନିଷ୍ପତ୍ତି ନେବାବେଳେ ସେ ସ୍ନିକୋ ମିଟରକୁ ଅଣଦେଖା କରିଥିବାରୁ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଦର୍ଶକମାନେ ଚିଟର, ଚିଟର ଗୁଞ୍ଜରଣ ସୃଷ୍ଟି କରିଥିଲେ। ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସ କିନ୍ତୁ ତୃତୀୟ ଅମ୍ପାୟରଙ୍କ ନିଷ୍ପତ୍ତି ଠିକ୍ ବୋଲି ପ୍ରକାଶ କରିଛନ୍ତି। ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ମଧ୍ୟ ଜୟସ୍ୱାଲ ହୁକ୍ କରୁଥିବାବେଳେ ବଲ୍‌କୁ ଟଚ୍ କରିଥିବାନେଇ ଅନୁଭବ କରୁଥିବା କହିଛନ୍ତି। ପୂର୍ବତନ ଆଇସିସି ଏଲିଟ ପ୍ୟାନେଲ ଅମ୍ପାୟର ସିମନ ଟଫେଲ ତୃତୀୟ ଅମ୍ପାୟରଙ୍କ ନିଷ୍ପତ୍ତି ଠିକ୍ ବୋଲି ଚ୍ୟାନେଲ-୭କୁ ସାକ୍ଷାତ୍‌କାର ଦେଇ ପ୍ରକାଶ କରିଛନ୍ତି। ଟେକ୍ନୋଲୋଜିକୁ ଅଣଦେଖା କରିଥିବାରୁ ଟିଭି ଅମ୍ପାୟରଙ୍କୁ ସମାଲୋଚନା କରିଛନ୍ତି କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର। ଗୋଟିଏ ଦିନ ଭିଜୁଆଲ ଓ ଅନ୍ୟ ଦିନ ଟେକ୍ନୋଲୋଜିକୁ ପ୍ରମାଣ ଭାବେ ନିଆଯିବା ଉଚିତ ନୁହେଁ ବୋଲି ସେ କହିଛନ୍ତି।



ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ସହ ପ୍ୟାଟ୍ କମିନ୍ସ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ